# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ଫେବୃଆରୀ ୨୬/୨୦୨୪ (୨୦ ପୃଷ୍ଠା) | Bhubaneswar, Monday, February 26/2024 | Page 20 | ₹ 7.00 | SAMBALPUR

୫୦ଶ ଭାଗ ୯୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 94 | ମୂଲ୍ୟ ₹୭/-




ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଫେବୃଆରୀ ୨୬/୨୦୨୪ Bhubaneswar, Monday, February 26/2024





## ଆଧୁନିକ ଏବଂ ଦ୍ରୁତ ରେଳସେବା
# ମୋଦୀ ସରକାରଙ୍କ ଗ୍ୟାରେଣ୍ଟି



**ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ₹41 ହଜାର କୋଟି ବ୍ୟୟରେ ସାରା ଦେଶରେ 554ଟି ରେଳ ଷ୍ଟେସନର ପୁନର୍ବିକାଶ ଏବଂ 1500 ରୋଡ୍ ଓଭର ବ୍ରିଜ୍/ ଅଣ୍ଡରପାସ୍‌ର ଶିଳାନ୍ୟାସ/ ଉଦ୍‌ଘାଟନ/ ରାଷ୍ଟ୍ର ପ୍ରତି ସମର୍ପଣ**







## ଓଡ଼ିଶା ରେ
## 21ଟି ଷ୍ଟେସନର ପୁନର୍ବିକାଶ

| | | | | | |
|---|---|---|---|---|---|
| ରାୟଗଡ଼ା | କେସିଙ୍ଗା | ଜୟପୁର | ପାନପୋଷ | କେନ୍ଦୁଝରଗଡ଼ | ବ୍ରଜରାଜ ନଗର |
| ଭଦ୍ରକ | କୋରାପୁଟ ଜଙ୍କସନ୍ | ରଘୁନାଥପୁର | ବେତନଟି | ବିମଳାଗଡ଼ | |
| ବାଲେଶ୍ୱର | ସମ୍ବଲପୁର ସିଟି | ବେଲପାହାଡ଼ | ତାଳଚେର | ଜରୋଲି | |
| ଟିଟିଲାଗଡ଼ ଜଙ୍କସନ୍ | ଝାରସୁଗୁଡ଼ା ରୋଡ୍ | ପାରାଦୀପ | ପାରଳାଖେମୁଣ୍ଡି | ରାଇରଙ୍ଗପୁର | |

- ରୁଫ୍ ପ୍ଲାଜା, ସପିଙ୍ଗ୍ ଜୋନ୍, ଫୁଡ୍ କୋର୍ଟ୍, ପିଲାମାନଙ୍କ ଖେଳ ପରିସର ଇତ୍ୟାଦି ସୁବିଧା ସହିତ ସିଟି ସେଣ୍ଟର ରୂପରେ ପୁନର୍ବିକାଶ
- ଭିନ୍ନ ଭିନ୍ନ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର, ବହୁସ୍ତରୀୟ ପାର୍କିଙ୍ଗ୍, ଲିଫ୍ଟ୍, ଏସ୍କାଲେଟର୍, ଏକ୍‌ଜିକ୍ୟୁଟିଭ୍ ଲାଉଞ୍ଜ୍, ପ୍ରତୀକ୍ଷାଳୟ, ଟ୍ରାଭେଲେଟର୍, ଦିବ୍ୟାଙ୍ଗଙ୍କ ପାଇଁ ଅନୁକୂଳ ସୁବିଧା
- ମଲ୍ଟିମୋଡାଲ୍ କନେକ୍ଟିଭିଟିର ଏକୀକରଣ ଦ୍ୱାରା ଏହି ପୁନର୍ବିକଶିତ ଷ୍ଟେସନ ପରିସରଗୁଡ଼ିକ ସାମାଜିକ-ଆର୍ଥିକ କାରବାରର ପେଣ୍ଠସ୍ଥଳୀ ପାଲଟିବ

ଏବଂ

## 52ଟି ରୋଡ୍ ଓଭର୍ ବ୍ରିଜ୍/ଅଣ୍ଡରପାସ୍ ନିର୍ମାଣ

- ସଡ଼କ ଏବଂ ରେଳ ଯାତାୟାତରେ ଅବାଧ ଗମନାଗମନ
- ସ୍ଥାନୀୟ ଅଧିବାସୀଙ୍କୁ ରେଳପଥର ଉଭୟ ଦିଗକୁ ଯିବା ଆସିବାର ସୁରକ୍ଷିତ ଏବଂ ସୁଗମ ବ୍ୟବସ୍ଥା
- ଟ୍ରାଫିକ ସମସ୍ୟା ଦୂର, ଯାତ୍ରାକାଳୀନ ସମୟ ହ୍ରାସ

## ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀଙ୍କ
ଦ୍ୱାରା

26 ଫେବୃଆରୀ, 2024 | ପୂର୍ବାହ୍ନ 11 ଘଟିକାରୁ

(ଭିଡିଓ କନ୍‌ଫରେନ୍ସିଙ୍ଗ୍ ମାଧ୍ୟମରେ)

ଗରିମାମୟ ଉପସ୍ଥିତି

**ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ରୀୟ ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

**ରାଓସାହେବ ପାଟିଲ୍ ଦାନଓ୍ୱେ**
କେନ୍ଦ୍ରୀୟ ରେଳ, କୋଇଲା ଏବଂ ଖଣି ରାଷ୍ଟ୍ରମନ୍ତ୍ରୀ

**ଦର୍ଶନା ଜରଦୋଶ**
କେନ୍ଦ୍ରୀୟ ରେଳ ଓ ବସ୍ତ୍ର ରାଷ୍ଟ୍ରମନ୍ତ୍ରୀ

D-21/23-24

DD NEWS ରେ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭୁବନେଶ୍ୱର ମହାନଗର ନିଗମ ୱାର୍କର୍ସ ୟୁନିୟନ ଆହ୍ୱାନରେ ସଫେଇ କର୍ମଚାରୀଙ୍କ ବିଏମ୍‌ସି ଅଫିସ ଘେରାଉ, ସ୍ଥାନ: ଅଫିସ ପରିସର, ସମୟ: ସକାଳ ୯ଟା।
- ରାସ୍ତା ଓଭରବ୍ରିଜ୍‌ର ଶିଳାନ୍ୟାସ, ସ୍ଥାନ: ବାରଙ୍ଗ ଏବଂ ମଞ୍ଚେଶ୍ୱର ରେଳ ଷ୍ଟେଶନ, କଳାରାହାଙ୍ଗ ରାସ୍ତା ପାଖ, ପଟିଆ ପାଖ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଅଖିଳ ଭାରତ ଦଳିତ ଅଧିକାର ଆନ୍ଦୋଳନର ପ୍ରଥମ ରାଜ୍ୟ ସମ୍ମିଳନୀ, ସ୍ଥାନ: ଅଶୋକ ନଗରସ୍ଥିତ ଭଗବତୀ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସ୍ମୃତି ସଭା, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ଗାଁ ଅନୁଭୂତିକୁ ନେଇ ସଙ୍ଗୀତ କାର୍ଯ୍ୟକ୍ରମ 'ଏଇ ଆମରି ଗାଁ', ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୧୫।
- ୨୪ତମ ଓଡ଼ିଶୀ ସଙ୍ଗୀତ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- କଟକ ସଦର ବ୍ଲକ ଅଧୀନ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆମ ହସ୍ପିଟାଲର ଲୋକାର୍ପଣ, ସ୍ଥାନ-ବେଣ୍ଟକାର, ସମୟ ଅପରାହ୍ନ ୪ଟା।

## ପୁରୀ

- ସାମୂହିକ ନିଃଶୁଳ୍କ ବ୍ରତୋପନୟନ, ସ୍ଥାନ: ପୁରୀସ୍ଥିତ ଗଣେଶ ମଣ୍ଡପ, ଗୁଡ଼ିଆବଗିଚା, ସକାଳ: ସକାଳ ୮ଟା।
- ଅଭାସି ମାଧ୍ୟମରେ ସାକ୍ଷୀଗୋପାଳ ରେଳ ଓଭର ବ୍ରିଜ୍ ନିର୍ମାଣ ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନ, ସ୍ଥାନ: ରେଳ ଷ୍ଟେଶନ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ସାଧାରଣ ପରିଷଦ ବୈଠକ, ସ୍ଥାନ: ଭୁବନେଶ୍ୱରୀ ସଦିର, ସମୟ: ପୂର୍ବାହ୍ନ ୧୧ଟା।
- ଫନି କ୍ଷତିଗ୍ରସ୍ତଙ୍କ ହକ ପାଇଁ ପଦଯାତ୍ରା ଓ ବିକ୍ଷୋଭ, ସ୍ଥାନ: ସାକ୍ଷୀଗୋପାଳସ୍ଥିତ ପଞ୍ଚସଖା ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଗାୟତ୍ରୀ ଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ପୁରୀସ୍ଥିତ ତାଳବଣିଆ, ସମୟ: ଅପରାହ୍ନ ୨ଟା।
- ସତ୍ୟବାଦୀ ପ୍ରାଥମିକ ଶିକ୍ଷକ ସଂଘ ନୂତନ କାର୍ଯ୍ୟାଳୟର ଶିଳାନ୍ୟାସ, ସ୍ଥାନ: ବାସୁକେରା, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୩ଟା।
- ନବମ ଦିନରେ ନୁପୁର ଅନୁଷ୍ଠାନର ନାଟକ ସନ୍ଦେଶ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: କୁଶପଲ୍ଲା ମିନି ଷ୍ଟାଡିୟମ, ବେଗୁନିଆ, ସମୟ: ଅପରାହ୍ନ ୩ଟା।
- ଦିଲୀପ-ସଂଜୀ ସ୍ମାରକୀ ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଶାଗୁଆନ ପଡ଼ିଆ ବଡ଼ପାରୀ, ଟାଙ୍ଗୀ, ସମୟ: ଅପରାହ୍ନ ୩ଟା।
- ଆମ ଗାଁ ମହୋତ୍ସବ, ସ୍ଥାନ: ମଲ୍ଲୀପଦର, ବେଗୁନିଆ, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ରଘୁନାଥପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ୧୦ଟା।
- ଜିଲା ସଡ଼କ ସୁରକ୍ଷା ସମିତି (ଡିଆର୍‌ଏସ୍‌ସି) ମାସିକ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ ପରିସର, ସମୟ: ଅପରାହ୍ନ ୪ଟା ୩୦।

## କେନ୍ଦ୍ରାପଡ଼ା

- ଗବେଷଣା ପଦ୍ଧତି ଓ ଶୈକ୍ଷିକ ଲିଖନ ଶିର୍ଷକ ଆଲୋଚନା ଚକ୍ର, ସ୍ଥାନ: ଡେରାବିଷ କଲେଜ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପ୍ରଶାସନିକ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ, ସ୍ଥାନ: ଶ୍ୟାମସୁନ୍ଦରପୁର, କେନ୍ଦ୍ରାପଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା
- ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ, ସ୍ଥାନ: ସାନଅଢ଼ଙ୍ଗା,ଗରଦପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ, ସ୍ଥାନ: ନରେନ୍ଦ୍ରପୁର, ଆଳି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ, ସ୍ଥାନ: ନହୁଣୀ, ରାଜକନିକା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ, ସ୍ଥାନ: ଗୋଲରହାଟ, ଡେରାବିଶ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ, ସ୍ଥାନ: କଣ୍ଡିରା, ରାଜନଗର ବ୍ଲକ,ସମୟ: ପୂର୍ବାହ୍ନ ୧୦ଟା।
- ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ, ସ୍ଥାନ: ବରକନ୍ଧା, ମହାକାଳପଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀରାମପୁର, ପଟ୍ଟାମୁଣ୍ଡାଇ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ମା' ତାରେଣୀ ମେଳା ମହୋତ୍ସବ, ବିଶ୍ୱଶାନ୍ତି ମହାଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: ଅଢ଼ଙ୍ଗା, ଡେରାବିଶ, ସମୟ: ସକାଳ ୮ଟା।

## ଯାଜପୁର

- ଶିକ୍ଷା ଭାରତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଦଶରଥପୁରସ୍ଥିତ ବିଦ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୬ଟା
- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଭର୍ଚୁଆଲ ମାଧ୍ୟମରେ ବୈରୀ ରେଳ ଷ୍ଟେଶନ ରୋଡ଼ ଓଭର ବ୍ରିଜ୍‌ର ଶିଳାନ୍ୟାସ ଉତ୍ସବ। ସ୍ଥାନ-ବୈରୀ, ସମୟ ପୂର୍ବାହ୍ନ ୧୧ଟା।
- ଗ୍ରାମ ଉନ୍ନୟନ ବିଭାଗ ଅଧୀନ ବରଜପୁର-ଫୁଲାଡି ଗ୍ରାମ ସଂଯୋଗୀକରଣ ରାସ୍ତା ଶିଳାନ୍ୟାସ ଉତ୍ସବ। ସ୍ଥାନ-ବାରବାଟୀ ପଞ୍ଚାୟତ, ସମୟ-ମଧ୍ୟାହ୍ନ ୧୨ଟା।
- ଧର୍ମଶାଳା ମହାବିଦ୍ୟାଳୟର ନୂତନ ଗୃହ ଓ ସ୍ମାର୍ଟ କ୍ଲାସ ନବୀକରଣ ପାଇଁ ଶିଳାନ୍ୟାସ, ସ୍ଥାନ-ଧର୍ମଶାଳା ମହାବିଦ୍ୟାଳୟ ପରିସର, ସମୟ-ପୂର୍ବାହ୍ନ ୧୦ଟା।
- ମୁକୁନ୍ଦପାତ୍ର ଡିଗ୍ରୀ ମହାବିଦ୍ୟାଳୟର ନୂତନ ଗୃହ ଓ ସ୍ମାର୍ଟ କ୍ଲାସ ନବୀକରଣ ପାଇଁ ଶିଳାନ୍ୟାସ। ସ୍ଥାନ-ମହାବିଦ୍ୟାଳୟ ପରିସର, ସମୟ-ପୂର୍ବାହ୍ନ ୧୧ଟା ୩୦।
- କବାଟବନ୍ଧ ମେଡିକାଲର ନୂତନ ଗୃହ ଶିଳାନ୍ୟାସ, ସ୍ଥାନ-ମେଡିକାଲ ପରିସର, ସମୟ-ପୂର୍ବାହ୍ନ ୧୧ଟା ୪୫।

## ନୟାଗଡ଼

- ନୟାଗଡ଼ ବ୍ଲକ କନଫେରେନ୍ସ ହଲ ଉଦ୍‌ଘାଟନ, ସ୍ଥାନ: ନୟାଗଡ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ନୟାଗଡ଼ ସମିତି ବୈଠକ, ସ୍ଥାନ: ନୟାଗଡ ବ୍ଲକ, ସମୟ: ପୂର୍ବାହ୍ନ ୧୧. ୩୦ ମିନିଟ୍।
- ସାହିତ୍ୟ ସଭା, ସ୍ଥାନ: ନୟାଗଡ଼ ବ୍ଲକ କନଫେରେନ୍ସ ହଲ, ସମୟ: ଅପରାହ୍ନ ୪ଟା।
- ଆମ ହସ୍ପିଟାଲର ଆଭାସି ମାଧ୍ୟମରେ ଲୋକାର୍ପଣ ଉତ୍ସବ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର, ସମୟ: ଅପରାହ୍ନ ୪.୩୦ ମିନିଟ୍।
- ନୀଳ ମାଧବ ଜୀଉଙ୍କର ମାଘମେଳା ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ପଲଟନ ପଡିଆ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।
- ଖଣ୍ଡପଡ଼ା ଆମ ହସ୍ପିଟାଲର ଆଭାସି ମାଧ୍ୟମରେ ଲୋକାର୍ପଣ ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ: ଅପରାହ୍ନ ୪. ୩୦ ମିନିଟ୍।
- ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ, ସମୟ: ପୂର୍ବାହ୍ନ ୧୦ଟା।
- ଖାଉଟି ସଚେତନତା କର୍ମଶାଳା, ସ୍ଥାନ: ନୂଆଗାଁ ବ୍ଲକ ଲୁଣିସରା ଯୋଗ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପାର୍ବତୀ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନୂଆଗାଁ ବ୍ଲକର ମହିପୁର ନିମସାହି, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ଖଇରା ବ୍ଲକ ଗୋଳିହା ଚଣ୍ଡିମାତା କ୍ଲବ ଆନୁକୂଲ୍ୟରେ ଚିରନ୍ତନ ଚନ୍ଦ୍ରଶେଖର ଆନ୍ତଜିଲା କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ସମାରୋହ, ସ୍ଥାନ:ପତିରାଜପୁର ମିନିଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଖଇରା ରୂପାନ୍ତରିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ଖଇରା ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ଅପରାହ୍ନ ୪ଟା।
- ଆମ ହସ୍ପିଟାଲ ଉଦ୍‌ଘାଟନ,ସ୍ଥାନ: କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର,ଭୋଗରାଇ,ସମୟ: ଅପରାହ୍ନ ୪ଟା।
- 'ଅମେ ହସ୍ପିଟାଲ' ଉତ୍ସବ ଉଦ୍‌ଘାଟନ, ସ୍ଥାନ: ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର,ସମୟ: ଅପରାହ୍ନ ୪ଟା୩୦।
- ଅଭିରାମ ପରମହଂସ ପରିବାରର ବନ୍ଧୁମିଳନ ଏବଂ ଖବରଦାତା ସମ୍ମିଳନୀ, ସ୍ଥାନ: ଅଭିରାମ ପରମହଂସ ଭକ୍ତ ଗୋଷ୍ଠୀ ଗୃହ, ଧାନହଣ୍ଡା, ବସ୍ତା, ସମୟ: ଅପରାହ୍ନ ୫ଟା।
- ବସନ୍ତ ପଞ୍ଚମୀ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଅମର୍ଦ୍ଦାରୋଡ୍ ମେଳା ପଡ଼ିଆ,ବସ୍ତା, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଭଣ୍ଡାରିପୋଖରୀ ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବାରୁଣୀ ପଡ଼ିଆ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଭିସି ମାଧ୍ୟମରେ ଭଦ୍ରକ ରେଳଷ୍ଟେଶନ ନବୀକରଣର ଶିଳାନ୍ୟାସ, ସ୍ଥାନ: ଚରମ୍ପା ରେଳ ଷ୍ଟେଶନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ରାଣୀତାଲଠାରେ ଫ୍ଲାଏଓଭର ବ୍ରିଜ ଭିତ୍ତିପ୍ରସ୍ତର, ସ୍ଥାନ: ରାଣୀତାଲ, ସମୟ: ପୂର୍ବାହ୍ନ ୧୧ଟା।
- ଫ୍ଲାଏଓଭର ବ୍ରିଜ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: କେନ୍ଦୁଆପଦା ଷ୍ଟେଶନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ମିଶନ ଶକ୍ତି ଭବନ ଓ କାଫେ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ତିହିଡ଼ି, ସମୟ: ଅପରାହ୍ନ ୧ଟା ୩୦।
- ପୌରପାଳିକା ପକ୍ଷରୁ ଭତ୍ତା ବଣ୍ଟନ ସଭା, ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର, ସମୟ: ଅପରାହ୍ନ ୩ଟା।
- ଆମ ଡାକ୍ତରଖାନା ଯୋଜନାରେ ସ୍ୱାସ୍ଥ୍ୟସେବା ଓ ସୁବିଧା ସଭା, ସ୍ଥାନ: ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ: ଅପରାହ୍ନ ୪ଟା।
- ଶିବ ମନ୍ଦିର ପ୍ରତିଷ୍ଠା ପୂର୍ଣ୍ଣାହୂତି ଯଜ୍ଞ, ସ୍ଥାନ: ହନୁମାନ ବାଟିକା, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ଆମ ହସ୍ପିଟାଲ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଖ ମେଳଣ ପଡ଼ିଆ, ସମୟ: ଅପରାହ୍ନ ୪ଟା ୩୦।

## କେନ୍ଦୁଝର

- ବିଧାନସଭା ପବ୍ଲିକ ଅକାଉଣ୍ଟସ କମିଟିର ଜିଲା ପ୍ରଶାସନ ଓ ବିଭିନ୍ନ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ସର୍କିଟ ହାଉସ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ ଟା।
- ରେଳ ଷ୍ଟେଶନ ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ବଡବିଲ ରେଳ ଷ୍ଟେଶନ, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ ଟା ୪୫।
- ଅମୃତ ଭାରତ ଷ୍ଟେଶନ ଯୋଜନାରେ ଜୁରୁଡ଼ି ରେଳ ଷ୍ଟେଶନ ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର, ସ୍ଥାନ: ଜୁରୁଡ଼ି ରେଳ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଅମୃତ ଭାରତ ଷ୍ଟେଶନ ଯୋଜନାରେ ରେଳ ଷ୍ଟେଶନର ପୁନର୍ବିକାଶର ଶିଳାନ୍ୟାସ ଉତ୍ସବ, ସ୍ଥାନ: କେନ୍ଦୁଝର ଗଡ଼ ରେଳ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୧ଟା।
- ପବ୍ଲିକ୍ ଆକାଉଣ୍ଟସ କମିଟିର ଯୋଡ଼ା, ବଡ଼ବିଲ ଅଞ୍ଚଳ ପରିଦର୍ଶନ, ସ୍ଥାନ: ଯୋଡ଼ା, ବଡ଼ବିଲ, ସମୟ: ପୂର୍ବାହ୍ନ ୧୧ଟା।
- ପୌର ପାଳିକାର ନୂତନ ସିପିଂ ମେସିନର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଯୋଡ଼ା, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ବ୍ୟାଙ୍କ୍ ଅଫ ଇଣ୍ଡିଆ ନିକଟସ୍ଥ ଭେଣ୍ଡିଂ ଜୋନ୍‌ର ଭୂମିପୂଜା, ସ୍ଥାନା: ଯୋଡ଼ା ପୌରପାଳିକା, ସମୟ: ଅପରାହ୍ନ ୧ଟା।

## ମୟୂରଭଞ୍ଜ

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଚକ୍ର ସ୍ଥାପନ, ଧ୍ୱଜୋତ୍ତୋଳନ, ଶ୍ରୀ ବିଗ୍ରହମାନଙ୍କ ପ୍ରାଣ ପ୍ରତିଷ୍ଠା, ସ୍ଥାନ: ବଡ଼ସାହି ବ୍ଲକ ସୁହାଗପୁର କଉଡ଼ିଖଣି ମା' ହିଙ୍ଗୁଳା ପୀଠ, ସମୟ:ପୂର୍ବାହ୍ନ ୧୦ଟା।
- ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉଦଳା,ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ବେତନଟୀ ରେଲୱେ ଷ୍ଟେଶନର ଶିଳାନ୍ୟାସ, ସ୍ଥାନ: ବେତନଟୀ, ସମୟ: ପୂର୍ବାହ୍ନ ୧୧ଟା।
- ରାଧାରାଣୀ ଓ ଦୟାଭାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ 'ଫାଲ୍‌ଗୁନୀ-୨୦୨୪', ସ୍ଥାନ: ଶହୀଦ ସ୍ମୃତି ଭବନ ବାରିପଦା,ସମୟ: ଅପରାହ୍ନ ୫ଟା।

## ଢେଙ୍କାନାଳ

- ବାଲ୍ୟ ବିବାହ ରୋକିବା ସମ୍ପର୍କିତ କର୍ମଶାଳା, ସ୍ଥାନ:ଢେଙ୍କାନାଳ ଗୋପବନ୍ଧୁ ଟାଉନ ହଲ୍, ସମୟ: ପୂର୍ବାହ୍ନ ୧୦.୩୦।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କଙ୍କଡାହାଡ଼ ବ୍ଲକ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦.୩୦।
- ଭାଗୀରଥି ସାଗର ସୁରକ୍ଷା ପାଇଁ ବୈଠକ, ସ୍ଥାନ: ଢେଙ୍କାନାଳ ନେହେରୁ ପାର୍କ, ସମୟ:ଅପରାହ୍ନ ୪.୩୦।

## ଅନୁଗୋଳ

- ଅନନ୍ତ ନାରାୟଣଙ୍କ ନବରାତ୍ର ମହାଯଜ୍ଞ, ସ୍ଥାନ: ଅନୁଗୋଳ ମନ୍ଦରଗିରି, ସମୟ: ସକାଳ ୭ଟା ୫୦।
- ଗାଁକୁ ଚାଲ ଅଭିଯାନ, ସ୍ଥାନ: ଧରମପୁର, ତାଳଚେର, ସମୟ: ସକାଳ ୮ଟା ୪୫।
- ରେଳ ବିଭାଗର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଶିଳାନ୍ୟାସ ଓ ଉଦ୍‌ଘାଟନ, ସ୍ଥାନ: ତାଳଚେର ରେଳଷ୍ଟେଶନ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ନୂଆ-ଓ ସ୍କଲାରଶିପ୍ ସାର୍ଟିଫିକେଟ୍ ବଣ୍ଟନ, ସ୍ଥାନ: ଅନୁଗୋଳ ବିଜୁ ମଇଦାନ, ସମୟ: ଅପରାହ୍ନ ୨ଟା ୩୫।
- କେନ୍ଦ୍ରୀୟ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: କଙ୍କରେଇ ଛେଣ୍ଡିପଦା, ସମୟ:ଅପରାହ୍ନ ୨ଟା ୪୫।
- ମାଘ ମେଳା ଓ ମହିମା ମହୋତ୍ସବ, ସ୍ଥାନ: ଅନୁଗୋଳର ଅଙ୍ଗାରବନ୍ଧ, ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର

- ତଟୀୟ ସାମୁଦ୍ରିକ ବିଜ୍ଞାନ କର୍ମଶାଳା ଉଦ୍‌ଯାପନୀ, ସ୍ଥାନ:ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା
- ନିଯୁକ୍ତିପତ୍ର ବଣ୍ଟନ, ସ୍ଥାନ:ବ୍ରହ୍ମପୁର ଆଇଟିଆଇ, ସମୟ:ପୂର୍ବାହ୍ନ ୧୦ଟା
- ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ବିକ୍ଷୋଭ, ସ୍ଥାନ: ଟିପିଏସଓଡିଏଲ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।

## ଗଞ୍ଜାମ

- ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଭଞ୍ଜନଗର ବ୍ଲକ ସାନକୋଦଣ୍ଡା, ସମୟ: ସକାଳ ୯ ଟା।
- କ୍ରିକେଟ ଖେଳ, ସ୍ଥାନ: ଭଞ୍ଜନଗର ବ୍ଲକ ମଲାସପଦର ଶିକ୍ଷାଞ୍ଚଳ ପଡ଼ିଆ, ସମୟ: ସକାଳ ୯ ଟା।
- ନାଗରିକ ମଞ୍ଚର ବିକ୍ଷୋଭ, ସ୍ଥାନ: ଭଞ୍ଜନଗର ଉପଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ବିଭିନ୍ନ ଦାବୀ ନେଇ ଆଦିବାସୀ ଭାରତ ମହାସଭା ପକ୍ଷରୁ ଗଣଧାରଣା, ସ୍ଥାନ: ଭଞ୍ଜନଗର ଉପ ଜିଲାପାଳ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।
- ଶ୍ରୀମଦ ଭଗବତ କଥା ଓ ପ୍ରବଚନ, ସ୍ଥାନ: ଭଞ୍ଜନଗର ଘୁମୁସର ବୈଶ୍ୟ ଧର୍ମଶାଳା, ସମୟ: ସନ୍ଧ୍ୟା ୭ ଟା।
- ଶ୍ରୀମଦ୍ ଭାଗବତ ପାରାୟଣ ପ୍ରବଚନ ଜ୍ଞାନଯଜ୍ଞ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଦିଗପହଣ୍ଡି(ସିଂହଦ୍ୱାର), ସମୟ: ସନ୍ଧ୍ୟା ୭ ଟା।

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଚନ୍ଦ୍ରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା

## ନବରଙ୍ଗପୁର

- ଆମ ହସ୍ପିଟାଲ ଉଦ୍‌ଘାଟନ, ସ୍ଥାନ: ପାପଡ଼ାହାଣ୍ଡି, ସମୟ: ଅପରାହ୍ନ ୪ଟା ୩୦
- ଡାଇଲିସିସ୍ କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ଉମରକୋଟ ଡିଏନ୍‌କେମ ଖେଳ ପଡ଼ିଆ, ସମୟ: ଅପରାହ୍ନ ୪ଟା ୩୦

## କୋରାପୁଟ

- ମିଡ଼ିଆ ହାଉସ ଦାମନଯୋଡ଼ିର ତୃତୀୟ ବାର୍ଷିକ ଉତ୍ସବ, ସ୍ଥାନ: ଦାମନଯୋଡ଼ି ନାଲ୍‌କୋ କମ୍ୟୁନିଟି ସେଣ୍ଟର, ସମୟ : ସନ୍ଧ୍ୟା ୬ଟା
- ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: କୋଟପାଡ଼, ସମୟ : ଅପରାହ୍ନ ୪ଟା ୩୦
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ନାରାୟଣପାଟଣା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା
- କୋରାପୁଟ ଷ୍ଟେସନକୁ ଅମୃତ ଭାରତ ଷ୍ଟେସନ ଘୋଷଣା କାର୍ଯ୍ୟକ୍ରମ, ସ୍ଥାନ : କୋରାପୁଟ ରେଳ ଷ୍ଟେସନ, ସମୟ: ପୂର୍ବାହ୍ନ ୧୦ଟା ୪୫
- ଆମ ହସ୍ପିଟାଲ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ପଟ୍ଟାଙ୍ଗି, ଲକ୍ଷ୍ମୀପୁର ମିନି ଷ୍ଟାଡିୟମ, ବୈପାରୀଗୁଡ଼ା, ସମୟ: ଅପରାହ୍ନ ୪ଟା.୩୦
- କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟ ନୂତନ କୋଠା ଉଦ୍‌ଘାଟ, ସ୍ଥାନ: ଜୟପୁର, ସମୟ ଅପରାହ୍ନ ୪ଟା.୩୦।

## ସମ୍ବଲପୁର

- କଲମ ଅନୁଷ୍ଠାନ ପକ୍ଷରୁ ପାନ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ନଗରସ୍ତରୀୟ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଗାଁ ସାଥୀ ପକ୍ଷରୁ ବୈଠକ, ସ୍ଥାନ: ପର୍ଶୁରାମ ଭବନ, ସମୟ : ଅପରାହ୍ନ ୪ଟା।
- ଜାତୀୟ ଜନଜାତି ଉତ୍ସବ, ସ୍ଥାନ: ବୀରସା ମଇଦାନ, ସମୟ: ଅପରାହ୍ନ ୫ଟା।

## ବଲାଙ୍ଗୀର

- ରାଜ୍ୟସ୍ତରୀୟ ମହାକୋଶଲ କୋଶଲୀ ନାଟବାଦୀ-୨୪ର ଦ୍ୱିତୀୟ ସନ୍ଧ୍ୟା ନାଟ: ରାବଣ, ଚୁକୁ ଓ ଲୀଳା ନାଟକ: ସୂର୍ପଣଖା ନାସା ଛେଦନ, ସ୍ଥାନ: ରାଧାକୃଷ୍ଣ ମନ୍ଦିର ନାଟ୍ୟମଣ୍ଡପ, ପଲ୍ଲୀଶ୍ରୀ ବିହାର, ସଦାଇପାଲି, ସମୟ: ସନ୍ଧ୍ୟା ୬।୧୪।
- ସାମ୍ବାଦିକ ଗୌରବ ଶିବପ୍ରସାଦ ପାଣ୍ଡିଆଙ୍କ ୯୮ତମ ଜୟନ୍ତୀ ସମାରୋହ, ସ୍ଥାନ: ଟାଉନ୍ ବାଳିକା ହାଇସ୍କୁଲ ବଲାଙ୍ଗୀର, ସମୟ: ସନ୍ଧ୍ୟା ୬।୩୦।
- ୧୪ତମ ଆନ୍ତଃଜିଲା ସୋନିଆ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଶୁଭ ଉଦ୍‌ଘାଟନ, ସ୍ଥାନ: ଖପ୍ରାଖୋଲ ବ୍ଲକ ଲାଠୋର ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ମୋ ହସ୍ପିଟାଲ ଉଦ୍‌ଘାଟନ, ସ୍ଥାନ: ଟିଟିଲାଗଡ ବ୍ଲକ ପିପଲପଦର, ସମୟ: ଅପରାହ୍ନ ୪ଟା।
- କଣ୍ଟାବାଞ୍ଜିରେ ୨ୟ ଭୂତଳ ରେଲ ପୋଲର ଶିଳାନ୍ୟାସ, ସ୍ଥାନ: ଚୈତନ୍ୟ ପ୍ରଧାନ ଛକ, କଣ୍ଟାବାଞ୍ଜି ଷ୍ଟେଶନ ୟାର୍ଡ, ସମୟ:ପୂର୍ବାହ୍ନ ୧୦।୩୦।
- ୫-ଟିରେ ରୂପାନ୍ତର ଆମ ହସ୍ପିଟାଲର ଶୁଭ ଉଦ୍‌ଘାଟନ, ସ୍ଥାନ: ଲୋଇସିଂହା କଲେଜ ଖେଳ ପଡିଆ, ସମୟ: ଅପରାହ୍ନ ୪ଟା।
- ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆମ ହସ୍ପିଟାଲର ଶୁଭ ଉଦ୍‌ଘାଟନ, ସ୍ଥାନ: ଖପ୍ରାଖୋଲ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୪।୩୦।
- କଣ୍ଟାବାଞ୍ଜିରେ ଆମ ହସ୍ପିଟାଲ ଉଦ୍‌ଘାଟନ, ସ୍ଥାନ: କଣ୍ଟାବାଞ୍ଜି ହସ୍ପିଟାଲ ପରିସର, ସମୟ: ଅପରାହ୍ନ ୪।୩୦।

## ରାଉରକେଲା

- ମହିଳା କ୍ରିକେଟ୍ ଉଦ୍‌ଯାପିତ, ସ୍ଥାନ: ସେକ୍ଟର-୬ ଇସ୍ପାତ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ରେଲୱେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସମସ୍ୟାକୁ ନେଇ ଦାବିପତ୍ର ପ୍ରଦାନ, ସ୍ଥାନ: ଡିଆରଏମ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଅମୃତ ଷ୍ଟେଶନ ଶୁଭାରମ୍ଭ, ସ୍ଥାନ: ପାନପୋଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବରିଷ୍ଠ ନାଗରିକ ସଂଘର ବାର୍ଷିକୋତ୍ସବ, ସ୍ଥାନ: ଜଗଦା(ବାଟମଙ୍ଗଳା), ସମୟ: ଅପରାହ୍ନ ୫ଟା।
- ମହିଳା କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ, ସ୍ଥାନ: ସେକ୍ଟର-୬, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆର୍ଯ୍ୟ ସମାଜ ଉପରେ ବୈଠକ, ସ୍ଥାନ: ମହର୍ଷି ଦୟାନନ୍ଦ ନଗର, ସମୟ: ସକାଳ ୮ଟା।
- ଦକ୍ଷିଣ ରାଉରକେଲାରେ ମାର୍କେଟ ପରିଭ୍ରମଣ କାର୍ଯ୍ୟକ୍ରମ, ସ୍ଥାନ: ଫର୍ଟିଲାଇଜର, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ସାମାଜିକ ସେବା ସଦନ ପକ୍ଷରୁ ଦ୍ୱିଦିବସୀୟ ହକି ଟୁର୍ନାମେଣ୍ଟ ଆରମ୍ଭ,ସ୍ଥାନ: ବଡ଼ଗାଁ ବ୍ଲକ କିସାନପଡା, ସମୟ: ପୂର୍ବାହ୍ନ ୧୦ଟା।
- କୁତ୍ରା ଜନ ବିକାଶ ସଂଗଠନ ପକ୍ଷରୁ ମଣ୍ଡିରେ ମାଣ୍ଡିଆ କ୍ରୟ ଆରମ୍ଭ, ସ୍ଥାନ: ଦାଣ୍ଡଜମରା ପଞ୍ଚାୟତ ଅଫିସ, ସମୟ: ପୂର୍ବାହ୍ନ ୧୦ ଟା।
- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବଣାଇଗଡ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବରଗଡ଼

- ଟିନିକଲ କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଚାଷୀଙ୍କ ଟ୍ରାକ୍ଟର ରାଲି, ସ୍ଥାନ: ହଳଦୀପାଲି ଛକ, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ନବ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ନୀଳଚକ୍ର ସ୍ଥାପନ, ରତ୍ନ ସିଂହାସନେ ଚତୁର୍ଦ୍ଧା ମୂର୍ତ୍ତିବିଜେ, ସ୍ଥାନ: ଲାଞ୍ଜିଗଡ ଶ୍ରୀ ଜଗନ୍ନାଥ ମନ୍ଦିର ପରିସର, ସମୟ: ମଧ୍ୟାହ୍ନ ୧୨ଟା ୩୨।
- ଆଭାସି ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ରେଳଷ୍ଟେଶନ ନବୀକରଣର ଶିଳାନ୍ୟାସ, ସ୍ଥାନ: କେସିଙ୍ଗା ରେଳ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟପାଳଙ୍କ କଳାହାଣ୍ଡି ଗସ୍ତ, ସ୍ଥାନ: ଭବାନୀପାଟଣାରୁ କେସିଙ୍ଗା ବ୍ଲକ, ସମୟ: ସକାଳ ୯ଟାରୁ ଅପରାହ୍ନ ୫ଟା ୪୦।
- ଭବାନୀପାଟଣା କ୍ରିକେଟ ପିମିୟର ଲିଗ୍ ଉଦ୍‌ଯାପନୀ, ସ୍ଥାନ: ଭବାନୀପାଟଣା ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତର ଖଳିଆପାଲି ମାତାକୁପାରେ ନାଗବାଚା ସାଂସ୍କୃତିକ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ମହୋତ୍ସବ ମଣ୍ଡପ ମାତାକୁପା, ସମୟ: ଅପରାହ୍ନ ୫ଟା।

## ଦେବଗଡ଼

- ରାଜ୍ୟ ସ୍ତରୀୟ ବଜରଙ୍ଗ କ୍ରିକେଟ କପ ତୃତୀୟ ଦିବସ,ସ୍ଥାନ: ମହୁଲିଡିପା ସାହି, ନାଳପଡିଆ, ସମୟ: ଅପରାହ୍ନ ୧୧ଟା।
- ଆମ ହସ୍ପିଟାଲ ଲୋକାର୍ପଣ ଉତ୍ସବ: ସ୍ଥାନ: ଦେବଗଡ ନୂଆ ବସ୍ ଷ୍ଟାଣ୍ଡ, ସମୟ: ଅପରାହ୍ନ ୪ଟା ୩୦।

## ସୁବର୍ଣ୍ଣପୁର

- ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦।୩୦।
- ଜିଲା ମୁଖ୍ୟ ଚିକିତ୍ସାଳୟର ନୂତନ କୋଠା ଉଦ୍‌ଘାଟନ ଉତ୍ସବ, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ଅପରାହ୍ନ ୪।୩୦।
- ବିନିକା ସବ୍‌ଡିଭିଜନ ଦାବି ନେଇ ସର୍ବଦଳୀୟ ବୈଠକ, ସ୍ଥାନ: ସ୍ପୋର୍ଟ୍ସ କ୍ଲବ ବିନିକା, ସମୟ: ଅପରାହ୍ନ ୫ଟା।

## ନୂଆପଡ଼ା

- ଦୃଷ୍ଟିହୀନ ବାଳିକା କ୍ରିକେଟ ପ୍ରଶିକ୍ଷଣ ଶିବିର, ସ୍ଥାନ: କୋମନା ବ୍ଲକ ବଞ୍ଜାରୀ ଜିଲା ସ୍ୱତନ୍ତ୍ର ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

# ସୂର୍ଯ୍ୟମନ୍ଦିର ଫାଟକ ଭାଙ୍ଗି ଧସେଇ ପଶିଲେ ପର୍ଯ୍ୟଟକ

**କୋଣାର୍କ,୨୫।୨(ଜ୍ୟୋତିରାଜ ମହାନ୍ତି)**

ବିଶ୍ୱପ୍ରସିଦ୍ଧ ସୂର୍ଯ୍ୟମନ୍ଦିର ପରିଦର୍ଶନ ପାଇଁ ରବିବାର ସହସ୍ରାଧିକ ପର୍ଯ୍ୟଟକ କୋଣାର୍କ ବୁଲିବାକୁ ଆସିଥିବା ବେଳେ ଟିକେଟ ବିକ୍ରିରେ ଅବ୍ୟବସ୍ଥା ଯୋଗୁ ହଇରାଣ ହୋଇଛନ୍ତି। ଉଭୟ ଅନଲାଇନ୍ ଏବଂ ଅଫ୍‌ଲାଇନ ଟିକେଟ ବିକ୍ରି ଲାଗି ଗୋଟିଏ ମାତ୍ର କାଉଣ୍ଟର ରହିଥିବାବେଳେ ପର୍ଯ୍ୟଟକମାନେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଛିଡ଼ା ହେଲା ପରେ ବି ପ୍ରବେଶ ଟିକେଟ ପାଇପାରି ନ ଥିଲେ। ଫଳରେ ଏହାକୁ ନେଇ ପର୍ଯ୍ୟଟକମାନେ ଧୈର୍ଯ୍ୟ ହରାଇ ମନ୍ଦିର ସମ୍ମୁଖ ମୁଖ୍ୟ ପ୍ରବେଶ ପଥରେ ଲାଗିଥିବା ଟର୍ନ ଷ୍ଟାଇଲ ସ୍କାନର ପ୍ରବେଶ ଫାଟକକୁ ଭାଙ୍ଗି ଧସେଇ ପଶିଥିଲେ। ଏହାପରେ ସ୍ଥାନୀୟ ଅଧିକାରୀଙ୍କ ନିର୍ଦ୍ଦେଶ ପାଇ ଡ୍ୟୁଟିରେ ଥିବା ଅଣଓଡ଼ିଆ ସୁରକ୍ଷା କର୍ମୀ ମୁଖ୍ୟ ଫାଟକରେ ତାଲା ପକାଇଦେଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ତାଲା ପଡ଼ିବା ଦେଖି ପର୍ଯ୍ୟଟକମାନେ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ସେମାନେ ନବଗ୍ରହ ମନ୍ଦିର ଉତ୍ତର କୋଣରେ ଥିବା ପ୍ରସ୍ଥାନ ଗେଟ୍ ଦେଇ ଜୋରଜବରଦସ୍ତ ସୂର୍ଯ୍ୟମନ୍ଦିର ପରିସରକୁ ପ୍ରବେଶ କରିଥିଲେ। ଏପରି ସ୍ଥିତି ଦେଖି ଅନେକ ପର୍ଯ୍ୟଟକ ସୂର୍ଯ୍ୟ ମନ୍ଦିର ବୁଲି ନ ପାରି ଅସନ୍ତୋଷ ବ୍ୟକ୍ତ କରି ଫେରିଯାଇଥିଲେ। ପରେ ଖବର ପାଇ କୋଣାର୍କ ପୋଲିସ ପହଞ୍ଚି ପର୍ଯ୍ୟଟକମାନଙ୍କୁ ବୁଝାଶୁଝା କରିବା ପରେ ସୂର୍ଯ୍ୟମନ୍ଦିର ମୁଖ୍ୟ ଫାଟକ ଖୋଲିଥିଲା। ଏଏସ୍‌ଆଇ କର୍ମଚାରୀଙ୍କ ଦ୍ୱାରା ଟିକେଟ କଳାବଜାରକୁ ନେଇ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଉପସ୍ଥିତ ପର୍ଯ୍ୟଟକଙ୍କ ସମେତ ଗାଇଡ୍ ଓ ଫଟୋଗ୍ରାଫରମାନେ ଅଭିଯୋଗ କରିଛନ୍ତି।

**ପରିଦର୍ଶନ ୨ ଘଣ୍ଟା ବନ୍ଦ**

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଶୁକ୍ର ସହ ମଙ୍ଗଳ ଯୁକ୍ତ ଯୋଗୁ ବିଳାସ ଉପକରଣ କ୍ରୟ ସକାଶେ ମନ ବଳାଇବେ। ଅସ୍ଥିରତାଯୁକ୍ତ କାମରେ ସଫଳତା ପାଇବା କଷ୍ଟକର ହେବ। ଆଶଙ୍କା କରୁଥିବା ଅଫିସିଆଲି କ୍ଷେତ୍ରରେ ସେମିତି କିଛି ଅସୁବିଧା ହେବ ନାହିଁ। ଆତ୍ମୀୟସ୍ୱଜନଙ୍କ ପାରିବାରିକ ସମସ୍ୟା ସମାଧାନ ପାଇଁ ଆପଣଙ୍କୁ ଚିନ୍ତା କରିବାକୁ ପଡ଼ିପାରେ।

**ବୃଷ** ଭାଗ୍ୟସ୍ଥ ରାଶ୍ୟାଧିପ ହେତୁ ସାମଗ୍ରିକ ଦୃଷ୍ଟିକୋଣରୁ ସଫଳତା ଲାଭକରିବେ। ପରିଜନଙ୍କ ସହାୟତାରେ ପାରିବାରିକ ସମସ୍ୟାର ସମାଧାନ ଘଟିବ। କଳା, ସାହିତ୍ୟ ଓ ବାଣିଜ୍ୟ, ପରିବହନ, ପ୍ରଶାସନ, ଏଜେନ୍‌ସିପ୍ରରୁ ସୁଫଳ ପାଇବେ। ସରକାରୀ ସ୍ତରରୁ ଦୀର୍ଘ ପ୍ରତୀକ୍ଷା ପରେ ଆଶା କରୁଥିବା ଖବରଟି ଆଜି ପାଇପାରନ୍ତି।

**ମିଥୁନ** ଆଜିର ଚନ୍ଦ୍ର ଏକାଧିକ ଗ୍ରହଙ୍କ ଦୃଷ୍ଟି ପଥାରୂଢ ଯୋଗୁ ପ୍ରତ୍ୟେକ କାର୍ଯ୍ୟରେ ସିଦ୍ଧି ଅବଶ୍ୟମ୍ଭାବୀ। କେତେକ କ୍ଷେତ୍ରରେ ଅଟକି ରହିଥିବା କାମଗୁଡ଼ିକ ଯୋଗୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ପାରିବାରିକ ମତାନ୍ତରରୁ ବିତର୍କ ସୃଷ୍ଟି ହେବାର ସମ୍ଭାବନା ରହିଛି। ବାଣିଜ୍ୟ,ବ୍ୟବସାୟ କ୍ଷେତ୍ରରେ ବିଶେଷ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ପୂର୍ବଭଳି ରହିବ।

**କର୍କଟ** ଭାଗ୍ୟାଧିପ କର୍ମଭାବରେ ଚନ୍ଦ୍ରଙ୍କୁ ଦେଖୁଥିବାରୁ ସମସ୍ୟାର ଅଡୁଆ ସୂତାକୁ ସଜାଡ଼ିବାରେ ସମର୍ଥ ହେବେ। ମାଙ୍ଗଳିକ କାମ ସକାଶେ ଗୃହସଜ୍ଜା, ଗାଡ଼ି ମରାମତି, ଜମି କିଣା ପ୍ରତି ଆଗ୍ରହ ବଢ଼ିପାରେ। ମନ ଅସ୍ଥିର ରହିବାରୁ କାମ ସମ୍ପନ୍ନ କଷ୍ଟକର ହୋଇପଡ଼ିବ। ବନ୍ଧୁଙ୍କ କାମ ସକାଶେ ବାହାରକୁ ଯିବାକୁ ବାଧ ହୋଇପାରନ୍ତି।

**ସିଂହ** ଚନ୍ଦ୍ରଙ୍କ ପ୍ରଭାବରେ ଆପଣଙ୍କ କୌଶଳପୂର୍ଣ୍ଣ ବ୍ୟବହାର ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିଙ୍କ ମନକୁ ଆକର୍ଷିତ କରିବ। କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ କହି ବିରୋଧୀ ହୋଇପାରନ୍ତି। ଅତୀତ କଥାକୁ କେନ୍ଦ୍ରକରି ଆତ୍ମୀୟଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ସଭାସମିତିରେ ସାଧାରଣ କଥାକୁ ଜଟିଳ କରି ଅଶାନ୍ତ ରହିବେ ।

**କନ୍ୟା** ଉଚ୍ଚାରୋହୀ ଶୁକ୍ରଙ୍କ ସମ୍ପର୍କରୁ ପରିବାରରୁ ଆଦର, ବାହାର ଲୋକଙ୍କଠାରୁ ସମ୍ମାନ, ବ୍ୟବସାୟରେ ଉନ୍ନତି କରିବେ। ସକାଳୁ ବନ୍ଧୁଙ୍କ ସହ ସୁଖଭ୍ରମଣ ଯୋଗ ରହିଛି। କର୍ମକ୍ଷେତ୍ରରେ ଅନ୍ୟ ଦ୍ୱାରା ପ୍ରରୋଚିତ ହୋଇ କାମ କଲେ ଅପଦସ୍ଥ ହେବେ। ସାମୟିକ ଭୁଲ୍ ବୁଝାମଣା କାରଣରୁ ପାରିବାରିକ କ୍ଷେତ୍ର ସମ୍ପୂର୍ଣ୍ଣ ନିରାମୟ ରହି ନ ପାରେ।

**ତୁଳା** ଏକାଦଶସ୍ଥ ଚନ୍ଦ୍ରଜନିତ ଆନୁଷଙ୍ଗିକ ସୁବିଧା, ସୁଯୋଗ ପାଇ କାମ ହାସଲ କରିପାରିବେ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ନିନ୍ଦା ଶୁଣିବାକୁ ପଡ଼ିପାରେ। ଚଳଚ୍ଚିତ୍ର, ସାହିତ୍ୟ, ସାମ୍ବାଦିକତା, କଳା, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି ଓ ଏକଜିଦିଆ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ବିଛା** ଶନି କ୍ଷେତ୍ରସ୍ଥ ରବିଙ୍କ ଯୋଗୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ। ବନ୍ଧୁଙ୍କ ଜରିଆରେ ମୂଲ୍ୟବାନ ଦ୍ରବ୍ୟ ଲାଭ ହେବାର ସମ୍ଭାବନା ରହିଛି। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହେବା ସହିତ ଅଦାଲତର ରାୟ ଆପଣଙ୍କ ସପକ୍ଷରେ ଯାଇପାରେ। ଶତ୍ରୁତା କରୁଥିବା ଲୋକମାନଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ଧନୁ** ରାହୁ ଚତୁର୍ଥସ୍ଥ ଯୋଗୁ କାମରେ ପ୍ରତିବନ୍ଧକ ସୃଷ୍ଟି ଆଶଙ୍କା ରହିଛି। ତଥାପି ଅଯାଚିତ ଭାବରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ସାମୟିକ ମାନସିକ ସୁସ୍ଥତା ବ୍ୟାହତ ହେବାର ସୂଚନା ମଧ୍ୟ ରହିଛି। ଅସୁସ୍ଥ ମାନସିକତା କାରଣରୁ ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ମକର** ଗୁରୁଙ୍କ ପ୍ରଭାବରୁ ଜୀବନଚର୍ଯ୍ୟାର ପ୍ରତ୍ୟେକ ଦିଗ ଠିକ୍ ଥିଲେ ମଧ୍ୟ ବାକ୍ ସଂଯମର ଅଭାବ ସମସ୍ୟାକୁ ଆମନ୍ତ୍ରଣ କରିବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଓ ଲକ୍ଷ୍ୟ ପୂରଣ ହୋଇଯିବ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବାରେ ଆପଣଙ୍କ କୌଶଳ ସହାୟ ହେବ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**କୁମ୍ଭ** ଆଜି ରାଶିରେଏକାଧିକ ଗ୍ରହଯୋଗ ଲକ୍ଷ୍ୟଭ୍ରଷ୍ଟ କରାଇପାରେ। ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା, ବିବାଦ, ମାଲିମକଦ୍ଦମା କ୍ଷେତ୍ରରେ ଜିତାପଟ ଆପଣଙ୍କର ହିଁ ହେବ। ଜଣେ ବନ୍ଧୁଙ୍କ ସହଯୋଗରୁ କାମ ହାସଲ କରିବା ଫଳରେ ଚିନ୍ତାମୁକ୍ତ ହେବେ। କର୍ମକ୍ଷେତ୍ରରେ ସମସ୍ୟା ବହୁଳ ପରିସ୍ଥିତି ଲାଗି ରହିଥିଲେ ହେଁ ସମସ୍ୟାକୁ ସୁଧାରି ନେବେ।

**ମୀନ** ବ୍ୟୟଭାବରେ ପାପଗ୍ରହ ହେତୁ ଆଜିର ଖର୍ଚ୍ଚ ସୀମା ଟପିଯିବ ଏବଂ ପାଇପାରୁ ନ ଥିବା ଜିନିଷଟି ଆଜି ପାଇବେ। ପାରିବାରିକ ସ୍ଥିତିରେ ସମସ୍ୟାଗୁଡ଼ିକ ସମାଧାନ କରିବା ସକାଶେ ବ୍ୟସ୍ତ ହୋଇପାରନ୍ତି। ଅଫିସରେ ଥିବା ସମୟରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପୈତୃକ ସମ୍ପତ୍ତିକୁ କେନ୍ଦ୍ର କରି ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ।

ଆଜି ଫେବୃଆରୀ ୨୬ ତାରିଖ, ଫାଲଗୁନ୍ କୃଷ୍ଣ ଦ୍ୱିତୀୟା ସୋମବାର, ରାଶିନକ୍ଷତ୍ର-ଉତ୍ତରାଫାଲଗୁନୀ/ସିଂହ, ଦିବା ଘ.୦୮।୧୦ ଗତେ, କନ୍ୟାଚନ୍ଦ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ବ୍ରତୋପନୟନ, ଗୃହାରମ୍ଭ ଓ ଗୃହପ୍ରବେଶ, ଜଳାଶୟ ଖନନ ଓ ପ୍ରତିଷ୍ଠା, ନବବଧୂ ଯାତ୍ରାଦି ପାଇଁ ଶୁଭ ଦିନ । ଦିବା ଘ.୦୬।୧୨ ଗତେ ୦୭।୩୯ ମଧ୍ୟେ, ଘ.୧୦।୫୦ ଗତେ ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୩୯ ମି. ଗତେ ଘ.୦୯।୦୬ ମଧ୍ୟେ ରାହୁକାଳ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଫେବୃଆରୀ ୨୬/୨୦୨୪ | Bhubaneswar, Monday, February 26/2024 | ପୃଷ୍ଠା-୧


# ଆଇଏନ୍‌ଏଲ୍‌ଡି ନେତା ରାଠୀଙ୍କୁ ହତ୍ୟା

## ଗୁଳିମାଡ଼ରେ ସହଯୋଗୀ ନିହତ, ୨ ଘରୋଇ ସୁରକ୍ଷା କର୍ମୀ ଆଇସିୟୁରେ


ଆଇଏନ୍‌ଏଲ୍‌ଡି ହରିୟାଣା ସଭାପତି ନଫେ ସିଂ ରାଠୀ।


ଗୁଳିବିଦ୍ଧ କାର।

**ଚଣ୍ଡିଗଡ଼/ବାହାଦୁରଗଡ଼, ୨୫।୨**

ଲୋକ ସଭା ନିର୍ବାଚନକୁ କିଛି ସପ୍ତାହ ବାକି ଥିବାବେଳେ ଇଣ୍ଡିଆନ୍ ନ୍ୟାଶନାଲ ଲୋକ ଦଳ (ଆଇଏନ୍‌ଏଲ୍‌ଡି)ର ହରିୟାଣା ସଭାପତି ତଥା ପୂର୍ବତନ ବିଧାୟକ ନଫେ ସିଂ ରାଠୀ ଓ ତାଙ୍କର ଜଣେ ସହଯୋଗୀଙ୍କୁ ରବିବାର ସନ୍ଧ୍ୟାରେ ଝାଜ୍ଜର ଜିଲାର ବାହାଦୁରଗଡ଼ ସହରରେ ଗୁଳିକରି ହତ୍ୟା କରାଯାଇଛି। ଏହି ରାଜନୈତିକ ହତ୍ୟାକାଣ୍ଡ ପରେ ଭାଜପାଶାସିତ ହରିୟାଣାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ପ୍ରଶ୍ନ ଉଠିଛି। ଆଇଏନ୍‌ଏଲ୍‌ଡି ମୁଖ୍ୟ ଅଭୟ ଚୌଟାଲା ଏହି ହତ୍ୟା ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି। ରାଠୀ ନିଜ ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ପୂର୍ବରୁ ହରିୟାଣା ସରକାରଙ୍କୁ ସୁରକ୍ଷା ମାଗିଥିଲେ। କିନ୍ତୁ ସରକାର ସୁରକ୍ଷା ଦେଇ ନ ଥିଲେ। ସୁରକ୍ଷା ପ୍ରଦାନ କରାଯାଇଥିଲେ ଏହି ହତ୍ୟାକାଣ୍ଡ ଘଟି ନ ଥାନ୍ତା। ତେଣୁ ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର ଓ ଗୃହମନ୍ତ୍ରୀ ଅନିଲ ଭିଜ୍ ଇସ୍ତଫା ଦିଅନ୍ତୁ ବୋଲି ଅଭୟ ଦାବି କରିଛନ୍ତି। ବିରୋଧୀ କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି ମଧ୍ୟ ଖଟ୍ଟର ସରକାରଙ୍କୁ ଟାର୍ଗେଟ କରିଛନ୍ତି।

୭୦ ବର୍ଷୀୟ ନଫେ ସିଂ ରାଠୀ ହରିୟାଣା ରାଜନୀତିରେ ଏକ ଜଣାଶୁଣା ନାମ। ସେ ୨ ଥର ବିଧାୟକ ନିର୍ବାଚିତ ହୋଇଥିଲେ। ୨ ଥର ବାହାଦୁରଗଡ଼ ନଗର ପରିଷଦର ଅଧ୍ୟକ୍ଷ ମଧ୍ୟ ଥିଲେ। ଅଲ୍ ଇଣ୍ଡିଆନ୍ ଷ୍ଟାଇଲ୍ ରେସ୍‌ଲିଂ ଆସୋସିଏଶନ୍‌ର ସଭାପତି ଦାୟିତ୍ୱ ତୁଲାଇଥିଲେ। ଅଭୟ ଚୌଟାଲାଙ୍କ ଘନିଷ୍ଠ ରାଠୀ ହରିୟାଣାରେ ପରିବର୍ତ୍ତନ ଯାତ୍ରାର ନେତୃତ୍ୱ ନେଉଥିଲେ। ରବିବାର ସନ୍ଧ୍ୟାରେ ସେ ଏକ ଏସ୍‌ୟୁଭିରେ ଦିଲ୍ଲୀ ନିକଟସ୍ଥ ବାହାଦୁରଗଡ଼ରେ ଯାଉଥିବାବେଳେ ଆତତାୟୀମାନେ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଅଜ୍ଞାତ ବନ୍ଧୁକଧାରୀଙ୍କ ଆଖିବୁଜା ୫୦ ରାଉଣ୍ଡ ଗୁଳି ତାଙ୍କ କାର୍‌କୁ ଭେଦ ☞ ପୃଷ୍ଠା-୧୩

**ଆଜିର ସମ୍ପାଦକୀୟ**
**ଅଙ୍କୁଶ ଲାଗୁ**

# ବିରୋଧ ପରେ ବୀରମହାରାଜପୁର ଏନ୍‌ଏସି

**ଭୁବନେଶ୍ୱର, ୨୫।୨**
**(ସୁନିତ୍ ମିଶ୍ର)**

ଲୋକଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଶନିବାର ୨୦ ଜିଲାର ୩୪ଟି ସ୍ଥାନକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଘୋଷଣା କରିଥିଲେ। ତେବେ ଏହି ତାଲିକାରେ ନଥିବା ରାଜ୍ୟର ଆଉ କେତେକ ଅଞ୍ଚଳର ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି। ବୌଦ୍ଧ ଜିଲାର ପୁରୁଣା କଟକ ସମେତ କେତେକ ସ୍ଥାନରେ ବିରୋଧ ପ୍ରଦର୍ଶନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ସରକାର ରବିବାର ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁରକୁ ଏନ୍‌ଏସି ଘୋଷଣା କରିଛନ୍ତି। ଆସନ୍ତା ନିର୍ବାଚନ ପୂର୍ବରୁ ଆଉ କେତେକ ସ୍ଥାନକୁ ମଧ୍ୟ ଏନ୍‌ଏସି ଘୋଷଣା କରାଯାଇପାରେ ବୋଲି ଅନୁମାନ କରାଯାଉଛି। ବୀରମହାରାଜପୁରକୁ ମିଶାଇଲେ ନୂଆ ବିଜ୍ଞାପିତ ପରିଷଦ ସଂଖ୍ୟା ୩୫ରେ ପହଞ୍ଚିଛି। ବୀରମହାରାଜପୁର ସୁବର୍ଣ୍ଣପୁର ଜିଲାର ସବ୍‌ଡିଭିଜନ ମୁଖ୍ୟାଳୟ ଅଟେ।







# ବଡ଼ମାଳ ଗୋଳାବାରୁଦ କାରଖାନାରେ ବିସ୍ଫୋରଣ

ସଇଁତଳା,୨୫।୨
(ରାଖାଲ ପ୍ରସାଦ ଶତପଥୀ)



ବଡ଼ମାଳ ଗୋଳାବାରୁଦ କାରଖାନା ପରିସରରେ ରବିବାର ବିସ୍ଫୋରଣ ବେଳର ଦୃଶ୍ୟ।

■ ବିସ୍ଫୋରଣର କାରଣ ଜଣାପଡ଼ିନାହିଁ
■ ବହୁ ଦୂରରୁ ଦେଖାଗଲା ନିଆଁ

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ବଡ଼ମାଳସ୍ଥିତ ଗୋଳାବାରୁଦ କାରଖାନାରେ ରବିବାର ସନ୍ଧ୍ୟା ସମୟରେ ବିସ୍ଫୋରଣ ଘଟିଛି। କାରଖାନା ଜନସମ୍ପର୍କ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ସନ୍ଧ୍ୟା ପ୍ରାୟ ୬ଟା୩୦ରେ କାରଖାନା ୧୨ନମ୍ବର ୟୁନିଟର ମାଗାଜିନ ବିଲ୍ଡିଂରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣର ମାତ୍ରା ଏତେ ଭୟଙ୍କର ଥିଲା ଯେ, ପ୍ରାୟ ୨୦ କିଲୋମିଟର ଦୂର ପର୍ଯ୍ୟନ୍ତ ନିଆଁହୁଳା ଦେଖାଯାଇଥିଲା। ଏହି ଘଟଣା ପରେ କାରଖାନା ପରିସରରେ ରହୁଥିବା କର୍ମଚାରୀ ଏବଂ ନିକଟସ୍ଥ ଗାଁର ଲୋକେ ଭୟଭୀତ ହୋଇ ଘରୁ ପଦାକୁ ବାହାରି ଆସିଥିଲେ। ରବିବାର ହୋଇଥିବାରୁ କାରଖାନାର କୌଣସି କର୍ମଚାରୀ ଉକ୍ତ ଅଞ୍ଚଳରେ ନଥିବାରୁ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଥିବା କୁହାଯାଉଛି। ଉକ୍ତ ମାଗାଜିନ ବିଲ୍ଡିଂ ଆବଶ୍ୟକ ସମୟରେ ଖୋଲା ଯାଇଥାଏ। ତେବେ କେଉଁ କାରଣରୁ ଏଠାରେ ଅଗ୍ନିକାଣ୍ଡ ଘଟିଲା ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଏବେ ସେଇ ଅଞ୍ଚଳ ସମ୍ପୂର୍ଣ୍ଣ ଅନ୍ଧକାର ହୋଇଥିବାରୁ କ୍ଷୟକ୍ଷତିର ଆକଳନ କରାଯାଇ ପାରି ନ ଥିବା ଜନସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି। ପୂର୍ବରୁ ୨୦୦୭ ମସିହାରେ ଏଭଳି ଏକ ବିସ୍ଫୋରଣ କାରଖାନାରେ ଘଟିଥିଲା। ସେତେବେଳେ ନିଆଁକୁ ଆୟତ୍ତ କରିବା ପାଇଁ ଦମକଳ ବାହିନୀକୁ ଦୀର୍ଘ ୮ଘଣ୍ଟା ପରିଶ୍ରମ କରିବାକୁ ପଡ଼ିଥିଲା।

# ୨୭ରେ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ

କଟକ,୨୫।୨(ଶିପ୍ରା ପ୍ରିୟଦର୍ଶିନୀ)

ବାରବାଟୀ ଷ୍ଟାଡିୟମର ନବୀକରଣ କାର୍ଯ୍ୟ

ଆସନ୍ତା ୨୭ ତାରିଖରେ ଐତିହାସିକ କଟକ ବାରବାଟୀ ଷ୍ଟାଡିୟମର ନବୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏଥିସହ ୩୦ ଜିଲା ପାଇଁ ୪୧ଟି କ୍ରିକେଟ୍ ଏକାଡେମୀକୁ ମଧ୍ୟ ସେ ଉଦ୍‌ଘାଟନ କରିବେ। ଏହି ଅବସରରେ ୨୭ ତାରିଖ ଅପରାହ୍ନ ୪ଟାରୁ ରାତି ୯ଟା ପର୍ଯ୍ୟନ୍ତ ବାରବାଟୀ ଷ୍ଟାଡିୟମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ବଲିଉଡ୍ କଣ୍ଠଶିଳ୍ପୀ ନେହା କକ୍କର ଓ ଗ୍ରୁପ ସଙ୍ଗୀତ ପରିବେଷଣ କରିବେ। ସେହିପରି ଓଡ଼ିଶାର କଳାକାରଙ୍କ ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବିସିସିଆଇ ସଭାପତି ଜୟ ସାହାଙ୍କ ସମେତ ଭାରତର ପ୍ରତିଷ୍ଠିତ କ୍ରିକେଟ୍ ଖେଳାଳିଙ୍କୁ ନିମନ୍ତ୍ରଣ କରାଯାଇଛି। ଏହି କାର୍ଯ୍ୟକ୍ରମ ପାଇଁ ବାରବାଟୀ ଷ୍ଟାଡିୟମରେ ବିଶାଳ ମଞ୍ଚ ପ୍ରତିଷ୍ଠା କରାଯାଉଛି। ବିଶେଷକରି ପଡିଆ ଭିତରେ ୫୦୦୦ ଓ ୧, ୨, ୬ନଂ. ଗ୍ୟାଲେରିରେ ୧୫,୦୦୦ ଦର୍ଶକଙ୍କ ବସିବା ପାଇଁ ବ୍ୟବସ୍ଥା କରାଯାଉଛି। ବିନା



ସଞ୍ଜୟ ବେହେରା

ମୂଲ୍ୟରେ ଦର୍ଶକମାନେ ଷ୍ଟାଡିୟମରେ ଏହି କାର୍ଯ୍ୟକ୍ରମକୁ ଉପଭୋଗ

ଷ୍ଟାଡିୟମରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

■ ଆକର୍ଷଣ ସାଜିବେ ବଲିଉଡ୍ କଣ୍ଠଶିଳ୍ପୀ ନେହା କକ୍କର
■ ଯୋଗଦେବେ ବିସିସିଆଇ ସଭାପତି, କ୍ରିକେଟ୍ ଖେଳାଳି
■ ବିନା ମୂଲ୍ୟରେ କାର୍ଯ୍ୟକ୍ରମ ଉପଭୋଗ କରିବେ ଦର୍ଶକ

କରିପାରିବେ ବୋଲି ଓଡ଼ିଶା କ୍ରିକେଟ୍ ଆସୋସିଏଶନ(ଓସିଏ) ସମ୍ପାଦକ ସଞ୍ଜୟ ବେହେରା ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି।

# ଧରାପଡ଼ିବା ପରେ ବି କାର୍ଯ୍ୟାନୁଷ୍ଠାନ ନାହିଁ

ଭୁବନେଶ୍ୱର, ୨୫।୨ (ଅସମାପିକା ସାହୁ)

## ଏଆଇ ଧରୁଛି ମାଟ୍ରିକ ତ୍ରୁଟି

ପ୍ରତିବର୍ଷ ମାଟ୍ରିକ ପରୀକ୍ଷା ପ୍ରଶ୍ନପତ୍ର ଭାଇରାଲ, ଲିକ୍, ବିଭ୍ରାଟ ଘଟଣା ସୋସିଆଲ ମିଡିଆରେ ଘୂରିବୁଲେ। ମାତ୍ର ତାହାର ସତ୍ୟାସତ୍ୟ ଧରାପଡ଼େ ନାହିଁ କି ଜଣାପଡ଼େ ନାହିଁ। ଏପରି କି ଅନେକ ଘଟଣାକୁ ଚପାଇ ଦିଆଯାଉଥିବା ନେଇ ମଧ୍ୟ ବହୁ ସମୟରେ ଅଭିଯୋଗ ଉଠିଛି। କିନ୍ତୁ ଏଥର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ଦ୍ୱାରା ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ହୋଇଥିବା ବିଭ୍ରାଟ ସାମ୍ନାକୁ ଆସିଛି। କପି ଧରିବା ହେଉ କି ବିଶୃଙ୍ଖଳା ରୋକିବା ଆଦି ବିଭିନ୍ନ କ୍ଷେତ୍ରରେ ଏଆଇ ଫାଇଦା ଦେଇଛି। କେଉଁଠି ମାଲ୍ ପ୍ରାକ୍ଟିସ୍ ରୋକିଛି ତ' ଆଉ କେଉଁଠି ହଲ୍ ଭିତରେ ଅନଧିକାର ପ୍ରବେଶ କରିଥିବା ପୋଲିସ କର୍ମଚାରୀଙ୍କୁ ଧରିଛି ଏହି ଅତ୍ୟାଧୁନିକ ଟେକ୍ନୋଲୋଜି। ହେଲେ ପ୍ରମାଣ ସତ୍ତ୍ୱେ କାହିଁକି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି। ମନ୍ତ୍ରୀ, ଅଧିକାରୀ ସମସ୍ତେ ଏହାକୁ ଏଆଇର ସଫଳତା ବୋଲି କହୁଥିଲେ ମଧ୍ୟ ବିଭ୍ରାଟ ସୃଷ୍ଟିକାରୀଙ୍କ ଉପରେ ପଦକ୍ଷେପ ସଂକ୍ରାନ୍ତରେ ମୁହଁ ଖୋଲୁନାହାନ୍ତି। ଫଳରେ ଏହି ପରୀକ୍ଷା ବିଭ୍ରାଟ ପାଇଁ ଛାତ୍ରୀଛାତ୍ର, ଅଭିଭାବକ ଆଶଙ୍କା ଭିତରେ ରହିଥିବାବେଳେ ବୋର୍ଡ ଓ ଶିକ୍ଷା ବିଭାଗର ନୀରବତାକୁ ନେଇ ଛାତ୍ରନେତାମାନେ ପ୍ରତିବାଦର ସ୍ୱର ଉଠାଇଛନ୍ତି। ରବିବାର ଛାତ୍ର କଂଗ୍ରେସ ଓ ଏବିଭିପି ପକ୍ଷରୁ ପୃଥକ୍ ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯାଇ ଦୃଢ଼ ପ୍ରତିବାଦ କରାଯାଇଛି।

ମାଟ୍ରିକ ପରୀକ୍ଷାକୁ ଶୃଙ୍ଖଳିତ କରିବା ପାଇଁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦେଶରେ ପ୍ରଥମ ଭାବେ ଏଆଇର ସହାୟତା ନେଇଛି। ରାଜ୍ୟର ପ୍ରାୟ ଶହେଟି ଅତି ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ରରେ ୭ରୁ ୮ଟି ଏଆଇ ସର୍ଭେଲାନ୍ସ କ୍ୟାମେରା ଲାଗିଥିବାବେଳେ ଶହେରୁ ଅଧିକ ସମ୍ବେଦନଶୀଳ କେନ୍ଦ୍ର ଏବଂ ସମସ୍ତ ନୋଡାଲ ସେଣ୍ଟରରୁ ଲାଇଭ୍ ଷ୍ଟ୍ରିମିଂ ହେଉଛି। ଏହାଦ୍ୱାରା ବିଭିନ୍ନ କେନ୍ଦ୍ରରେ ହେଉଥିବା ତ୍ରୁଟିକୁ ଏଆଇ ଧରିବା ସହ ସତର୍କ କରାଉଛି। ଯାଜପୁର ଗୋବିନ୍ଦ ଚନ୍ଦ୍ର ହାଇସ୍କୁଲରେ ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟରେ ପ୍ରଶ୍ନପତ୍ର ଖୋଲାଯାଇଥିଲା। ଭଦ୍ରକର ବନ୍ଧଗାଁ ନୋଡାଲ ହାଇସ୍କୁଲରେ ପ୍ରଶ୍ନପତ୍ରଗୁଡ଼ିକୁ ଲୁହା ବାକ୍ସରେ ରଖାଯାଇ ନ ଥିଲା ଓ ପ୍ରଶ୍ନପତ୍ର ଖୋଲା ହେବା ପର୍ଯ୍ୟନ୍ତ ପ୍ୟାକେଟଗୁଡ଼ିକ ବାହାରେ ରହିଥିଲା। ଯାଜପୁରର ପଲାଇ ହାଇସ୍କୁଲରେ ପରୀକ୍ଷାର୍ଥୀମାନେ ପାଖରେ କିଛି ସନ୍ଦେହଜନକ ସାମଗ୍ରୀ ରଖିଥିବା ନେଇ ଏଆଇ ସୂଚନା ଦେଇଥିଲା। ସେହିଭଳି ନବରଙ୍ଗପୁର ଡାବୁଗାଁସ୍ଥିତ ସରକାରୀ ୟୁଜି ହାଇସ୍କୁଲ ଓ ଗଜପତି ଆର. ଉଦୟଗିରିର ସରକାରୀ ହାଇସ୍କୁଲରେ ବିଭ୍ରାଟ ହୋଇଥିବା ଦେଖିବାକୁ ମିଳିଥିଲା। ଏତେ ସବୁ ବିଭ୍ରାଟ ସାମ୍ନାକୁ ଆସିବା ପରେ ଏବେ ସବୁଠି ପ୍ରତିବାଦ ଦେଖାଦେଲାଣି। ମନ୍ତ୍ରୀ ତୁରନ୍ତ ଏହି ଘଟଣାରେ ସ୍ପଷ୍ଟୀକରଣ ଦେବା ପାଇଁ ଛାତ୍ରନେତାମାନେ ଦାବି କରିଛନ୍ତି। ଏ ନେଇ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ କୁହାଯାଇଛି ଯେ, ପ୍ରତିବର୍ଷ ବୋର୍ଡର ପ୍ରଶ୍ନପତ୍ର ଭାଇରାଲ ହେଉଛି। ତେଣୁ ବୋର୍ଡକୁ ତୁରନ୍ତ ଭାଙ୍ଗି ଦିଆଯାଇ ସିବିଏସ୍‌ଇ ପରି ନୂଆ ପରିଷଦ ଗଠନ କରି ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଯାଉ କିମ୍ବା ସିବିଏସ୍‌ଇ ଦ୍ୱାରା ଆଫିଲିଏଶନ କରି ସବୁ ଇଂଲିଶ ମିଡିୟମରେ ପାଠପଢ଼ା ଯାଇ ପରୀକ୍ଷା, ପରିଚାଳନା ଓ ପାଠ୍ୟକ୍ରମ ପ୍ରସ୍ତୁତି କରାଯାଉ। ନଚେତ ପ୍ରତିବର୍ଷ ଭଳି ଏଇ ଅପାରଗ ବୋର୍ଡ ଦାୟିତ୍ୱହୀନ ଭାବେ ପରୀକ୍ଷା ପରିଚାଳନା କରି ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳିବା ସହିତ ଅଭିଭାବକଙ୍କୁ ଶଙ୍କାରେ ପକାଇ ଶିକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭୁଶୁଡ଼େଇ ଦେବ ବୋଲି ମହାସଂଘ ସଭାପତି ବାସୁଦେବ ଭଟ୍ଟ କହିଛନ୍ତି।

# ଏନ୍‌କାଉଣ୍ଟରରେ ୩ ମାଓବାଦୀ ନିହତ

ମାଲକାନଗିରି, ୨୫।୨
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ର କାଙ୍କେର ଜିଲାରେ ରବିବାର ସୁରକ୍ଷାବାହିନୀ ଯବାନ-ମାଓବାଦୀଙ୍କ ଏନ୍‌କାଉଣ୍ଟରରେ ୩ ମାଓବାଦୀ ନିହତ ହୋଇଥିବା ବେଳେ ଘଟଣାସ୍ଥଳରୁ ଅନେକ ସାମଗ୍ରୀ ଜବତ ହୋଇଛି। ସୂଚନାନୁଯାୟୀ, ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର କୋଇଲିବେଡ଼ା ଜଙ୍ଗଲରେ ମାଓବାଦୀମାନେ ଥିବା ନେଇ ସୁରକ୍ଷାକର୍ମୀଙ୍କୁ ଗୋଇନ୍ଦା ସୂଚନା ମିଳିଥିଲା। ଏ ନେଇ ଡିଆର୍‌ଜି ଓ ବିଏସ୍‌ଏଫ୍ ବାହିନୀ ପକ୍ଷରୁ ମିଳିତ ଭାବେ ଉକ୍ତ ସ୍ଥାନରେ ଚଢ଼ାଉ କରି ତଲାସି ଅଭିଯାନ ଆରମ୍ଭ କରାଯାଇଥିଲା। ଏହି ସମୟରେ ପୂର୍ବରୁ ଜଙ୍ଗଲରେ ଲୁଚି ରହିଥିବା ମାଓବାଦୀମାନେ ଯବାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଯବାନମାନେ ମଧ୍ୟ ତାଙ୍କ ଉପରକୁ ଗୁଳିଚାଳନା କରିଥିଲେ। କିଛି ସମୟ ଉଭୟ ପକ୍ଷରୁ ଗୁଳିଚାଳନା ହେବା ପରେ ମାଓବାଦୀମାନେ ସେଠାରୁ ଛତ୍ରଭଙ୍ଗ ଦେଇ ପଳାଇଥିବା ବେଳେ ଯବାନମାନେ ତଲାସି ବେଳେ ୩ ମାଓବାଦୀଙ୍କ ମୃତଦେହ ଏବଂ ଅନେକ ଅସ୍ତ୍ରଶସ୍ତ୍ର ଜବତ କରିଥିଲେ, ଯେଉଁଥିରେ ଦୁଇଟି ବନ୍ଧୁକ, ବିସ୍ଫୋରକ ସାମଗ୍ରୀ ରହିଥିଲା।

# ବିଜୁବାବୁଙ୍କ ପ୍ରତିମୂର୍ତ୍ତିରୁ ମୁଣ୍ଡ ଅଲଗା କଲେ ଦୁର୍ବୃତ୍ତ

ବିଜେଡି ପକ୍ଷରୁ ଥାନାରେ ଅଭିଯୋଗ

ରଣପୁର,୨୫।୨
(ସୁକାନ୍ତ କିଶୋର ଡାକୁଆ)



ନୟାଗଡ଼ ଜିଲା ରଣପୁର ଏନ୍‌ଏସି ଅନ୍ତର୍ଗତ ମା' ମଣିନାଗ ପୀଠ ନିକଟସ୍ଥ କଲ୍ୟାଣ ମଣ୍ଡପ ପରିସରରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଥିଲା। ଶନିବାର ମଧ୍ୟରାତ୍ରିରେ କେହି ଦୁର୍ବୃତ୍ତ କଟର ମେଶିନ ସାହାଯ୍ୟରେ ପ୍ରତିମୂର୍ତ୍ତିରୁ ମୁଣ୍ଡକୁ କାଟି ଅଲଗା କରି ଦେଇଛନ୍ତି। ଏହା ଜଣାପଡ଼ିବା ପରେ ସ୍ଥାନୀୟ ବିଜେଡିରେ ଚାପା ଉତ୍ତେଜନା ଦେଖାଦେଇଛି। ଏ ନେଇ ରବିବାର ଏନ୍‌ଏସି ଅଧ୍ୟକ୍ଷା ରଙ୍ଗିନୀ ମହାନ୍ତିଙ୍କ ନେତୃତ୍ୱରେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ସମେତ ଦଳର କେତେଜଣ କର୍ମୀ ରଣପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ହେଲେ ଖବର ଲେଖାହେବା ସୁଦ୍ଧା ପୋଲିସ କୌଣସି ଦୁର୍ବୃତ୍ତଙ୍କୁ ଗିରଫ କରିପାରିନାହିଁ। ଏହାକୁ ନେଇ ବିଜେଡିରେ ଅସନ୍ତୋଷ ଦେଖାଦେଇଛି। ୨୦୧୯ ମାର୍ଚ୍ଚରେ ଏହି କଲ୍ୟାଣ ମଣ୍ଡପରେ ରଣପୁରର ପୂର୍ବତନ ବିଧାୟକ ରବିନାରାୟଣ ମହାପାତ୍ର ଓ ରଣପୁରବାସୀ ବିଜୁବାବୁଙ୍କୁ ମନେପକାଇବା ପାଇଁ ତାଙ୍କ ଉଦ୍ଦେଶ୍ୟରେ ବଉଳମାଳିଆ ପଥରରେ ବିଜୁବାବୁଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରିଥିଲେ। ଏହାକୁ ସେତେବେଳେ ପୁରୀ ଏମ୍‌ପି ପିନାକୀ ମିଶ୍ର ଉଦ୍‌ଘାଟନ କରିଥିଲେ। ସୂଚନାଯୋଗ୍ୟ, ମା' ମଣିନାଗ ମନ୍ଦିରରେ କିଛିବର୍ଷ ତଳେ ଚୋରି ହୋଇଥିବାରୁ ଥାନା ପକ୍ଷରୁ ପ୍ରତ୍ୟେକ ରାତ୍ରିରେ ସେଠାରେ ପୋଲିସ ନିୟୋଜିତ ହେଉଛନ୍ତି। କଲ୍ୟାଣ ମଣ୍ଡପଟି ମନ୍ଦିରଠାରୁ ମାତ୍ର ୫୦ ହାତ ଦୂରରେ ଥିବାବେଳେ ଦୁର୍ବୃତ୍ତମାନେ କଟର ମେଶିନ ସାହାଯ୍ୟରେ କାଟିଲା ବେଳେ କିଭଳି ପୋଲିସ ଜାଣିପାରିଲା ନାହିଁ ବୋଲି ପ୍ରଶ୍ନ ଉଠୁଛି। ଏ ସମ୍ପର୍କରେ ରଣପୁର ଆଇଆଇସି ନୀହାର ରଞ୍ଜନ ମହାନ୍ତିଙ୍କୁ ପଚାରିବାରେ ସେ କହିଛନ୍ତି, ୭୪/୨୦୨୪ରେ ଏକ ମାମଲା ରୁଜୁ କରାଯାଇଛି। ମୂର୍ତ୍ତି ଭଙ୍ଗା ଘଟଣାର ତଦନ୍ତ ଚାଲିଛି। ରାତିରେ ମନ୍ଦିର ଜଗୁଥିବା ପୋଲିସ କର୍ମଚାରୀମାନେ ଯିବା ପୂର୍ବରୁ ଦୁର୍ବୃତ୍ତ ମୂର୍ତ୍ତିକୁ ଭାଙ୍ଗି ପଳାଇଯାଇଥିଲେ ବୋଲି ଆଇଆଇସି ମହାନ୍ତି କହିଛନ୍ତି।

# ଏବିଭିପି, ଛାତ୍ର କଂଗ୍ରେସ ପକ୍ଷରୁ ମନ୍ତ୍ରୀଙ୍କ ଇସ୍ତଫା ଦାବି



ଭୁବନେଶ୍ୱର,୨୫।୨(ସୁନିତ୍ ମିଶ୍ର)

ମାଟ୍ରିକ ପରୀକ୍ଷା ଇଂଲିଶ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଶତାଧିକ କର୍ମୀ ପ୍ରତିବାଦ କରିବା ସହ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ଏଜି ଛକ ନିକଟସ୍ଥ ସରକାରୀ ବାସଭବନ ଘେରାଉ କରିବାକୁ ଉଦ୍ୟମ କରିଛନ୍ତି। କେବଳ ଛାତ୍ର କଂଗ୍ରେସ ନୁହେଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ମଧ୍ୟ ଗଣଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଘେରିବାକୁ ଉଦ୍ୟମ କରାଯାଇଛି। ଅନ୍ୟପଟେ ଛାତ୍ର କଂଗ୍ରେସ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ସଙ୍ଗେ ସଙ୍ଗେ ତାଙ୍କ କୁଶପୁତ୍ତଳିକା ମଧ୍ୟ ଦାହ କରିଛି। ଅପରାହ୍ନରେ ୟାସିରଙ୍କ ନେତୃତ୍ୱରେ ଶତାଧିକ ଛାତ୍ର କଂଗ୍ରେସ ନେତା ଏକ ଶୋଭାଯାତ୍ରାରେ କଂଗ୍ରେସ ଭବନରୁ ବାହାରି ପିଏମ୍‌ଜି ଏବଂ ଏଜି ଛକ ହୋଇ ମନ୍ତ୍ରୀଙ୍କ ବାସଭବନ ପାଖରେ ପହଞ୍ଚିଥିଲେ। ସେଠାରେ ପୂର୍ବରୁ ପୋଲିସ ଫୋର୍ସ ମୁତୟନ ଥିଲେ। ମନ୍ତ୍ରୀଙ୍କ ବାସଭବନ ଭିତରକୁ ଛାତ୍ର କଂଗ୍ରେସ ପଶିବାକୁ ଉଦ୍ୟମ କରିବା ବେଳେ ପୋଲିସ ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଛାତ୍ର କଂଗ୍ରେସ କର୍ମୀମାନେ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହାପରେ ପୋଲିସ କିଛି ଛାତ୍ର ନେତାଙ୍କୁ ସେଠାରୁ ଉଠାଇ ନେଇଥିବା ବେଳେ ପରବର୍ତ୍ତୀ ସମୟରେ ସେମାନଙ୍କୁ ଛାଡ଼ି ଦେଇଥିବା ଜଣାପଡ଼ିଛି।

ଏହି ଘଟଣାକୁ ନେଇ ୟାସିର ନୱାଜ କହିଛନ୍ତି ଯେ, ଏ ସରକାରରେ ପରୀକ୍ଷା ପୂର୍ବରୁ ସବୁବେଳେ ପ୍ରଶ୍ନପତ୍ର ପ୍ରଘଟ ହୋଇଯାଉଛି। ଦଶମ ବୋର୍ଡ ପରୀକ୍ଷା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା। ଛାତ୍ରୀଛାତ୍ରମାନେ ବର୍ଷସାରା ପାଠପଢ଼ି ନିଜର କ୍ୟାରିୟର ଗଠନ ପାଇଁ ଯତ୍ନଶୀଳ ହେଉଥିବା ବେଳେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ସାମାଜିକ ଗଣମାଧ୍ୟମରେ ଘୂରିବୁଲିବା ଦୁର୍ଭାଗ୍ୟଜନକ। କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ଏଭଳି ପ୍ରଶ୍ନପତ୍ର ଲିକ୍ ହୋଇଛି। ଏ ସରକାର ଛାତ୍ରୀଛାତ୍ରଙ୍କ କ୍ୟାରିୟର ସହ ଖେଳୁଛି। ଏହି ବିଫଳତା ପାଇଁ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ୟାସିର ଦାବି କରିଛନ୍ତି।

ମାଟ୍ରିକ ପରୀକ୍ଷାପତ୍ର ଲିକ୍ ଘଟଣା

ଏବିଭିପି ରାଜ୍ୟ ସମ୍ପାଦକ ଅଜିତ ପଟ୍ଟନାୟକ ଅଭିଯୋଗ କରିଛନ୍ତି ଯେ, ରାଜ୍ୟରେ ଗତ କିଛିବର୍ଷ ଧରି ବିଭିନ୍ନ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ଓ ମୁଖ୍ୟତଃ ମାଟ୍ରିକ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଘଟଣା ସାମ୍ନାକୁ ଆସୁଛି। ହେଲେ ସରକାର ଏବଂ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ଏହି ଘଟଣାରେ ପାଟି ବି ଖୋଲୁ ନାହାନ୍ତି। ଗତ ୨୩ ତାରିଖରେ ମୟୂରଭଞ୍ଜ ଏବଂ କେଉଁଝର ଜିଲାରେ ମାଟ୍ରିକ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେବା ଆଗରୁ ଇଂଲିଶ ପ୍ରଶ୍ନପତ୍ର ସାମାଜିକ ଗଣମାଧ୍ୟମରେ ଚାରିଆଡ଼େ ବୁଲିଲା। ପରବର୍ତ୍ତୀ ସମୟରେ ପରୀକ୍ଷାରେ ପଡ଼ିଥିବା ପ୍ରଶ୍ନପତ୍ର ସହ ମଧ୍ୟ ତା'ର ସାମଞ୍ଜସ୍ୟ ରହିଲା, ଯାହା ବିଦ୍ୟାର୍ଥୀଙ୍କ ଭବିଷ୍ୟତ ସହ ଖେଳିବା ସହିତ ସମାନ ଏବଂ ଏହା କଦାପି ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି। ଏହାର ପ୍ରତିବାଦରେ ଏବିଭିପି ପକ୍ଷରୁ ଭୁବନେଶ୍ୱର ସ୍ଥିତ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ଘର ଘେରାଉ ଉଦ୍ୟମ କରାଯାଇଛି। ତେବେ ମନ୍ତ୍ରୀଙ୍କ ବାସଭବନ ଘେରିବା ବେଳେ ପୋଲିସ ଏବଂ ଏବିଭିପି କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ଏବିଭିପିର ୧୬ ଜଣଙ୍କୁ ଅଟକ ରଖିଥିବା ବେଳେ ପରବର୍ତ୍ତୀ ସମୟରେ ସେମାନଙ୍କୁ ଛାଡ଼ି ଦେଇଛି।

# ଅଧ୍ୟାପକ ନିଯୁକ୍ତି ପାଇଁ ସ୍ଥାନ ଚୟନ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,୨୫।୨
(ଅସମାପିକା ସାହୁ)

୧ରେ ମାର୍ଗଦର୍ଶନ ଦେବେ ମୁଖ୍ୟମନ୍ତ୍ରୀ

ରାଜ୍ୟରେ ନୂତନ ଭାବେ ୮୫୯ଜଣ ଏସ୍‌ଏସ୍‌ବି ଅଧ୍ୟାପକ ଭାବେ ନିଯୁକ୍ତି ପାଇବେ। ରାଜ୍ୟ ପ୍ରବରଣ ମଣ୍ଡଳୀ(ଏସ୍‌ଏସ୍‌ବି) ପକ୍ଷରୁ ଅନୁଦାନପ୍ରାପ୍ତ ବେସରକାରୀ କଲେଜରେ ଏହି ନିଯୁକ୍ତି ପାଇଁ ରବିବାରଠାରୁ ସ୍ଥାନ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ଅଫ୍‌ଲାଇନ୍‌ରେ ଭୁବନେଶ୍ୱର ଆଚାର୍ଯ୍ୟ ବିହାରସ୍ଥିତ ପୁସ୍ତକ ଭବନଠାରେ ଅନୁଷ୍ଠିତ ହେଉଛି। ଦିନକୁ ଦୁଇଟି ପର୍ଯ୍ୟାୟରେ ଏହି ପ୍ରକ୍ରିୟା କରାଯାଉଛି। ନିଯୁକ୍ତି ପାଇଁ ଚୟନ ହୋଇଥିବା ପ୍ରାର୍ଥୀମାନେ ୨୮ତାରିଖ ମଧ୍ୟରେ ନିଜ ପସନ୍ଦର ସ୍ଥାନ ଚୟନ କରିବେ। ଆସନ୍ତା ୧ ତାରିଖରେ ଏହି ନିଯୁକ୍ତି ଦିଆଯିବ। ଲୋକସେବା ଭବନ କନ୍‌ଭେନଶନ ହଲ ଓ ରବୀନ୍ଦ୍ର ମଣ୍ଡପରେ ଏକକାଳୀନ ନିଯୁକ୍ତି ପର୍ବ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ନବ ନିଯୁକ୍ତ ଅଧ୍ୟାପକଙ୍କୁ ମାର୍ଗଦର୍ଶନ ଦେବାର କାର୍ଯ୍ୟକ୍ରମ ରହିଛି। ସକାଳ ୯ଟାରେ ସମସ୍ତ ସଦସ୍ୟଙ୍କୁ ଉପସ୍ଥିତ ରହିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅବଗତ କରାଯାଇଛି। ତେବେ ପଦାର୍ଥ ବିଜ୍ଞାନ ବିଭାଗର ମାମଲା କୋର୍ଟରେ ବିଚାରାଧୀନ ଥିବାରୁ ଏହାକୁ ନିଯୁକ୍ତି ପର୍ବରୁ ବାଦ୍ ଦିଆଯାଇଛି। ଇଂଲିଶ, ରାଜନୀତି ବିଜ୍ଞାନ, ଅର୍ଥଶାସ୍ତ୍ର, ରସାୟନ ବିଜ୍ଞାନ, ଇତିହାସ, ବାଣିଜ୍ୟ ଓ ଶିକ୍ଷା ବର୍ଗର ପ୍ରାର୍ଥୀ ରବୀନ୍ଦ୍ର ମଣ୍ଡପ ଏବଂ ଅବଶିଷ୍ଟ ବର୍ଗର ପ୍ରାର୍ଥୀ ଲୋକସେବା ଭବନରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ଟ୍ରକ୍-କାର୍ ଧକ୍କା, ୨ ମୃତ

ବାଲେଶ୍ୱର,୨୫।୨(ମାନସ ବିଶ୍ୱାଳ)

ବାଲେଶ୍ୱର ସଦର ଥାନା ଅଧୀନ କୁରୁଡ଼ା ଓଭରବ୍ରିଜ୍‌ରେ ରବିବାର ଅପରାହ୍ନରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଦ୍ରୁତଗତିରେ ଆସୁଥିବା ଏକ କାର୍ ଭାରସାମ୍ୟ ହରାଇ ଟ୍ରକ୍‌କୁ ଧକ୍କା ଦେବାରୁ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଔପଦା ଅଞ୍ଚଳର ବିଦ୍ୟାଧର ପଣ୍ଡାଙ୍କ ପୁଅ ଶ୍ରୀକାନ୍ତ ଏବଂ ନୀଳଗିରି ଥାନା ଅଧୀନ ବାଙ୍କିପଦା ଅଞ୍ଚଳର ଶମ୍ଭୁନାଥ ରାଜଙ୍କ ପୁଅ ମାୟାଧର। ଉଭୟ ସୋର ସହରରେ ରହୁଥିଲେ। ସଦର ଥାନା ଅଧିକାରୀ ଦୟାନିଧି ଦାସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍ ଓ ଟ୍ରକ୍‌କୁ ଜବତ କରିବା ସହ ତଦନ୍ତ ଜାରି ରଖିଛନ୍ତି।

ସୂଚନା ଅନୁଯାୟୀ, ମୃତ ମାୟାଧର ଏବଂ ଶ୍ରୀକାନ୍ତ ଓଡ଼ି୦୧ଏକ୍ସ- ୦୨୪୧ନମ୍ବର ବିଶିଷ୍ଟ ଏକ କାର୍ ଯୋଗେ ବାଲେଶ୍ୱର ଆସୁଥିଲେ। କୁରୁଡ଼ା ଓଭର ବ୍ରିଜ୍ ନିକଟରେ ଏକ ଡାଇଭର୍ସନକୁ ଅତିକ୍ରମ କରି ଆଗକୁ ଯାଉଥିଲା ବେଳେ କୋଲକାତା ପଟୁ ସୋର ଅଭିମୁଖେ ଯାଉଥିବା ଓଡ଼ି୦୨ସିଜେ-୨୫୧୬ନମ୍ବର ବିଶିଷ୍ଟ ଏକ ଟ୍ରକ୍ ସହ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ କାର୍‌ରେ ଥିବା ମାୟାଧର ଏବଂ ଶ୍ରୀକାନ୍ତଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ ମଧ୍ୟ ସେଠାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ସଦର ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଓଡ଼ିଶା ଦମ୍ପତିଙ୍କ 'ଗୋଟ୍ ବ୍ୟାଙ୍କ' ଉପକ୍ରମକୁ ପ୍ରଶଂସା

ନୂଆଦିଲ୍ଲୀ,୨୫।୨

ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍



'ଗୋଟ ବ୍ୟାଙ୍କ' ଉପକ୍ରମ ମାଧ୍ୟମରେ ଗୋଷ୍ଠୀ ସ୍ତରରେ ଛେଳି ପାଳନ ବଢ଼ାଇବା ସହ ପ୍ରାଣୀପାଳନ କ୍ଷେତ୍ରରେ ଗ୍ରାମବାସୀଙ୍କୁ ସ୍ୱାବଲମ୍ବୀ ହେବାରେ ସହାୟତା କରିଥିବା ଓଡ଼ିଶାର ଏକ ଦମ୍ପତିଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଚ୍ଚ ପ୍ରଶଂସା କରିଛନ୍ତି। ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କୀ ବାତ୍‌ରେ ପ୍ରଧାନମନ୍ତ୍ରୀ କହିଥିଲେ, ପଶୁପାଳନ କଥା କହିଲେ, ଲୋକେ ସାଧାରଣତଃ ଗାଈ ଏବଂ ମଇଁଷିରେ ସୀମିତ ରହିଥାନ୍ତି। କିନ୍ତୁ ଛେଳି ସମ୍ପର୍କରେ ଆଲୋଚନା କରି ନ ଥାନ୍ତି। ଦେଶର ବିଭିନ୍ନ ଭାଗରେ ଲୋକେ ଛେଳି ପାଳୁଥିବାବେଳେ ଓଡ଼ିଶାର କଳାହାଣ୍ଡି ଜିଲା ଅନ୍ତର୍ଗତ ଏକ ଗ୍ରାମରେ ଏହା ଲୋକଙ୍କ ରୋଜଗାର ବଢ଼ାଇବାରେ ଏକ ବଡ଼ ମାଧ୍ୟମ ପାଲଟିଛି। ବେଙ୍ଗାଲୁରୁରେ ମ୍ୟାନେଜ୍‌ମେଣ୍ଟ ବୃତ୍ତିରେ ନିୟୋଜିତ ଥିବା ଜୟନ୍ତୀ ମହାପାତ୍ର ଓ ତାଙ୍କ ସ୍ୱାମୀ ବୀରେନ୍ ସାହୁ ଉକ୍ତ କାର୍ଯ୍ୟରୁ ବିରତି ନେଇ କଳାହାଣ୍ଡିର ସାଲେଭଟା ଗ୍ରାମକୁ ଆସି ଗ୍ରାମାଞ୍ଚଳ ଲୋକଙ୍କ ସମସ୍ୟା ସମାଧାନ ଲାଗି କିଛି କରିବାକୁ ଚାହିଁଥିଲେ। ସେମାନେ ମନିକାସ୍ତୁ ଆଗ୍ରା ନାମରେ ସଂସ୍ଥା ସ୍ଥାପନ କରି ଚାଷୀଙ୍କ ସହ କାମ କରିବାକୁ ଲାଗିଲେ। ଏଥିସହିତ ସେମାନେ ମଣିକାସ୍ତୁ ଗୋଟ୍ ବ୍ୟାଙ୍କ ପ୍ରତିଷ୍ଠା କରି ଗୋଷ୍ଠୀ ସ୍ତରରେ ଛେଳିପାଳନକୁ ପ୍ରୋତ୍ସାହିତ କଲେ। ଏଥିରେ ଚାଷୀଙ୍କୁ ୨ଟି ଛେଳି ଦିଆଯାଉଥିବାବେଳେ ସେମାନେ ୨ ବର୍ଷରେ ୯ରୁ ୧୦ଟି ଛୁଆ ଜନ୍ମ କରୁଥିଲେ। ସେଥିରୁ ୬ଟି ଛୁଆଙ୍କୁ ବ୍ୟାଙ୍କ ପାଖରେ ରଖୁଥିଲା। ଅନ୍ୟ ୩ କିମ୍ବା ୪ଟିକୁ ସମ୍ପୃକ୍ତ ଚାଷୀଙ୍କୁ ଦିଆଯାଉଥିଲା। ଏଥିସହିତ ଆବଶ୍ୟକ ଚିକିତ୍ସା ସୁବିଧା ମଧ୍ୟ ଯୋଗାଯାଉଥିଲା। ଏବେ ୫୦ଟି ଗାଁରୁ ୧,୦୦୦ରୁ ଊର୍ଦ୍ଧ୍ୱ ଚାଷୀ ଛେଳିପାଳନକୁ ପେସା କରି ଆତ୍ମନିର୍ଭରଶୀଳ ହୋଇପାରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଆଗକୁ ଲୋକ ସଭା ନିର୍ବାଚନ ଥିବାରୁ ଯୁବ ଭୋଟରମାନେ ଦେଶ ପାଇଁ ଭୋଟ ଦେବାକୁ ମୋଦି ମନ୍ କୀ ବାତ୍ କାର୍ଯ୍ୟକ୍ରମ ଜରିଆରେ ପରାମର୍ଶ ଦେଇଛନ୍ତି। ନୂଆ ଭୋଟରମାନେ ରେକର୍ଡ ସଂଖ୍ୟାରେ ମତଦାନ କରିବାକୁ ସେ କହିଛନ୍ତି। ନିର୍ବାଚନ ଥିବାରୁ ଆଗାମୀ ୩ ମାସ ପର୍ଯ୍ୟନ୍ତ ମନ୍ କୀ ବାତ୍ କାର୍ଯ୍ୟକ୍ରମ ପ୍ରସାରଣ କରାଯିବ ନାହିଁ ବୋଲି ସେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବଲାଙ୍ଗୀର ନାଗରିକ କମିଟି କର୍ମକର୍ତ୍ତା ନିର୍ବାଚନ

**ଶ୍ରୀକର ସଭାପତି, ମଧୁସୂଦନ ସମ୍ପାଦକ**

ବଲାଙ୍ଗୀର,୨୫।୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ନାଗରିକ କମିଟିର ନୂତନ କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଥିଲା। ୨୦୨୪-୨୫ ବର୍ଷ ପାଇଁ ଆୟୋଜିତ ଏଇ ନିର୍ବାଚନରେ ଡ. ଶ୍ରୀକର ମିଶ୍ର ନିର୍ଦ୍ୱନ୍ଦ୍ୱରେ ସଭାପତି ନିର୍ବାଚିତ ହୋଇଥିଲେ। ସମ୍ପାଦକ ପଦ ପାଇଁ କିଶୋର ମିଶ୍ର ଓ ମଧୁସୂଦନ ନାୟକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ମଧୁସୂଦନ ନାୟକ ୧୩୬ଖଣ୍ଡ ଭୋଟ ପାଇ ସମ୍ପାଦକ ନିର୍ବାଚିତ ହୋଇଛନ୍ତି । ସଂଘର ଉପସଭାପତି ଭାବେ ନିତ୍ୟାନନ୍ଦ ମିଶ୍ର, ଯୁଗ୍ମ ସମ୍ପାଦକ ସୁନୀଲ ବିଶ୍ୱାଳ ଓ କୋଷାଧ୍ୟକ୍ଷ ଭାବେ ଗଜେନ୍ଦ୍ର ତ୍ରିଭୁବନ ଭ୍ରମର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଂଘର ୧୧ ଜଣିଆ କାର୍ଯ୍ୟକାରୀ କମିଟିକୁ ଶରତ ମହାକୁର, ପ୍ରଦୀପ ସାହୁ, ରିତୁରାଜ ସିଂ, ତରୁଣ କୁମାର ମିଶ୍ର, ପ୍ରମୋଦ କୁମାର ମିଶ୍ର, ଗୋପବନ୍ଧୁ ପୁରୋହିତ, ବିନୋଦ ବିହାରୀ ପାଣିଗ୍ରହୀ, ବିନୟ କୁମାର ମିଶ୍ର, ଧର୍ମବ୍ରତ ରଥ, ଗୌରଚନ୍ଦ୍ର ପୁରୋହିତ, ନରେନ୍ଦ୍ର ଆଚାର୍ଯ୍ୟ ନିର୍ବାଚିତ ହୋଇଛନ୍ତି । ଶରତ ମହାକୁର ନିର୍ବାଚନ ଚାମ୍ପିୟନ ହୋଇଛନ୍ତି। ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ଏହି ନିର୍ବାଚନରେ ନିର୍ବାଚନ ଅଧିକାରୀଭାବେ ଅଶୋକ କୁମାର ମିଶ୍ର ଦାୟିତ୍ୱ ତୁଲାଇଥିଲେ। ନିର୍ବାଚନ ପରିଚାଳନାରେ ଗୋବିନ୍ଦ ମିଶ୍ର, ପ୍ରଭାକର ମିଶ୍ର, ନରେନ୍ଦ୍ର କବାଟ, ମନୋରଞ୍ଜନ ସାହୁ ସହଯୋଗ କରିଥିଲେ।

### ସୂର୍ଯ୍ୟପୂଜା, ମଣ୍ଡାଦି ପୂଜା, ମହାସ୍ନାନ

ଲାଞ୍ଜିଗଡ଼,୨୫।୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ର ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ରବିବାର ସକାଳେ ସୂର୍ଯ୍ୟପୂଜା, ମଣ୍ଡାଦି ଦେବତା ପୂଜାସହିତ ମଧ୍ୟାହ୍ନ ୧ଟାରେ ମହାସ୍ନାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠା ଉତ୍ସବରେ କର୍ତ୍ତା ଭାବେ ଲାଞ୍ଜିଗଡ ରାଜା ସୁରେନ୍ଦ୍ର ପ୍ରତାପ ସିଂଦେଓ ଓ ଗୌରୀସ୍ୱପ୍ନା ସିଂଦେଓ, ବେଦାନ୍ତ ଡେପୁଟି ସିଇଓ ଗୋବିନ୍ଦ ଗୋପାଲ ପାଲ ଓ ଶୁଭେସ୍ମା ପାଲ, ଚନ୍ଦ୍ରଧ୍ୱଜ ପେଶନିଆ ଓ ଶାନ୍ତିଲତା ପେଶନିଆ, ଶରତଚନ୍ଦ୍ର ସିଂ ଓ ସବିତା ସିଂ, ସୁବାସ ଚନ୍ଦ୍ର ଅଗ୍ରୱାଲ ଓ ପିଙ୍କିବାଇ ଅଗ୍ରୱାଲ ଏବଂ ଶ୍ରୀକାନ୍ତ ବହିଦାର ଓ ସୁସ୍ମିତା ବହିଦାର କାର୍ଯ୍ୟ ସମ୍ପାଦନ କରୁଛନ୍ତି। ମୁଖ୍ୟ ପୁରୋହିତ ଭାବେ ଅନନ୍ତ ଚରଣ ରଥ କାର୍ଯ୍ୟକ୍ରମ କରୁଥିବା ବେଳେ ପୂଜକ ଭାବେ ବିଶନାଥ ମିଶ୍ର, ପ୍ରକାଶ ରଥ, ଜଗନ୍ନାଥ ମହାପାତ୍ର, ସୁନୀଲ କୁମାର ମିଶ୍ର, ସନ୍ତୋଷ ମହାପାତ୍ର, ଜ୍ଞାନ ରଞ୍ଜନ ରଥ, ବିରଞ୍ଚି ନାରାୟଣ ରଥ, ସନ୍ତୋଷ ପାଣିଗ୍ରାହୀ, ସନ୍ତୋଷ ସାମନ୍ତରାୟ, ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ, ବଦ୍ରି ନାରାୟଣ ମିଶ୍ର, ନିକୁଞ୍ଜ ଶତପଥୀ, ଦାମୋଦର ରଥ, ଦୁର୍ଗା ପ୍ରସାଦ ରଥ, ସୁଦାମ ରଥ ପ୍ରମୁଖ ପୂଜା କାର୍ଯ୍ୟ କରିଥିଲେ। କାର୍ଯ୍ୟକ୍ରମରେ କଳାହାଣ୍ଡି ମହାରାଜା ଭାରତ ଭୂଷଣଦେଓ, ପୁରୀ ମୁକ୍ତିମଣ୍ଡପ ସଭାପତି ପଣ୍ଡିତ ବିଶ୍ୱନାଥ ମିଶ୍ର, ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ, କଳାହାଣ୍ଡି ଜିଲା ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶିବାଜୀ ମାଝି, ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝି, ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ ପ୍ରମୁଖ ଯୋଗଦେଇଥିଲେ।

# କୋଶଲୀ ନାଟବାଦୀ-ନାଟ୍ୟଯାତ୍ରା ଉଦ୍‌ଘାଟିତ



ନାଟକ କେଡାର ଏକ ଦୃଶ୍ୟ।



ଉଦ୍‌ଘାଟନୀ ଅବସରରେ ଅତିଥିମାନେ ପ୍ରତିଭାଧରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ବଲାଙ୍ଗୀର,୨୫।୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ସଦାଇପାଲି ରାମଜୀ ଯୁବକ ସଂଘ ପକ୍ଷରୁ ପଲ୍ଲୀଶ୍ରୀ ବିହାରସ୍ଥିତ ରାଧାକୃଷ୍ଣ ନାଟ୍ୟ ମଣ୍ଡପରେ ସାଇଟ୍ ପ୍ରତିଷ୍ଠାତା ଡ. ଶ୍ରୀକର ମିଶ୍ର ଓ ତାଙ୍କ ସହଧର୍ମିଣୀ ସାମାଜିକ କର୍ମୀ ସୁଲୋଚନା ମିଶ୍ରଙ୍କ ଦ୍ୱାରା ରବିବାର ରାଜ୍ୟସ୍ତରୀୟ କୋଶଲୀ ନାଟବାଦୀ-ନାଟ୍ୟଯାତ୍ରା ଉଦ୍‌ଘାଟିତ ହୋଇଛି। ଉତ୍ସବ ସଙ୍ଗଠକ ହରିନାରାୟଣ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୁବନେତା ସମରେନ୍ଦ୍ର ମିଶ୍ର, ସମ୍ମାନୀତ ଅତିଥିଭାବେ ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର ଏବଂ ନାଟବାଦୀ-ନାଟଯାତ୍ରା ଉପଦେଷ୍ଟା ଅଚ୍ୟୁତାନନ୍ଦ ମେହେର, ନିର୍ଦ୍ଦେଶକ ପ୍ରଶାନ୍ତ ଖମାରୀ ଓ ସମ୍ପାଦକ ଡ. ନାରାୟଣ ପ୍ରସାଦ ମିଶ୍ର ମଞ୍ଚାସୀନ ଥିଲେ। ବରଗଡ ଜିଲାର ସ୍ୱର୍ଗତ ହରିହର ମିଶ୍ରଙ୍କ ସ୍ମୃତିରେ ଚଳିତବର୍ଷର ନାଟବାଦୀ ଉତ୍ସର୍ଗ କରାଯାଇ ତାଙ୍କ ସହଧର୍ମିଣୀ କୁନ୍ତଳା ମିଶ୍ରଙ୍କୁ ସମର୍ପଣ ପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ପଦ୍ମପୁରର ବିଶିଷ୍ଟ ନାଟ୍ୟକାର ଅଶୋକ କୁମାର ବହିଦାରଙ୍କୁ କୋଶଲ ଗୌରବ ନାଟ୍ୟ ସମ୍ମାନ ଓ ବଲାଙ୍ଗୀରର ନିମାଇଁ ଚରଣ ପାଣିଗ୍ରାହୀଙ୍କୁ ଭାଷା ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୫ଦିନରେ ୭ଟି କୋଶଲୀ ନାଟକ ଓ ୪ଟି ଗୀତିନାଟ୍ୟ ରାମଲୀଳାରୁ ମଞ୍ଚସ୍ଥ ହେବ ବୋଲି ରାମଜୀ ଯୁବକ ସଂଘ ସଭାପତି ଡା. ପ୍ରମୋଦ କୁମାର ମିଶ୍ର ସୂଚନା ଦେଇଛନ୍ତି।

ରବିବାର ସନ୍ଧ୍ୟାରେ ପ୍ରଥମ ନାଟକ ସତ୍ୟରଞ୍ଜନ ବେହେରାଙ୍କ ନିର୍ଦ୍ଦେଶିତ କେଡା ସମ୍ବଲପୁର ଶ୍ରୀକଲଚରାଲ ଆସୋସିଏଶନ କଳାକାରମାନେ ପରିବେଷଣ କରିଥିଲେ। ସମାଜରେ ବିକଳାଙ୍ଗମାନଙ୍କ ସମସ୍ୟା ସମାଧାନ କରିବା ଚିନ୍ତାଧାରା ନେଇ ନାଟକଟି ସୁନ୍ଦର ଭାବରେ ଉପସ୍ଥାପନା ହୋଇଥିଲା। ଦ୍ୱିତୀୟ ନାଟକ ଦେଓଗାଁ ବ୍ଲକ କୁନ୍ଦେଇମାଲ ଶ୍ରୀଦୁର୍ଗା ଗଣନାଟ୍ୟର ରାମଲୀଳା କଳାକାରମାନେ ନୃପରାଜ ବିଶ୍ୱାଳଙ୍କ ନିର୍ଦ୍ଦେଶନାରେ ରାମ ବନବାସ ଗୀତିନାଟ୍ୟ ପରିବେଷଣ କରିଥିଲେ। ରାମଜୀ ଯୁବକ ସଂଘ ବରିଷ୍ଠ ସଦସ୍ୟ ରମେଶ ନାଏକ, ବିରଞ୍ଚି ସାଏ, ସନ୍ତୋଷ ବ୍ରହ୍ମା, ପ୍ରଫୁଲ୍ଲ ମିଶ୍ର, ଅଶୋକ ପଧାନ, ଦେବାଶିଷ ପଟ୍ଟନାୟକ, ଜୟନ୍ତ ପଟେଲ, ଆଦିତ୍ୟ ପଟ୍ଟନାୟକ ତଥା ଲୋକନାଥ ସିଂ ସହଯୋଗ କରିଥିଲେ।

# ଚୂଡ଼ା ମିଲ୍ ବେଲ୍ଟରେ କଟି ମହିଳା ମୃତ

ନୂଆପଡ଼ା/ସିନାପାଲି,୨୫।୨ (ମକାରୁ ବେମାଲ/ମନଫୁଲ ମେହେର)

**କ୍ଷତି ପୂରଣ ଦାବିରେ ରାସ୍ତା ଅବରୋଧ**

ନୂଆପଡା ଜିଲା ସିନାପାଲି ଥାନା ଟିମନପୁର ଚୂଡା ମିଲରେ ରବିବାର ଏକ ଅଘଟଣ ଘଟିଛି। ଚୁଡା ମିଲରେ କଟି ମହିଳାଙ୍କ ମୁଣ୍ଡ ଗଣ୍ଡି ଅଲଗା ହୋଇ ତାଙ୍କର ମୃତ୍ୟୁ ଘଟିଛି। ମହିଳା ଜଣକ ହେଲେ ଟିମନପୁର ନିକଟସ୍ଥ ହିରାପୁର ଗାଁର ତୁଲସା ବନ୍ଦିଛୋର (୩୨। ପ୍ରାପ୍ତ ସୂଚନାନୁସାରେ ଏହି ସପ୍ତାହରେ ତୁଲସାଙ୍କ ପୁତୁରାଙ୍କ ବାହା ଘର ରହିଥିଲା। ଏଥିପାଇଁ ଚୂଡା କୁଟାଇ ମୁଢି (ଲିଆ) ଭାଜି ଆଣିବା ପାଇଁ କାକି ଓ ପୁତରା ପ୍ୟାରିଲାଲ ବନ୍ଦିଛୋରଙ୍କ ସହ ୨ଜଣ ଟିମନପୁର ତିୱାରୀ ଚୂଡା ମିଲକୁ ଚୂଡା ଓ ମୁଢି ଭାଜିବା ପାଇଁ ଧାନ ଆଣି ଆସିଥିଲେ। ମୁଢି ତିଆରି କରିବା ପାଇଁ ଚାଉଳ ପ୍ରସ୍ତୁତ କରୁଥିବା ସମୟରେ ଅସାବଧାନତା ବଶତଃ ମିଲର ବେଲ୍ଟ ମହଳାଙ୍କ ଶାଢିରେ ଲାଗି ଯାଇଥିଲା। କ୍ଷଣକ ଭିତରେ ବେଲ୍ଟ ମହିଳାଙ୍କ ଶାଢିକୁ ଟାଣି ନେଇ ଯାଇଥିଲା। ଫଳରେ ମହିଳାଙ୍କ ଗଣ୍ଡିରୁ ମୁଣ୍ଡ ଅଲଗା ହୋଇ ଯାଇ ଜୀବନ ଚାଲିଯାଇଥିଲା। ଘଟଣା ପରେ ସିନାପାଲି ପୋଲିସ ଓ ପରିବାର ଲୋକଙ୍କୁ ସାଙ୍ଗେ ସାଙ୍ଗେ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ଉତ୍ତ୍ୟକ୍ତ ଲୋକେ କ୍ଷତି ପୂରଣ ଦାବିରେ ବିଜୁ ଏକ୍ସପ୍ରେସ ଫୋର ୱେ ଅବରୋଧ କରିଥିଲେ। ସିନାପାଲି ପୋଲିସ ଅବରୋଧକାରୀଙ୍କୁ ବୁଝାଶୁଝା କରିଥିଲେ। ମିଲ ମାଲିକଙ୍କ ସହ କ୍ଷତି ପୂରଣ ପାଇଁ ଆଲୋଚନା ପରେ ଲୋକେ ରାସ୍ତାରୁ ହଟିଥିଲେ। ଚୂଡା ମିଲ ମାଲିକ ରମେଶ ତିୱାରୀ କ୍ଷତି ପୁରଣ ବାବଦକୁ ୨ ଲକ୍ଷ ୫୦ ହଜାର ଦେବାକୁ ଚୁକ୍ତି କରିବା ସହ ନଗଦ ୧ ଲକ୍ଷ ଟଙ୍କା ପରିବାର ଲୋକଙ୍କୁ ଅଗ୍ରୀମ ଆକାରେ ଦେଇଥିବା ଜଣାପଡିଛି। ସେହିପରି ପ୍ରଶାସନ ପକ୍ଷରୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଦିଆଯାଇଛି।



କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ।

# ଜିଲାସ୍ତରୀୟ ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ

ଭବାନୀପାଟଣା,୨୫।୨(ଉତ୍ତମ କୁମାର ଦାଶ)

ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ପକ୍ଷରୁ ରବିବାର ଭବାନୀପାଟଣା ଟାଉନ ହଲଠାରେ ଜିଲାସ୍ତରୀୟ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଅଧିକାରୀ ପ୍ରସନ୍ନ ମେହେରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ୬୪ ବାଟାଲିଅନ ସିଆରପିଏଫ କମାନଣ୍ଡେଣ୍ଟ ପଙ୍କଜ ଚୌଧୁରୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବିଶ୍ୱଜିତ୍ ଦାସ, ଜିଲା କ୍ରୀଡା ଅଧିକାରୀ ରମେଶ କୁମାର ପାଢ଼ୀ, ମା' ମାଣିକେଶରୀ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ କୈଳାଶ ଚନ୍ଦ୍ର ଦାସ, ଇଂଲିଶ ବିଭାଗ ମୁଖ୍ୟ ମେଜର ଡକ୍ଟର ଜୟଦେବ ସାହୁ, ଜିଲା କାର୍ଯ୍ୟକ୍ରମ ଅଧିକାରୀ ଏନ.ଏସ.ଏସ ପ୍ରତାପଚନ୍ଦ୍ର ଦାସ, କଳାହାଣ୍ଡି ସରକାରୀ ଇଞ୍ଜିନିଅରିଂ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ଡ. ଏସ. ପ୍ରିୟା, ଅବସରପ୍ରାପ୍ତ ଆଇପିଇ ମହେନ୍ଦ୍ର କୁମାର ପଣ୍ଡା, ରବି କାନୁନଗୋ, ଅଂଶୁମାନ ବାବୁ, ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡିର ଲେଖାପାଳ ଦୂତିଆ ବନଛୋର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ଅନେକ ଯୁବକଯୁବତୀ, ଛାତ୍ରୀଛାତ୍ର ଓ ନିମନ୍ତ୍ରିତ ଅତିଥିମାନେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମା' ମାଣିକେଶରୀ ବିଶ ବିଦ୍ୟାଳୟ ଇଂଲିଶ ବିଭାଗ ମୁଖ୍ୟ ଡ. ମେଜର ଜୟଦେବ ସାହୁ ନ୍ୟୁ ଇଣ୍ଡିଆ ନ୍ୟୁ ଇନିସିଏଟିଭ ପ୍ରଥମ ଅଧିବେଶନ ନେଇଥିଲେ ଏବଂ ଦ୍ୱିତୀୟରେ କୈଳାସ ଚନ୍ଦ୍ର ଦାସଙ୍କ ଦ୍ୱାରା ଲୋକାଲ ଫର ଭୋକାଲ ଅଧିବେଶନ ନେଇଥିଲେ। ୨ୟ ଅଧିବେଶନରେ ମକ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷ, ପ୍ରକୃତି ବନ୍ଧୁ ସମ୍ମାନ ପ୍ରାପ୍ତ ସ୍ୱେଚ୍ଛାସେବୀଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ରେଣ୍ଡୋ ମାଝି ସଂସ୍କୃତିକ ଅନୁଷ୍ଠାନ ଉର୍ଲାଦାନୀ ଓ ଆଦିଶକ୍ତି ସାଂସ୍କୃତିକ ଅନୁଷ୍ଠାନ ମାଟିଆ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଞ୍ଚ ବିନୟ କୁମାର ନାୟକ ପରିଚାଳନା କରିଥିବାବେଳେ ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡି ଲେଖାପାଳ ଦୁତିଆ ବନଛୋର୍ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲାର ବିଭିନ୍ନ ବ୍ଲକରୁ କ୍ଲବ ସଦସ୍ୟାସଦସ୍ୟ, ମହିଳା ମଣ୍ଡଳ, ସ୍କୁଲ, କଲେଜ, କଳାହାଣ୍ଡି ୟୁନିଭର୍ସିଟି, ଏନସିସି ଓ ଏନଏସଏସ୍ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ସଦସ୍ୟମାନେ ଯୋଗଦେଇଥିଲେ।




ଅନୁଷ୍ଠିତ ଯୁବ ସଂସଦ କାର୍ଯ୍ୟକ୍ରମରେ ଅତିଥି।

# ବନାଗ୍ନି ପ୍ରତିରୋଧ ସଚେତନତା ସଭା

ଦେଓଗାଁ,୨୫।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡିଶା ସରକାରଙ୍କ ଆନୁକୂଲ୍ୟରେ ବନାଗ୍ନି ପ୍ରତିରୋଧ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ରେଞ୍ଜ ଅଧିକାରୀ ଯୁଧିଷ୍ଠିର ଜାଲଙ୍କ ସଭାପତିତ୍ୱରେ ଆନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ରେଞ୍ଜର ଆର.ଏନ ପାଢୀ ଯୋଗଦେଇ ଜଙ୍ଗଲରେ ଲାଗୁଥିବା ନିଆଁକୁ କିପରି ଆୟତ୍ତ କରାଯିବ ଓ ଗ୍ରାମାଞ୍ଚଳରେ ଲୋକେ କେମିତି ଜଙ୍ଗଲର ସୁରକ୍ଷା ଦିଗରେ ସଚେତନ ହୋଇପାରିବେ ସେ ଉପରେ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥିଭାବେ ବିଡିଓ କ୍ଷମାନିଧି ଭୋଇ, ସମିତି ସଭ୍ୟା ମିନା କୁମାରୀ ସା ଯୋଗଦେଇ ଜଙ୍ଗଲର ସୁରକ୍ଷା ସମସ୍ତଙ୍କ ନୈତିକ ଦାୟିତ୍ୱ। ଜଙ୍ଗଲ କ୍ଷୟ ହେଲେ ଆଗକୁ ବିପର୍ଯ୍ୟୟ ସୃଷ୍ଟି ନିଶ୍ଚିତ ବୋଲି ବୋଲି କହିଥିଲେ । ଦେଓଗାଁ ରେଞ୍ଜ ଅନ୍ତର୍ଗତ ବିଟ୍ ମାନଙ୍କରେ କର୍ମଚାରୀ ଅଭାବ ହେତୁ ଜଙ୍ଗଲରେ ଲାଗୁଥିବା ନିଆଁକୁ ସଠିକ ମାତ୍ରାରେ ଆୟତ୍ତ କରିବା ସମ୍ଭବପର ହେଉ ନ ଥିବା କିଛି କର୍ମଚାରୀ ଅଭିଯୋଗ ଉଠାଇଥିଲେ। ଏନେଇ ଗାଁ ମାନଙ୍କରେ ଗଠିତ ହୋଇଥିବା ଜଙ୍ଗଲ ସୁରକ୍ଷା ସମିତି ଓ ସଚେତନ ନାଗରିକମାନେ ଦୃଷ୍ଟି ଦେଲେ ଜଙ୍ଗଲ ସୁରକ୍ଷାର ପରିଚାଳନା ଠିକ୍ ରୂପେ ହୋଇପାରନ୍ତା ବୋଲି ସଭାରେ ମତପ୍ରକାଶ ପାଇଥିଲା । ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବାବେଳେ ପ୍ରତ୍ୟେକ ଗାଁର ଲୋକଙ୍କ ପାଖକୁ ଯାଇ ଜନ ସଚେତନତା ସୃଷ୍ଟି କରିବାର ଆବଶ୍ୟକ ରହିଛି ବୋଲି ସମସ୍ତେ ଗୁରୁତ୍ୱରୋପ କରିଥିଲେ । କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ତାଣ୍ଡି, ହାତୀସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର ସମେତ ଫରେଷ୍ଟର, ବନ କର୍ମଚାରୀ ଓ ପାରାଷ୍ଟାଫ ଉପସ୍ଥିତ ଥିଲେ।

# ବିଜେଡିର ଶଙ୍ଖ ଜନସମ୍ପର୍କ ସମାବେଶ

କଣ୍ଟାବାଞ୍ଜି, ୨୫।୨( ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିରେ ରବିବାର ବିଜେଡିର ଶଙ୍ଖ ଜନ ସମ୍ପର୍କ ସମାବେଶ ସ୍ଥାନୀୟ ଜି.ଆର.ପ୍ୟାଲେସରେ ଅନୁଷ୍ଠିତ ହୋଇଯାଇଛି । ଜିଲା ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିରୂପମା ମାଝି ଏବଂ ଚାଉଲସୁଖା ସମିତିସଭ୍ୟ ଗିରିରାଜ ମାଝିଙ୍କ ନେତୃତ୍ୱରେ ଅନୁଷ୍ଠିତ ସମାବେଶରେ ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ ବ୍ଲକ ସହିତ କଣ୍ଟାବାଞ୍ଜି ସହରାଞ୍ଚଳର ହଜାର ହଜାର ବିଜେଡି କର୍ମୀ ସାମିଲ ହୋଇଥିଲେ। ଅନୁଷ୍ଠିତ ସମାବେଶରେ ଗିରିରାଜ ମାଝି ଅଧକ୍ଷତା କରିଥିଲେ। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ବିଜେଡି ପର୍ଯ୍ୟବେକ୍ଷକ ରାଜୁ ଘିଭେଲା, ପୂର୍ବତନ ମୁରିବାହାଲ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନ, ଜିଲା ପରିଷଦ ଉପାଧ୍ୟକ୍ଷା ମିଥିଲା ମାଝି, ବରିଷ୍ଠ ନେତା ଉଦ୍ଧବ ବେହେରା, ଜିଲା ଆଦିବାସୀ ମହାସଂଘ ସଭାପତି ସତ୍ୟନାରାୟଣ ଭୋଇ, ତୁରେକେଲା ବିଜେଡି ସଭାପତି ଆଶାଦୁଲ୍ଲା ଖାନ, ଦେବାର ବାରିକ, ସୁନ୍ଦରମତି ବାଗ, ପିଙ୍କି ଖର୍ସେଲ, ଦୈତାରୀ ଭୋଇ, ବିଷ୍ଣୁ ଯୁଏଡ, ଶ୍ରୀଧର ମାଝି ମଞ୍ଚାସୀନ ଥିଲେ । ଏହି ସମାବେଶରେ ଉପସ୍ଥିତ ସମସ୍ତ ନେତା କଣ୍ଟାବାଞ୍ଜିରେ ବିଜେଡି ଏକ ଅଛି ବୋଲି କହିଥିଲେ। ପର୍ଯ୍ୟବେକ୍ଷକ ରାଜୁ ଘିଭେଲା ସ୍ଥାନୀୟ ବିଧାୟକ ଓ ଏମ୍‌ପିଙ୍କୁ ଟାର୍ଗେଟ କର ସେମାନଙ୍କ ସମୟରେ କୌଣସି ଉନ୍ନୟନମୂଳକ କାମ ହୋଇ ନ ଥିବା କହିଥିଲେ।

# ବିଜେଡିର ମହିଳା ସମାବେଶ, କର୍ମୀ ସମ୍ମିଳନୀ



ଖପ୍ରାଖୋଲ, ୨୫।୨(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଘୁନସର ଆର୍‌ବିଏସଏସ ମହାବିଦ୍ୟାଳୟ ସମ୍ମୁଖ ପଡିଆରେ ବିଜୁ ଜନତା ଦଳର ଜୋନସ୍ତରୀୟ ମହିଳା ସମାବେଶ ଓ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ରମେଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ପାଟଣାଗଡ ବିଧାୟକ ସରୋଜ ମେହେର ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାଗୁଡିକୁ ଯୁଗାନ୍ତକାରୀ ବୋଲି କହିଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ଷଷ୍ଠଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀଭାବେ ଆସୀନ କରାଇବା ଦିଗରେ କାର୍ଯ୍ୟ କରିବାକୁ ସେ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ। ଖପ୍ରାଖୋଲ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ, ଉପାଧ୍ୟକ୍ଷ ସୁଖୀରାମ ସାଣ୍ଡ, ଜିଲ୍ଲା ପରିଷଦ ସଦସ୍ୟା ସଂଯୁକ୍ତା ମେହେର, ପ୍ରମିଳା ପାଥର, ମହିଳା ସଭାନେତ୍ରୀ ରଞ୍ଜିତା ସୁନା, ଚନ୍ଦ୍ରକାନ୍ତି ବେହେରା, ସତ୍ୟନାରାୟଣ ମେହେର ପ୍ରମୁଖ ଯୋଗଦେଇ ସରକାରଙ୍କ ସଫଳତା ବଖାଣିଥିଲେ। କାର୍ଯ୍ୟକ୍ରମକୁ ବିଜୁ ଜନତା ଦଳ ଜିଲା ସମ୍ପାଦକ ପବିତ୍ର ପଟେଲ ପରିଚାଳନା କରିଥିଲେ।

# ଝାଙ୍କରମାନଙ୍କ ବ୍ଲକସ୍ତରୀୟ ବୈଠକ

ଖଡ଼ିଆଲ,୨୫।୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ୱାର୍ଡ ନଂ. ୧୦ ମା' ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ଗ୍ରାମ ଦେବୀମାନଙ୍କ ଝଙ୍କାର (ଦେବୀ ପୂଜକ)ମାନଙ୍କୁ ନେଇ ଗୁଣନିଧି ନାୟକଙ୍କ ସଭାପତିତ୍ୱରେ ରବିବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଆଦିବାସୀ କଲ୍ୟାଣ ମହା ସଂଘ ରାଜ୍ୟ ସଭାପତି ବାଳକୃଷ୍ଣ ଶବର, ସାମ୍ମାନିତ ଅତିଥି ରାଜ୍ୟ କଳା ପରିଷ ସଭାପତି ତ୍ରିମନ ମାଝି ଯୋଗଦାନ କରିଥିଲେ। ଗ୍ରାମ୍ୟ ଝଙ୍କାରମାନଙ୍କୁ ମାସିକ ଭତ୍ତା, ଝଙ୍କିରୀ ଜମି ପ୍ରଦାନ, ଗ୍ରାମ୍ୟ ଦେବଦେବୀ, ମନ୍ଦିର, ଡୁମାକୁଡିଆ, ଦେବୀ ପୀଠ ନିର୍ମାଣ, ଉକ୍ତ ମନ୍ଦିର ପୀଠଗୁଡ଼ିକର ସୁରକ୍ଷା ସକାଶେ ପାଚେରୀ ନନିର୍ମାଣ ପାଇଁ ସରକାରଙ୍କୁ ଦାବି କରିବା ନେଇ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବହୁ କମ ଦିନ ମଧ୍ୟରେ ଝାଙ୍କରମାନଙ୍କୁ ନେଇ ଆଦିବାସୀ ବେଶଭୂଷା, ବାଦ୍ୟଯନ୍ତ୍ର ଓ ଦେବଦେବୀଙ୍କ ଛତର ସହିତ ଖଡ଼ିଆଳ ସହର ପରିକ୍ରମା କରି ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବା ସହିତ ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରି ପ୍ରତିବାଦ କରାଯିବା ବୋଲି ଶବର ପ୍ରକାଶ କରିଥିଲେ। ବୈଠକରେ ଜୟାନନ୍ଦ ଶବର, ପୂର୍ଣ୍ଣ ବନଗୋଲା, ବୁଧୁ ଶବର, ଧନେଶର ମାଝି, ଧର୍ମ କିଆର୍ନ, କନ୍ଦର୍ପ ଶବର, ଟିକେଲାଲ ମାଝି, ମହେନ୍ଦ୍ର ଭୋଇ, ଚେରାଲୁ ଟାହାନୀ, କୁଳମଣି ମଲ୍ଲିକ, ବିଦ୍ୟାଧର ଭୋଇ, ଗଣ୍ଡାରମ ଦଣ୍ଡସେନା, ଜୟରାମ ପୁଞ୍ଜି, ମହେଶ ଦୁରିଆ, ବ୍ରଜ ଦଣ୍ଡସେନା, ହରିଚନ ଲୋହାରଙ୍କ ସମେତ ଖଡ଼ିଆଳ ବ୍ଲକର ଝାଙ୍କରମାନେ ଯୋଗଦେଇଥିଲେ।

### ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଖଡ଼ିଆଳ,୨୫।୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ନେହେନା ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ମୁରଲୀଧର ଦଣ୍ଡସେନାଙ୍କ ଉଦ୍ୟମରେ ଅଧିବାସ ହୋଇଥିବା ବେଳେ ୨୨ ଓ ୨୩ ଦୁଇଦିନ ନାମଯଜ୍ଞ ଅନୁଷ୍ଠିତ ହୋଇ ରବିବାର ପୂର୍ଣ୍ଣାହୁତି ହୋଇଥିଲା। ଯଜ୍ଞକର୍ତ୍ତା ଭାବେ ନାମଯଜ୍ଞ ଉଦ୍ୟୋକ୍ତା ମୁରଲୀଧର ଦଣ୍ଡସେନାଙ୍କ ସହ କୃଷ୍ଣପ୍ରିୟା ଦଣ୍ଡସେନା ଓ ଭବାନୀ ଦଣ୍ଡସେନା କାର୍ଯ୍ୟ ସମ୍ପାଦନ କରିଥିଲେ। ନାମ ଯଜ୍ଞରେ ୮ଟି ଦଳ ଯୋଗଦାନ କରିଥିବା ବେଳେ ଗୁରୁ ବରଗଡ଼ ଜିଲା ଖାରବନ୍ଧ ସୀତାକାନ୍ତ ପ୍ରଧାନ, ଟିଟିଲାଗଡ ଗୁଲୁମିର ପ୍ରଶାନ୍ତ ପସାୟତ, ନୂଆପଡା ଜିଲା ନେହେନାର ଅରୁଣ ଗହୀର, କଳାହାଣ୍ଡି ଚାହାରପାଲିର ଗୁରୁ ଉମାକାନ୍ତ ବର୍ଗଡି, ଛତିଶଗଡ଼ ବରକାନିର ଶ୍ରୀଧର ହେର୍ନା, ବୁଢ଼ୀପଦରର କ୍ଷୀରୋଦ ସା ଓ ତୁର୍ଲିର ପରମେଶ୍ୱର ବାଗଙ୍କ ବାଦ୍ୟରେ ଦର୍ଶକ ଝୁମି ଉଠିଥିଲେ।

# ପଞ୍ଚାୟତ ଯାଦବ ସମାଜ ବୈଠକ

ଲୋଇସିଂହା,୨୫।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ପଞ୍ଚାୟତ ଯାଦବ ସମାଜର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ହରିହର ଦୀପ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଯତୀନ ପଟେଲ, ଅନୁସୂଚିତ ଜନଜାତି ଉନ୍ନୟନ ପରିଷଦ ଅଧ୍ୟକ୍ଷ ବ୍ରଜମୋହନ ବିଶୋଇ, ଲୋଇସିଂହା ବ୍ଲକ ବିଜେଡି ସଭାପତି ହୃଦୟାନନ୍ଦ ବେହେରା, ସମିତି ସଭ୍ୟ ସୁଶିଲ ପାଣ୍ଡେ, ବ୍ଲକ ସଭାପତି ଉତ୍ତର ହେର୍ଣ୍ଡ, ମହିଳା ସଭାନେତ୍ରୀ ଭାଗ୍ୟବତୀ ଘିବେଲା, ଆଗଲପୁର ବ୍ଲକ ଯାଦବ ସମାଜ ସଭାପତି କଳାର ସିଂ ବାଗ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। କୁନା ଭୋଇ ଯାଦବ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସୁଶ୍ରୀ ନୈନା ବର୍ଗଡି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଯାଦବ ସମାଜର ନୂତନ ଭବନକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମାଜର ବିଭିନ୍ନ ରୀତିନୀତି ତଥା ପାରମ୍ପରିକ ଚାଲିଚଳଣି ଉପରେ ଆଲୋଚନା କରାଯାଇଥିଲା। ସଚେତନତା ଅଭାବରୁ ସମାଜ ସବୁ କ୍ଷେତ୍ରରେ ପଛୁଆ ପଡ଼ି ଯାଇଥିବା ନେଇ କ୍ଷୋଭ ପ୍ରକାଶ ପାଇଥିଲା। ଶିକ୍ଷିତ, ସଚେତନ ହୋଇ ଅଗ୍ରଣୀ ହେବାକୁ ଏହି ଅବସରରେ ଆହ୍ୱାନ ଦିଆଯାଇଥିଲା। ନିତ୍ୟାନନ୍ଦ ଜୁଏଡ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ଯାଦବ ସମାଜ କର୍ମକର୍ତ୍ତା।

# ମା' ଛାଞ୍ଚେଣ ରୂପେନଙ୍କ ଝାମୁଯାତ୍ରା ସମ୍ପନ୍ନ

ଲାଞ୍ଜିଗଡ଼,୨୫।୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମସ୍କାପଦରଠାରେ ଅଧିଷ୍ଠାତ୍ରୀ ଦେବୀ ମା' ଛାଞ୍ଚେଣ ରୂପେନଙ୍କ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ପୂଜକମାନେ ମାଘ ମାସ ସପ୍ତମୀ ଦିନ ସାତ ଗୋଟି ନୂଆ ଚାଙ୍ଗୁଡ଼ିରେ ନଦୀରୁ ବାଲି ଆଣି ବିଭିନ୍ନ ପ୍ରକାର ଶସ୍ୟ ଧାନ, ମକା,ବିରି, କୋଳଥ ଇତ୍ୟାଦି ବିହନ ପକାଇଥିଲେ। ଝାମେରା କଣ୍ଟାରେ ଦୋଳି ତିଆରି କରିଥିଲେ। ଗଜା ହୋଇଥିବା ବିହନ ଓ କଣ୍ଟାଦୋଳିକୁ ନବମୀ ପର୍ଯ୍ୟନ୍ତ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଦିନ ମା' ଛାଞ୍ଚେନ ରୂପେଣ କଞ୍ଚା ମାଠିଆରେ ବସି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ମାଘ ମାସ ପୂର୍ଣ୍ଣିମା ଦିନ ମାଆଙ୍କ ଝାମୁଯାତ୍ରା ସମ୍ପନ୍ନ ହୋଇଥିଲା। ସେହିଦିନ ଗ୍ରାମର ଜଣେ ବ୍ୟକ୍ତିଙ୍କ ଦେହରେ ଦେବୀଙ୍କ ଆର୍ବିଭା ହୋଇଥିଲା।



ଏହାପରେ ଦେବୀଙ୍କ କାଳିସି ମୁଖ୍ୟ ପୀଠସ୍ଥଳୀ ଛାଞ୍ଚେଣ ରୂପେନ ପାହାଡ଼କୁ ଯିବା ସହ ସେଠାରୁ ଏକ ଶୋଭାଯାତ୍ରାରେ ଗ୍ରାମରେ ଥିବା ବାଲି ଘରକୁ ଫେରିଥିଲେ। ପ୍ରଥମେ ଗାଁର ଗୌନ୍ତିଆ ରାଜଣା ମାଝି ଘରକୁ ଯାଇ ପାଦ ପୂଜା ପରେ ସେଠାରୁ ଝାମୁଯାତ୍ରା ପଡିଆକୁ ଫେରିଥିଲେ। ଫେରିବା ପରେ କଣ୍ଟା ଦୋଳିରେ ବସି ଭକ୍ତମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହାପରେ ନିଆଁରେ ଦେବୀଙ୍କ କାଳିସି ଚାଲିବା ସହ ଶକ୍ତିର ପରିଚୟ ଦେଇଥିଲେ। ଏଥିରେ ଛାଞ୍ଚେଣ ରୂପେନଙ୍କ ମୁଖ୍ୟ ପୂଜକ ଖଞ୍ଜା ଲୋହରା, ରାଶି ଲୋହରା, କୁନୁ ଲୋହରା, ଶଙ୍କର ମାଝି ଓ ବାହୁକ ହରିଶଙ୍କର ପ୍ରଧାନୀଙ୍କ ସମେତ ମସ୍କାପଦର ଛାଞ୍ଚେନ ରୂପେନ ଯୁବକ ସଂଘ ସଭାପତି ଧାନ ମାଝି, ସମ୍ପାଦକ ରାଜେନ୍ଦ୍ର ନାଏକ, ଉପ ସଭାପତି ଶୁଶାନ୍ତ ହରିଜନ, ସହ ସମ୍ପାଦକ ଜଗନ୍ନାଥ ପ୍ରଧାନୀ, ସାମାଜିକ କର୍ମୀ ସତ୍ୟନାରାୟଣ ନାଏକ, ଭୈରବ କୁମାର ବହିଦାର, ସୁନାଧର ବାଗ, କେଶବ ମାଝି, ଗୌରାଙ୍ଗ ମାଝି, ଆଜିତ କୁମାର ହରିଜନ, ଭରତ ମାଝି, ପର୍ଶୁ ହରିଜନ, ନବୀନ ମାଝି, ମାଧବ ମାଝି ଓ ସମସ୍ତ କମିଟି ସଦସ୍ୟ ସମେତ ଗ୍ରାମବାସୀ ଦାୟିତ୍ୱ ତୁଲାଇ ଥିଲେ। ଏହି କାର୍ଯ୍ୟକ୍ରମରେ ଗାଁ ମହାଜନ ପ୍ରଦୀପ ବହିଦାର ସହିତ ତାଙ୍କର ସପରିବାର ମା'ଙ୍କ ଯାତ୍ରାରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀ, ନର୍ଲା ବିଧାୟକଙ୍କ କୁଶପୁତ୍ତଳିକା ଦାହ

ରୁପ୍ରାରୋଡ୍, ୨୫।୨ (ସଞ୍ଜୀବ ଦାସ)

ରାଜ୍ୟର ୨୦ ଜିଲାରେ ୩୪ ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଗଠନ କରାଯାଇଛି। ସେହିପରି ୪ ଜିଲାର ୫ଟି ଏନ୍‌ଏସିକୁ ମ୍ୟୁନିସିପାଲିଟିକୁ ଉନ୍ନୀତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଏହି ଘୋଷଣା କରିଛନ୍ତି। କଳାହାଣ୍ଡି ଜିଲା ନର୍ଲାକୁ ଏନଏସି ଘୋଷଣା ନ କରିବା ନେଇ ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ରବିବାର ମୁଖ୍ୟମନ୍ତ୍ରୀ ଓ ନର୍ଲା ବିଧାୟକ ଭୂପିନ୍ଦର ସିଂଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଦୀର୍ଘ ଦଶରୁ ଊର୍ଦ୍ଧ୍ୱ ବର୍ଷ ହେଲା ନର୍ଲାକୁ ଏନଏସି ଘୋଷଣା ଦାବିରେ ବିଭିନ୍ନ ସଂଗଠନ ପକ୍ଷରୁ ଆନ୍ଦୋଳନ କରି ଆସୁଛନ୍ତି। କିନ୍ତୁ ସ୍ଥାନୀୟ ବିଧାୟକ ଓ ରାଜନେତାଙ୍କ ବୈମାତୃକ ମନୋଭାବ ଯୋଗୁ ନର୍ଲା ଏନଏସି ଘୋଷଣାରୁ ବାଦ ଦେଇଛନ୍ତି। ଏହାର ପ୍ରତିବଦରେ ବଡଧରଣର ଆନ୍ଦୋଳନ ହେବା ସହ ଆଗାମୀ ନିର୍ବାଚନରେ ଏହାର ପ୍ରଭାବ ପଡିବ ବୋଲି ଯୁବ କଂଗ୍ରେସ ସଭାପତିଙ୍କ ସହ ବହୁ କଂଗ୍ରେସ କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି।

### ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉଦ୍‌ଯାପିତ

ନୂଆପଡ଼ା, ୨୫।୨ (ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅଧୀନ ତରବୋଡ ଥାନାପଡାଠାରେ ଆୟୋଜିତ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ରବିବାର ଉଦଯାପିତ ହୋଇଯାଇଛି। ନାମଯଜ୍ଞରେ ନୂଆପଡା ଜିଲା ସମେତ ବରଗଡ, ବଲାଙ୍ଗୀର ଜିଲାର ୮ଟି ସଂର୍କିର୍ତ୍ତନ ଦଳ ଯୋଗଦେଇଥିଲେ। ପୂର୍ଣ୍ଣାହୁତି ସନ୍ଧ୍ୟାରେ ବୈଠକି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୈଠକିରେ ହରିନାମ ଚର୍ଚ୍ଚା ହୋଇ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଗୌରଚନ୍ଦ୍ର ପାଢୀ ପୂଜକ ଓ ଜପକ ଭାବରେ ଦାୟିତ୍ୱ ତୁଲାଇଥିବା ବେଳେ ବୁଦ୍ଧୁ ଭୋଇ ଓ କୁମାରୀ ଭୋଇ କର୍ତ୍ତା ଭାବେ ରହିଥିଲେ। ଯଜ୍ଞ କମିଟି ସଭାପତି ଅଜୟ କୁମାର ଅହିର, ସମ୍ପାଦକ ଦୟାନିଧି ଶବର, ଉପସଭାପତି ସୁଜିତ ଭୋଇ, ସହ ସମ୍ପାଦକ ମନୋଜ କୁମାର ବିଶ୍ୱାଳ, କୋଷାଧକ୍ଷ ଚନ୍ଦ୍ର ଶେଖର ଆହିର, ସହ କୋଷାଧକ୍ଷ ଯୋଗେନ୍ଦ୍ର ସାହୁ ପ୍ରମୁଖ ଆୟୋଜନ କରିଥିବା ବେଳେ ଲୋକନାଥ ସୋନି, ସଇବ ହଂ.ଦୟାନିଧି ବନଛୋର, ଟୁନା ମାଝି, ବନମାଳି ନିଆଲ, ଜଗଦୀଶ ସୁନାରୀ, ଘାସିରାମ ଭୋଇ, ପଞ୍ଚାନନ ପ୍ରଧାନ, ବିରଞ୍ଚି ଜାନି, ଯାଦବ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

### ବିଶିଷ୍ଟ ସଂଗୀତଜ୍ଞ ଝୁମକଲାଲ ବର୍ମାଙ୍କ ବିୟୋଗରେ ଶୋକସଭା

ଖଡ଼ିଆଳ, ୨୫।୨ (ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଅଞ୍ଚଳର ବିଶିଷ୍ଟ ସଙ୍ଗୀତଜ୍ଞ ତଥା ଅବସରପ୍ରାପ୍ତ ସିଲେଇ ଏବଂ ସଙ୍ଗୀତ ଶିକ୍ଷକ ଝୁମକଲାଲ ବର୍ମାଙ୍କ ବିୟୋଗରେ ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକ ସଭାରେ ପ୍ରଥମେ ସ୍ୱର୍ଗତ ବର୍ମାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଦିଆଯାଇ ଦୁଇ ମିନିଟ ଧରି ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ବର୍ମାଙ୍କ ଜୀବନୀ ଏବଂ କୃତିତ୍ୱ ଉପରେ ସ୍ମୃତି ଚାରଣ କରିଥିଲେ। ସ୍ୱର୍ଗତ ବର୍ମା ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟରେ ସିଲେଇ ଶିକ୍ଷକ ଭାବେ କାର୍ଯ୍ୟକରି ଅବସର ନେଇଥିବା ବେଳେ ଖଡ଼ିଆଳ ଅଞ୍ଚଳର କଳା କ୍ଷେତ୍ରରେ ବହୁ ଅବଦାନ ଥିଲା। ସେ ସଂଗୀତ ହାରମନି, ତାବଲା ବଜାଇବାରେ ବେଶ ସୁନାମ ଅର୍ଜନ କରିଥିବା ବେଳେ ଅଞ୍ଚଳରେ ନାଟକ କ୍ଷେତ୍ର ମଧ୍ୟ ବହୁ ଅବଦାନ ଥିଲା। ସେ ଚାକିରୀ ରୁ ଅବସର ନେଲା ପରେ ଭବାନୀପାଟଣା ଲେଖ କଳା ପରିଷଦର ସଙ୍ଗୀତ ଶିକ୍ଷକ ଭାବେ ଦୀର୍ଘ ବର୍ଷ କାମ କରିବା ପରେ ଗତ ୩ ବର୍ଷ ତଳେ ନିଜ ଜନ୍ମ ମାଟି ଖଡ଼ିଆଳକୁ ଫେରିଥିଲେ। ତାଙ୍କ ବିୟୋଗ ଖଡ଼ିଆଳ ମାଟି ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି ମତ ପ୍ରକାଶ ପାଇଥିଲା। ଶୋକସଭାରେ ଅନୁଷ୍ଠାନ ପବିତ୍ର ମୋହନ ପ୍ରଧାନ, ସୋମନାଥ ଜଗତ, ଅବକାଶ ପଣ୍ଡା, ଛବି ସାଗର, ଗଙ୍ଗାଧର ମହାଉତି, ଅଶୋକ ବାରିକ, ବିଭୁତି ବିଶି, ଅମୂଲ୍ୟ ବାରିକ, ଶାନ୍ତନୁ ପଣ୍ଡାଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ୫୪ ବର୍ଷରେ ଏନ୍‌ଏସିକୁ ମିଳିଲାନି ମ୍ୟୁନିସିପାଲିଟି ମାନ୍ୟତା

ଭବାନୀପାଟଣା, ୨୫।୨ (ଉତ୍ତମ କୁମାର ଦାଶ)




ସରକାର ଶନିବାର ରାଜ୍ୟର ୪ ଜିଲାର ୫ଟି ଏନ୍‌ଏସିକୁ ମ୍ୟୁନିସିପାଲିଟିକୁ ଉନ୍ନୀତ ପାଇଁ ଘୋଷଣା କରିଥିଲେ। ଏଥିରେ ବୌଦ୍ଧ ଜିଲାର ବୌଦ୍ଧଗଡ଼, ମୟୂରଭଞ୍ଜର କରଞ୍ଜିଆ, ବଲାଙ୍ଗୀରର କଣ୍ଟାବାଞ୍ଜି ଏବଂ ଗଞ୍ଜାମ ଜିଲାର ଛତ୍ରପୁର ଓ ଆସ୍କା ଆସ୍କା ରହିଛି। ରାଜ୍ୟ ସରକାର ଏହି ତାଲିକାରେ କଳାହାଣ୍ଡି ଜିଲାର ସର୍ବପୁରାତନ ୫୪ ବର୍ଷର ଜୁନାଗଡ ଏନଏସିକୁ ମଧ୍ୟ ମ୍ୟୁନିସିପାଲିଟିରେ ସ୍ଥାନ ଦେବେ ବୋଲି ସ୍ଥାନୀୟ ଲୋକେ ଆଶା ରଖିଥିଲେ। ହେଲେ ସେହି ଆଶା ପୂରଣ ହେଲା ନାହିଁ। ଅନ୍ୟପକ୍ଷରେ ଜୁନାଗଡ ଏନଏସି ମ୍ୟୁନିସିପାଲିଟି ହେବା ତ ଦୂରର କଥା ଏ ଯାଏଁ ୫୪ ବର୍ଷ ପରେ ବି କାର୍ଯ୍ୟାଳୟର ନିଜସ୍ୱ ଗୃହ ନ ହେବା ପ୍ରଶାସନିକ ଅବହେଳା ତଥା ରାଜନୈତିକ ଇଚ୍ଛାଶକ୍ତିର ଅଭାବ ବୋଲି ସାଧାରଣରେ ଆଲୋଚନା ହେଉଛି। ପ୍ରକାଶ ଯେ, କଳାହାଣ୍ଡି ଜିଲା ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଇତିମଧ୍ୟରେ ୫୪ ବର୍ଷରେ ପଦାର୍ପଣ କରିସାରିଛି। ୧୯୯୫ରୁ ୧୯୯୯ ପର୍ଯ୍ୟନ୍ତ ଲଗାତର ୪ବର୍ଷ ଧରି ଶ୍ରେଷ୍ଠ ଏନ୍‌ଏସି ଭାବେ ମଧ୍ୟ ପୁରସ୍କୃତ ମଧ୍ୟ ହୋଇସାରିଛି। ସେହିପରି ପୂର୍ବଭାରତରେ ଶ୍ରେଷ୍ଠ ୨୦ ହଜାର ଜନସଂଖ୍ୟା ବିଶିଷ୍ଟ ଦ୍ରୁତଗାମୀ ସ୍ୱଚ୍ଛତା ସହରରେ ଜୁନାଗଡ ଏନଏସକୁ ରାଷ୍ଟ୍ରପତି ମଧ୍ୟ ପୁରସ୍କାର ଦେଇସାରିଛନ୍ତି। ହେଲେ ବର୍ତ୍ତମାନର ଚିତ୍ରକୁ ଦେଖିଲେ ସାଧାରଣରେ ଆଶ୍ଚର୍ଯ୍ୟ ଲାଗେ। କାରଣ ଏନ୍‌ଏସି କାର୍ଯ୍ୟାଳୟର ଆରମ୍ଭରୁ ହିଁ ନିଜସ୍ୱ ଗୃହ ନାହିଁ। ପୂର୍ବର ପଞ୍ଚାୟତ କାର୍ଯ୍ୟାଳୟ କୋଠାରେ ଦୀର୍ଘ ବର୍ଷ ହେଲା ଏନଏସି କାର୍ଯ୍ୟାଳୟ ଚାଲୁଥିଲା। ତେବେ ଏହି କୋଠା ମଧ୍ୟ ବିପଦସଙ୍କୁଳ ଅବସ୍ଥାରେ ରହିଥିବାରୁ ଗତ ୪ବର୍ଷ ହେଲା ସ୍ଥାନୀୟ ପାଠାଗାରରେ କାର୍ଯ୍ୟାଳୟ ଚାଲୁଛି। ଫଳରେ ସେତେବେଳଠୁ ପାଠାଗାର ମଧ୍ୟ ବନ୍ଦପଡିଛି। ଫଳରେ ପାଠକ/ପାଠିକା ବିଭିନ୍ନ ଖବରକାଗଜ, ପତ୍ରିକା ପଢିବାରୁ ବଞ୍ଚିତ ହୋଇଛନ୍ତି। ଜୁନାଗଡ ଏନ୍‌ଏସି କାର୍ଯ୍ୟାଳୟ ୧୯୭୦ ମାର୍ଚ୍ଚ ୧୮ ତାରିଖରେ ସ୍ଥାପିତ ହୋଇଥିଲା। ସେତେବେଳଠୁ ପଞ୍ଚାୟତ କାର୍ଯ୍ୟାଳୟରେ ଏହି କୋଠା ଚାଲୁଥିଲା। ହେଲେ ଦୀର୍ଘବର୍ଷ ପରେ ଏହି କୋଠା ଶୋଚନୀୟ ହୋଇପଡିଥିଲା। କୋଠା ଛାତରୁ ସିମେଣ୍ଟ ଖଣ୍ଡଗୁଡିକ ପଡୁଥିବାବେଳେ ବର୍ଷାହେଲେ ପାଣି ଗଳୁଥିଲା। ଫଳରେ କାର୍ଯ୍ୟାଳୟ କର୍ମଚାରୀ ନିଜକୁ ନିରାପଦ ନ ଭାବି ପରିସରରେ ହୋଇଥିବା ସ୍ଥାନୀୟ ପାଠାଗାରରେ କାର୍ଯ୍ୟାଳୟକୁ ପରିବର୍ତ୍ତିତ କରିଥିଲେ। ଏପଟେ ନୂତନ କାର୍ଯ୍ୟାଳୟ ପାଇଁ ଏନ୍‌ଏସିରୁ ସରକାରଙ୍କୁ ପ୍ରସ୍ତାବ ଯାଇଥିବା ଜଣାପଡିଛି। କିନ୍ତୁ ଗତ ୪ ବର୍ଷ ବିତିଯାଇଥିଲେ ମଧ୍ୟ ଏହାର କୌଣସି ନା ଗନ୍ଧ ଜଣାପଡିନାହିଁ। ଏ ନେଇ ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲଙ୍କୁ ପଚାରିବାରୁ ଏନ୍‌ଏସି କାର୍ଯ୍ୟାଳୟ ନିର୍ମାଣ ପାଇଁ ପ୍ରସ୍ତାବ ଯାଇଛି ବୋଲି କହିଥିଲେ। ସେହିପରି ଦୀର୍ଘ ୫୦ବର୍ଷରୁ ଉର୍ଦ୍ଧ୍ୱ ଜୁନାଗଡ ଏନଏସିକୁ ରାଜ୍ୟ ସରକାର ମ୍ୟୁନିସିପାଲିଟିରେ ଘୋଷଣା ନ କରିବା ଦୁର୍ଭାଗ୍ୟର ବିଷୟ ବୋଲି କହିଥିଲେ।

**୫୪ ବର୍ଷରେ ଜୁନାଗଡ଼ ଏନ୍‌ଏସି**
- ଏଯାଏଁ ନିଜସ୍ୱ ଗୃହ ନାହିଁ
- ପାଠାଗାରରେ ଚାଲିଛି କାର୍ଯ୍ୟାଳୟ
- ଲଗାତର ୪ବର୍ଷ ଧରି ଶ୍ରେଷ୍ଠ ଏନ୍‌ଏସି ଭାବେ ପୁରସ୍କୃତ

# ଲଣ୍ଡନ ବୁକଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଲା


ଓମ୍ ପ୍ରକାଶଙ୍କ ଦ୍ୱାରା ନିର୍ମିତ ବାଲୁକା କଳା।

କର୍ଲାମୁଣ୍ଡା, ୨୫।୨ (ପ୍ରଦୀପ କୁମାର ସାହୁ)

**ଓମ୍ ପ୍ରକାଶଙ୍କ ବାଲୁକା ଭାସ୍କର୍ଯ୍ୟ କଳା**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଡଙ୍ଗରମୁଣ୍ଡା ଗାଁର ବାଲୁକାଶିଳ୍ପୀ ଓମ ପ୍ରକାଶ ସାହୁଙ୍କ ଦ୍ୱାରା ନିର୍ମିତ 'ଓଡିଶାର ଐତିହ୍ୟ ଓ ସଂସ୍କୃତି' ଶୀର୍ଷକ ୪୦ ଫୁଟ ଉଚ୍ଚତା ବିଶିଷ୍ଟ ବାଲୁକା ଭାସ୍କର୍ଯ୍ୟ କଳା ଲଣ୍ଡନ ବୁକଅଫ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। ଉକ୍ତ ମଡେଲ କଳାହାଣ୍ଡି, ବଲାଙ୍ଗୀର, ବୌଦ୍ଧ, କନ୍ଧମାଳ ଓ ସୋନପୁର ୫ଟି ଜିଲାର ସୀମାନ୍ତବର୍ତ୍ତୀ ଅଞ୍ଚଳ ଗୁଡଭେଲା ବ୍ଲକର ତେଲନଦୀର ପେନ୍ଦିମୁଣ୍ଡା ଘାଟରେ ମକରମେଳାରେ ଗତ ଜାନୁଆରୀ ୧୪ଠାରୁ ପ୍ରଦର୍ଶିତ ହୋଇ ଜାନୁଆରୀ ୨୩ ନେତାଜୀ ଜୟନ୍ତୀରେ ଉଦଯାପିତ ହୋଇଥିଲା। ଏହି ମଡେଲ ତିଆରି କରିବା ପାଇଁ ପ୍ରାୟ ୧୦ ହଜାର ଟନ ବାଲି ବ୍ୟବହୃତ ହୋଇଥିଲା ଓ ୧୫ ଦିନ ସମୟ ଲାଗିଥିଲା। ଉକ୍ତ ମଡେଲରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ ମନ୍ଦିର ଲିଙ୍ଗରାଜ ମନ୍ଦିର, ଧଉଳି ଶାନ୍ତିସ୍ତୁପ, ମୁକ୍ତେଶ୍ୱର ମନ୍ଦିର, ରାଣିପୁରଝରିଆଲର ଇନ୍ଦ୍ରଲାଟ ମନ୍ଦିର, ଚୌଷଠି ଯୋଗିନୀ ମନ୍ଦିର, ହରିଶଙ୍କର, ନୃସିଂହନାଥ ମନ୍ଦିର, କଳିଙ୍ଗ ଘୋଡା ସହ ଗୌତମ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ତଥା ଓଡିଶାର ମାନଚିତ୍ର ମଧ୍ୟରେ ଓଡ଼ିଶାର ବରପୁତ୍ର ସମୂହ ବ୍ୟାସ କି ଫକୀର ମୋହନ ସେନାପତି, ସଭାବକବି ଗଙ୍ଗାଧର ମେହେର, ଉତ୍କଳଗୌରବ ମଧୁସୂଦନ ଦାସ, ବୀର ସୁରେନ୍ଦ୍ର ସାଏ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଉତ୍କଳମଣି ଗୋପବନ୍ଧୁ ଦାସ, ସନ୍ଥକି ଭୀମ ଭୋଇଙ୍କ ପ୍ରତିକୃତି ସ୍ଥାନ ପାଇ ଥିଲା। ସାହୁଙ୍କ ଦ୍ୱାରା ଉକ୍ତ ସ୍ଥାନରେ ୨୦୨୦ରେ ନିର୍ମିତ 'ଭାରତର ସଂସ୍କୃତି ଓ ଐତିହ୍ୟ' ଉପରେ ଆଧାରିତ ୨୬ ଫୁଟ ଉଚ୍ଚତା ବିଶିଷ୍ଟ ବାଲୁକା କଳା ଏସିଆ ବୁକ ଅଫ ରେକର୍ଡ ଓ ଏକ୍ସକ୍ଲୁସିଭ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଥିବା ବେଳେ ୨୦୨୩ରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନୀ ଉପରେ ନିର୍ମିତ ୩୬ ଫୁଟ ବିଶିଷ୍ଟ ବାଲୁକା କଳା କିଂସ୍ ବୁକ ଅଫ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଥିଲା। ଓମ ପ୍ରକାଶଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ବାର୍ତ୍ତାର ସୁଅ ଛୁଟିଛି।

# ଧର୍ମଗଡ଼ରେ ଯାଦବ ସମାଜର ଶକ୍ତି ପ୍ରଦର୍ଶନ



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଧର୍ମଗଡ଼, ୨୫।୨ (ହିମାଂଶୁ ଶେଖର ପଣ୍ଡା)

**ଜାତି ସଙ୍ଗଠିତ ହେଲେ ସଂସ୍କୃତି ସୁଦୃଢ ହେବ: ହଳଧର ନାଗ**

ଜାତି ସଙ୍ଗଠିତ ହେଲେ ସଂସ୍କୃତି ସୁଦୃଢ ହେବ। ଦ୍ୱାପର ଯୁଗରୁ କୃଷ୍ଣଙ୍କ ବଂଶଧର ଯାଦବ ଜାତି ସଂସ୍କୃତି ପରମ୍ପରା ଅନନ୍ୟ ବୋଲି ରବିବାର କଳାହାଣ୍ଡି ଜିଲା ଧର୍ମଗଡ କଳାହାଣ୍ଡି ଉତ୍ସବ ପଡିଆଠାରେ ଯାଦବ ସମାଜର ବନ୍ଧୁମିଳନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପଦ୍ମଶ୍ରୀ ହଳଧର ନାଗ କହିଛନ୍ତି। ଧର୍ମଗଡ ଯାଦବ ସଭାପତି ଅନିରୁଦ୍ଧ ଲହଜଲଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବ୍ଲକ ନିକଟରୁ ଏକ ବିଶାଳ ଶୋଭାଯାତ୍ରାରେ ହଳଧର ନାଗଙ୍କୁ ପଞ୍ଚାୟତ ପଡିଆକୁ ଅଣାଯାଇଥିଲା। ସୁଧିର ଗୋପାଳ ମଞ୍ଚ ପରିଚାଳନା କରିଥିଲେ। ସ୍ୱାଗତ ଭାଷଣ ଯାଦବ ସମାଜ ପୂର୍ବତନ ଜିଲା ସଭାପତି ଡମ୍ବରୁ ଲହଜଲ ପ୍ରଦାନ କରିଥିବା ବେଳେ ରବିନ୍ଦ୍ର ଲାଲ ଯାଦବ, ହେମାଙ୍ଗିନୀ ହଂସ, ନଳିନୀ ରଞ୍ଜନ ରାଉତ, ଶୀବ ହାତି, ଜହରଲାଲ ବାଗ, ଅରୂପାନନ୍ଦ ନାଗ, ଦ୍ୱାରିକାନାଥ ବାଗ, ସତ୍ୟନାରାୟଣ ବିଶି, ଯାଦବ ମହାସଭା ଜିଲା ସଭାନେତ୍ରୀ ରଶ୍ମିରେଖା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସମାଜର ସଙ୍ଗଠକ ଚନ୍ଦ୍ରଧ୍ୱଜ ଲହଜଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଥିବା ଯାଦବ ସମାଜର ୫୦ଜଣ ବରିଷ୍ଠ ନାଗରିକଙ୍କୁ ସଭାପତି ଲହଜଲ ଏବଂ ମୁଖ୍ୟଅତିଥି ପଦ୍ମଶ୍ରୀ ନାଗ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ପରିପ୍ରେକ୍ଷୀରେ ଯାଦବ ସମାଜ ପକ୍ଷରୁ ଗଠିତ ହୋଇଥିବା ନାରାୟଣ ସେନାର ଘୋଷଣା କରାଯାଇଥିଲା। ଶ୍ରୀକୃଷ୍ଣଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏହି ସେନା ସମାଜେ ସବା ସହିତ ଅନ୍ୟାୟ ବିରୋଧରେ କାର୍ଯ୍ୟ କରିବ ବୋଲି ସଭାପତି ଲହଜଲ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ମହେନ୍ଦ୍ର ଖରସେଲ, ଟୁନା ଚଣ୍ଡୀ, ଅରକ୍ଷିତ ଭଇଁସାଲ, ନନ୍ଦ ବଛା, ମୋହନ ଗହୀର, ବିରଞ୍ଚି ଭଏଁସାଲ, ଧନୁ ଗୋପାଳ, ପ୍ରମୋଦ ହଂସ, ଗୁଣନିଧି ବାଗ, ଧନିଷ୍ଠ ଲହଜଲ ପ୍ରମୁଖ ସହଯୋଗ କରିଥିଲେ।

# ୨୮ରେ ଚାଷୀଙ୍କ ସମସ୍ୟା ନେଇ ବ୍ଲକ ଘେରାଉ ଡାକରା

କୋକସରା, ୨୫।୨ (ଦୁଷ୍ମନ୍ତ କୁମାର ପାଇଯୋଶୀ)

ଧାନର ସର୍ବନିମ୍ନ ମୂଲ୍ୟ ୨୯୫୦ ଟଙ୍କା କରିବା, ମଧୁବାବୁ ପେନସନ ସୁବିଧା ଭଳି ଇନ୍ଦିରା ଗାନ୍ଧୀ ପେନସନ ହିତାଧିକାରୀଙ୍କୁ ହାତରେ ଦେବା, ବରାଡଙ୍ଗା କମଲ ନଦୀରେ ବେରେଜ ନିର୍ମାଣ, ମଣ୍ଡିରେ ସମ୍ପୂର୍ଣ୍ଣ କଟନି ଛଟନି ବନ୍ଦ, ଚାଷୀଙ୍କ ପ୍ରତି ଟାଟା ପାୱାର କମ୍ପାନୀ ବିଦ୍ୟୁତ ଦେୟ ଅସୁଲିରେ ମନମାନି ଓ ଚାଷ କାର୍ଯ୍ୟରେ ବ୍ୟବହୃତ ଡିଜେଲ ପେଟ୍ରୋଲର ଅହେତୁକ ଦର ବୃଦ୍ଧି ଦାବି ନେଇ ଆସନ୍ତା ୨୮ ତାରିଖରେ କଳାହାଣ୍ଡି ଜିଲା କୋକସରା ବ୍ଲକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଜିଲା କଂଗ୍ରେସର ସାଧାରଣ ସମ୍ପାଦକ ରାଜେନ୍ଦ୍ର ନାଏକ ସୂଚନା ଦେଇଛନ୍ତି। ଶତାଧିକ ଚାଷୀ ଏହି ବିକ୍ଷୋଭ ପ୍ରଦର୍ଶନରେ ସାମିଲ ହେବା ନେଇ ନାଏକ ଆହ୍ୱାନ ଦେଇଛନ୍ତି। କୋକସରା ବ୍ଲକ ହେଉଛି ଏକ କୃଷି ବହୁଳ ଅଞ୍ଚଳ। ବ୍ଲକର ୨୨ ପଞ୍ଚାୟତରେ ପାଖାପାଖି ୭୦ % ଜନସାଧାରଣ ଚାଷ ଉପରେ ନିର୍ଭର କରିଥାନ୍ତି। କୋକସରା କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ବେହେରା ଡେମ, ମୋଡୋସିଲ ଚ୍ୟାକଡ୍ୟାମ, ଅଠରନଳା ଚ୍ୟାକଡ୍ୟାମ, ଯତାଖଲିଆ ଚ୍ୟାକଡ୍ୟାମରେ କୋଟି କୋଟି ଟଙ୍କାର ଦୁର୍ନୀତି ସାଙ୍ଗକୁ ଚାଷୀ ଜଳସେଚନ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ଇନ୍ଦ୍ରାବତୀ ମେଗାଲିଫ୍ଟ କେନାଲର ୨୦୨୧ରୁ ଖରିଫ ଓ ରବି ଚାଷ ପାଇଁ ଜଳସେଚନ ସୁବିଧା ଯୋଗାଇ ଦିଆଯାଉଥିବା ବେଳେ ଦୀପ ତଳ ଅନ୍ଧାର ସଦୃଶ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବରୁ କୋକସରା ବ୍ଲକର ଅନେକ ପଞ୍ଚାୟତ ଚଷୀଙ୍କ ହଜାର ହଜାର ହେକ୍ଟର ଚାଷଜମି ଜଳସେଚନ ସୁବିଧା ମିଳୁନି।

# ମା' ପେଣ୍ଡ୍ରାଣୀ ଦେବୀଙ୍କ ମଣ୍ଡେଇ ଯାତ୍ରା ଉଦ୍‌ଯାପିତ


ମା' ପେଣ୍ଡ୍ରାଣୀଙ୍କ ମାଘ ମଣ୍ଡେଇ ଯାତ୍ରା।

କୋକସରା, ୨୫।୨ (ଦୁଷ୍ମନ୍ତ କୁମାର ପାଇଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ପଞ୍ଚାୟତ ଡେଙ୍ଗାଗୁଡାଠାରେ ମା' ପେଣ୍ଡ୍ରାଣୀ ଦେବୀଙ୍କ ମାଘ ମଣ୍ଡେଇ ରବିବାର ଉଦ୍‌ଯାପିତ ହୋଇଯାଇଛି। ମାଘ ମଣ୍ଡେଇ ପ୍ରଥମ ଦିନ ପ୍ରାରମ୍ଭରେ ଗ୍ରାମର ଦେବୀଙ୍କ ପୂଝାରୀ ମନ୍ମଥ ନାଏକ, ଚରଣ ଦିଶାରୀ, ମୁଖ୍ୟଶିରା ଚମାର ନାଏକଙ୍କ ଉପସ୍ଥିତିରେ ଫେଣ୍ଡ୍ରାଣୀ ଦେବୀ ବଡ଼ ଫୁର୍ଲା, ବାଞ୍ଜି ବାହାଲ, ଖଇରଭା ଧୋବେନ ଚଞ୍ଚରା, ମା' ହିଙ୍ଗୁଳାଇ ଡେଙ୍ଗାଗୁଡା, ବସ୍ତରେନ ଡୋକରି ଡେଙ୍ଗାଗୁଡାର ଗ୍ରାମରୁ ଦେବଦେବୀଙ୍କ ଲାଠିକୁର୍ଚ୍ଚି ଆସି ପହଞ୍ଚିବା ପରେ ମନ୍ଦିର ନିକଟରେ ଗ୍ରାମ ମୁଖ୍ୟ ପୂଜକ ପୂଜାର୍ଚ୍ଚନା କରି ଦେବଦେବୀଙ୍କୁ ଆମନ୍ତ୍ରଣ କରିଥିଲେ। ଶିରାଙ୍କ ଦେହରେ ଦେବଦେବୀଙ୍କ କାଳିସି ଲାଗି ହୋଇ ଲାଠିକୁର୍ସି ଗାଁ ପରିକ୍ରମା କରି ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ମାନସିକଧାରୀ ଶ୍ରଦ୍ଧାଳୁମାନେ ମା' ଫେଣ୍ଡ୍ରାଣୀ ପାର୍ଶ୍ୱ ଦେବଦେବୀଙ୍କ ନିକଟରେ ଶୁକ୍ଳ ଭୋଗ ସହ ରକ୍ତ ଭୋଗ ଅର୍ପଣ କରିଥିଲେ। ଅଞ୍ଚଳବାସୀଙ୍କ ବିଶ୍ୱାସ ରହିଛି ମାଘ ମଣ୍ଡେଇ ଯାତ୍ରା ଅନୁଷ୍ଠାନ କଲେ ଗ୍ରାମରୁ ରୋଗ, ଶୋକ, ବ୍ୟାଧିରୁ ଅଞ୍ଚଳବାସୀ ମୁକ୍ତ ହୁଅନ୍ତି ଓ ଆଗାମୀ ଦିନରେ ଚାଷବାସ ଭଲ ହେବା ସହ ଗ୍ରାମବାସୀ ସୁଖରେ କାଳତିପାତ କରନ୍ତି। ମା' ଫେଣ୍ଡ୍ରାଣୀ ଦେବୀଙ୍କ ମାଘ ମଣ୍ଡେଇ ଯାତ୍ରା ସଭାପତି ଟିକେଶ୍ୱର ନାଏକ, ସମ୍ପାଦକ ଚୁନିଲାଲ ନାଏକ, କୋଷାଧକ୍ଷ ରିଖିରାମ ନାଏକ, କାର୍ତ୍ତିକ ପାତ୍ର, ତ୍ରିନାଥ କୋଲଥିଆ, ଛବିନ୍ଦ୍ର ନାଏକ, ପିତାମ୍ବର ନାଏକ, ଶମ୍ଭୁଶ୍ୱର ନାଗ, ମନ୍ମଥ ନାଏକଙ୍କ ସହ ଡେଙ୍ଗାଗୁଡା ଅଞ୍ଚଳବାସୀ ପରିଚାଳନାରେ ସହଯୋଗ କରିଥିଲେ।

# ଆଜି ରାଜ୍ୟପାଳଙ୍କ କଳାହାଣ୍ଡି ଗସ୍ତ

ଭବାନୀପାଟଣା, ୨୫।୨ (ଉତ୍ତମ କୁମାର ଦାଶ)



କଳାହାଣ୍ଡି ଜିଲାକୁ ସୋମବାର ଦିନିକିଆ ଗସ୍ତରେ ଆସିବେ ଓଡିଶା ରାଜ୍ୟପାଳ ରଘୁବୀର ଦାସ। ଏହି ସମୟରେ ସେ ଭବାନୀପାଟଣା ସଦର ବ୍ଲକଠାରୁ କେସିଙ୍ଗା ବ୍ଲକର ବିଭିନ୍ନ ସ୍ଥାନକୁ ପରିଦର୍ଶନ କରିବେ। ପୂର୍ବାହ୍ନ ୯ଟାରେ ସେ ଭବାନୀପାଟଣା ସାର୍କିଟ ହାଉସରୁ ବାହାରି ପ୍ରଥମେ ସେ ମା' ମାଣିକେଶ୍ୱରୀଙ୍କ ମନ୍ଦିରକୁ ଯାଇ ମା'ଙ୍କ ଦର୍ଶନ କରିବେ। ପରେ ସେ ଥୁଆପଦର ପଞ୍ଚାୟତରେ ଥିବା ନେହେରୁ ସେବା କେନ୍ଦ୍ରର ଶିଶୁ ଗୃହ ପରିଦର୍ଶନ, ମହିଳା ସ୍ୱଂୟ ସହାୟକଙ୍କ ଗୋଷ୍ଠୀଙ୍କ ସହ ଆଲୋଚନା, ପାଷ୍ଟିକୁଡି ପିଏଚସି, ନାସିଗାଁରେ ପିଏମ୍‌ଏୱାଇ ଗ୍ରାମୀଣ ଘର ପରିଦର୍ଶନ ଆଦି କାର୍ଯ୍ୟକ୍ରମ ରହିଛି। ଏହାପରେ କେସିଙ୍ଗା ରେଳ ଷ୍ଟେଶନ, ଉତ୍କେଲା ମିନିଷ୍ଟାଡିୟମ, ଏୟାରପୋର୍ଟ ଆଦି ପରିଦର୍ଶନ କରିବେ।

# ଅଦିନିଆ ବର୍ଷା: ଅମଳ ପୂର୍ବରୁ ମୁଗ ଚାଷ ନଷ୍ଟ

କର୍ଲାମୁଣ୍ଡା, ୨୫।୨ (ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ରବିବାର ସକାଳୁ ଝିପିଝିପି ବର୍ଷା ଲାଗି ରହିଛି। ଫଳରେ ବ୍ଲକର ବିଭିନ୍ନ ଗାଁଗୁଡିକରେ ଡାଲି ଜାତୀୟ ଫସଲ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ବିଶେଷ ଭାବେ ବ୍ଲକର ରିଞ୍ଜା, ଶିଶାଖାଲ, ସିଲେଟପଡା, ରେଙ୍ଗାଲି, ବିଜାପାଟି, ଯୋଗିପଲା, ରେଗଡା, ଦେଓଗାଁ, ପୁଟିଗାଁ, ସରଗୁଲ, ମାଲପଡା, ବାଗବୁରେଇ, କର୍ଲାମୁଣ୍ଡା, ଗଜବାହାଲ, ବଡଡୁଙ୍ଗୁରିଗୁଡା, କଂସିଲ, ଅବୁଜବାହାଲ ଆଦି ଗାଁଗୁଡିକରେ ମୁଗ ଚାଷ ଅମଳ କରିବା ପୂର୍ବରୁ ଅଦିନିଆ ବର୍ଷା ଚାଷୀଙ୍କ ଶଷ୍ୟ ସମ୍ପୂର୍ଣ୍ଣ ଉଜାଡ଼ିଦେଇଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ମୁଗ ଡାଲି ଏକ ଲାଭଦାୟକ ଚାଷ ହୋଇଥିବାରୁ ଚାଷୀମାନେ ଭଲ ଦୁଇ ପଇସା ରୋଜଗାର କରିବା ଆଶା ବାନ୍ଧିଥିବା ବେଳେ ବର୍ଷା ଚାଷୀଙ୍କୁ ନିରାଶ କରିଛି ବୋଲି ଚାଷୀ ଜୀବରଧ ସାହୁ, ଫଗୁନୁ ସାହୁ, ଭୂପିନ୍ଦର ଚୌଧୁରୀ କହିଛନ୍ତି। କୃଷି ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଦାବି ହେଉଛି।


ଶିଶାଖାଲ ଗାଁରେ ମୁଗ ଅମଳ ପୂର୍ବରୁ ଅଦିନିଆ ବର୍ଷାରେ ନଷ୍ଟ ହୋଇଛି।

# ଡଙ୍ଗରିଆ କନ୍ଧଙ୍କ ନିୟମ ରାଜା ପର୍ବ ସମ୍ପନ୍ନ

ଲାଞ୍ଜିଗଡ଼, ୨୫।୨ (ରମେଶ ଚନ୍ଦ୍ର ନାୟକ)



କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଓ ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ସୀମାନ୍ତରେ ଡଙ୍ଗରିଆ କନ୍ଧମାନଙ୍କ ଦ୍ୱାରା ନିୟମରାଜା ପର୍ବ ପାଳନ ହୋଇଯାଇଛି। ନିୟମରାଜାଙ୍କ ନିୟମଗିରି ପାହାଡ଼ ଶିଖରରେ ଥିବା ଅଲାଭଟାଠାରେ ଦୀର୍ଘ ବର୍ଷ ଧରି ପୂଜା କରି ଆସୁଛନ୍ତି ଡଙ୍ଗରିଆ କନ୍ଧ। ଏହି ପର୍ବ ପ୍ରତିବର୍ଷ ମାଘ ମାସରେ ହୋଇଥାଏ। ଜଳ, ଜମି, ଜଙ୍ଗଲ, ଭାଷା, ସଂସ୍କୃତି, ଜୀବନ ଜୀବିକା ଓ ପ୍ରାକୃତିକ ପରିବେଶ ସୁରକ୍ଷା ନିମନ୍ତେ ନିୟମ ରାଜାଙ୍କୁ ଆରାଧନା କରି ଆସୁଛନ୍ତି। ଏହି ଦୁଇ ଜିଲାର ଲୋକଙ୍କ ସହ ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ ସଙ୍ଗଠନ, ସମାଜସେବୀ ଏହି ପର୍ବ ଦେଖିବା ପାଇଁ ପ୍ରବଳ ଭିଡ ଜମାଇଥାନ୍ତି। ନିୟମଗିରିରେ ବସବାସ କରୁଥିବା ଆଦିମ ଜନଜାତି ଡଙ୍ଗରିଆ କନ୍ଧମାନଙ୍କ ବିଭିନ୍ନ ପର୍ବ ମଧ୍ୟରୁ ଏହା ମୁଖ୍ୟ ପର୍ବ ବୋଲି ସମସ୍ତଙ୍କୁ ନିମନ୍ତ୍ରଣ କରିଥା'ନ୍ତି। ନିୟମଗିରି ଆମରଟା, ନେଇସେ କାହାର ବୁଆଟା ବୋଲି ଡଙ୍ଗରିଆମାନେ କହିଛନ୍ତି। କଳାହାଣ୍ଡି ଓ ରାୟଗଡ ଜିଲାର ନିୟମଗିରି ସୁରକ୍ଷା ସମିତି ସଭାପତିମାନେ ଏହି ପର୍ବ ଗତ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଆଡ଼ମ୍ବରରେ ପାଳନ କରିଥାନ୍ତି। ନିୟମଗିରିବାସୀ ୨୩ ତାରିଖରେ ନିୟମରାଜାଙ୍କୁ ଆହ୍ୱାନ କରାଇ ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା କରି ଯାତ୍ରା ପଡ଼ିଆରେ ଛତ୍ର ସ୍ଥାପନ କରିଥିଲେ। ଡଙ୍ଗରିଆମାନେ ନିୟମଗିରି ପରବ ବା ନିୟମ ରାଜା ପରବ ବୋଲି ଡଙ୍ଗରିଆ ପିଲାଠୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ନାଚ ଗୀତର ଆସର ଜମାଇ ପୂଜା ଆଡ଼ମ୍ବରରେ କରିଥାନ୍ତି। ଏଥିରେ ରାୟଗଡ଼ା ଜିଲାର ନିୟମଗିରି ସୁରକ୍ଷା ସମିତି ସଭାପତି ଲଦ ସିକକା, ଯୁବ ସଭାପତି ଶାମ୍ଭ ହୁଇକା, ଡ୍ରିଞ୍ଜୁ ପୁସିକା, ଦଦୀ ସିକକା, କୃଷ୍ଣ ସିକକା, ଦଦୀ ପୁସିକାଙ୍କ ସହ ବହୁ ଡଙ୍ଗରିଆ ଯୁବକ ଯୁବତୀଙ୍କ ସହ କଳାହାଣ୍ଡି ଜିଲା ସୁରକ୍ଷା ସମିତି ସଦସ୍ୟ, କର୍ମୀ, ସାଧାରଣ ଲୋକ ଉପସ୍ଥିତ ରହିଥିଲେ। ଆସିଥିବା ସମସ୍ତ ଲୋକଙ୍କ ପାଇଁ ନିୟମଗିରି ସୁରକ୍ଷା ସମିତି ପକ୍ଷରୁ ଖାଦ୍ୟର ବ୍ୟବସ୍ଥା କରାଯାଇଛି।

## ସଂକ୍ଷେପରେ

### ସାମୂହିକ ବ୍ରତ ପାଇଁ ପ୍ରସ୍ତୁତି

ବରପାଲି,୨୫।୨(ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି ନୃସିଂହ ମନ୍ଦିରଠାରେ ବ୍ଲକସ୍ତରୀୟ ସନାତନୀ ବ୍ରାହ୍ମଣ ସମାଜ ସଭାପତି କୃଷ୍ଣଚନ୍ଦ୍ର ଦେବତାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପାଦକ ଶରତ ଚନ୍ଦ୍ର ପାଣିଗ୍ରାହୀ ସଭାର ଆଭିମୁଖ୍ୟ ବିଷୟରେ ସୂଚନା ଦେଇଥିଲେ। ଆସନ୍ତା ମାର୍ଚ୍ଚ ମାସରେ ୭ ଜଣ ବଟୁଙ୍କୁ ନେଇ ସାମୂହିକ ବ୍ରତ କରିବା ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ଆବାହକ ସଦାନନ୍ଦ ଦାଶ ବ୍ରତ ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବୈଠକରେ ପିନାକୀ ଦାଶ, ମେଘନାଦ ମିଶ୍ର, ସରୋଜ କୁମାର ଦାଶ, ପଞ୍ଚାନନ ପାଣିଗ୍ରାହୀ, ନୀରଦ କୁମାର କର, ଆନନ୍ଦ ପ୍ରସାଦ ଦାଶ, ଯୋଗେଶ ଦାଶ, ଅଶୋକ କୁମାର ପଣ୍ଡା, ନିମାଇଁ ଚରଣ ପଣ୍ଡା, କ୍ଷୀରୋଦ୍ର ବିହାରି ଦାଶ ପ୍ରମୁଖ ଯୋଗଦାନ କରିଥିଲେ। ସଦାନନ୍ଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୨ ବିଭାଗରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ସୋହେଲା,୨୫।୨ (ଅଶ୍ୱିନୀ କୁମାର ପାତ୍ର)



ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର କାର୍ଯ୍ୟକ୍ରମ ସୋହେଲା ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟଅତିଥି, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ସୋହେଲା ବ୍ଲକ ଅଧ୍ୟକ୍ଷା ବବି ପଧାନ, ସୋହେଲା ତହସିଲଦାର ଶୁଭରଞ୍ଜନ ନାୟକ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ରାଧାକାନ୍ତ ଛତ୍ରୀ, ଜିଲା ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନର ଅଧ୍ୟକ୍ଷ ରଜନୀକାନ୍ତ ଦାଶ ସମ୍ମାନୀତ ଅତିଥି ଏବଂ ଟିଟିଲାଗଡ଼ର ଅବସରପ୍ରାପ୍ତ ଅଧ୍ୟାପକ ଶିବପ୍ରସାଦ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଜୀବନରେ ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ଜିଲାରେ ଶିକ୍ଷାର ପ୍ରଗତିକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଏହାକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଏହି ଉତ୍ସବରେ ୧୨ଟି ବିଭାଗରେ ୨୦୩୨ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲା ବିଜ୍ଞାନ ନିରୀକ୍ଷକ ଧୀରୋଜ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶିକ୍ଷକ ଗୋବିନ୍ଦ ସେଠ, ଭବାନୀ ଶଙ୍କର ଗଡତିଆ ଓ ଶିକ୍ଷୟିତ୍ରୀ ସୋନାଲିକା ଶବର ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ସିଆର୍‌ସିସି, ପ୍ରଧାନଶିକ୍ଷକ ତଥା ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ । ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମାହେଶ୍ୱରୀ ସେନାର ବନ୍ଧୁମିଳନ

ଭେଡେନ,୨୫।୨(ସୁଦନ ମହାକୁର)

ବରଗଡ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ଐତିହାସିକ ପପଙ୍ଗା ପାହାଡ଼ରେ ଜିଲାସ୍ତରୀୟ ମାହେଶ୍ୱରୀ ସେନାର ବନ୍ଧୁମିଳନ କାର୍ଯ୍ୟକ୍ରମ ପ୍ରତୁଲ କୁମାର କର୍ଣ୍ଣଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରଥମଥର ମାହେଶ୍ୱରୀ ସେନାରେ ନୂତନ ଭାବେ ସର୍ବସମ୍ମତି କ୍ରମେ ନାରୀଶକ୍ତିଙ୍କୁ ସାମିଲ କରାଯିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସଙ୍ଗଠନର କାର୍ଯ୍ୟକ୍ରମକୁ ଗାଁ ସ୍ତରରେ ପହଞ୍ଚାଇବା, ସମସ୍ତ ସଦସ୍ୟଙ୍କ ମଧ୍ୟରେ ସମନ୍ୱୟ ଓ ସହଯୋଗ ରଖିବା ପାଇଁ ବ୍ଲକସ୍ତରରେ ସଂଯୋଜକମାନଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ସେହିପରି ରକ୍ତଦାନ ଶିବିର ନିୟମିତ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ସୁରେନ୍ଦ୍ର ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।



ବନ୍ଧୁମିଳନ ଉତ୍ସବରେ ଉପସ୍ଥିତ ମାହେଶ୍ୱରୀ ସେନାର ସଦସ୍ୟ।

# ରାଜ୍ୟସ୍ତରୀୟ ସମ୍ବଲପୁରୀ ଭାଷା ସମ୍ମିଳନୀ

ସମ୍ବଲପୁର,୨୫।୨(ଭବାନୀଶଙ୍କର ଭୋଇ)

- ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସ୍ଥାନିତ କରାଯାଉ
- ସମ୍ବଲପୁରୀ ଲେଖକଙ୍କୁ ପ୍ରତିବର୍ଷ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ
- ବିଦ୍ୟାଳୟ ସ୍ତରରେ ସମ୍ବଲପୁରୀରେ ପାଠପଢ଼ା ପାଇଁ ଦାବି



ଉଦ୍‌ଘାଟନୀ ଉତ୍ସବରେ ଅତିଥି ଏବଂ ଆୟୋଜକ।

ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ପକ୍ଷରୁ ଓଡିଶା ସାଂସ୍କୃତିକ ସମାଜ ଭବନରେ ରବିବାର ରାଜ୍ୟ ସ୍ତରୀୟ ସମ୍ବଲପୁରୀ ଭାଷା ସମ୍ମିଳନୀ ଆୟୋଜିତ ହୋଇଯାଇଛି । ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ସମ୍ବଲପୁରୀ ଭାଷାର ଉଦ୍ଭବ, ବିକାଶ ଧାରା ପ୍ରସଙ୍ଗରେ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଆଲୋଚନାଚକ୍ରରେ ଡ. ଶ୍ୟାମସୁନ୍ଦର ଧର ପ୍ରାରମ୍ଭିକ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ଡ. ଗୌରିଦାସ ପଧାନ ସଂଯୋଜନା କରିଥିଲେ। ଆଲୋଚକ ଭାବରେ ସମ୍ବଲପୁରୀ ଭାଷାବିଦ ପ୍ରଫେସର ଅଶୋକ କୁମାର ଦାଶ ଏବଂ ପ୍ରଫେସର କୁଞ୍ଜବନ ପଟେଲ ଯୋଗଦେଇ ବେଦ, ଚର୍ଯାଗୀତିକା, ମହାଭାରତ ଏବଂ ଭାଗବତରେ ରହିଥିବା ଶବ୍ଦଗୁଡିକ ଆଜି ମଧ୍ୟ ସମ୍ବଲପୁରୀ ଭାଷାରେ ବ୍ୟବହାର ହୋଇ ଆସୁଥିବାବେଳେ ଅଶୋକଙ୍କ ପୂର୍ବବର୍ତ୍ତୀ ସମୟ ଖ୍ରୀ. ପୂ ତୃତୀୟ ଶତାବ୍ଦୀରୁ ସମ୍ବଲପୁରୀ ଶବ୍ଦର ବ୍ୟବହାର ବିଷୟରେ ଗବେଷଣାକରୁ ଜଣାପଡିଥିବା ବକ୍ତବ୍ୟରେ କହିଥିଲେ। ଭାଷାବିଦ ତଥା ଗବେଷକ ଡ. ମୀନକେତନ ଛୁରିଆ ସମ୍ବଲପୁରୀ ଭାଷାର ବିଭକ୍ତି ବିଷୟରେ ବର୍ଣ୍ଣନା କରିଥିଲେ। ସମ୍ବଲପୁରୀ ଭାଷାର ଗବେଷକ ଡ. ପ୍ରମୋଦ ପାଢୀ ଚର୍ଯ୍ୟାଗିତି ଏବଂ ବିଭିନ୍ନ ଶିଳାଲେଖରେ ସମ୍ବଲପୁରୀ ଭାଷାର ଶବ୍ଦ ରହିଥିବା କହିଥିଲେ। ସେହିପରି ଅନ୍ୟତମ ଗବେଷକ ଡ. ସୁବାସ ମେହେର କହିଥିଲେ ଯେ, ଓଡିଆ ଭାଷା ଗବେଷକ ସୁରେନ୍ଦ୍ର ମହାନ୍ତି ସମ୍ବଲପୁରୀ ଭାଷାରେ ଓଡିଆ ଭାଷାର କଙ୍କାଳ ରହିଥିବା କଥା ବର୍ଣ୍ଣନା କରି ସମ୍ବଲପୁରୀର ପ୍ରାଚୀନତାକୁ ଗ୍ରହଣ କରିସାରିଛନ୍ତି। ଡ. ସ୍ୱର୍ଣ୍ଣମୟୀ ପୁରୋହିତ, ଗବେଷକ ମୁକ୍ତକଣ୍ଠ ପ୍ରଧାନ ସମ୍ବଲପୁରୀ ଭାଷାକୁ ଜୀବନ ଜୀବିକାର ଭାଷା ଭାବରେ ବିକଶିତ କରିବା ଉପରେ ଜୋର ଦେଇଥିଲେ। ଅଧିବେଶନର ସଭାପତି ପଣ୍ଡିତ ପୁର୍ଣ୍ଣଚନ୍ଦ୍ର ସାହୁ ସମ୍ବଲପୁରୀ ଭାଷାକୁ ସଂସ୍କୃତର ଅଧିକ ନିକଟତର ଭାଷା ଭାବେ ପ୍ରମାଣିତ କରିଥିଲେ । ଦ୍ୱିତୀୟ ଅଧିବେଶନରେ ଗବେଷକ ଉପେନ୍ନ ଭୋଇ, ଡ. ନିମାଇଁ ଚରଣ ପଣ୍ଡା ଯୋଗଦେଇ ସମ୍ବଲପୁରୀ ଭାଷାର ପ୍ରାଚୀନତା ସପକ୍ଷରେ ବିଚାର ରଖିଥିଲେ। ଏ ଅବସରରେ ଲକ୍ଷ୍ମୀନାରାୟଣ ପଣ୍ଡାଙ୍କ ସମ୍ବଲପୁରୀ କାବ୍ୟ 'ଶଶିସେନା' ଲୋକାର୍ପଣ କରାଯାଇଥିଲା। ଡ. ସତ୍ୟନାରାୟଣ ଠାକୁର ଆଲୋଚନାର ନିର୍ଯ୍ୟାସ ଉପସ୍ଥାପନା କରିଥିବା ବେଳେ ପ୍ରଫେସର ଶଙ୍କର ପ୍ରସାଦ ପତି ଓ ଶିକ୍ଷାବିତ ଅରବିନ୍ଦ ମହାପାତ୍ର ଉଦ୍‌ଯାପନୀ ସଭାରେ ଅତିଥି ଭାବରେ ଯୋଗଦେଇଥିଲେ। ଏକ ଦିବସୀୟ ରାଜ୍ୟସ୍ତରୀୟ ସମ୍ମିଳନୀରେ ପଶ୍ଚିମାଞ୍ଚଳର ସବୁ ଜିଲାର ପ୍ରତିନିଧି ଯୋଗଦେଇ ସମ୍ବଲପୁରୀ ଭାଷାର ଭବିଷ୍ୟତ ବିକାଶ ପାଇଁ ଏକତାବଦ୍ଧ ହୋଇ କାମ କରିବାକୁ ଆହ୍ୱାନ ଦିଆଯାଇଥିଲା। ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସ୍ଥାନିତ କରିବା, ସମ୍ବଲପୁରୀ ଭାଷାକୁ ରାଜ୍ୟର ଦ୍ୱିତୀୟ ସରକାରୀ ଭାଷା ଭାବେ ମାନ୍ୟତା ଦେବା, ସମ୍ବଲପୁରୀ ଲେଖକମାନଙ୍କୁ ପ୍ରତିବର୍ଷ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରିବା, ବିଦ୍ୟାଳୟସ୍ତରରେ ସମ୍ବଲପୁରୀରେ ପାଠପଢ଼ା ପାଇଁ ଦାବି କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଭାପତି ପ୍ରଫୁଲ୍ଲ ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହାର ଉଦ୍‌ଘାଟନୀ ସଭାରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ର କୁଳପତି ପ୍ରଫେସର ବଂଶୀଧର ମାଝି ମୁଖ୍ୟଅତିଥି ଭାବରେ ଯୋଗଦେଇ ସମ୍ବଲପୁରୀ ଭାଷାର ବିକାଶ ଗ୍ରାମୀଣ ସ୍ତରରୁ ମହାନଗରସ୍ତର ପର୍ଯ୍ୟନ୍ତ କିପରି ପହଞ୍ଚିଛି ତା'ର ଦୃଷ୍ଟାନ୍ତ ରଙ୍ଗବତୀ ବୋଲି କହିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରଶାନ୍ତ ପାଟଯୋଶୀ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ବୋଧରାମ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅଶୋକ କୁମାର ମିଶ୍ର, ପ୍ରବୀଣ ଦୀକ୍ଷିତ, ଶିବନାରାୟଣ ପାଣିଗ୍ରାହୀ, ପ୍ରଣବାନନ୍ଦ ଦାନୀ, ରାଜେଶ ବେହେରା, ଡ.ହରିଶଙ୍କର ପଣ୍ଡା, ହେମକାନ୍ତ ସାହୁ, ତର୍ପଣ ପ୍ରଧାନ, ସୁରେଖା ସାହୁ, କଳ୍ପନା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ସ୍ୱାବଲମ୍ବୀ ଯୁବଗୋଷ୍ଠୀ, ନବୀନ ଓଡ଼ିଶାର ଶକ୍ତି

ଡୁଙ୍ଗୁରିପାଲି,୨୫।୨(ଦୀନବନ୍ଧୁ ସୁନା)

- ଡୁଙ୍ଗୁରିପାଲି ବ୍ଲକରେ ସରିଲା ପଞ୍ଚାୟତସ୍ତରୀୟ ସଚେତନତା ଶିବିର
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସହଲା ଗ୍ରାମ ପଞ୍ଚାୟତରେ ରବିବାର ଆମ ଓଡିଶା ନବୀନ ଓଡିଶା ପକ୍ଷରୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ସ୍ଥାନୀୟ ହାଇସ୍କୁଲ ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି। ସହଲା ନାଏବ ସରପଞ୍ଚ ହେମଲତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଡୁଙ୍ଗୁରିପାଲି ଜୋନ ଜିଲା ପରିଷଦ ସଭ୍ୟା ମଞ୍ଜୁଶ୍ରୀ ମାଝୀ, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ,ବିଡ଼ିଓ ରୋହିତ ଭୋଇ, ଏବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ର, ସହଲା ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ପୂର୍ଣ୍ଣଚନ୍ଦ୍ର ମେହେର ମଞ୍ଚାସୀନ ଥିଲେ । ମୁଖ୍ୟଅତିଥି ମନ୍ତ୍ରୀ ପୂଜାରୀ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ ସୂଚନା ପ୍ରଦାନ କରିଥିଲେ। ସହଲା ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଉନ୍ନତିକରଣ ପାଇଁ ରାଜ୍ୟ ସରକାର ମଞ୍ଜୁର କରିଥିବା ୫୦ ଲକ୍ଷ ଟଙ୍କାର ସଫଳ ରୂପାୟନ କରିବା ନେଇ ଲୋକଙ୍କୁ ଅବଗତ କରାଇଥିଲେ । ଉଦୀୟମାନ ଯୁବତୀଯୁବକଙ୍କୁ ଯୁବ ଉଦ୍ୟୋଗୀରେ ପରିଣତ କରିବା ନିମନ୍ତେ ସରକାରଙ୍କ ନୂଆ ଯୋଜନା ସ୍ୱୟମ୍‌ରେ ଲାଭଜନକ ବ୍ୟବସାୟ ପାଇଁ ବିନା ସୁଧରେ ୧ ଲକ୍ଷ ଟଙ୍କାର ଋଣ ସୁବିଧା କରାଯାଇଛି । ଏହାଫଳରେ ସ୍ୱାବଲମ୍ବୀ ଯୁବ ଗୋଷ୍ଠୀ, ନବୀନ ଓଡିଶାର ଶକ୍ତି ବୋଲି ମନ୍ତ୍ରୀ ପୂଜାରୀ ଯୁବ ଗୋଷ୍ଠୀଙ୍କୁ ଅବଗତ କରାଇଥିଲେ। ଏହି ଯୋଜନାରେ ଯୁବତୀଯୁବକମାନେ ବ୍ୟବସାୟ କରି ଆତ୍ମନିର୍ଭରଶୀଳ ହୋଇ ପାରିବେ ବୋଲି ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଗ୍ରାମାଞ୍ଚଳର ବିକାଶ ଓ ରାଜ୍ୟ ସରକାରଙ୍କ ପ୍ରୟାସ ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା । ପଞ୍ଚାୟତ ନିର୍ବାହୀ ଅଧିକାରୀ ଜ୍ୟୋତି ରଞ୍ଜନ ସାଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସହଲା ଯୋଗାଣ ସହାୟକ ଗିରିଶ ମେହେର, ଭୀମଟିକିରା ପଞ୍ଚାୟତ ନିର୍ବାହୀ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାମନ୍ତରାୟ, ଟାଙ୍ଗରକର୍ଲେ ପିଇଓ ବଳରାମ ଥନାପତି, କର୍ଲାପୁରୀ ପିଇଓ ପ୍ରଭାତ ରଥ, ଶୁଖା ପିଇଓ ଅଙ୍ଗଦ ମହାନନ୍ଦ, ବୈଦୁପାଲି ପିଇଓ ବିରେନ ଦାସ, ସମଲେଇତୁଆ ସରପଞ୍ଚ ବିଭୁଦତ୍ତ ରାଜହଂସ, ଚେରୁପାଲି ସରପଞ୍ଚ ଦିଲୀପ କୁମାର ଶତପଥୀ, ଇଛାପୁର ସରପଞ୍ଚ ପ୍ରଶାନ୍ତ କୁମାର ସାହୁ, ଚିନାପୁରୀ ସମିତି ସଭ୍ୟା ବିନ୍ଦୁ ଦଣ୍ଡସେନା, କପାସିରା ସରପଞ୍ଚଙ୍କ ପ୍ରତିନିଧି ପ୍ରଦୀପ ସା, ଶୁଖା ସରପଞ୍ଚଙ୍କ ପ୍ରତିନିଧି ସ୍ୱାଧୀନ ବିଶ୍ୱାଳ, ଯନ୍ତ୍ରୀ ହିମାଦ୍ରୀ ପଧାନ, ସୁପରଭାଇଜର ସୀତା ମେହେର, ଡବ୍ଲୁଇଓ ଦେବଯାନୀ ବେହେରା, ବଦ୍ରୀ ନାରାୟଣ ପାଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ । ସ୍ଥାନୀୟ କଳାକାରଙ୍କୁ ନେଇ ସରକାରଙ୍କ ଜନକଲ୍ୟାଣ ଯୋଜନା ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ୱାର୍ଡମେମ୍ବର ସଭ୍ୟାସଭ୍ୟ, ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି, ଜନସାଧାରଣ ଓ ସହଲା ଗ୍ରାମବାସୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।



ସହଲା ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଅନ୍ୟ ଅତିଥି ବୃନ୍ଦ।

# ଜିଲା ପୋଲିସ ପକ୍ଷରୁ ଜନମୈତ୍ରୀ କାର୍ଯ୍ୟକ୍ରମ

ଘଣ୍ଟାପଡ଼ା,୨୫।୨(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ଅନ୍ତର୍ଗତ ଖୁଣ୍ଟିଗୋରା ପଞ୍ଚାୟତ ଅଧୀନ ବନ୍ଧଗୋରାର ଶିବ ମନ୍ଦିର ପ୍ରାଙ୍ଗଣରେ ଜିଲା ପୋଲିସ ଦ୍ୱାରା ରବିବାର ଦିନ ଏକ ଜନମୈତ୍ରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମାଓବାଦୀଙ୍କ ଅସାମାଜିକ, ଅସାମ୍ବିଧାନିକ କାର୍ଯ୍ୟ ନେଇ ସଚେତନ କରାଯିବା ଉଦ୍ଦେଶ୍ୟରେ ଏଏସ୍‌ପି ଏମ.ମିଞ୍ଜଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ସ୍ଥାନୀୟ ଆଦିବାସୀ ନେତା ପୀତାମ୍ବର ଭୋଇ ଯୋଗଦେଇ ମାଓବାଦୀଙ୍କ କାର୍ଯ୍ୟକଳାପ ନେଇ ଭୟଭୀତ ନ ହେବା ସହ ମାଓବାଦୀଙ୍କ ପାଇଁ ରହିଥିବା ଆତ୍ମସମର୍ପଣ ଓ ସରକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ । ସେହିପରି ବୌଦ୍ଧ ଜିଲା ରିଜର୍ଭ ଇନ୍ସପେକ୍ଟର କୁଳମଣି ଗିରି ଉପସ୍ଥିତ ରହି ମାଓବାଦୀଙ୍କ ଆତ୍ମସମର୍ପଣ ପରେ ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଘଣ୍ଟାପଡ଼ା ଥାନାଧିକାରୀ ବଳଭଦ୍ର ଗଣ୍ଡା ଜନସାଧାରଣ ଯଦି କୌଣସି ମାଓବାଦୀଙ୍କ ସମ୍ପର୍କରେ ସୂଚନା ଦିଅନ୍ତି ତାହେଲେ ତାଙ୍କ ନାମ ଗୁପ୍ତ ରଖି ବିଭିନ୍ନ ସରକାରୀ ଯୋଜନାରେ ଅର୍ଥରାଶି ଦିଆଯିବାର ବ୍ୟବସ୍ଥା ଥିବା କଥା କହିଥିଲେ। ଉକ୍ତ ଜନ ମୈତ୍ରୀ କାର୍ଯ୍ୟକ୍ରମରେ ବୌଦ୍ଧ ପୋଲିସର ସର୍ଜେଣ୍ଟ ଦୁଷ୍ମନ୍ତ ସାହୁ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ପଞ୍ଚାୟତର ଯୁବକମାନଙ୍କୁ ଉତ୍ସାହିତ କରିବା ପାଇଁ ଭଲିବଲ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେହିପରି ବୌଦ୍ଧ-କନ୍ଧମାଳ ଜିଲାର ଉପାନ୍ତ ଅଞ୍ଚଳ ହୋଇଥିବାରୁ ଚିକିତ୍ସା ଅଭାବକୁ ଲକ୍ଷ୍ୟ କରି ମାଗଣା ସ୍ୱାସ୍ଥ୍ୟ ଶିବିର ଖୋଲାଯାଇଥିଲା। ଲୋକଙ୍କୁ ବିଭିନ୍ନ ସାମଗ୍ରୀ ଯଥା ୨୦ଜଣ ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର, ଧୋତି, ଶାଢୀ ଓ ୩୦ ଜଣ ଛାତ୍ରୀଛାତ୍ରଙ୍କୁ ସ୍କୁଲ ବ୍ୟାଗ ଓ ଖାତା ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ଘଣ୍ଟାପଡ଼ା ଥାନା ଏସ୍‌ଆଇ ବିଶ୍ୱାମିତ୍ର ଲୋଇଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ,କର୍ମଚାରୀ ଓ ଆଇଆରବି ଯବାନ ଉପସ୍ଥିତ ରହିସହଯୋଗ କରିଥିଲେ।

# ବୀଣାପାଣି କ୍ରିକେଟ: ଗୋଡ଼ଭଗା ଚାମ୍ପିୟନ



ଅତିଥିମାନଙ୍କ ଗହଣରେ ବିଜୟୀ ଦଳର ଖେଳାଳି।

ସରଣ୍ଡା,୨୫।୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ଲହଣ୍ଡା ପଞ୍ଚାୟତ ଅନ୍ତର୍ଗତ ନିଲେଇପାଲି ଗ୍ରାମ ଖେଳ ପଡ଼ିଆରେ ବୀଣାପାଣି ଯୁବକ ସଂଘ ଆନୁକୂଲ୍ୟରେ ଦୁଇଦିନ ଧରି ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ସୋଡ଼ାପାଲିକୁ ହରାଇ ଗୋଡ଼ଭଗା ଦଳ ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟରେ କର୍ଡୋଲା, ସୋଡ଼ାପାଲି, ଗୋଲକନଗର, ଯୋଗୀପାଲି, ଗୋଡଭଗା, ଗୋଶାଳା, ରେଙ୍ଗାଲିପାଲି ଏବଂ ଘନାପାଲି ଆଦି ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଗୋଡଭଗା ଓ ସୋଡ଼ାପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋଡଭଗା ଦଳ ୭ ରନରେ ବିଜୟୀ ହେଇଥିଲା। ଏହି ଟୁର୍ନାମେଣ୍ଟରେ ଲହଣ୍ଡା ସରପଞ୍ଚ ଅର୍ଜୁନ ନାୟକ ମୁଖ୍ୟ ଅତିଥି, ଶିଳ୍ପୁ ଅଗ୍ରୱାଲ, ସଂଘ ସଭାପତି ଲୋକେଶ୍ୱର ପ୍ରଧାନ, ସମ୍ପାଦକ ଋଷଭ ଭୋଇ, ଟଙ୍କଧର ଭୋଇ, ହିମାଂଶୁ ମିଶ୍ର, ପୁରଞ୍ଜନ ପ୍ରଧାନ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ବିଜୟୀ ଦଳକୁ ୭ ହଜାର ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ୪ ହଜାର ଟଙ୍କା ସହ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଗୋଡଭଗାର କିଶନ ଭୁଏଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରମୋଦ ସାହୁ, କୁମୁଦ ସାହୁ, ଉଦ୍ଧବ ଭୋଇ, ପୁରଞ୍ଜନ ପ୍ରଧାନ ଖେଳ ପରିଚାଳନା କରିଥିଲେ।

# ବୁଢ଼ାରଜା କ୍ରିକେଟ୍: ବରତୁଣ୍ଡା ଚାମ୍ପିୟନ

ପାଇକମାଳ,୨୫।୨(ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ପଞ୍ଚାୟତର ଭୂତମୁଣ୍ଡା ଗ୍ରାମରେ ଚାଲିଥିବା ୪ତମ ଜୟ ବୁଢ଼ାରଜା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଭୂତମୁଣ୍ଡାକୁ ହରାଇ ବରତୁଣ୍ଡା ଦଳ ଚାମ୍ପିୟନ ହୋଇଛି। ପ୍ରଥମ ସେମିଫାଇନାଲ ବରତୁଣ୍ଡା ଓ ଛିନ୍ଦପାଣି ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ବରତୁଣ୍ଡା ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲ ଭୂତମୁଣ୍ଡା ଓ ଭେରୁଆମୁଣ୍ଡା ମଧ୍ୟରେ ହୋଇ ଭୂତମୁଣ୍ଡା ବିଜୟୀ ହୋଇଥିଲା। ଭୂତମୁଣ୍ଡା ଓ ବରତୁଣ୍ଡା ମଧ୍ୟରେ ଫାଇନାଲ ମ୍ୟାଚ୍‌ରେ ଭୂତମୁଣ୍ଡା ଟସ ଜିଣି ବ୍ୟାଟିଂ କରି ୫ ଉଇକେଟ ହରାଇ ନିର୍ଦ୍ଧାରିତ ୮ଓଭରରେ ୮୪ ରନ ସଂଗ୍ରହ କରିଥିଲା। ଜବାବରେ ବରତୁଣ୍ଡା ଦଳ ୬.୪ ଓଭରରେ ୮୫ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଓ ଭାଜପା ଯୁବମୋର୍ଚ୍ଚା ସଭାପତି ପ୍ରୀତେଶ ବହିଦାର, ମଙ୍ଗନ ବରିହା, ସୁବାସ ମହାନ୍ତି, ଜଗଦୀଶ ନାୟକ, ଲବ ପଟେଲ, ସତାର ମାଝୀ, ବୁଦ୍ଧୁ ପ୍ରଧାନ, ମନୋଜ ମହାନ୍ତି, ପରମାନନ୍ଦ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଦଳକୁ ପୁରସ୍କୃତ କରିଥିଲେ। ନେପାଳ ମାଝୀ, ଯଦୁମଣି ମାଝୀ, ଆଶିଷ ପ୍ରଧାନ, ସରଜୁ ପ୍ରସାଦ ବାରିକ ଖେଳ ପରିଚାଳନା କରିଥିବା ବେଳେ ଶଶି ପଟେଲ ସ୍କୋରର ଥିଲେ। ଜିବିଲାଲ ନାଏକ, ଅଜିତ ପ୍ରଧାନ, ବନମାଳି ମିର୍ଦ୍ଧା ଓ ପୁଷ୍ପକାନ୍ତ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ କବାଡି ରେଫରି ଅଜିତ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୌମ୍ୟ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳିଗଣ।

## ସଂକ୍ଷେପରେ

### ଅଶୋକ ବିଶ୍ୱାଳ ଅରିଜିନାଲ ପାୱାର କ୍ଲବର ବ୍ରାଣ୍ଡ ଆମ୍ବାସାଡର

**ରାଉରକେଲା, ୨୫।୨ (ସଙ୍ଗୀତା ଜେନା)**

ମହାରାଷ୍ଟ୍ର ପୁନେରେ ଆୟୋଜିତ ୪୪ତମ ଜାତୀୟ ମାଷ୍ଟର୍ସ ଆଥ୍‌ଲେଟିକ୍ ଚାମ୍ପିଆନଶିପ୍‌ରେ ପ୍ରଥମ ସ୍ଥାନ ହାସଲ କରିଥିବା ରାଉରକେଲାର ଅଶୋକ ବିଶ୍ୱାଳଙ୍କୁ ରବିବାର କ୍ରୀଡ଼ାନୁଷ୍ଠାନ ଅରିଜିନାଲ ପାୱାର କ୍ଲବର ବ୍ରାଣ୍ଡ ଆମ୍ବାସାଡ଼ର ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। କ୍ଲବର ଅଧ୍ୟକ୍ଷ ଓ.ପି. ସିଂହ, ଉପାଧ୍ୟକ୍ଷ ଉମାଶଙ୍କର ତିୱାରୀ, ହରିଶଙ୍କର ସାହା ପ୍ରମୁଖ ବିଶ୍ୱାଳଙ୍କୁ ଭେଟି ସମ୍ମାନିତ କରିଥିଲେ। ସୂଚନାଯୋଗ୍ୟ, ଅଶୋକ ବିଶ୍ୱାଳ ୩୦୦ ଓ ୪୦୦ ମିଟର ହର୍ଡଲ୍ସ (ବରିଷ୍ଠ ବିଭାଗ)ରେ ଜାତୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ସେ ଶକ୍ତିନଗର ନିବାସୀ ଓ ଏନ୍‌ଆଇଟିର ପ୍ରାକ୍ତନ ଛାତ୍ର ।



କ୍ଲବର ସଦସ୍ୟମାନଙ୍କ ସହ ଅଶୋକ।

### ଶିଳ୍ପ ବର୍ଜ୍ୟ ରାଜସ୍ୱ ପାଇଁ ନୂଆ ପଦକ୍ଷେପ

**ରାଉରକେଲା, ୨୫।୨ (ବିପ୍ଳବ ରଞ୍ଜନ ଦାଶ)**

ପରିବେଶ ପ୍ରତି ଅଙ୍ଗୀକାରବଦ୍ଧ ଓ ଶିଳ୍ପ ବର୍ଜ୍ୟବସ୍ତୁ ସର୍ବୋଚ୍ଚ ଉପଯୋଗ ପାଇଁ ସଂକଳ୍ପକୁ ଦୋହରାଇ ଆର୍‌ଏସ୍‌ପି ରିସାଇକ୍ଲିଂ ତଥା ବିଭିନ୍ନ କାର୍ଯ୍ୟରେ ପୁନଃ ବ୍ୟବହାର ପାଇଁ କ୍ରେତାମାନଙ୍କୁ ବ୍ଲାଷ୍ଟ ଫର୍ଣ୍ଣେସ ସ୍ଲଜ ପ୍ରେରଣ ଆରମ୍ଭ କରିଛି। ଏହା ନୂତନ ପଦକ୍ଷେପ ଏବଂ କେବଳ ପରିବେଶ ସ୍ଥାୟିତ୍ୱ ଦିଗରେ ଇସ୍ପାତ କାରଖାନାର ସମର୍ପିତ ପ୍ରୟାସ ଅନୁରୂପ ଅଟେ। ଏଥିସହ ଦାୟିତ୍ୱପୂର୍ଣ୍ଣ ବର୍ଜ୍ୟବସ୍ତୁ ପରିଚାଳନା ଅଭ୍ୟାସ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ସୂଚନାଯୋଗ୍ୟ, ଇସ୍ପାତ ତିଆରି ପ୍ରକ୍ରିୟା ସମୟରେ ବହୁ ପରିମାଣ ସ୍ଲଜ ସୃଷ୍ଟି ହୋଇଥାଏ। ବିଏଫ୍ ଗ୍ୟାସ କ୍ଲିନିଂ ପ୍ଲାଣ୍ଟ (ଜିସିପି)ରେ ଦୈନିକ ୨.୫ ଟନ୍ ହାରରେ ସ୍ଲଜ ସୃଷ୍ଟି ହୁଏ ଯାହା ଏକ ନିରନ୍ତର ପ୍ରକ୍ରିୟା । ସୂକ୍ଷ୍ମକଣିକା ଯୁକ୍ତ ସ୍ଲଜରେ ୭୦ ପ୍ରତିଶତ କାର୍ବନ ଓ ୨୪ ପ୍ରତିଶତ ଲୌହ ରହିଥାଏ ଯାହା ଜାଳେଣି ଉଦ୍ଦେଶ୍ୟରେ ବ୍ରିକେଟ ତିଆରି ପାଇଁ ବ୍ୟବହୃତ ହୋଇଥାଏ। ବ୍ଲାଷ୍ଟ ଫର୍ଣ୍ଣେସର ଏକ ନୂତନ ବଜାରଯୋଗ୍ୟ ଉପାଦାନ ଭାବେ ସ୍ଲଜ ଉଦୀୟମାନ ହେଉଛି। ବର୍ତ୍ତମାନର ଭିତ୍ତିଭୂମି ଅନୁଯାୟୀ ବିଏଫ-୧ ଏବଂ ୪ ନିୟମିତ ଭାବେ ମାସକୁ ୭୫ ଟନ୍ ସ୍ଲଜ ସୃଷ୍ଟି କ୍ଷମତା ରଖନ୍ତି। ଏହାର ବିକ୍ରି ରାଜସ୍ୱ ସୃଷ୍ଟି ସମେତ ଶିଳ୍ପଜନିତ ବର୍ଜ୍ୟବସ୍ତୁର ପ୍ରଭାବଶାଳୀ ପରିଚାଳନାରେ ସହାୟକ ହେବ। ଜିସିପି ସ୍ଲଜ ପ୍ରଥମ ଚାଲାଣ ଫେବୃୟାରୀ ୨୧ ତାରିଖରେ ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର ଜିଏମ୍ ଶୁଭେନ୍ଦୁ କୁମାର ବେହେରା ଏବଂ ଡିଜିଏମ୍ ପ୍ରସନ୍ନଜିତ ରାୟଙ୍କ ଉପସ୍ଥିତିରେ ସମ୍ପନ୍ନ ହୋଇଥିଲା।

# ଭଲ ମଣିଷ ପାଇଁ ସମାଜବାଦୀ ହେବା ଆବଶ୍ୟକ



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ରାଉରକେଲା, ୨୫।୨ (ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଛେଣ୍ଡ ସ୍ଥିତ ଧାମରା ସଂଘ ସଭା ଭବନରେ ରବିବାର ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସାଥୀର ୨୫ତମ ରୌପ୍ୟ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଥା ଅଧ୍ୟକ୍ଷ ସଦାନନ୍ଦ ସାହୁଙ୍କ ତତ୍ତ୍ୱାବଧାନ ଓ ସମ୍ପାଦକ ରଜନୀକାନ୍ତ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଉରକେଲା ବଣିକ ସଂଘ ଅଧ୍ୟକ୍ଷ ସୁନୀଲ କୟାଲ, ଯୁବ ଉଦ୍ୟୋଗୀ ନିହାରିକା ବହ୍ରିଆ, ଅନୁଷ୍ଠାନର କାର୍ଯ୍ୟକାରୀ ଅଧ୍ୟକ୍ଷ ଇଂ. ଆଦିଲ ଅହମ୍ମଦ, ବରିଷ୍ଠ ଆଇନଜୀବୀ ବିନୟ କୁମାର ଦାସ ଏବଂ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଆଲୋଚକ ଭାବେ ପ୍ରଫେସର ଡକ୍ଟର ରକ୍ମିଣୀ ସାହୁ ଯୋଗଦେଇ ଆମ ଭାଷା, ଆମ ସଂସ୍କୃତି, ଆମ ଅସ୍ମିତା-ଆଜିର ଆହ୍ୱାନ ଶୀର୍ଷକ ବିଷୟରେ ଆଲୋଚନା କରି କହିଥିଲେ ଯେ, ଓଡିଆ ଜାତିର ମାହାତ୍ମ୍ୟ ଅବର୍ଣ୍ଣନୀୟ। ଆମ ଓଡିଆ ଭାଗବତ କେବଳ ଓଡିଶାରେ ସୀମିତ ନୁହେଁ, ଆମ ଓଡିଆ ଭାଗବତ ସୁଦୂର ଛତିଶଗଡ ଓ ଆନ୍ଧ୍ରପ୍ରଦେଶରେ ବି ଖୁବ୍ ଆଦୃତ। ଏହାସହ ଫକୀର ମୋହନଙ୍କ ରେବତୀ ଓ ଡାକସେବକ ଭଳି ମାର୍ମିକ ଲେଖନୀ ଆଜି ମଧ ପାଠକ ହୃଦୟରେ ଶିହରଣ ଖେଳାଏ। ବଳରାମ ଦାସ କୃତ ଶ୍ରୀୟା ଚଣ୍ଡାଳୁଣୀ ଓଡିଆ ସାହିତ୍ୟ ସମାଜରେ ଜାତିବାଦ ଭଳି ଘୃଣ୍ୟ ଚିନ୍ତାଧାରାକୁ ବିନାଶ କରି ମହିଳା ସଶକ୍ତୀକରଣ ବାର୍ତ୍ତା ପ୍ରଦାନ କରେ। ଏଣୁ ସମାଜରେ ଭଲ ମଣିଷଟିଏ ହେବାକୁ ହେଲେ ସାହିତ୍ୟ, ସଂସ୍କୃତି ଓ ସଭ୍ୟତାକୁ ଆଦର କରିବା ସହିତ ସମାଜବାଦୀ ହେବା ଅତ୍ୟନ୍ତ ଆବଶ୍ୟକ ବୋଲି ସାହୁ ଉଲ୍ଲେଖ କରିଥିଲେ। ଏହାପରେ ଅତିଥିମାନଙ୍କ ଦ୍ୱାରା ରୌପ୍ୟ ଜୟନ୍ତୀ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଆର୍‌ଜିଏର ଚର୍ମରୋଗ ବିଶେଷଜ୍ଞ ଡ. ବଳରାମ ବେହେରା, ଆଶାକର୍ମୀ ମାତିଲତା କୁଲୁ ଓ ସାମାଜିକ କର୍ମୀ କୈଳାସ ଚନ୍ଦ୍ର ସ୍ୱାଇଁଙ୍କୁ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା। ସମ୍ପାଦକ ରଜନୀକାନ୍ତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅମୃତ ଭାରତ ଷ୍ଟେଶନ ଯୋଜନାରେ ପାନପୋଷ ସାମିଲ




ପାନପୋଷ ରେଲୱେ ଷ୍ଟେଶନ।

**ରାଉରକେଲା, ୨୫।୨ (ସଙ୍ଗୀତା ଜେନା)**

ରେଳବାଇକୁ ଅଧିକ ବିକଶିତ ଓ ଯାତ୍ରୀ ସୁରକ୍ଷା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଅମୃତ ଭାରତ ଷ୍ଟେଶନ ଯୋଜନା ଜରିଆରେ ୫୫୪ଟି ଷ୍ଟେଶନର ରୂପରେଖ ବଦଳିବ। ଏହି କ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଆଭାସୀ ଜରିଆରେ ଏହି ଯୋଜନା ଅଧୀନ ଉନ୍ନତିମୂଳକ କାର୍ଯ୍ୟର ଶୁଭାରମ୍ଭ କରିବେ। ଏହାଦ୍ୱାରା ଚକ୍ରଧରପୁର ରେଲୱେ ମଣ୍ଡଳ ଅଧୀନରେ ଥିବା ରାଉରକେଲା ଓ ଝାରସୁଗୁଡ଼ା ବିଶେଷ ଉପକୃତ ହେବ। ମୁଖ୍ୟତଃ ବମ୍ବେ- ହାୱଡ଼ା ମେନ୍ ରୁଟ୍‌ରେ ପାନପୋଷ, ରାଜଗାଙ୍ଗପୁର, ଚକ୍ରଧରପୁର, ଝାଡ଼ଖଣ୍ଡର ସିନି, ଟାଟା ସମେତ ଅନ୍ୟ ଷ୍ଟେଶନଗୁଡ଼ିକର ନବକଳେବର କରାଯିବ। ଏହା ସହିତ ଖଣିଖାଦାନ ପରିପୂର୍ଣ୍ଣ ଝାଡ଼ଖଣ୍ଡର ଚାଇଁବାସା, ଡଙ୍ଗାପୋଷି, ଓଡ଼ିଶା ବିମଳାଗଡ଼ ସମେତ ଅନ୍ୟ ଷ୍ଟେଶନଗୁଡ଼ିକର ନବୀକରଣ କରାଯିବ। ପାନପୋଷ ଷ୍ଟେଶନର ଉନ୍ନତି ପାଇଁ ୨୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ କରାଯାଇଛି। ଗୋଟିଏ ଅଣ୍ଡରପାସ୍ ନିର୍ମାଣ ପାଇଁ ୧୨ କୋଟି ଟଙ୍କା ଓ ଷ୍ଟେଶନ ନିର୍ମାଣ କାର୍ଯ୍ୟ ପାଇଁ ୧୦ କୋଟି ଟଙ୍କାବ୍ୟୟ କରାଯିବ। ଷ୍ଟେଶନ ବିଲ୍‌ଡିଂ, ଯାତ୍ରୀ ପ୍ରତୀକ୍ଷାଳୟ, ଦିବ୍ୟାଙ୍ଗଙ୍କ ପାଇଁ ର୍ୟାମ୍ପ, ଯାତ୍ରୀଙ୍କ ଚାଲିବା ପାଇଁ ପ୍ଲାଟଫର୍ମ, ଷ୍ଟେଶନ ସୌନ୍ଦର୍ଯ୍ୟକରଣ, ଗ୍ରୀନ ପ୍ୟାଚ, ଅତ୍ୟାଧୁନିକ ପାର୍କିଂ ଆଦି ନିର୍ମାଣ କରାଯିବ ବୋଲି ଅମୃତ ଭାରତ ଷ୍ଟେଶନ ଯୋଜନା କାର୍ଯ୍ୟକ୍ରମର ପରିଚାଳକ ତଥା ବନ୍ଧମୁଣ୍ଡା ସିନିୟର ଡିଏମ୍‌ଇ ପଞ୍ଚାନନ ବେହେରା ସୂଚନା ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ଚକ୍ରଧରପୁର ରେଳମଣ୍ଡଳର ୪୦ଟି ଷ୍ଟେଶନକୁ ଉକ୍ତ ପ୍ରକଳ୍ପରେ ସାମିଲ କରାଯାଇଛି। ଉକ୍ତ ରେଳମଣ୍ଡଳର ୧୩ଟି ଏଲଏଚ୍‌ଏସ୍, ୬ଟି ରୋଡ୍ ଓଭରବ୍ରିଜ, ୪ଟି ରୋଡ୍ ଅଣ୍ଡର ବ୍ରିଜ୍, ୬ଟି ସବୱେ, ୧୧ଟି ଷ୍ଟେଶନର ପୁନର୍ବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ।

## ପାର୍ଶ୍ୱାଞ୍ଚଳ ଏସ୍‌ଏଚ୍‌ଜି ମହିଳାଙ୍କ ସହ ମତବିନିମୟ ଅଧିବେଶନ

**ରାଉରକେଲା, ୨୫।୨ (ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ଏସ୍‌ଏଚ୍‌ଜି ମହିଳାମାନଙ୍କୁ ନେଇ ମେଳ ମିଳାପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହର ସେବା ବିଭାଗର ଜିଏମ୍ ବିଭାବସୁ ମଲ୍ଲିକ ଅଧକ୍ଷତା କରି ଏସ୍‌ଏଚ୍‌ଜି ମହିଳାମାନଙ୍କ ସହିତ ମତ ବିନିମୟ କରି ସିଏସ୍‌ଆର ବିଭାଗ ଦ୍ୱାରା ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ଅବସରରେ ସିଏସ୍‌ଆର ବିଭାଗର ଜିଏମ୍ ସୁଶ୍ରୀ ମନୁମୁନ ମିତ୍ରା, ଏଜିଏମ୍ ଟି. ବି. ଟପ୍ପୋ, ଏ. ଏନ୍. ପତିଙ୍କ ସମେତ ଅନ୍ୟ ସିଏସ୍‌ଆର ଦଳ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବନ୍ଧମୁଣ୍ଡା, ଝିରପାଣି, ଲାଇଙ୍ଗ, ଜୟଡେଗା, ଝଣ୍ଡାପାହାଡ ଓ ହାତୀଦଶା ପୁନର୍ବସତି କଲୋନୀର ଉଷା ସିଲାଇ ଦଳ ଓ ଲାଠିକଟା ବ୍ଲକର ଛତୁ ଚାଷ କରୁଥିବା ଦୁଇ ଏସ୍‌ଏଚ୍‌ଜି ଏବଂ ଭାଲୁଲତା ଓ ଖୁଣ୍ଟଗାଁର ବାଉଁଶ କାରିଗରୀ କରୁଥିବା ମୋଟ ୫୦ଜଣ ମହିଳା ସାମିଲ ହୋଇଥିଲେ। ଜିଏମ୍ ମଲ୍ଲିକ ମହିଳା ଗ୍ରୁପ୍‌ମାନଙ୍କୁ ସ୍ୱାବଲମ୍ବୀ କରିବାରେ ସିଏସ୍‌ଆର ବିଭାଗର ଦାୟିତ୍ୱବୋଧତାକୁ ପ୍ରଶଂସା କରିବା ସହିତ ଅନ୍ୟ ଗୋଷ୍ଠୀଙ୍କୁ ଅନୁପ୍ରେରିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥି ଏସ୍‌ଏଚ୍‌ଜି ପ୍ରିୟା ଓ ଜାନକୀର ସମସ୍ତ ସଦସ୍ୟାଙ୍କୁ ଛତୁଚାଷରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଟୋକନ ଉପହାର ପ୍ରଦାନ କରିଥିଲେ।




କାର୍ଯ୍ୟକ୍ରମରେ ଜଣେ ମହିଳା ସଭାନେତ୍ରୀ ପୁରସ୍କୃତ ହେଉଛନ୍ତି।

ଉଲ୍ଲେଖଯୋଗ୍ୟ, ଉକ୍ତ ଉଭୟ ଏସ୍‌ଏଚ୍‌ଜି ବ୍ରେକ ଇଭେଣ୍ଟ ପଏଣ୍ଟ ଅତିକ୍ରମ କରି ଛତୁ ବ୍ୟବସାୟରେ ଲାଭାନ୍ୱିତ ହୋଇଛନ୍ତି। ଏହି ଅଧିବେଶନରେ ଏକ କେଶ୍ ଷ୍ଟଡି ଉପସ୍ଥାପନା ହୋଇଥିଲା। ଟି. ବି. ଟପ୍ପୋ ଛତୁଚାଷ କ୍ଷେତ୍ରରେ ଏସ୍‌ଏଚ୍‌ଜିର ଉଦ୍ୟୋଗୀ ଉନ୍ନତି ଏବଂ ଅଞ୍ଚଳରେ ଏହାର ପ୍ରଭାବ ବର୍ଣ୍ଣନା କରିଥିଲେ। ମହିଳାମାନେ ମଧ ସେମାନଙ୍କ ଅନୁଭୂତି, ସହଭାଗିତା ସହ ଆରଏସପିର ସିଏସ୍‌ଆର ମାଧମରେ ପାଉଥିବା ତାଲିମ, ଦକ୍ଷତା ବିକାଶ ଉପରେ ଆଲୋଚନା କରିଥିଲେ। ସୁଶ୍ରୀ ମୁନମୁନ ମିତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡେପୁଟି ମ୍ୟାନେଜର ସୁଶ୍ରୀ ରୀତା ସୁଧିରମ ମତବିନିମୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଟି. ବି. ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ।

### ଗଛକୁ ଧକ୍କା ଦେଲା ସ୍କୁଟି, ଜଣେ ମୃତ

**ଲହୁଣୀପଡା, ୨୫।୨ (ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଖୁଣ୍ଟଗାଁ ପଞ୍ଚାୟତ ଗଦାପାଲି ଗ୍ରାମରେ ଶନିବାର ରାତିରେ ଭାରସାମ୍ୟ ହରାଇ ଏକ ସ୍କୁଟି ଗଛକୁ ଧକ୍କା ଦେଇଥିଲା। ଫଳରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁନୀଲ କୁମ୍ଭାର। ଏଥିସହ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ହୀରାଲାଲ କୁମ୍ଭାର ଓ ଅଜୟ କୁମ୍ଭାର। ଲହୁଣୀପଡା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ପୋଲିସ ସ୍କୁଟିକୁ ଜବତ କରି ଘଟଣାର ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ୩ ଜଣ ସାଙ୍ଗ ସ୍କୁଟି ଯୋଗେ କୌଣସି କାମରେ ନିକଟସ୍ଥ ବର୍ହାଗୁଡା ଗ୍ରାମକୁ ଯାଇଥିଲେ। ରାତି ପ୍ରାୟ ୧୧ଟା ବେଳେ ନିଜ ଗ୍ରାମ ଗଦାପାଲିକୁ ଫେରୁ ଥିବା ବେଳେ ରାସ୍ତା କଡରେ ଥିବା ଏକ ଗଛକୁ ଧକ୍କା ଦେଇଥିଲେ। ଗୁରୁତର ୩ ଜଣଙ୍କୁ ବଣେଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ସୁନୀଲଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ୨ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି।

## ବିଜୟ ସଭାପତି, ବିଶ୍ୱରଞ୍ଜନ ସମ୍ପାଦକ



ବିଜୟୀ ସଂଘ କାର୍ଯ୍ୟକର୍ତ୍ତା।

### ବେଦବ୍ୟାସ ଟ୍ରକ୍ ଓନର ଆସୋସିଏଶନ ନିର୍ବାଚନ ସମ୍ପନ୍ନ

**ରାଉରକେଲା/ବେଦବ୍ୟାସ, ୨୫।୨ (ସଙ୍ଗୀତା ଜେନା/ଆଲୋକ ସ୍ୱାଇଁ)**

୨୦୨୪-୨୫ ପାଇଁ ବେଦବ୍ୟାସ ଟ୍ରକ୍ ଓନର ଆସୋସିଏଶନର ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଛି। ପ୍ରକାଶ ପାଇଥିବା ଫଳାଫଳ ଅନୁସାରେ, ସଭାପତି ଭାବେ ବିଜୟ ପ୍ରଧାନ ୧୩୨ଖଣ୍ଡ ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୁଖବିନ୍ଦର ସିଂହଙ୍କୁ ପରାସ୍ତ କରିଥିଲେ। ସେହିପରି ଉପସଭାପତି ଭାବେ ଜୟବାହାଦୁର ସିଂ ୮୮ଖଣ୍ଡ, ସାଧାରଣ ସମ୍ପାଦକ ବିଶ୍ୱରଞ୍ଜନ ବେଉରା ୧୦୬ ଖଣ୍ଡ, ସହ ସମ୍ପାଦକ ବିଜୟ ଚୌଧୁରୀ ୯୩ଖଣ୍ଡ, ସନ୍ତୋଷ ଯାଦବ ୬୩, ରାମଚନ୍ଦ୍ର ମଲ୍ଲାର ୮୧ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଥିଲେ। ନିର୍ବାଚନ ଅଧିକାରୀ ଧର୍ମେନ୍ଦ୍ର ଦୁବେ, ଜଗଦୀଶ ଜସୱାଲ, ପ୍ରଦୀପ ଦାସ, ସଞ୍ଜୀବ ସିହ୍ନା, ବିଶ୍ୱନାଥ ଦେ ପ୍ରମୁଖ ନିର୍ବାଚନ ପରିଚାଳନା କରିଥିଲେ। ନିର୍ବାଚନରେ ମୋଟ ୧୫୩ ଜଣ ମତଦାନ କରିଥିଲେ। ଏହି ନିର୍ବାଚନ ପ୍ରକ୍ରିୟା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା।

## ସାଲେପାଲି ଗ୍ରୁପ୍‌ର ନୂତନ କମିଟି ଗଠନ

**ବଡ଼ଗାଁ, ୨୫।୨ (ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ସାଲେପାଲି ଗ୍ରାମରେ ରବିବାର ଉତ୍ତର ଉତ୍କଳ ତୈଳିକ ବୈଶ୍ୟ ସମାଜ ସାଲେପାଲି ଗ୍ରୁପର ନୂତନ କମିଟି ଗଠନ ଓ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାଜର ବରିଷ୍ଠ କର୍ମକର୍ତ୍ତା ଲବଣୀଧର ଦାନି ପର୍ଯ୍ୟବେକ୍ଷକଭାବେ ଯୋଗଦେଇଥିଲେ। ତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସମାଜର ବରିଷ୍ଠ ସଦସ୍ୟ ସମାଜ ସଂଗଠନ, ଶିକ୍ଷା, ସାମାଜିକ ଚଳଣି, କୁ ସଂସ୍କାର ଦୂରୀକରଣ ଉପରେ ଆଲୋଚନା କରିଥିଲେ। ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ଲବଣୀଧର ଦାନି ସମାଜର ନୀତି ନିୟମ ମାନି ଚାଲିବା ଓ ସମାଜକୁ ଉନ୍ନତରୁ ଉନ୍ନତତର କରିବାରେ ସମସ୍ତ ସାମାଜିକ ବ୍ୟକ୍ତିଙ୍କ ସହଯୋଗ ଆବଶ୍ୟକ ବୋଲି କହିବା ସହିତ ମାର୍ଗଦର୍ଶନ ଦେଇଥିଲେ।



ଚୟନ ହୋଇଥିବା ନୂତନ କମିଟି କର୍ମକର୍ତ୍ତା।

ଏହି କାର୍ଯ୍ୟକ୍ରମରେ ସାଲେପାଲି ଗ୍ରୁପ ଅଧୀନ କଣ୍ଟିଆମୁରା, ବରପାଲି, ଚାବୁରୀ, ଛାମୁଣ୍ଡା, କୁତ୍ରା ବ୍ଲକର ପୂର୍କାପାଲି ଗ୍ରାମର ସାମାଜିକ କର୍ମକର୍ତ୍ତା ଯୋଗଦେଇଥିଲେ। ଆଲୋଚନା ପରେ ନୂତନ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସାଲେପାଲି ଗ୍ରାମର ପୁରୁଷୋତ୍ତମ ସାହୁଙ୍କୁ ସଭାପତିଭାବେ ଚୟନ କରାଯାଇଥିଲା। ଉପ ସଭାପତିଭାବେ କଣ୍ଟିଆମୁରା ଗ୍ରାମର ଜେନାମଣି ସା, ସମ୍ପାଦକଭାବେ ବରପାଲି ଗ୍ରାମର ଲମ୍ବୋଦର ବେହେରା ଓ କୋଷାଧକ୍ଷ ଚାବୁରୀ ଗ୍ରାମର ହୃଦାନନ୍ଦ ସାଙ୍କୁ ଚୟନ କରାଯାଇଥିଲା। ଶିକ୍ଷା କମିଟିରେ ସାଲେପାଲି ଗ୍ରାମର ଦେବେନ୍ଦ୍ର ସାହୁ, ଏକଲବ୍ୟ ସାହୁ ଓ ପ୍ରେମଶିଳା ସାହୁଙ୍କୁ ମନୋନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ଦେବେନ୍ଦ୍ର ସାହୁ ସଭାପତିତ୍ୱ କରିଥିବାବେଳେ ନୀଳକଣ୍ଠ ସାହୁ ମଞ୍ଚ ପରିଚାଳନା କରିଥିଲେ।

## ଗୋଟିଏ ରାତିରେ ୩ କ୍ୱାର୍ଟର୍ସରୁ ଚୋରି

**ଲହୁଣୀପଡା, ୨୫।୨ (ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ କଲୋନୀରେ ଥିବା ୩ଟି କ୍ୱାଟରରୁ ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ଚୋରି କରିଥିବା ଜଣାପଡିଛି। ଲହୁଣୀପଡା ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନାରୁ ପ୍ରକାଶ ଯେ, ଲହୁଣୀପଡା ବ୍ଲକ କଲୋନୀରେ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀଙ୍କ ସରକାରୀ ବାସଭବନ ରହିଛି। ଶନିବାର ବିଳମ୍ବିତ ରାତିରେ କ୍ୱାଟରରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ବ୍ଲକ ଅଧକ୍ଷାଙ୍କ ଘର ତାଲା ଭାଙ୍ଗି କପଡା ବ୍ୟାଗ ଫୋପଡା ଫିଙ୍ଗା କରିଛନ୍ତି। ସେହିପରି ୨କନିଷ୍ଠ ଯନ୍ତ୍ରୀଙ୍କ ଘରେ ପଶି ଗୋଡରେଜ ଭାଙ୍ଗି ନଗଦ ଟଙ୍କା ଓ ଗୋଟିଏ ଲାପଟପ ଚୋରି କରି ନେଇଛନ୍ତି।

# ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ

**ରାଉରକେଲା, ୨୫।୨ (ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସ୍ମାର୍ଟସିଟିର ସୌନ୍ଦର୍ଯ୍ୟ ବୃଦ୍ଧି ସକାଶେ ବହୁ ଉନ୍ନୟନମୂଳକ କାର୍ଯ୍ୟକ୍ରମ କରାଯାଉଛି। ସହରର ମୁଖ୍ୟରାସ୍ତା ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ଆକର୍ଷଣୀୟ ସାଜସଜ୍ଜା ହେଉଛି। ଏଥିସହ ସହରର ମୁଖ୍ୟରାସ୍ତା ଡିଭାଇଡରଗୁଡ଼ିକୁ ସବୁଜ ସୁନ୍ଦର କରିବା ପାଇଁ କଟକର ଏକ ସଂସ୍ଥା ଦ୍ୱାରା ଶହ ଶହ ଦାମିକିଆ ଫକ୍ସଟେଲ ପାମ୍ ବୃକ୍ଷରୋପଣ କରାଯାଇଛି। ସହରର ଛେଣ୍ଡ ଛକରୁ ବିଏସ୍‌ଏନ୍‌ଏଲ ଛକ, ବିଜୁ ପଟ୍ଟନାୟକ ଛକ ରାସ୍ତା, ଉଦିତନଗର ଛକରୁ ପାନପୋଷ ଛକ, ବିଶ୍ରା ଛକ୍‌ରୁ ହକି ଛକ ଏବଂ ସିଭିଲଟାଉନଶିପ୍ ରାସ୍ତାରୁ ବ୍ରାଞ୍ଚ ରୋଡ୍‌ରେ ଶହ ଶହ ଏଭଳି ଫକ୍ସ ଟେଲ ପାମ୍ ବୃକ୍ଷ ରୋପଣ ହୋଇଥିଲା। ତେବେ ରକ୍ଷଣାବେକ୍ଷଣ ଅଭାବରୁ ଏହି ବୃକ୍ଷଗୁଡିକ ଝାଉଁଳି ଯାଉଥିବା ବେଳେ ଦିନକୁ ଦିନ ଡିଭାଇଡର ଗୁଡିକ ପାମ୍ ବୃକ୍ଷ ବିହୀନ ହେବାକୁ ଲାଗିଛି। ଝାଉଁଳି ପଡୁଥିବା ପାମ୍ ବୃକ୍ଷର ଯତ୍ନଦିଗରେ ଆରଏମସି ତରଫରୁ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଛେଣ୍ଡ ଅଞ୍ଚଳର ପରିବେଶବିତ୍ ଜ୍ୟୋତିରଞ୍ଜନ ପଧାନ କୁହନ୍ତି, ଛେଣ୍ଡ ଛକରୁ ବିଜୁ ପଟ୍ଟନାୟକ ଛକ ରାସ୍ତା ମଧ୍ୟରେ ବହୁ ଦାମିକିଆ ଫକ୍ସ ଟେଲ ପାମ୍ ବୃକ୍ଷ ପୁରୁଷ ହକି ବିଶ୍ୱକପ୍ ସମୟରେ ଆରଏମସି ପକ୍ଷରୁ ରୋପଣ କରାଯାଇଥିଲା। ମାତ୍ର ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ରାସ୍ତାରେ ଏହି ବୃକ୍ଷମାନ ମରିବାକୁ ବସିଥିବା ସେ କହିଥିଲେ। ଏ ସମ୍ପର୍କରେ ଆର୍‌ଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଥିଲେ, ଏ ବିଷୟରେ ଅନୁଧ୍ୟାନ କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଏହାସହ ଏଭଳି ବୃକ୍ଷ ପାଇଁ ଅନୁକୂଳ ପରିବେଶ ମଧ ଆବଶ୍ୟକତା ଜରୁରୀ ବୋଲି ସେ କହିଥିଲେ।



ଛେଣ୍ଡ ବିଜୁ ପଟ୍ଟନାୟକ ଛକ ମୁଖ୍ୟରାସ୍ତା ଡିଭାଇଡର।

# ଫାଇନାଲରେ କଟକ ଓ ରାଉରକେଲା

### ମହିଳା କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ରାଉରକେଲା, ୨୫।୨ (ସଙ୍ଗୀତା ଜେନା/ଦିନେଶ ମିଶ୍ର)**



ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳିଗଣ।

ସେକ୍ଟର-୬ ସ୍ଥିତ ଇସ୍ପାତ ଷ୍ଟାଡିୟମ ପରିସରରେ ତୃତୀୟ ଜିଲା ମହିଳା କ୍ରିକେଟ ଟୁର୍ନାମେଣ୍ଟ ରାଉରକେଲା ପୂର୍ବତନ ମହିଳା କ୍ରିକେଟ ଆସୋସିଏଶନ ପକ୍ଷରୁ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ରାଉରକେଲା, ବଲାଙ୍ଗୀର, ଭୁବନେଶ୍ୱର କିଟ୍ ଓ କଟକ ଦଳ ଅଂଶଗ୍ରହଣ କରଥିଲେ। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି, ବଣିକ ସଂଘ ସଭାପତି ସୁନିଲ କୟାଲ, ବିମଲ ବିଶି, ନିହାରିକା ବହ୍ରିଆ, ଜିତେନ୍ଦର ବହ୍ରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚ୍ ରାଉରକେଲା ଓ ବଲାଙ୍ଗୀର ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ରାଉରକେଲା ମହିଳା ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ଗୋଟିଏ ଉଇକେଟ ହରାଇ ୧୫୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ କାଜଲ ଜେନା ୫୩ ବଲ ଖେଳି ସର୍ବାଧିକ ୮୧ ରନ ସଂଗ୍ରହ କରିଥିବାବେଳେ ସଙ୍ଗୀତା ଖଡିଆ ୩୧ ବଲ ଖେଳି ୪୧ ରନ କରିଥିଲେ। ଜବାବରେ ବଲାଙ୍ଗୀର ଦଳ ୧୫ ଓଭରରେ ୯ ଉଇକେଟ ହରାଇ ମାତ୍ର ୮୦ କରିଥିଲା। ରାଉରକେଲା ଦଳ ପକ୍ଷରୁ ଜ୍ୟୋତି କୁମାରୀ ୩ ଓଭର ବୋଲିଂ କରି ୧୬ ରନ ଦେଇ ସର୍ବାଧିକ ୩ ଉଇକେଟ ନେଇଥିଲେ। କାଜଲ ଜେନାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

ସେହିପରି ଦ୍ୱିତୀୟ ମ୍ୟାଚ୍ କଟକ ଓ ଭୁବନେଶ୍ୱର କିଟ୍ ମଧ୍ୟରେ ଖେଳାଯାଇଥିଲା। ଏଥିରେ କଟକ ଦଳ ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୧୫ ଓଭରରେ ଗୋଟିଏ ଉଇକେଟ ହରାଇ ୧୧୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସାଇକୃପା ୪୪ଟି ବଲ ଖେଳି ସର୍ବାଧିକ ୫୩ ରନ ସଂଗ୍ରହ କରିଥିଲେ। ଜବାବରେ ଭୁବନେଶ୍ୱର କିଟ୍ ଦଳ ୧୫ ଓଭରରେ ୫ ଉଇକେଟ ହରାଇ ମାତ୍ର ୭୭ ରନ୍ କରି ପରାଜିତ ହୋଇଥିଲା। କଟକ ଦଳ ପକ୍ଷରୁ ସୁଚିତ୍ରା ରୟ ୩ ଓଭର ବୋଲିଂ କରି ୧୩ ରନ ଦେଇ ୨ଟି ଉଇକେଟ ନେଇଥିଲେ। ସାଇକୃପାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟାର ଛାୟାକାନ୍ତ ତ୍ରିପାଠୀ ଓ ପ୍ରଶାନ୍ତ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ। ଦୀପ୍ତିରଞ୍ଜନ ପ୍ରଧାନ ଓ ଦେବାନନ୍ଦ ଭୋଇ ରନ୍ ତଦାରଖ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଅତିଥି ଭାବେ ରିମ୍ବର ଅଧ୍ୟକ୍ଷା ନଳିନୀ ପ୍ରଭା ପଟ୍ଟନାୟକ, ଅଭିନାଶ ପ୍ରଧାନ, ଇନରହ୍ୱିଲ କ୍ଲବର ସଭାପତି ପ୍ରମିଳା ମିଶ୍ର, ପ୍ରତିମା ମହାପାତ୍ର, ବିଷ୍ଣୁପ୍ରିୟା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଆସୋସିଏଶନ ସଭାପତି ସୁସ୍ମିତା ପଟ୍ଟନାୟକ, ସୁଜାତା ରାଉତ, ପି. ପଦ୍ମାବତୀ, ଅନୁ ଶର୍ମା, ସଂଯୁକ୍ତା ରାଉତ, ତାପସୀ ଚକ୍ରବର୍ତ୍ତୀ, ସଂଯୁକ୍ତା ଦାଶ, ମମତା ପଟ୍ଟନାୟକ, ପଞ୍ଚାନନ ପାତ୍ର, ସୁଧାକର ଦାସ, ମନୋଜ ପଟ୍ଟନାୟକ, ଶିବାନୀ, ଗୀତା, ଶ୍ରୀମନ୍ତ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

ସୂଚନାଯୋଗ୍ୟ, ଏହି ଟୁର୍ନାମେଣ୍ଟରେ ଚାମ୍ପିୟନ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ । ଏଥିସହ ତୃତୀୟ ଓ ଚତୁର୍ଥ ଦଳକୁ ଅଢେଇ ହଜାର ଟଙ୍କା ସହ ଟ୍ରଫି ଓ ପ୍ରତ୍ୟେକ ମ୍ୟାଚ୍‌ରେ ମ୍ୟାନ ଅଫ୍ ଦି ମ୍ୟାଚ, ବେଷ୍ଟ ବୋଲର, ବେଷ୍ଟ ବ୍ୟାଟର ଭଳି ବହୁ ଆକର୍ଷଣୀୟ ପୁରସ୍କାର ଖେଳାଳିମାନଙ୍କୁ ପ୍ରଦାନ କରାଯିବ ବୋଲି ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣା : ଜଣେ ମୃତ

ପଡ଼ିଆବାହାଲ, ୨୫।୨(ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲାର ପଡ଼ିଆବାହାଲ ଅଞ୍ଚଳରେ ଘଟିଛି ଦୁର୍ଘଟଣା। ମେଘପାଳ ଯିବା ରାସ୍ତାରେ ହିରୋ ଗ୍ରାମ ନିକଟରେ ରବିବାର ଭାରସାମ୍ୟ ହରାଇ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ମେଘପାଳର ସଫଳ(୪୫) ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲାବେଳେ ତାଙ୍କ ସାଥିରେ ଥିବା ମହେଶ ସିଂହ (୫୦)ଆହତ ହୋଇଛନ୍ତି। ସେମାନେ ଦୁର୍ଘଟଣାଗ୍ରସ୍ତ ହୋଇପଡ଼ିଥିବାବେଳେ ହିରୋ ଗ୍ରାମର ସମାଜସେବୀ ନରେଶ ପଧାନ ସାଥିମାନଙ୍କ ସହ ଉଦ୍ଧାର କରି ସମ୍ବଲପୁର ଡାକ୍ତରଖାନାକୁ ପଠାଇବା ବ୍ୟବସ୍ଥା ସହ ଥାନାକୁ ଖବର ଦେଇଥିଲେ। ବାଇକ ଆରୋହୀ ଦ୍ୱୟ କୌଣସି କାମରେ ପଡ଼ିଆବାହାଲ ପଟକୁ ଆସି ବାଇକ୍ ନଂ ଓଡି ୧୫ ଏଫ ୭୩୨୮ ଯୋଗେ ଘରକୁ ଫେରୁଥିଲେ। ଭଣ୍ଡାରିମାଲରୁ ହିରୋ ମଝି ମୁର୍ଗାବାରି ବୁଲାଣିଠାରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସ୍ଥାନୀୟ ଯୁବକମାନେ ଖବର ପାଇ ପରିବାର ଲୋକଙ୍କୁ ଜଣାଇବା ସହ ପୋଲିସକୁ ଖବର ଦେଇଥିଲେ। ହେଲେ ପୋଲିସ ଖବର ଲେଖାଯିବା ପର୍ଯ୍ୟନ୍ତ ପହଞ୍ଚି ନ ଥିଲା। ସେମାନଙ୍କ ପରିବାର ଲୋକେ ମଧ୍ୟ ପହଞ୍ଚି ଥିଲେ। ଆହତଙ୍କ ଅବସ୍ଥା ଗୁରୁତର ଥିବା ଜଣାଯାଇଛି। ତାଙ୍କୁ ହସପିଟାରେ ଭର୍ତ୍ତି କରାଯାଇଛି।



ସମ୍ବଲପୁରରେ ଜନଜାତି ମହୋତ୍ସବରେ କଳାକାର ନୃତ୍ୟ ପରିବେଷଣ କରୁଛନ୍ତି।



ଜନଜାତି ମହୋତ୍ସବକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରୁଛନ୍ତି।

# ଆଦିବାସୀ ନୃତ୍ୟ, ବାଦ୍ୟରେ ଦୁଲୁକିଲା ଉତ୍ସବସ୍ଥଳ

ସମ୍ବଲପୁର,୨୫।୨(ବି.ଶଙ୍କର)

- ଜାତୀୟ ଜନଜାତି ମହୋତ୍ସବ ପରିଚୟ ୨୦୨୪ ଉଦ୍‌ଘାଟିତ
- ମହୋତ୍ସବକୁ ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ
- ସାଂସ୍କୃତିକ ଶୋଭାଯାତ୍ରାରେ ଜନଜାତି କଳାକାର

ଜାତୀୟ ଜନଜାତି ମହୋତ୍ସବ ପରିଚୟ–୨୦୨୪ ରବିବାର ସନ୍ଧ୍ୟାରେ ସମ୍ବଲପୁର ଅଇଁଠାପାଲି ସ୍ଥିତ ବିର୍ସା ମଇଦାନଠାରେ ଉଦ୍‌ଘାଟିତ ହୋଇଯାଇଛି। ଭାରତ ସରକାରଙ୍କ ଶିକ୍ଷା, ଦକ୍ଷତା ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବର ଶୁଭାରମ୍ଭ କରିଥିଲେ। ଆଦିବାସୀ କଳା, ସଂସ୍କୃତି ଓ ଐତିହ୍ୟକୁ ନେଇ ଜନଜାତି ମହୋତ୍ସବର ପରିକଳ୍ପନା କରାଯାଇଛି । ସମ୍ପ୍ରତି କେନ୍ଦ୍ର ସରକାର ଜନଜାତି ଉପରେ ବିଭିନ୍ନ କାର୍ଯ୍ୟ କରୁଛନ୍ତି । ଯଦ୍ୱାରା ଆଦିବାସୀମାନେ ବିଭିନ୍ନ ପ୍ରକାର ସୁବିଧା ପାଇପାରୁଛନ୍ତି । ଆଗକୁ ଏହି ଧାରା ଜାରି ରହିବ। ଆଗାମୀ ବର୍ଷରେ ସମ୍ବଲପୁରଠାରେ ଅନ୍ତଃଜାତୀୟ ଆଦିବାସୀ ମେଳା କରିବାକୁ ପ୍ରୟାସ କରାଯିବ ବୋଲି ମନ୍ତ୍ରୀ ପ୍ରଧାନ କହିଥିଲେ। ଉତ୍ସବ ପ୍ରାରମ୍ଭରେ ୬ଶହ ଜନଜାତି କଳାକାରଙ୍କ ଶୋଭାଯାତ୍ରା ହୋଇଥିଲା। ମହୋତ୍ସବ ମୁଖ୍ୟ ଫାଟକରେ ମନ୍ତ୍ରୀଙ୍କୁ ପାରମ୍ପରିକ ଆଦିବାସୀ ପଗଡି ପିନ୍ଧାଇ ସ୍ୱାଗତ କରାଯାଇଥିଲା। ନୃତ୍ୟ, ଗୀତ ଓ ବାଦ୍ୟର ତାଳରେ ଏବଂ ହୁଳହୁଳି ଦେଇ ମନ୍ତ୍ରୀଙ୍କୁ କଳାକାରମାନେ ମଞ୍ଚକୁ ପାଛୋଟି ନେଇଥିଲେ। ଆୟୋଜକ ସା ଫାଉଣ୍ଡେସନ ପରିଚାଳନା ଟ୍ରଷ୍ଟି ଶୁଭାଶିଷ ଦାସଙ୍କ ପରିଚାଳନାରେ ଉଦଘାଟନୀ ଉତ୍ସବ ହୋଇଥିଲା। ନୃତ୍ୟଗୁରୁ ଆଲୋକ କୁମାର ପଣ୍ଡା, ଚନ୍ଦ୍ରଶେଖର ଦାଶ, ଅମିୟ କୁମାର ମହାନ୍ତି, ମନିଷ କୁମାର ଅଗ୍ରୱାଲ, ସିଦ୍ଧାର୍ଥ ପ୍ରଧାନ, ପ୍ରଭାତ କୁମାର ସେଠୀ ମହୋତ୍ସବ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପ୍ରଥମ ଥର ପାଇଁ ପଶ୍ଚିମ ଓଡ଼ିଶାର ପ୍ରାଣ କେନ୍ଦ୍ର ସମ୍ବଲପୁର ଅଇଁଠାପାଲି ପିଏଚଡି ପଡିଆଠାରେ ଏହି ଜାତୀୟ ମହୋତ୍ସବ ଆସନ୍ତା ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ମହୋତ୍ସବରେ ଦେଶର ୧୨ଟି ରାଜ୍ୟ ଏବଂ ଓଡିଶାର ୧୪ଟି ଜିଲାରୁ କଳାକାରମାନେ ସାମିଲ ହେବେ। ସେହିପରି ଜନଜାତି ମହୋତ୍ସବରେ ଲୁପ୍ତ କଳା ଓ ସଂସ୍କୃତି ପ୍ରଦର୍ଶିତ ହେବ। ପ୍ରଥମ ଦିନରେ ସମ୍ବଲପୁର ଜିଲାର ବିଭିନ୍ନ ଅଞ୍ଚଳରୁ ୧୪ଟି ନୃତ୍ୟ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ରାଜ୍ୟସ୍ତରୀୟ ସମ୍ବଲପୁରୀ ଭାଷା ସମ୍ମିଳନୀ

ସମ୍ବଲପୁର,୨୫।୨(ଭବାନୀଶଙ୍କର ଭୋଇ)

- ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସ୍ଥାନିତ କରାଯାଉ
- ସମ୍ବଲପୁରୀ ଲେଖକଙ୍କୁ ପ୍ରତିବର୍ଷ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ
- ବିଦ୍ୟାଳୟ ସ୍ତରରେ ସମ୍ବଲପୁରୀ ଭାଷାରେ ପାଠପଢ଼ା ପାଇଁ ଦାବି



ଉଦ୍‌ଘାଟନୀ ଉତ୍ସବରେ ଅତିଥି ଏବଂ ଆୟୋଜକ।

ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ପକ୍ଷରୁ ଓଡିଶା ସାଂସ୍କୃତିକ ସମାଜ ଭବନରେ ରବିବାର ରାଜ୍ୟ ସ୍ତରୀୟ ସମ୍ବଲପୁରୀ ଭାଷା ସମ୍ମିଳନୀ ଆୟୋଜିତ ହୋଇଯାଇଛି । ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ସମ୍ବଲପୁରୀ ଭାଷାର ଉଦ୍ଭବ, ବିକାଶ ଧାରା ପ୍ରସଙ୍ଗରେ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଆଲୋଚନାଚକ୍ରରେ ଡ. ଶ୍ୟାମସୁନ୍ଦର ଧର ପ୍ରାରମ୍ଭିକ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ଡ. ଗୌରିଦାସ ପଧାନ ସଂଯୋଜନା କରିଥିଲେ। ଆଲୋଚକ ଭାବରେ ସମ୍ବଲପୁରୀ ଭାଷାବିଦ ପ୍ରଫେସର ଅଶୋକ କୁମାର ଦାଶ ଏବଂ ପ୍ରଫେସର କୁଞ୍ଜବନ ପଟେଲ ଯୋଗଦେଇ ବେଦ, ଚର୍ଯାଗୀତିକା, ମହାଭାରତ ଏବଂ ଭାଗବତରେ ରହିଥିବା ଶବ୍ଦଗୁଡିକ ଆଜି ମଧ୍ୟ ସମ୍ବଲପୁରୀ ଭାଷାରେ ବ୍ୟବହାର ହୋଇ ଆସୁଥିବାବେଳେ ଅଶୋକଙ୍କ ପୂର୍ବବର୍ତ୍ତୀ ସମୟ ଖ୍ରୀ. ପୂ ତୃତୀୟ ଶତାବ୍ଦୀରୁ ସମ୍ବଲପୁରୀ ଶବ୍ଦର ବ୍ୟବହାର ବିଷୟରେ ଗବେଷଣାକରୁ ଜଣାପଡିଥିବା ବକ୍ତବ୍ୟରେ କହିଥିଲେ। ଭାଷାବିଦ ତଥା ଗବେଷକ ଡ. ମୀନକେତନ ଛୁରିଆ ସମ୍ବଲପୁରୀ ଭାଷାର ବିଭକ୍ତି ବିଷୟରେ ବର୍ଣ୍ଣନା କରିଥିଲେ। ସମ୍ବଲପୁରୀ ଭାଷାର ଗବେଷକ ଡ. ପ୍ରମୋଦ ପାଢ଼ୀ ଚର୍ଯ୍ୟାଗିତି ଏବଂ ବିଭିନ୍ନ ଶିଳାଲେଖରେ ସମ୍ବଲପୁରୀ ଭାଷାର ଶବ୍ଦ ରହିଥିବା କହିଥିଲେ। ସେହିପରି ଅନ୍ୟତମ ଗବେଷକ ଡ. ସୁବାସ ମେହେର କହିଥିଲେ ଯେ, ଓଡିଆ ଭାଷା ଗବେଷକ ସୁରେନ୍ଦ୍ର ମହାନ୍ତି ସମ୍ବଲପୁରୀ ଭାଷାରେ ଓଡିଆ ଭାଷାର କଙ୍କାଳ ରହିଥିବା କଥା ବର୍ଣ୍ଣନା କରି ସମ୍ବଲପୁରୀର ପ୍ରାଚୀନତାକୁ ଗ୍ରହଣ କରିସାରିଛନ୍ତି। ଡ. ସ୍ୱର୍ଣ୍ଣମୟୀ ପୁରୋହିତ, ଗବେଷକ ମୁକ୍ତକଣ୍ଠ ପ୍ରଧାନ ସମ୍ବଲପୁରୀ ଭାଷାକୁ ଜୀବନ ଜୀବିକାର ଭାଷା ଭାବରେ ବିକଶିତ କରିବା ଉପରେ ଜୋର ଦେଇଥିଲେ। ଅଧିବେଶନର ସଭାପତି ପଣ୍ଡିତ ପୁର୍ଣ୍ଣଚନ୍ଦ୍ର ସାହୁ ସମ୍ବଲପୁରୀ ଭାଷାକୁ ସଂସ୍କୃତର ଅଧିକ ନିକଟତର ଭାଷା ଭାବେ ପ୍ରମାଣିତ କରିଥିଲେ । ଦ୍ୱିତୀୟ ଅଧିବେଶନରେ ଗବେଷକ ଉତ୍ପନ୍ନ ଭୋଇ, ଡ. ନିମାଇଁ ଚରଣ ପଣ୍ଡା ଯୋଗଦେଇ ସମ୍ବଲପୁରୀ ଭାଷାର ପ୍ରାଚୀନତା ସପକ୍ଷରେ ବିଚାର ରଖିଥିଲେ। ଏ ଅବସରରେ ଲକ୍ଷ୍ମୀନାରାୟଣ ପଣ୍ଡାଙ୍କ ସମ୍ବଲପୁରୀ କାବ୍ୟ 'ଶଶିସେନା' ଲୋକାର୍ପଣ କରାଯାଇଥିଲା। ଡ. ସତ୍ୟନାରାୟଣ ଠାକୁର ଆଲୋଚନାର ନିର୍ଯ୍ୟାସ ଉପସ୍ଥାପନା କରିଥିବା ବେଳେ ପ୍ରଫେସର ଶଙ୍କର ପ୍ରସାଦ ପତି ଓ ଶିକ୍ଷାବିତ ଅରବିନ୍ଦ ମହାପାତ୍ର ଉଦ୍‌ଯାପନୀ ସଭାରେ ଅତିଥି ଭାବରେ ଯୋଗଦେଇଥିଲେ। ଏକ ଦିବସୀୟ ରାଜ୍ୟସ୍ତରୀୟ ସମ୍ମିଳନୀରେ ପଶ୍ଚିମାଞ୍ଚଳର ସବୁ ଜିଲାର ପ୍ରତିନିଧି ଯୋଗଦେଇ ସମ୍ବଲପୁରୀ ଭାଷାର ଭବିଷ୍ୟତ ବିକାଶ ପାଇଁ ଏକତାବଦ୍ଧ ହୋଇ କାମ କରିବାକୁ ଆହ୍ୱାନ ଦିଆଯାଇଥିଲା। ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସ୍ଥାନିତ କରିବା, ସମ୍ବଲପୁରୀ ଭାଷାକୁ ରାଜ୍ୟର ଦ୍ୱିତୀୟ ସରକାରୀ ଭାଷା ଭାବେ ମାନ୍ୟତା ଦେବା, ସମ୍ବଲପୁରୀ ଲେଖକମାନଙ୍କୁ ପ୍ରତିବର୍ଷ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରିବା, ବିଦ୍ୟାଳୟସ୍ତରରେ ସମ୍ବଲପୁରୀରେ ପାଠପଢା ପାଇଁ ଦାବି କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଭାପତି ପ୍ରଫୁଲ୍ଲ ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହାର ଉଦ୍‌ଘାଟନୀ ସଭାରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ର କୁଳପତି ପ୍ରଫେସର ବଂଶୀଧର ମାଝି ମୁଖ୍ୟଅତିଥି ଭାବରେ ଯୋଗଦେଇ ସମ୍ବଲପୁରୀ ଭାଷାର ବିକାଶ ଗ୍ରାମୀଣ ସ୍ତରରୁ ମହାନଗରସ୍ତର ପର୍ଯ୍ୟନ୍ତ କିପରି ପହଞ୍ଚିଛି ତା'ର ଦୃଷ୍ଟାନ୍ତ ରଙ୍ଗବତୀ ବୋଲି କହିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରଶାନ୍ତ ପାଟଯୋଶୀ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ବୋଧରାମ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅଶୋକ କୁମାର ମିଶ୍ର, ପ୍ରବୀଣ ଦୀକ୍ଷିତ, ଶିବନାରାୟଣ ପାଣିଗ୍ରାହୀ, ପ୍ରଣବାନନ୍ଦ ଦାନୀ, ରାଜେଶ ବେହେରା, ଡ.ହରିଶଙ୍କର ପଣ୍ଡା, ହେମକାନ୍ତ ସାହୁ, ତର୍ପଣ ପ୍ରଧାନ, ସୁରେଖା ସାହୁ, କଳ୍ପନା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# କୁଚିଣ୍ଡାରେ ଭାଜପାର ମିଶ୍ରଣ ପର୍ବ



ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

କୁଚିଣ୍ଡା,୨୫।୨(ବିରଞ୍ଚି ଦର୍ଙ୍କା)

କେନ୍ଦ୍ର ଶିକ୍ଷା,ଦକ୍ଷତା ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଶନିବାର କୁଚିଣ୍ଡା ଗସ୍ତ ଅବସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲା ସାଧାରଣ ସମ୍ପାଦକ ଶୁଶିଳ କରଙ୍କ ସଂଯୋଜନାରେ କୁଚିଣ୍ଡା ପୂର୍ତ୍ତ ବିଭାଗ ବଙ୍ଗଳାରେ ଭାଜପାର ଏକ ମିଶ୍ରଣ ପର୍ବ ହୋଇଥିଲା। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଅନ୍ୟ ଦଳରୁ ଆସିଥିବା କୁଚିଣ୍ଡାର ପ୍ରଫୁଲ୍ଲ ବେହେରା, ପୂର୍ବତନ କାଉନସିଲର ରବିଶଙ୍କର ଶର୍ମା, ଅବସରପ୍ରାପ୍ତ ଅଧ୍ୟାପକ ମହେଶ ବେହେରା, ଅବସରପ୍ରାପ୍ତ ମହାନଦୀ କୋଲ ଫିଲ୍ଡ କର୍ମଚାରୀ ନଗେନ୍ଦ୍ର ପାତ୍ର, ଅବସରପ୍ରାପ୍ତ ଏନଏସି କର୍ମଚାରୀ ବିନୋଦ ଚାଲାନ, ଅବସରପ୍ରାପ୍ତ ପଞ୍ଚାୟତ ଅଧିକାରୀ ବଙ୍କିମ ଛତ୍ରିଆ, ଅବସରପ୍ରାପ୍ତ କର୍ମଚାରୀ ସୁଦନ ଖଣ୍ଡା, ଯୁବ ଉଦ୍ୟୋଗୀ ବାପି ପରିଡା, ଶ୍ରବଣ ଅଗ୍ରୱାଲ, ଯୁବବ୍ୟବସାୟୀ ମାରୁତି ଅଗ୍ରୱାଲ, ଅବସରପ୍ରାପ୍ତ ସେନା କର୍ମଚାରୀ ସରୋଜ ପଣ୍ଡାଙ୍କ ସମେତ ବହୁ ବ୍ୟକ୍ତି ଅନ୍ୟ ଦଳରୁ ଆସି ଭାଜପାରେ ଯୋଗ ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ସେମାନଙ୍କୁ ଦଳୀୟ ଟୋପି ପିନ୍ଧାଇବା ସହ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀଙ୍କ ସମେତ ବିଭିନ୍ନ ମଣ୍ଡଳର ନେତୃମଣ୍ଡଳୀ ଓ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ପ୍ରଧାନ ଦଳୀୟ କାର୍ଯ୍ୟକର୍ତ୍ତା, କିଷାନ ସମାଜ, ଯାଦବ ସମାଜ ନେତୃମଣ୍ଡଳୀଙ୍କ ସହ ଆଲୋଚନା କରିଥିଲେ।

# ଭଲିବଲ ଟୁର୍ଣ୍ଣାମେଣ୍ଟ, ସାହେବୀ ଚାମ୍ପିୟନ

ନାକଟିଦେଉଳ, ୨୫।୨
(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ପଞ୍ଚାୟତ ଅନ୍ତର୍ଗତ ପୀଠଉଗୁଡା ଗ୍ରାମର ଯୁଗଜ୍ୟୋତି ଯୁବକ ସଂଘ ପକ୍ଷରୁ ରବିବାର ଦିନିକିଆ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୮ଟି ଭଲିବଲ ଦଳ ଅଂଶଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ ପ୍ରାରମ୍ଭରେ ଗ୍ରାମର ସିଆରପିଏଫ୍ ଯବାନ ପ୍ରଫୁଲ୍ଲ କୁମାର ପ୍ରଧାନ ଉଦଘାଟନ କରିଥିଲେ। ଫାଇନାଲ ମ୍ୟାଚ ସାହେବୀ ଏବଂ ସମ୍ବଲପୁର ମଧ୍ୟରେ ଆୟୋଜିତ ହୋଇଥିବା ବେଳେ ୨–୦ ସେଟରେ ସାହେବୀ ଭଲିବଲ ଦଳ ବିଜୟ ହାସଲ କରି ଚାମ୍ପିୟନ ହୋଇଥିଲା। ପ୍ରତିଯୋଗିତାକୁ ସନୁ ପ୍ରଧାନ ଏବଂ ଅନିଲ ସାହୁ ପରିଚାଳନା କରିଥିଲେ। ଯୁଗଜ୍ୟୋତି ଯୁବକ ସଂଘର ସଭାପତି ପ୍ରମୋଦ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାକଟିଦେଉଳର ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ, ମୁଖ୍ୟବକ୍ତା ଭାବେ କିସିଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଦର୍ଶନୀ ଷଣ୍ଡ, କୈବଲ୍ୟ ଷଣ୍ଡ, ଆଦିବାସୀ ନେତା ମହେନ୍ଦ୍ର କୁଅଁର, କିସିଣ୍ଡା ଗ୍ରାପର ନାଏବ ସରପଞ୍ଚ ଦୁଷ୍ମନ୍ତ ପ୍ରଧାନ ଏବଂ ଶଙ୍କର୍ଷଣ ନାୟକ ଯୋଗଦେଇ ବିଜେତା ସାହେବୀ ଏବଂ ଉପ ବିଜେତା ସମ୍ବଲପୁର ଦଳକୁ ଟ୍ରଫି ଓ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ। ଶେଷରେ ପ୍ରମୋଦ ପ୍ରଧାନ ଧନ୍ୟବାଦ ଦେଇଥିବା ବେଳେ ସଂଘର ପପିନ ଗଡ଼ନାୟକ, ସିଲୁ ପ୍ରଧାନ, ପିପୁନ ପ୍ରଧାନ, ଲିଟନ ମାଝି, ଲିଟୁ ମାଝି ଏବଂ ତପନ ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ ।



ଭଲିବଲ ଟୁର୍ଣ୍ଣାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

# କଳା ସଂସ୍କୃତି, ପରମ୍ପରାକୁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି

## ଖଣ୍ଡୋକଟା ଧନୁଯାତ୍ରାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

କୁଚିଣ୍ଡା,୨୫।୨(ବିରଞ୍ଚି ଦର୍ଙ୍କା)

କଳା ସଂସ୍କୃତି ଓ ପରମ୍ପରାକୁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ପୌରାଣିକ କଥାବସ୍ତୁକୁ ନେଇ ଅନୁଷ୍ଠିତ ହେଉଥିବା ଧନୁଯାତ୍ରା ଲୋକଙ୍କ ପାଖକୁ ବାର୍ତ୍ତା ପହଞ୍ଚାଇବାର ଏକ ଅନନ୍ୟ ପରମ୍ପରା ବୋଲି ଶନିବାର କୁଚିଣ୍ଡା ବ୍ଲକର ଖଣ୍ଡୋକଟା ଧନୁଯାତ୍ରାରେ କେନ୍ଦ୍ର ଶିକ୍ଷା,ଦକ୍ଷତା ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଲୋକକଳା,ସଂସ୍କୃତି ଓ ପରମ୍ପରା ଭିତ୍ତିକ ଏହି ମହାନ ପର୍ବକୁ ଦୀର୍ଘ ୩୧ବର୍ଷ ଧରି ଧନୁଯାତ୍ରା ମାଧ୍ୟମରେ ନିରବଚ୍ଛିନ୍ନ ଭାବେ ଉଜ୍ଜୀବିତ ରଖିଥିବାରୁ ଖଣ୍ଡୋକଟାବାସୀଙ୍କୁ ସେ ଧନ୍ୟବାଦ ଦେଇଥିଲେ। ଧନୁଯାତ୍ରା ସମେତ ପଶ୍ଚିମ ଓଡିଶାର ସଂସ୍କୃତି ଓ ଐତିହ୍ୟ ଉପରେ ୮ଟି ଡାକ ଟିକଟ ଉନ୍ମୋଚିତ ହୋଇଛି। ଏହା ଦ୍ୱାରା ଆମର ଲୋକ କଳା ଓ ସଂସ୍କୃତିକୁ ଉପଯୁକ୍ତ ସମ୍ମାନ ମିଳିବା ସହ ଭାରତ ସରକାର ଏହା ଉପରେ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି ବୋଲି ମନ୍ତ୍ରୀ ପ୍ରଧାନ କହିଥିଲେ। ଏହି ଅବସରରେ ଓଡିଶାରେ କାର୍ଯ୍ୟକାରୀ ହେଉଥିବା ନରେନ୍ଦ୍ର ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ମହାରାଜ କଂସଙ୍କୁ ଅବଗତ କରିଥିଲେ। ମନ୍ତ୍ରୀ ପ୍ରଧାନ ଖଣ୍ଡୋକଟାରେ ପହଞ୍ଚିବା ପରେ ଧନୁଯାତ୍ରା କମିଟି ପକ୍ଷରୁ ତାଙ୍କୁ ଗୋପପୁରରୁ ଏକ ଶୋଭାଯାତ୍ରା ମାଧ୍ୟମରେ କଂସ ମଣ୍ଡପ ମଥୁରା ନଗରୀକୁ ପାଛୋଟି ନିଆଯାଇଥିଲା।



କଳାକାରମାନଙ୍କ ସହିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

## କଂସବଧ ସହ ଉଦ୍‌ଯାପିତ ହେଲା ଧନୁଯାତ୍ରା

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର ଖଣ୍ଡୋକଟାରେ ପାଞ୍ଚ ଦିନ ଧରି ଚାଲିଥିବା ଧନୁଯାତ୍ରା ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅକ୍ରୁର ରଥରେ ଗୋପପୁରରୁ ମଥୁରାପୁରକୁ ଆଗମନ, କୁବଜା ଉଦ୍ଧାରଣ, କୁବଳୟା ହସ୍ତୀ ଓ ଚାଣୁର ମୁଷ୍ଟିକଙ୍କ ସହ କୃଷ୍ଣ ବଳରାମଙ୍କ ଯୁଦ୍ଧ, ଧନୁଭଗ୍ନ, କଂସ ବଧ ପରେ କୃଷ୍ଣ ବଳରାମ ଦେବକୀ ଓ ବସୁଦେବଙ୍କୁ କାରାଗାରରୁ ମୁକ୍ତକରି ଉଗ୍ରସେନଙ୍କୁ ସିଂହାସନ ଆରୋହଣ କରାଇବା ଆଦି ଜୀବନ୍ତ ଅଭିନୟ ଦର୍ଶକଙ୍କ ମନଛୁଆଁ ହୋଇଥିଲା। ପରେ କୃଷ୍ଣ ବଳରାମ ଧନୁଯାତ୍ରା ପଡିଆରେ ନିର୍ମିତ ବିରାଟକାୟ ରାବଣର ପ୍ରତିମୂର୍ତ୍ତିରେ ଅଗ୍ନି ସଂଯୋଗ କରିଥିଲେ। ଅନ୍ତିମ ଦିବସରେ କଂସ ବଧ ଦୃଶ୍ୟ ଦେଖିବା ପାଇଁ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମହାରାଜ କଂସଙ୍କ ଦରବାରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ,ପୂର୍ବତନ ବିଧାୟକ ତଥା ଧନୁଯାତ୍ରା କମିଟି ସଭାପତି ରବିନାରାୟଣ ନାଏକ ରାଜ ଅତିଥି ଭାବେ ଯୋଗଦେଇଥିଲେ।

## ରକ୍ତ ସଞ୍ଚାଳନକୁ ସକ୍ରିୟ କରେ ମହୁ

ମହୁର ସ୍ୱାଦ କାହାକୁ ବା ଭଲ ନ ଲାଗେ ! ଏହାର ସ୍ୱାଦ ଯେମିତି, ଗୁଣ ବି ସେମିତି। ଏଥିରେ ଥିବା ଔଷଧୀୟ ଗୁଣ ଆମକୁ ବିଭିନ୍ନ ରୋଗରୁ ରକ୍ଷା କରିବା ସହ ଶରୀରକୁ ସୁସ୍ଥ ଓ ନୀରୋଗ ରଖେ। ବିଶେଷଭାବରେ ଶରୀର ଭିତରେ ରକ୍ତ ସଞ୍ଚାଳନକୁ ସକ୍ରିୟ କରାଇଥାଏ ମହୁ। ତା' ସହ ଓଜନ କମାଇବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସକାଳେ ଖାଲି ପେଟରେ ଏବଂ ରାତିରେ ଶୋଇବା ପୂର୍ବରୁ ଗୋଟିଏ ଗ୍ଲାସ ଉଷୁମ ପାଣି ସହ ଗୋଟିଏ ଲେମ୍ବୁ ରସ ଓ ଏକ ଚାମଚ ମହୁ ମିଶାଇ ପିଇଲେ ତାହା ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଭରି ରହିଛି। ଉଚ୍ଚ ରକ୍ତଚାପକୁ କେତେକାଂଶରେ ସନ୍ତୁଳିତ ରଖିଥାଏ। ଶରୀରରେ ଶର୍କରା ପରିମାଣକୁ ମଧ୍ୟ ସନ୍ତୁଳିତ ରଖେ। ରକ୍ତହୀନତା ସହ ଜଡ଼ିତ ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ଦୈନନ୍ଦିନ ଖାଦ୍ୟରେ ଖାଇପାରିବେ। ଛୋଟ ପିଲାମାନଙ୍କୁ ମୁଖ୍ୟତଃ ସର୍ଦ୍ଦି, କାଶ ଓ କଫ ବେଶି ହୋଇଥାଏ। ସେମାନଙ୍କ ପାଇଁ ଏହା ବରଦାନ ସଦୃଶ। ଘରୋଇ ଉପଚାର ଭାବେ ମହୁ ସହ କ୍ଷୀର ମିଶାଇ ପିଇବା ଦ୍ୱାରା ସେମାନଙ୍କୁ ଆରାମ ମିଳିଥାଏ।



## ଅଷ୍ଟିଓପୋରୋସିସ୍ ପାଇଁ ଉପକାରୀ ଦହି

ଦହିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ତେବେ ଏହି ତାଲିକାରେ ଆଉ ଏକ ନୂଆ କଥାକୁ ସାମିଲ କରାଯାଇଛି। ଏହାର ଉପକାରୀ ତତ୍ତ୍ୱ ଉପରେ ତର୍ଜମା କରି ୟୁନିଭର୍ସିଟି ଅଫ୍ ଲଣ୍ଡନର ଅସ୍ଥିଶଲ୍ୟ ବିଶେଷଜ୍ଞମାନେ ଏକ କୌତୂହଳପୂର୍ଣ୍ଣ କଥା ଜାଣିପାରିଛନ୍ତି। ସେମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଏହାକୁ ନିୟମିତ ଖାଇଲେ ତାହା ଅଷ୍ଟିଓପୋରୋସିସ୍ ପରି ସମସ୍ୟାରୁ କେତେକାଂଶରେ ଉପଶମ ଦେଇଥାଏ। ଏଭଳି ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ଦୈନନ୍ଦିନ ଖାଦ୍ୟ ସହ କିଛି ପରିମାଣର ଦହି ଖାଇବାକୁ ଦିଆଯାଇଥିଲା। ଏହାଦ୍ୱାରା ସେମାନେ ଏଭଳି ଯନ୍ତ୍ରଣାରୁ କେତେକାଂଶରେ ଉପଶମ ପାଉଥିବା ଜଣାପଡ଼ିଥିଲା। କେବଳ ସେତିକି ନୁହେଁ, ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ଏହା ବଢ଼ାଇଥାଏ। ଦାନ୍ତକୁ ମଧ୍ୟ ଦୃଢ଼ ରଖେ। ପ୍ରତିଦିନ ଆମେ ଖାଉଥିବା ଖାଦ୍ୟରେ ଦହିକୁ ସାମିଲ୍ କରନ୍ତୁ, ଯାହା ଖାଦ୍ୟକୁ ଠିକ୍ ଭାବେ ହଜମ କରିବାରେ ସାହାଯ୍ୟ କରିବ। ଶରୀରରେ କୋଲେଷ୍ଟେରଲ୍ ଏବଂ ମେଦ ବହୁଳତାକୁ ଏହା କେତେକାଂଶରେ କମାଇଥାଏ।



# ସୌର ଝଡ଼



ଇଂ. ମାୟାଧର ସ୍ୱାଇଁ

''ସୌର ଝଡ଼ ସାଧାରଣତଃ ସୌର କଳଙ୍କ ସହ ସଂଶ୍ଳିଷ୍ଟ ଥାଏ। ସୌର କଳଙ୍କ ହେଉଛି ସୂର୍ଯ୍ୟପୃଷ୍ଠର କଳା ଅଂଶ ଏବଂ ଏଥିରେ ଦ୍ରୁତ ଚୁମ୍ବକୀୟ କ୍ଷେତ୍ର ଥାଏ। ଗୋଟିଏ ସାଧାରଣ ଆକାରର ସୌର କଳଙ୍କ ପୃଥିବୀ ଭଳି ବଡ଼ ହୋଇପାରେ। ଯେତେବେଳେ ସୂର୍ଯ୍ୟପୃଷ୍ଠ ଦେଇ ଦ୍ରୁତ ଚୁମ୍ବକୀୟ କ୍ଷେତ୍ର ନିର୍ଗତ ହୋଇଥାଏ, ପୃଷ୍ଠର ସେହି ଅଞ୍ଚଳ ସାମାନ୍ୟ ଥଣ୍ଡା ହୋଇଥାଏ। ସୌରପୃଷ୍ଠକୁ 'କୋରୋନା' କୁହାଯାଏ ଏବଂ ଏହାର ତାପମାତ୍ରା ହେଉଛି ଛଅ ହଜାର ଡିଗ୍ରୀ ସେଲ୍‌ସିୟସ। ସୌର କଳଙ୍କର ତାପମାତ୍ରା ହେଉଛି ୪୨୦୦ ଡିଗ୍ରୀ ସେଲ୍‌ସିୟସ। ଏଣୁ ସୌର କଳଙ୍କ କଳା ଦେଖାଯାଏ।''



ସୂର୍ଯ୍ୟ ହେଉଛି ସୌରଜଗତର ମୁଖ୍ୟ। ଏହାକୁ କେନ୍ଦ୍ର କରି ସୌରଜଗତର ସମସ୍ତ ଗ୍ରହ ପରିକ୍ରମଣ କରିଥାଆନ୍ତି। ପୃଥିବୀଠାରୁ ଏହାର ଦୂରତା ହେଉଛି ପ୍ରାୟ ୧୫ କୋଟି କିମି। ଏହାର ତିନି-ଚତୁର୍ଥାଂଶ ଉଦ୍‌ଜାନ ହୋଇଥିବା ବେଳେ ଏକ-ଚତୁର୍ଥାଂଶ ହିଲିୟମ। ସୂର୍ଯ୍ୟ ଯୋଗୁ ପୃଥିବୀରେ ଜୀବଜଗତ ସୃଷ୍ଟି ହୋଇ ତିଷ୍ଠି ରହିଛି। ଏହା ଆମକୁ ଆଲୋକ ଓ ତାପ ପ୍ରଦାନ କରିଥାଏ। ସୌରଶକ୍ତି ସାହାଯ୍ୟରେ ଉଦ୍ଭିଦଜଗତ ଖାଦ୍ୟ ପ୍ରସ୍ତୁତ କରନ୍ତି। ସୂର୍ଯ୍ୟ ଯୋଗୁ ଜଳଚକ୍ର ମାଧ୍ୟମରେ ପୃଥିବୀରେ ବୃଷ୍ଟିପାତ ହୋଇଥାଏ। ମୋଟ ଉପରେ କହିଲେ, ସୂର୍ଯ୍ୟ ହେଉଛି ସକଳ ଶକ୍ତିର ଆଧାର। କିନ୍ତୁ ବେଳେବେଳେ ପୃଥିବୀରେ ସୂର୍ଯ୍ୟର କୁପ୍ରଭାବ ପଡ଼ିଥାଏ।

ସୂର୍ଯ୍ୟ ହେଉଛି ଗୋଟିଏ ବୃହତ୍ ତାପୀୟ-ଆଣବିକ ରିଆକ୍ଟର। ସେଠାରେ ଉଦ୍‌ଜାନ ପରମାଣୁର ତାପୀୟ ସଂଯୋଜନ ହୋଇ ହିଲିୟମ୍ ପରମାଣୁ ସୃଷ୍ଟି ହୁଏ ଏବଂ ଏହି ପ୍ରକ୍ରିୟାରେ ପ୍ରଚୁର ଶକ୍ତି ଉତ୍ପନ୍ନ ହୁଏ। ଏହାର ଆଭ୍ୟନ୍ତରୀଣ ତାପମାତ୍ରା ହେଉଛି ପ୍ରାୟ ୧୦ ଲକ୍ଷ ଡିଗ୍ରୀ ସେଲ୍‌ସିୟସ। ଏହାର ଅଭ୍ୟନ୍ତର ମୁଖ୍ୟତଃ ଅତି ଉତ୍ତପ୍ତ ପ୍ଲାଜ୍‌ମା ଗ୍ୟାସ୍‌କୁ ନେଇ ଗଠିତ। ପ୍ଲାଜ୍‌ମାକୁ ପଦାର୍ଥର ଚତୁର୍ଥ ଅବସ୍ଥା କୁହାଯାଏ। ବେଳେବେଳେ ସୂର୍ଯ୍ୟପୃଷ୍ଠରେ କିଛି ଗଣ୍ଡଗୋଳିଆ ଅବସ୍ଥା ସୃଷ୍ଟି ହୋଇ ଏଥିରୁ ପ୍ରଚୁର ପରିମାଣର ଚୁମ୍ବକୀୟ ଶକ୍ତି ବାହାରି ଏହାର ବାହ୍ୟସ୍ତର ଦେଇ ସମସ୍ତ ସୌରଜଗତକୁ ବ୍ୟାପିଥାଏ। ଏହି ଅକସ୍ମାତ୍ ଶକ୍ତି ବିସ୍ଫୋରଣକୁ 'ସୌରଶିଖା' କୁହାଯାଏ। ଏହା ସହିତ ପ୍ରାୟ ପ୍ରତ୍ୟେକ ସମୟରେ କୋରୋନାରୁ କିଛି ବସ୍ତୁ ମଧ୍ୟ ବାହାରି ଯାଇଥାଏ। ଏହାକୁ 'କୋରୋନା ବସ୍ତୁ' ନିଷ୍କାସନ କୁହାଯାଏ। ଏହି ବସ୍ତୁଗୁଡ଼ିକ ବାସ୍ତବରେ ହେଉଛି ଆୟନୀୟ କଣିକା ପ୍ରୋଟନ। ସୂର୍ଯ୍ୟପୃଷ୍ଠରୁ ତୀବ୍ର ବେଗରେ ନିର୍ଗତ ହେଉଥିବା ଏହି ଶକ୍ତି ଓ କଣିକାକୁ 'ସୌର ଝଡ଼' କୁହାଯାଏ। ଏହା କେତେ ମିନିଟରୁ ଆରମ୍ଭ କରି କେତେ ଘଣ୍ଟା ପର୍ଯ୍ୟନ୍ତ ଘଟିଥାଏ। ଏଥିରେ ବିଲିୟନ ଟନ୍‌ର ବସ୍ତୁତ୍ୱ ଥାଇପାରେ ଏବଂ ଏହା ଘଣ୍ଟା ପ୍ରତି ୮ ଲକ୍ଷରୁ ୫୦ ଲକ୍ଷ ବେଗରେ ଗତି କରିଥାଏ।

ସୌର ଝଡ଼ ସାଧାରଣତଃ ସୌର କଳଙ୍କ ସହ ସଂଶ୍ଳିଷ୍ଟ ଥାଏ। ସୌର କଳଙ୍କ ହେଉଛି ସୂର୍ଯ୍ୟପୃଷ୍ଠର କଳା ଅଂଶ ଏବଂ ଏଥିରେ ଦ୍ରୁତ ଚୁମ୍ବକୀୟ କ୍ଷେତ୍ର ଥାଏ। ଗୋଟିଏ ସାଧାରଣ ଆକାରର ସୌର କଳଙ୍କ ପୃଥିବୀ ଭଳି ବଡ଼ ହୋଇପାରେ। ଯେତେବେଳେ ସୂର୍ଯ୍ୟପୃଷ୍ଠ ଦେଇ ଦ୍ରୁତ ଚୁମ୍ବକୀୟ କ୍ଷେତ୍ର ନିର୍ଗତ ହୋଇଥାଏ, ପୃଷ୍ଠର ସେହି ଅଞ୍ଚଳ ସାମାନ୍ୟ ଥଣ୍ଡା ହୋଇଥାଏ। ସୌରପୃଷ୍ଠକୁ 'କୋରୋନା' କୁହାଯାଏ ଏବଂ ଏହାର ତାପମାତ୍ରା ହେଉଛି ୬ ହଜାର ଡିଗ୍ରୀ ସେଲ୍‌ସିୟସ। ସୌର କଳଙ୍କର ତାପମାତ୍ରା ହେଉଛି ୪୨୦୦ ଡିଗ୍ରୀ ସେଲ୍‌ସିୟସ। ଏଣୁ ସୌର କଳଙ୍କ କଳା ଦେଖାଯାଏ। ସୌର କଳଙ୍କଗୁଡ଼ିକ ଗୋଟିଏ ଜାଗାରେ ସ୍ଥିର ନ ଥାଏ। ପୃଥିବୀରୁ ଦେଖିଲେ ୨୭ ଦିନରେ ଏଗୁଡ଼ିକର ସମ୍ପୂର୍ଣ୍ଣ ଘୂର୍ଣ୍ଣନ ହୋଇଥାଏ।

ସୂର୍ଯ୍ୟର ଏହି ପ୍ରକାର କାର୍ଯ୍ୟକଳାପ ୧୧ବର୍ଷିଆ ଚକ୍ରରେ ହେଉଥାଏ। ଅର୍ଥାତ୍ ସୌର କଳଙ୍କର ସଂଖ୍ୟା ନିମ୍ନତମରୁ ବଢ଼ି ବଢ଼ି ସର୍ବାଧିକ ପର୍ଯ୍ୟନ୍ତ ଯାଇଥାଏ ଏବଂ ଏହାପରେ ପୁନଶ୍ଚ ହ୍ରାସ ପାଇ ନିମ୍ନତମ ହୋଇଥାଏ। ଏହି ଚକ୍ର ସମ୍ପୂର୍ଣ୍ଣ କରିବା ପାଇଁ ହାରାହାରି ଏଗାର ବର୍ଷ ଲାଗିଥାଏ। ସୂର୍ଯ୍ୟ କାର୍ଯ୍ୟକଳାପର ପରିବର୍ତ୍ତନକୁ ଏହି ସୌରଚକ୍ର ସାହାଯ୍ୟରେ ଜାଣିହୁଏ। ବିଗତ ସର୍ବାଧିକ ସୌର କଳଙ୍କ ୨୦୧୩ ମସିହାରେ ଦେଖାଦେଇଥିଲା ଏବଂ ପରବର୍ତ୍ତୀ ସର୍ବାଧିକ ସୌର କଳଙ୍କ ୨୦୨୪ ଅର୍ଥାତ୍ ଚଳିତବର୍ଷ ଦେଖାଦେବ। ସର୍ବାଧିକ ସୌର କଳଙ୍କର ଅର୍ଥ ହେଉଛି ସୂର୍ଯ୍ୟର ସର୍ବାଧିକ କାର୍ଯ୍ୟକଳାପ ଏବଂ ଏହି ସମୟରେ ସୌର ଝଡ଼ର ପରିମାଣ ବହୁଗୁଣରେ ବଢ଼ିଯାଏ।

### ସୌର ଝଡ଼ର ପ୍ରଭାବ

ସୌର ଝଡ଼ର ପ୍ରଭାବ ପୃଥିବୀ ଉପରେ ଅନେକ ଭାବରେ ପଡ଼ିଥାଏ। ଅବଶ୍ୟ ବଡ଼ ଧରଣର ସୌର ଝଡ଼ ଆମର ଅନେକ କ୍ଷତି କରିଥାଏ। ପୃଥିବୀ ଚାରିପଟେ ଗୋଟିଏ ଚୁମ୍ବକୀୟ ବଳୟ ଅଛି। ସୌର ଝଡ଼ ଏହି ଚୁମ୍ବକୀୟ କ୍ଷେତ୍ରରେ ପରିବର୍ତ୍ତନ ଆଣିଥାଏ, ଯାହା ପୃଥିବୀର ସୁପରିବାହୀ ପୃଷ୍ଠରେ ବୈଦ୍ୟୁତିକ କ୍ଷେତ୍ର ପ୍ରେରଣ କରିଥାଏ। ଆମେ ଜାଣୁ ଯେ ପ୍ରତ୍ୟେକ ବିଦ୍ୟୁତ୍ ସଞ୍ଚାରଣ ତାର କିମ୍ବା ଉପକରଣ ଏହାର ନିଉଟ୍ରାଲ ପଏଣ୍ଟରେ ଭୂମି ସହିତ ସଂଯୋଗ କରିଥାଏ। ଏଣୁ ସୌର ଝଡ଼ ପ୍ରେରିତ ବିଦ୍ୟୁତ୍ କେନ୍ଦ୍ର ଏହା ମାଧ୍ୟମରେ ପ୍ରବେଶ କରି ବିଦ୍ୟୁତ୍ ଉପକରଣଗୁଡ଼ିକର କ୍ଷତି କରିଥାଏ। ଏହା ମଧ୍ୟ ବିଦ୍ୟୁତ୍ ଓ ଟେଲିଗ୍ରାଫ କେବୁଲର କ୍ଷତି ପହଞ୍ଚାଇଥାଏ।

ସୌର ଝଡ଼ ତେଲ ଓ ଗ୍ୟାସ୍ ପାଇପ୍‌ରେ କଳଙ୍କି ସୃଷ୍ଟି କରିଥାଏ। ଉଡ଼ାଜାହାଜ ପଠାଉଥିବା ଉଚ୍ଚ-ଆବୃତ୍ତିର ରେଡିଓ ବାର୍ତ୍ତା ଏହାଦ୍ୱାରା ପ୍ରଭାବିତ ହୋଇଥାଏ। ମହାକାଶରେ ଅବସ୍ଥାପିତ କୃତ୍ରିମ ଉପଗ୍ରହ ଓ 'ଜିପିଏସ୍'ର ବୈଦ୍ୟୁତିକ ଓ ଇଲେକ୍ଟ୍ରୋନିକ୍ ଯନ୍ତ୍ରପାତି ଏହାଦ୍ୱାରା ପ୍ରଭାବିତ ହେବା ଯୋଗୁଁ ପୃଥିବୀ ସହିତ ଯୋଗାଯୋଗ ବ୍ୟାହତ ହୋଇପାରେ। କୃତ୍ରିମ ଉପଗ୍ରହରେ ବିଦ୍ୟୁତ୍ ଉତ୍ପାଦନ ପାଇଁ ଖଞ୍ଜା ଯାଇଥିବା ସୌର ଫଳକର କାର୍ଯ୍ୟରେ ଏହା ବାଧା ପହଞ୍ଚାଇଥାଏ। ମହାକାଶଚାରୀମାନେ ମଧ୍ୟ ଏହିସମୟରେ ପ୍ରଭାବିତ ହୋଇପାରନ୍ତି। ଏହା ଯୋଗୁ ଉତ୍ତର ମେରୁ ଓ ଦକ୍ଷିଣ ମେରୁ ଅଞ୍ଚଳରେ ରଙ୍ଗିନ ଆଲୋକ ପ୍ରଭା ଦେଖାଯାଏ।

### ସୌର ଝଡ଼ର ଚିହ୍ନଟ

ଭୂପୃଷ୍ଠ ଓ ମହାକାଶରେ ଅବସ୍ଥାପିତ ହୋଇଥିବା ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଦୃଶ୍ୟମାନ ଆଲୋକ, ଅତି ବାଇଗଣୀ ରଶ୍ମି, ଗାମା ରଶ୍ମି ଓ ଏକ୍ସ ରଶ୍ମିକୁ ଚିହ୍ନଟ କରାଯାଏ। ଏଥିରେ ଥିବା ଟ୍ରାନ୍ସମିଟର ଓ ରିସିଭର ଦ୍ୱାରା ରେଡିଓ ତରଙ୍ଗ ମଧ୍ୟ ଚିହ୍ନଟ ହୁଏ ଏବଂ କଣିକା ଚିହ୍ନଟ ଯନ୍ତ୍ର ସାହାଯ୍ୟରେ ଆୟନ ଓ ଇଲେକ୍ଟ୍ରନକୁ ଗଣନା କରାଯାଏ। ମାଗ୍ନେଟୋମିଟର ଚୁମ୍ବକୀୟ କ୍ଷେତ୍ରକୁ ଠାବ କରେ। କ୍ୟାମେରା ଦ୍ୱାରା ପୃଥିବୀ ଉପରେ ସୁମେରୁ ଓ କୁମେରୁ ପ୍ରଭା ଦେଖିହୁଏ। ସୁମେରୁ ଓ କୁମେରୁ ପ୍ରଭା ସୂର୍ଯ୍ୟର ସର୍ବାଧିକ କାର୍ଯ୍ୟକଳାପ ସମୟରେ ଅଧିକ ଭାବେ ଦେଖାଦେଇଥାଏ। ପ୍ରଭାର ମୁଖ୍ୟ ରଙ୍ଗ ହେଉଛି ସବୁଜ। ଏହା ପୃଥିବୀରୁ ୮୦-୩୦୦ କିମି ଉଚ୍ଚରେ ଦେଖାଯାଏ।

ସୌର ଝଡ଼କୁ ଚିହ୍ନଟ କରିବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ଓ ୟୁରୋପୀୟ ମହାକାଶ ସଂଘ ମହାକାଶକୁ ମହାକାଶଯାନ ପଠାଇଛନ୍ତି। ଭାରତ ପୃଥିବୀଠାରୁ ୧୫ ଲକ୍ଷ କିମି ଓ ସୂର୍ଯ୍ୟଠାରୁ ୧୪ କୋଟି ୮୫ ଲକ୍ଷ କିମି ଦୂରତାରେ ଥିବା ଏଲ-୧ ବିନ୍ଦୁରେ ଆଦିତ୍ୟ ଏଲ-୧ ଯାନକୁ ଅବସ୍ଥାପିତ କରିଛି। ଏଥିରେ ଥିବା ଯନ୍ତ୍ରପାତି ସୌର ଝଡ଼ରେ ନିର୍ଗତ ହେଉଥିବା ଆୟନଗୁଡ଼ିକ ଗଣନା କରିବା ସହିତ ଚୁମ୍ବକୀୟ କ୍ଷେତ୍ରକୁ ମାପ କରିବ।

ପୃଥିବୀର ଚୁମ୍ବକ ବଳୟ ପୃଥିବୀକୁ ସୌର ଝଡ଼ରୁ ରକ୍ଷା କରୁଛି। ମାତ୍ର ସୌର ଝଡ଼ର ପରିମାଣ ଅଧିକ ହେଲେ ଏହା ରକ୍ଷା କରି ନ ପାରେ। ସେଥିପାଇଁ ଆମକୁ ପ୍ରସ୍ତୁତ ରହିବା ସହିତ ବିହିତ ପ୍ରତିକାର ପାଇଁ କାର୍ଯ୍ୟ କରିବା ଉଚିତ।

- ୭୦, ଲକ୍ଷ୍ମୀବିହାର, ଫେଜ୍-୧,
ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪



## ସୁସ୍ଥ ରହିବ ହାର୍ଟ

ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଉଛି ହୃତ୍‌ପିଣ୍ଡ ବା ହାର୍ଟ। ଏହି ଅଙ୍ଗ ସୁସ୍ଥ ତଥା ନୀରୋଗ ରହିବା ନିହାତି ଜରୁରୀ। ନ ହେଲେ ତାହା ଜୀବନନାଶକ ସାବ୍ୟସ୍ତ ହୋଇଥାଏ। ଅସନ୍ତୁଳିତ ଖାଦ୍ୟପେୟ, ନିଶାଦ୍ରବ୍ୟ ସେବନ, ମାନସିକ ଚାପ ଯୋଗୁଁ ଏଭଳି ସମସ୍ୟା ଦେଖାଦେଇଥାଏ। ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ହୃଦ୍‌ରୋଗ ବିଶେଷଜ୍ଞମାନେ ମତ ଦେଇଛନ୍ତି ଯେ, ମାସକୁ ଥରେ ଉପବାସ ରହିବା ଦ୍ୱାରା ହୃଦ୍‌ଘାତ ଆଶଙ୍କା କେତେକାଂଶରେ ହ୍ରାସ ପାଇଥାଏ। କେବଳ ସେତିକି ନୁହେଁ, ବର୍ଷକୁ ଅନ୍ତତଃ ଦୁଇଥର ରକ୍ତଦାନ ଦ୍ୱାରା ହାର୍ଟ ମଧ୍ୟ ସୁସ୍ଥ ରହେ। ସବୁଠାରୁ ବଡ଼ କଥା ହେଲା, ସୁଷମ ଖାଦ୍ୟ ଖାଆନ୍ତୁ। ତା' ସହ ଚାପମୁକ୍ତ ତଥା ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରନ୍ତୁ। ନିଶାଦ୍ରବ୍ୟ ସେବନଠାରୁ ଦୂରେଇ ରୁହନ୍ତୁ। ଦୈନିକ ଅତିକମ୍‌ରେ ଅଧଘଣ୍ଟା ବ୍ୟାୟାମ କରନ୍ତୁ। ହୃଦ୍‌ରୋଗ ପାଇଁ ଓଜନ ବୃଦ୍ଧି ବା ମେଦ ବହୁଳତା ଅନେକାଂଶରେ ଦାୟୀ। ତେଣୁ ଆବଶ୍ୟକତାଠାରୁ ଅଧିକ ଓଜନ ଥିଲେ, ତାହାକୁ କେମିତି ସନ୍ତୁଳିତ ସ୍ତରକୁ ଆଣିହେବ, ସେଥିପାଇଁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ବୟସ ୫୦ ଟପିଲେ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାଲାଡ଼, ସବୁଜ ପନିପରିବା ଓ ଟଟକା ଫଳ ସାମିଲ କରନ୍ତୁ।

## ଜାଣିରଖନ୍ତୁ



- ମଦ୍ୟପାନ, ଧୂମପାନ ତଥା ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ହୃଦ୍‌ଘାତ ବା ହାର୍ଟ ଆଟାକ୍‌ର ଆଶଙ୍କା ଅଧିକ ଥାଏ। ଏ ସବୁ ପଦାର୍ଥ ରକ୍ତ କୋଷିକାକୁ ଉତ୍ତେଜିତ କରି ରକ୍ତ ସଞ୍ଚାଳନକୁ ଆବଶ୍ୟକତାଠାରୁ ଅଧିକ ବୃଦ୍ଧି କରାଇଥାଏ। ଫଳରେ ରକ୍ତଚାପ ବୃଦ୍ଧି ପାଇଥାଏ।
- ଅଧିକ ଲୁଣ ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପକୁ ଡାକି ଆଣିଥାଉ ; ଯାହାକି ପରବର୍ତ୍ତୀ ସମୟରେ ହାର୍ଟ ଆଟାକ୍‌ର ଅନ୍ୟତମ କାରଣ ପାଲଟିଥାଏ।
- ଚର୍ବିଜାତୀୟ ଖାଦ୍ୟ ଅଧିକ ନ ଖାଇବା ଭଲ। ଏହା ଯୋଗୁଁ କୋଲେଷ୍ଟରଲ୍ ସ୍ତର ବଢ଼ିଥାଏ।
- କ୍ଷୀର ପିଇବା ଦ୍ୱାରା ଏଥିରେ ଥିବା ପୋଟାସିୟମ୍ ରକ୍ତଚାପ କମ୍ କରିଥାଏ। ଫଳରେ ହାର୍ଟ ଉପରେ ଅଧିକ ଚାପ ପଡ଼ି ନ ଥାଏ।
- ଗ୍ରୀନ୍ ଟି, ବ୍ଲାକ୍ ଟି, କଫି ଏବଂ ଫଳରସ ପିଇଲେ ହାର୍ଟ ଉପରେ ସକାରାତ୍ମକ ପ୍ରଭାବ ପଡ଼ିଥାଏ।
- ଅଧିକ ମସଲା ତଥା ତେଲଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। କାରଣ ଏଗୁଡ଼ିକର ପରିମାଣ ଅଧିକ ହେଲେ ତାହା ପେଟଜନିତ ସମସ୍ୟା ସୃଷ୍ଟି କରିଥାଏ।
- ସବୁବେଳେ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ। ଅତ୍ୟଧିକ ପାଣି ପିଇବା ମଧ୍ୟ ଶରୀର ପାଇଁ କ୍ଷତିକାରକ।



## ନିଦ୍ରାହୀନତା ଓ ଅସନ୍ତୁଳିତ ଖାଦ୍ୟପେୟ

ସୁଷମ ଖାଦ୍ୟ ଏବଂ ଉତ୍ତମ ନିଦ୍ରା ଆମକୁ ଅନେକାଂଶରେ ସୁସ୍ଥ ରଖିଥାଏ। ତେବେ କେତେକ କାରଣରୁ ଅନେକ ନିଦ୍ରାଜନିତ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ଏପରି କି କିଛି ବ୍ୟକ୍ତି ବିଳମ୍ବରେ ଶୋଇବା ଏବଂ ଶୀଘ୍ର ଉଠିବା ଫଳରେ ଏହାର ପ୍ରଭାବ ସେମାନଙ୍କର ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ। ତେବେ ଠିକ୍ ଭାବରେ ନିଦ ନ ହେବା ଏକ ବଡ଼ ସମସ୍ୟା। ଏହା ଧୀରେ ଧୀରେ ଗୁରୁତର ଆକାର ଧାରଣ କରି ଅନେକ ସ୍ୱାସ୍ଥ୍ୟଜନିତ ସମସ୍ୟାକୁ ଡାକି ଆଣିଥାଏ। ନିଦ୍ରାହୀନତା ପାଇଁ ଅସନ୍ତୁଳିତ ଖାଦ୍ୟପେୟ କେତେକାଂଶରେ ଦାୟୀ ବୋଲି ମତ ଦେଇଛନ୍ତି ଆମେରିକୀୟ ପୁଷ୍ଟିବିଜ୍ଞାନୀମାନେ। ଖାଦ୍ୟପେୟରେ ବାରମ୍ବାର ଏପଟସେପଟ ହେଲେ ତାହା ନିଦ୍ରାକୁ ପ୍ରଭାବିତ କରିଥାଏ ବୋଲି ସେମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେଣୁ ଜଣେ ବ୍ୟକ୍ତି ନିଜର ଖାଦ୍ୟପେୟ ପ୍ରତି ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଦରକାର। ଏହାଦ୍ୱାରା ଭଲ ନିଦ ହେବା ସହ ସେ ନିଜକୁ ଅନେକାଂଶରେ ସୁସ୍ଥ ରଖିପାରିବେ।

## ସ୍ୱାସ୍ଥ୍ୟ ସୂଚନା

- ସକାଳୁ ବିଛଣାରୁ ଉଠିବା ପରେ କିଛି ସମୟ ସେଠାରେ ବସି ରହି ଷ୍ଟ୍ରେଚିଙ୍ଗ ଏକ୍ସରସାଇଜ କରନ୍ତୁ। ଏହାଦ୍ୱାରା ରକ୍ତ ସଞ୍ଚାଳନ ସକ୍ରିୟ ରହିଥାଏ। କେବଳ ସେତିକି ନୁହେଁ, ଏଭଳି ଏକ୍ସରସାଇଜ କରିବା ଫଳରେ ପାଚନକ୍ରିୟା ଆହୁରି ଦୃଢ଼ ହେବା ସହ ଅଣ୍ଟା ଯନ୍ତ୍ରଣାରୁ କେତେକାଂଶରେ ଉପଶମ ମିଳିଥାଏ।
- ଆମକୁ ସୁସ୍ଥ ରଖିବାରେ ବ୍ରେକ୍‌ଫାଷ୍ଟର ମଧ୍ୟ ଭୂମିକା ରହିଛି। ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସଦ୍ୟତମ ଗବେଷଣାରୁ ଜାଣିପାରିଛନ୍ତି ଯେ ଏହାଦ୍ୱାରା ଆମର ଓଜନ କେତେକାଂଶରେ ସନ୍ତୁଳିତ ରହିଥାଏ।
- ପ୍ରତିଦିନ କିଛିସମୟ ଶାନ୍ତ ପରିବେଶରେ ବିତାନ୍ତୁ। ଏହା ମାନସିକତାକୁ ସକାରାତ୍ମକ ରଖିବାରେ ସାହାଯ୍ୟ କରିଥାଏ।
- ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଟମାଟୋ ସାମିଲ କରନ୍ତୁ। ଏହା ହେଉଛି ଭିଟାମିନ୍ 'ସି'ର ପ୍ରମୁଖ ଉତ୍ସ। ଏହାକୁ ନିୟମିତ ଖାଇଲେ ତାହା କ୍ୟାନ୍‌ସର ଆଶଙ୍କାକୁ କେତେକାଂଶରେ ଦୂରେଇ ରଖିଥାଏ ବୋଲି ୟୁନିଭର୍ସିଟି ଅଫ୍ କାଲିଫର୍ନିଆର କ୍ୟାନ୍‌ସର ବିଶେଷଜ୍ଞମାନେ ମତ ଦେଇଛନ୍ତି।
- ଖାଇସାରିବା ପରେ ପରେ ଆଦୌ ନିଶାଦ୍ରବ୍ୟ ସେବନ କରନ୍ତୁ ନାହିଁ। ଏହାର ଖରାପ ପ୍ରଭାବ ପାଚନକ୍ରିୟା ଉପରେ ପଡ଼ିଥାଏ।
- ଖାଇବା ପରେ ପରେ ଗାଧାନ୍ତୁ ନାହିଁ। ଏହାଦ୍ୱାରା ରକ୍ତ ସଞ୍ଚାଳନ ଶିଥିଳ ହୋଇଯାଏ।



# ସ୍ୱାସ୍ଥ୍ୟୋପକାରୀ ପାଣିସିଙ୍ଗଡ଼ା-ପଦ୍ମନାଡ଼



ଡା. ବସନ୍ତ କୁମାର ଷଡ଼ଙ୍ଗୀ

ଜଳ ଓ ସ୍ଥଳଭାଗରେ ଯେତେପ୍ରକାର ଉଦ୍ଭିଦ, ଲତା, ଗୁଳ୍ମ, ଆଦି ରହିଛି ; ସେଗୁଡ଼ିକର ଚେର, ମୂଳ, ଛାଲି, ଡାଳ, ପତ୍ର, ଫୁଲ ଓ ଫଳ ପ୍ରତ୍ୟେକ ଦ୍ରବ୍ୟ ମାନବ ଶରୀର ପାଇଁ ପ୍ରକୃତିଦତ୍ତ। ସେଗୁଡ଼ିକ ଜୀବନୀୟ ଗୁଣବତ୍ତା ତଥା ଔଷଧୀୟ ଗୁଣରେ ପରିପୂର୍ଣ୍ଣ ରହିଛି। ବିଶ୍ୱର ପ୍ରତ୍ୟେକ ଦେଶ ତଥା ଭାରତର କୋଣାନୁକୋଣେ ଜଳବାୟୁ ଅନୁଯାୟୀ ଏମିତି କେତେ ନିଆରା କିସମର ସ୍ୱାସ୍ଥ୍ୟ ଉପକାରୀ ଖାଦ୍ୟ ଦ୍ରବ୍ୟ ରହିଛି। ଏଗୁଡ଼ିକ ସବୁ ସ୍ଥାନରେ ମିଳିନଥାଏ, ଯାହାକୁ କେତେକ ବ୍ୟକ୍ତି ଜାଣି ନ ଥା'ନ୍ତି କିମ୍ବା ଖାଦ୍ୟରେ ବ୍ୟବହାର କରି ନ ଥା'ନ୍ତି। ସେଥିମଧ୍ୟରୁ ପାଣିସିଙ୍ଗଡ଼ା ଓ ପଦ୍ମନାଡ଼ ଅନ୍ୟତମ। ସ୍ୱାସ୍ଥ୍ୟ ହିତ ପାଇଁ ଏକ ଏକ ବହୁ ଉପକାରୀ ଖାଦ୍ୟ ଅଟେ। ଏ ଦୁଇ ପ୍ରକାର ଦ୍ରବ୍ୟ ଜଳ ମଧ୍ୟରେ ହିଁ ହୋଇଥାଏ।

**ପାଣିସିଙ୍ଗଡ଼ା :** ପାଣିସିଙ୍ଗଡ଼ା (warter chestnut) ସ୍ୱାସ୍ଥ୍ୟ ପାଇଁ ବିଶେଷ ଲାଭଦାୟକ। ଏଥିରେ ପ୍ରଚୁର ପରିମାଣରେ କ୍ୟାଲସିୟମ ରହିଛି, ଯାହା ଆମ ଦାନ୍ତ ଓ ଅସ୍ଥିକୁ ମଜଭୁତ କରିଥାଏ। କେବଳ ସେତିକି ନୁହେଁ, ଏହା ଶରୀରର ଦୁର୍ବଳତା ଦୂର କରିବା, ଗ୍ୟାଷ୍ଟ୍ରିକ ସମସ୍ୟା, କୋଷ୍ଠକାଠିନ୍ୟ ଦୂର କରିବା ସହ ଅନ୍ତନଳୀକୁ ସଫା ରଖିବାରେ ସାହାଯ୍ୟ କରେ। ତା' ସହ ପାଚନକ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ। ପାଣିସିଙ୍ଗଡ଼ାରେ ତନ୍ତୁଜାତୀୟ ପଦାର୍ଥ ଭରି ରହିଛି। ଏଥିରେ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଥିବାରୁ ଏହା ଖାଇବା ଦ୍ୱାରା ଟନ୍‌ସିଲ ଓ ଗଳା ସମସ୍ୟା ଦୂର ହୋଇଥାଏ। ସୁନିଦ୍ରା ହେବାରେ ମଧ୍ୟ ସାହାଯ୍ୟ କରିଥାଏ। ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ପାଣିସିଙ୍ଗଡ଼ା ଚରକ ସଂହିତାରେ ପାଣିସିଙ୍ଗଡ଼ା ଏକ ସ୍ୱାଦିଷ୍ଟ, ହଜମ ଶକ୍ତି ବୃଦ୍ଧିକାରକ, ପିତ୍ତ ଓ କଫ ଆମ ଶରୀର ପାଇଁ କେତେ ଉପକାରୀ ତାହା ବର୍ଣ୍ଣନା କରାଯାଇଛି। ଏହା ରକ୍ତଚାପକୁ ମଧ୍ୟ ସନ୍ତୁଳିତ ରଖେ। ଏପରି ସ୍ୱାସ୍ଥ୍ୟ ଉପଯୋଗୀ ପାଣିସିଙ୍ଗଡ଼ାକୁ ଆମେ ଖାଦ୍ୟ ଭାବେ ଖାଇବା ଜରୁରୀ।


ପାଣିସିଙ୍ଗଡ଼ା

**ପଦ୍ମନାଡ଼:** ପଦ୍ମନାଡ଼ (Lotus stem)କୁ ଭାଜି ତରକାରି କରି ଖିଆଯାଏ। ଏହା ଦେଖିବାକୁ ଧଳା। ଏହା ସାଧାରଣତଃ ଜଳାଶୟଗୁଡ଼ିକରେ ରହିଥାଏ। ଆମ ଦେଶର ପଦ୍ମଫୁଲକୁ ପ୍ରାୟତଃ ପୂଜାର୍ଚ୍ଚନାରେ ବ୍ୟବହାର କରାଯାଏ। କିନ୍ତୁ ଏହାର ନାଡ଼ରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ ଭିଟାମିନ-ସି, ଆଇରନ୍, ଭିଟାମିନ୍-ବି କମ୍ପ୍ଲେକ୍ସ, ପୋଟାସିୟମ, ସୋଡିୟମ, ପ୍ରୋଟିନ ଭରପୂର ହୋଇ ରହିଛି। ଏହା ଆଣ୍ଟି-ଅକ୍ସିଡାଣ୍ଟ ଅଟେ। ଏହାକୁ ଖାଦ୍ୟ ଭାବେ ଖାଇବା ଦ୍ୱାରା ଏହା ତ୍ୱଚାକୁ ସୌନ୍ଦର୍ଯ୍ୟ ବଢ଼ାଇବା ସହ କେଶ ବୃଦ୍ଧି ଘଟିବା, ଦେହରୁ ବହୁତ ଝାଳ ନିର୍ଗତ ହେଉଥିଲେ ଏହା ସ୍ୱାଭାବିକ ହେବା ସହ ନାକରୁ କିମ୍ବା ପରିସ୍ରାରେ ରକ୍ତ ପଡୁଥିଲେ ସେଥିରୁ ଉପଶମ ମିଳିବା ବ୍ୟତୀତ ଥଣ୍ଡା କାଶ, କୁଣ୍ଡିଆ, ଚର୍ମ ରୋଗରୁ ଉପଶମ ମିଳିଥାଏ। ମହିଳା ଓ ପୁରୁଷଙ୍କ ଯୌନଶକ୍ତି ବୃଦ୍ଧି କରିବା ସହ ଶରୀରର ଖରାପ କୋଲେଷ୍ଟରଲକୁ ନିର୍ଗତ କରାଇବାରେ ସହାୟକ ହୋଇଥାଏ। ଉଚ୍ଚ ରକ୍ତଚାପକୁ ମଧ୍ୟ ଏହା ସନ୍ତୁଳିତ ରଖିଥାଏ। ଏହାକୁ ନିୟମିତ ଖାଇଲେ ତାହା ଆନିମିଆ, ଉତ୍ତମ ରକ୍ତ ସଂଚାଳନ ସହ ଶରୀରରେ ଲୋହିତ ରକ୍ତକଣିକା ମାତ୍ରା ବୃଦ୍ଧି, ଶକ୍ତି ବୃଦ୍ଧିରେ ସହାୟକ ହୋଇଥାଏ। ପଦ୍ମନାଡ଼କୁ ଖାଦ୍ୟ ରୂପେ ଆମେ ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟିଥାଏ।

- ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର,
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭


ପଦ୍ମନାଡ଼

# 'ଆବାସ ଯୋଜନାରେ ଓଡ଼ିଶା ପାଇଁ ୩୪ ଲକ୍ଷ ଘର ଦିଆଯାଇଛି'

ସମ୍ବଲପୁର,୨୫।୨ (ଭବାନୀଶଙ୍କର ଭୋଇ)


ଲାଭାର୍ଥୀ ସମ୍ପର୍କ ଅଭିଯାନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଘରେ ଘରେ ମୋଦି ଗ୍ୟାରେଣ୍ଟିର ନାରା ଶୁଭୁଛି। ସମସ୍ତଙ୍କ ସେବା ଓ କଲ୍ୟାଣ କରିବା ମୋଦି ଗ୍ୟାରେଣ୍ଟିର ସଂକଳ୍ପ ହୋଇଛି ବୋଲି ରବିବାର ସମ୍ବଲପୁରର ଭତରାଠାରେ 'ଲାଭାର୍ଥୀ ସମ୍ପର୍କ ଅଭିଯାନ'ରେ ସାମିଲ ହେବା ଅବସରରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକଥା କହିଛନ୍ତି। ଏହି ଅଭିଯାନ ଅଧୀନରେ କେନ୍ଦ୍ରମନ୍ତ୍ରୀ ମୋଦି ସରକାରଙ୍କ କଲ୍ୟାଣକାରୀ ଯୋଜନାର ସ୍ଥାନୀୟ ଲାଭାର୍ଥୀମାନଙ୍କୁ ଭେଟିବା ସହ ଆଲୋଚନା କରିଥିଲେ। ଘର ଘର ବୁଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ମୋଦିଙ୍କ ଷ୍ଟିକର ଲଗାଇବା ସହ ଲିଫଲେଟ୍ ବାଣ୍ଟିଥିଲେ। ସେ କହିଥିଲେ ଯେ, ଆଜି ମୋଦିଙ୍କ କାରଣରୁ ଦେଶରେ ଭବ୍ୟ ରାମ ମନ୍ଦିର ନିର୍ମାଣ ହୋଇଛି। ଦେଶ ପ୍ରଗତି ପଥରେ ଗତି କରୁଛି। ମୋଦି ସରକାର ଲୋକଙ୍କ ଜୀବନକୁ ସହଜ କରିବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରାୟ ୩୪ ଲକ୍ଷ ଘର ଓଡ଼ିଶା ପାଇଁ ଯୋଗାଇ ଦେଇଛନ୍ତି। ସେହିପରି ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ, ଜଳ ଜୀବନ ମିଶନରେ ପ୍ରତି ଘରକୁ ପାଇପ ଯୋଗେ ବିଶୁଦ୍ଧ ପାଣି ପହଞ୍ଚାଯାଇଛି। ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ଚାଉଳ, ଉଜ୍ଜ୍ୱଳା ଯୋଜନାରେ ମାଗଣାରେ ରନ୍ଧନ ଗ୍ୟାସ ସହ କରୋନା ସମୟରେ ଟିକା ଉପଲବ୍ଧ କରାଇଛନ୍ତି। ମନ୍ତ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ମୋଦିଙ୍କ କଲ୍ୟାଣକାରୀ ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ସହ ତାଙ୍କ ହାତମୁଠାକୁ ଟାଣ କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲା ସଭାପତି ଗିରିଶ ପଟେଲ, ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ଭାଜପା ପକ୍ଷରୁ ଆୟୋଜିତ ବୁଦ୍ଧିଜୀବୀ ସମ୍ମିଳନୀରେ ମଧ୍ୟ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଯୋଗ ଦେଇଥିଲେ। ସମ୍ବଲପୁରରେ ସ୍ୱାଭିମାନକୁ ଦୃଷ୍ଟିରେ ରଖି ଶିଳ୍ପ, ବ୍ୟବସାୟ ଜରିଆରେ ଅଞ୍ଚଳର ବିକାଶ ପାଇଁ ସେ ଆହ୍ୱାନ କରିଥିଲେ।

# ପ୍ରମୋଦ ଭଗତଙ୍କୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର,୨୫।୨ (ତପନ ସ୍ୱାଇଁ)




**ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍**

- ଲିନ୍ ଡାନ୍‌ଙ୍କ ୫ ବିଶ୍ୱ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ରେକର୍ଡର ସମକକ୍ଷ
- ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ପାରାଲିମ୍ପିକ୍ସ ଚାମ୍ପିୟନ ଓଡ଼ିଶାର ପ୍ରମୋଦ ଭଗତ ଥାଇଲାଣ୍ଡର ପଟାୟାଠାରେ ଅନୁଷ୍ଠିତ ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ଏସଏଲ୍୩ ଫାଇନାଲରେ ସେ ଇଂଲଣ୍ଡର ଡାନିଏଲ ବେଥେଲ୍‌ଙ୍କୁ ପରାସ୍ତ କରିଛନ୍ତି। ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ବିଜୟରେ ହ୍ୟାଟ୍ରିକ କରିଥିବା ପ୍ରମୋଦ ୫ ଥର ଏହି ସଫଳତା ହାସଲ କରି ଚାଇନାର ଲିନ୍ ଡାନ୍ (୫ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ)ଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ପ୍ରମୋଦ ୨୦୦୯, ୨୦୧୫. ୨୦୧୯, ୨୦୨୨ ଓ ୨୦୨୪ରେ ସ୍ୱର୍ଣ୍ଣ ପଦକ ହାସଲର ଗୌରବ ଅର୍ଜନ କରିଛନ୍ତି। ସ୍ୱର୍ଣ୍ଣିମ ସଫଳତା ପାଇଁ ପ୍ରମୋଦଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ଏପରି ପ୍ରଦର୍ଶନ ବଜାୟ ରଖି ଦେଶ ପାଇଁ ଆହୁରି ଗୌରବ ଆଣିବା ନିମନ୍ତେ ମୁଖ୍ୟମନ୍ତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ବେଥେଲ ପ୍ରଥମ ସେଟ୍‌କୁ ୨୧-୧୪ରେ ଜିତିବାପରେ ପ୍ରମୋଦ ସଫଳ ପ୍ରତ୍ୟାବର୍ତ୍ତନ କରି ଦ୍ୱିତୀୟ ସେଟ୍‌ରେ ୨୧-୧୫ରେ ବିଜୟଲାଭ କରିଥିଲେ। ଫଳରେ ତୃତୀୟ ସେଟ୍ ସ୍ୱାଭାବିକଭାବେ ସଂଘର୍ଷପୂର୍ଣ୍ଣ ହୋଇ ଯାଇଥିଲା। ମାତ୍ର ଶେଷରେ ପ୍ରମୋଦ ୨୧-୧୪ରେ ଜିତିବା ସହ ବିଜୟ ମୁକୁଟ ପିନ୍ଧିଥିଲେ। ଥାଇଲାଣ୍ଡ ପ୍ରତିଯୋଗିତାରେ ପ୍ରମୋଦ ସ୍ୱର୍ଣ୍ଣ ସହ ୨ଟି ବ୍ରୋଞ୍ଜ ପଦକ ମଧ୍ୟ ହାସଲ କରିଛନ୍ତି। ସେ ସୁକାନ୍ତ କଦମଙ୍କ ସହ ପୁରୁଷ ଡବଲ୍ସ ଓ ମନୀଷା ରାମଦାସଙ୍କ ସହ ମିକ୍ସଡ ଡବଲ୍ସରେ ଏହି ସଫଳତା ପାଇଛନ୍ତି। ''ଅନେକ ଦୃଷ୍ଟି କୋଣରୁ ଏହି ବିଜୟ ମୋ ପାଇଁ ସ୍ୱତନ୍ତ୍ର। ପ୍ରଥମତଃ ମୁଁ ମୋର ଆଦର୍ଶ ଖେଳାଳି ଲିନ୍ ଡାନ୍‌ଙ୍କ ୫ ବିଶ୍ୱ ଚାମ୍ପିୟନଶିପ୍ ରେକର୍ଡର ସମକକ୍ଷ ହୋଇଛି। ଦ୍ୱିତୀୟତଃ କ୍ରମାଗତ ଦ୍ୱିତୀୟ ଥର ପାଇଁ ଟାଇଟଲ ବଜାୟ ରଖିବାରେ ସକ୍ଷମ ହୋଇଛି। ଉଭୟ ମାନସିକ ଓ ଶାରୀରିକ ଦୃଷ୍ଟିକୋଣରୁ ବେଥେଲଙ୍କ ବିପକ୍ଷ ମ୍ୟାଚ କଷ୍ଟସାଧ୍ୟ ଥିଲା। ଗତ କିଛିମାସ ଧରି ମୁଁ ବେଥେଲଙ୍କ ବିପକ୍ଷରେ ଭଲ ଖେଳିପାରୁ ନ ଥିଲି। ତେଣୁ ଏଠାରେ ମୋତେ ଅନେକ କିଛି ପ୍ରମାଣ କରିବାର ଥିଲା। ଫାଇନାଲରେ ବେଥେଲ ବହୁତ ଭଲ ଖେଳିଥିଲେ, ମାତ୍ର ଆଜି ଦିନଟି ମୋର ଥିଲା'' ବୋଲି ସ୍ୱର୍ଣ୍ଣ ବିଜୟୀ ପ୍ରମୋଦ ପ୍ରକାଶ କରିଛନ୍ତି।

# ୨୦୧୯ର ପ୍ରତିଶୋଧ ନେବ ଭାଜପା: ସମୀର

କଟକ,୨୫।୨ (ଶିଳ୍ପା ପ୍ରିୟଦର୍ଶିନୀ)

**ଭାଜପା ଯୁବମୋର୍ଚ୍ଚା କଟକ ନଗର ପକ୍ଷରୁ ଯୁବ ଆକ୍ରୋଶ ସମାବେଶ**

ରାଜ୍ୟ ସରକାରଙ୍କ ଆକ୍ରୋଶମୂଳକ ମନୋଭାବକୁ ଭାଜପା ପକ୍ଷରୁ ବିରୋଧ କରାଯାଉଛି। ବହୁସଂଖ୍ୟକ ଯୁବତୀଯୁବକ ମଧ୍ୟ ଏହାକୁ ବିରୋଧ କରୁଛନ୍ତି। ଆଗାମୀ ନିର୍ବାଚନରେ ବିଜେଡିକୁ ହରାଇ ରାଜ୍ୟ ଏବଂ କେନ୍ଦ୍ରରେ ଭାଜପା ଡବଲ ଇଞ୍ଜିନ ସରକାର ଗଢିବ। ଭାଜପା ଓଡ଼ିଶାରେ ନିଶ୍ଚିତ ଶାସନ କରିବ। ୨୦୧୯ ନିର୍ବାଚନର ପ୍ରତିଶୋଧ ୨୦୨୪ ନିର୍ବାଚନରେ ଭାଜପା ନେବ ଏବଂ ବହୁସଂଖ୍ୟାରେ ଦଳୀୟ ପ୍ରାର୍ଥୀ ଜିତିବେ। ଦୀର୍ଘ ୨୫ବର୍ଷ ଧରି ରାଜ୍ୟ ସରକାର ଯୁବକମାନଙ୍କୁ ଅଣଦେଖା କରିଆସୁଛନ୍ତି। ସରକାର ମାଗଣାରେ ଚାଉଳଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଅର୍ଥକୁ ନିଜ ନାମରେ ବାଣ୍ଟୁଛନ୍ତି। ରାଜ୍ୟରେ ଶିକ୍ଷା, ନିଯୁକ୍ତି, ସ୍ୱାସ୍ଥ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଯୁବକମାନେ ଚିକିରି ନ ପାଇ ପଥଭ୍ରଷ୍ଟ ହୋଇପଡିଛନ୍ତି ବୋଲି ପୂର୍ବତନ ମନ୍ତ୍ରୀ ତଥା ଭାଜପା ବରିଷ୍ଠ ନେତା ସମୀର ଦେ କହିଛନ୍ତି। ଭାଜପା ଯୁବମୋର୍ଚ୍ଚା କଟକ ନଗର ପକ୍ଷରୁ ରବିବାର ତଳ ବାଲିଯାତ୍ରା ପଡ଼ିଆଠାରେ ଯୁବ ଆକ୍ରୋଶ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହାକୁ ସମୀର ଉଦ୍‌ଘାଟନ କରି ଉପରୋକ୍ତ ବିଷୟରେ କହିଥିଲେ। ଭାଜପା କଟକ ନଗର ଯୁବମୋର୍ଚ୍ଚା ପୂର୍ବତନ ସଭାପତି ଜ୍ୟୋତିରଞ୍ଜନ ପଲାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ଅନ୍ୟ ଅତିଥି ଭାବେ ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବସ୍ତୁ, ରାଜ୍ୟ ସଂଖ୍ୟାଲଘୁ ସେଲ୍‌ର ଉପସଭାପତି ସିକନ୍ଦର ଅଲ୍ଲୀ ବକ୍ସ, ଆଇନଜୀବୀ ସୌରୀ ମହାପାତ୍ର, କଟକ ମହାନଗର ଶାନ୍ତି କମିଟି ସମ୍ପାଦକ ଭିକାରି ଦାସ, କର୍ପୋରେଟର ଲକ୍ଷ୍ମୀଧର ବେହେରା ଯୋଗଦେଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଏବେ କେନ୍ଦ୍ର ସରକାରଙ୍କର ବିକଶିତ ଭାରତ ଏକ ସଫଳ ଯୋଜନା ରହିଛି। ଏହି ଯୋଜନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଲୋକପ୍ରିୟତା କେବଳ ଭାରତରେ ନୁହେଁ ବିଦେଶରେ ବଢ଼ି ଚାଲିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଭାଜପା ବରିଷ୍ଠ ନେତ୍ରୀ ଗୀତା ଦାସ ସ୍ୱାଗତ ଭାଷଣ ଦେବା ସହ ସମାବେଶର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଯୁବମୋର୍ଚ୍ଚା ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମାବେଶରେ ଶତାଧିକ ଯୁବତୀଯୁବକ ଯୋଗଦେଇଥିଲେ।


ସମାବେଶରେ ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କ ସହ ଅନ୍ୟମାନେ।

# ସିମି ଆତଙ୍କବାଦୀ ହନିଫ୍ ଶେଖ୍ ଗିରଫ



ନୂଆଦିଲ୍ଲୀ, ୨୫।୨

ଦିଲ୍ଲୀ ପୋଲିସକୁ ବଡ଼ ସଫଳତା ମିଳିଛି। ୨୨ ବର୍ଷ ଧରି ଫେରାର ଥିବା ବେଆଇନ ସଂଗଠନ ସିମି (ଷ୍ଟୁଡେଣ୍ଟସ୍ ଇସ୍‌ଲାମିକ୍ ମୁଭ୍‌ମେଣ୍ଟ ଅଫ୍ ଇଣ୍ଡିଆ)ର ସଦସ୍ୟ ହନିଫ୍ ଶେଖ୍‌ଙ୍କୁ ମହାରାଷ୍ଟ୍ରର ଭୁସାୱଲରୁ ପୋଲିସ ଗିରଫ କରିଛି। ହନିଫ୍ ନିଜ ନାମ ପରିବର୍ତ୍ତନ କରି ମହମ୍ମଦ ନାମରେ ଭୁସାୱଲରେ ଜଣେ ଉର୍ଦ୍ଦୁ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ଦିଲ୍ଲୀ ପୋଲିସ ଜଣିବାକୁ ପାଇଥିଲା ବୋଲି ସ୍ୱତନ୍ତ୍ର ସେଲ୍‌ର ଡିସିପି ଅଙ୍କିତ ସିଂ କହିଛନ୍ତି। ୨୦୦୧ରେ ଦେଶଦ୍ରୋହ ଅଭିଯୋଗରେ ଅଭିଯୁକ୍ତ ହନିଫ୍‌ଙ୍କୁ ପୋଲିସ ଧରିବାରେ ସଫଳ ହୋଇଛି।

ସୂଚନାଯୋଗ୍ୟ, ହନିଫ୍ ୧୯୯୭ରୁ ସିମି ସଂଗଠନ ସହ ଜଡ଼ିତ ହୋଇ ନିଜ ପ୍ରଭାବ ବିସ୍ତାର କରିବାରେ ଲାଗିଥିଲେ। ହନିଫ୍ ମୁସଲମାନ ଯୁବକଙ୍କୁ ସଂଗଠନରେ ସାମିଲ କରି ସେମାନଙ୍କୁ କଠୋରପନ୍ଥୀ ଶିକ୍ଷା ଦେଉଥିଲେ। ଦିଲ୍ଲୀର ଏକ ଅଦାଲତ ହନିଫ୍‌ଙ୍କୁ ୨୦୦୨ରେ ପଳାତକ ଘୋଷିତ କରିଥିଲେ।

# ବିଜେଡିରେ ଯୋଗଦେଲେ ଭବାନୀପାଟଣା ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କ ସମେତ ୧୬ ସମିତି ସଭ୍ୟ



ବିଜେଡିରେ ସାମିଲ ହୋଇଥିବା ଭବାନୀପାଟଣା ବ୍ଲକ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କ ସହ ୧୬ ଜଣ ସମିତିସଭ୍ୟ।

ଭୁବନେଶ୍ୱର/ଭବାନୀପାଟଣା,୨୫।୨ (ସୁନିତ୍ ମିଶ୍ର/ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଅନ୍ତର୍ଗତ ଭବାନୀପାଟଣା ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ୧୬ ଜଣ ସମିତି ସଭ୍ୟଙ୍କ ସହ ଶତାଧିକ ଭାଜପା କର୍ମୀ ରବିବାର ବିଜେଡିରେ ଯୋଗ ଦେଇଛନ୍ତି। ଶଙ୍ଖଭବନଠାରେ ଆୟୋଜିତ ମିଶ୍ରଣ ପର୍ବରେ ରାଜ୍ୟ ସଭା ଏମ୍‌ପି ସସ୍ମିତ ପାତ୍ର, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, କଳାହାଣ୍ଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂହଦେଓଙ୍କ ଉପସ୍ଥିତିରେ ଭାଜପା ନେତା ଓ କର୍ମୀମାନେ ବିଜେଡିରେ ସାମିଲ ହୋଇଛନ୍ତି। ସମସ୍ତଙ୍କୁ ଉପଢୌକନ ଦେଇ ବିଧିବଦ୍ଧ ଭାବେ ବିଜେଡିକୁ ସ୍ୱାଗତ କରାଯାଇଛି। ଭାଜପା କର୍ମୀମାନଙ୍କ ଯୋଗଦାନ ଦ୍ୱାରା କଳାହାଣ୍ଡି ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନକୁ ଅଧିକ ମଜଭୁତ କରିବ ବୋଲି ବିଜେଡି ନେତାମାନେ ମତ ପ୍ରକାଶ କରିଛନ୍ତି। ଏହି ଅବସରରେ ବିଜେଡିରେ ସାମିଲ୍ ହୋଇଥିବା ଭାଜପା ନେତାମାନେ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଲୁ । ଦଳ ଆଗକୁ ଯାହା ଦାୟିତ୍ୱ ଦେବ ତାକୁ ସୁଚାରୁରୂପେ ତୁଲାଇବୁ। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ, ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ। ଏହି ମିଶ୍ରଣ ପର୍ବରେ ଭବାନୀପାଟଣା ବ୍ଲକ ଅଧ୍ୟକ୍ଷ ପ୍ରଫୁଲ କୁମାର ସାହୁ, ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ସାହୁ, ସମିତି ସଭ୍ୟ ସନ୍ତୋଷ ଦାଶ, ନଳିନୀ ମାଝି, ଗୀତା ସାହୁ, ଦାମ ଧରୁଆ, ତିଲୋତ୍ତମା ଜାଲ, ବଲବୀ ନାୟକ, ବିଦ୍ୟାଧର ହଞ୍ଜା, ସାଧବୀ ମାଝୀ, ଶୁକ୍ରୁ ମାଝୀ, ଜଗମୋହନ ମାଝୀ, ଗୋପାଳ ରଣା, ଟେକରାଜ ସାହୁ, ନୀଳେନ୍ଦ୍ରି ଝଙ୍କାର, ଜନନୀ ବେମଳ, ସୁମନ୍ତ ପାଢ଼ୀ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ନାଥ ସାହୁ, ମେମ୍ବର ଜଗଦୀଶ ଭୋଇ ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି।

# ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ନୂଆପଡ଼ା,୨୫।୨ (ମକାରୁ ବେମାଲ)

ନୂଆପଡା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସଂଘ ସଭାପତି ଶଙ୍କର୍ଷଣ ପୁରୋହିତଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟରତ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କୁ ତାଙ୍କର ପଦୋନ୍ନତି ପାଇଁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ମିଶ୍ର ଯୁଗ୍ମ ନିର୍ଦ୍ଦେଶକ ପାହ୍ୟାକୁ ପଦୋନ୍ନତି ପାଇଛନ୍ତି। ସେ ଜଣେ ଦକ୍ଷ ପ୍ରଶାସକ, ଶିକ୍ଷୟିତ୍ରୀଶିକ୍ଷକ ତଥା ଛାତ୍ରୀଛାତ୍ରଙ୍କ ପ୍ରିୟ ପାତ୍ର ହୋଇ ପାରିଥିଲେ।

# ଷୋହଳ ପ୍ରହର ନାମଯଜ୍ଞ, ସଂକୀର୍ତ୍ତନ

ଲାଞ୍ଜିଗଡ଼,୨୫।୨ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ଗୋପୀନାଥ ମନ୍ଦିରରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଷୋହଳ ପ୍ରହର ନାମଯଜ୍ଞ ରବିବାର ସକାଳ ୭ଟାରେ ଅନୁଷ୍ଠିତ ହେଇଯାଇଛି। ଶନିବାର ଅପରାହ୍ନ ସାଢେ ୪ଟାରେ ମହିଳା ପୁରୁଷମାନେ ସଂକୀର୍ତ୍ତନ ମଣ୍ଡଳୀ ସହିତ ବଂଶଧାରା ନଦୀରୁ ଭବ୍ୟ କଳସରେ ଜଳ ଆଣି ଗୋପୀନାଥ ମନ୍ଦିରରେ ପହଞ୍ଚି ଷୋହଳ ପ୍ରହର ନାମଯଜ୍ଞ ସ୍ଥଳରେ କଳସ ସ୍ଥାପନ କରିଥିଲେ। ଷୋହଳ ପ୍ରହର ନାମ ଯଜ୍ଞ ସଂକୀର୍ତ୍ତନ ପାଇଁ ଭୀମାଡଙ୍ଗା, ନୂଆପଡା, ବଳଭଦ୍ରପୁର, ଝିଗି ପାଇକବୋରି, ହରେକୃଷ୍ଣପୁର, ବରଗୁଡ଼ା, ଲାଞ୍ଜିଗଡ ସମେତ, ଗୋଲଙ୍ଗବନ୍ଧ ମହିଳା ସଂକୀର୍ତ୍ତନ ମଣ୍ଡଳୀ ସାମିଲ ଥିବା ସୂଚନା ମିଳିଛି। ଏଥିରେ କର୍ତ୍ତା ଭାବେ ଯୁଧିଷ୍ଠିର ପାତ୍ର ଓ ରଶ୍ମିତା ପାତ୍ର, ସହକର୍ତ୍ତା ଭାବେ ସନ୍ତୋଷ ଦଣ୍ଡସେନା ଓ ସରିତା ଦଣ୍ଡସେନା ଦାୟିତ୍ୱ ତୁଲାଉ ଥିବାବେଳେ ପୂଜକ ଭାବେ ମୁରଲୀ ତ୍ରିପାଠୀ, ଶ୍ରୀଧର ତ୍ରିପାଠୀ, ରବୀନ୍ଦ୍ର ଦାସ, ଚନ୍ଦ୍ର ମହାପାତ୍ର, ତରୁଣସେନ ରଥ ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଦୀନବନ୍ଧୁ ବାରିକ ଏବଂ ମନୁ ବାରିକ କାର୍ଯ୍ୟରେ ସହଯୋଗ କରିଥିଲେ। ଏହି ଅବସରରେ ହରିହର ସାଂସ୍କୃତିକ ସେବା ସମିତି ସମସ୍ତ କର୍ମକର୍ତ୍ତା, ପ୍ରହରୀ କମିଟି ସମସ୍ତ ସଦସ୍ୟ ଏବଂ ଲାଞ୍ଜିଗଡ ଅଞ୍ଚଳର ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ମଧ୍ୟ କରାଯାଇଛି।

# ୬ବର୍ଷ ବୟସରେ ପ୍ରଥମ ଶ୍ରେଣୀରେ ନାମଲେଖା ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର,୨୫।୨ (ଅସମାପିକା ସାହୁ)

୨୦୨୪-୨୫ ଶିକ୍ଷାବର୍ଷ ଆରମ୍ଭ ହେବ। ଏହା ପୂର୍ବରୁ ବିଭିନ୍ନ ଶ୍ରେଣୀରେ ନାମଲେଖା ଚାଲିବ। ପ୍ରଥମ ଶ୍ରେଣୀରେ ନାମଲେଖା ପାଇଁ ୬ବର୍ଷ ବୟସ ହୋଇଥିବା ଆବଶ୍ୟକ। ଏହାକୁ ପାଳନ କରିବା ପାଇଁ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟକୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ମନ୍ତ୍ରଣାଳୟ ଚିଠି ଲେଖି ଅବଗତ କରାଇଛି। ନ୍ୟାଶନାଲ ଏଜୁକେଶନ ପଲିସି, ରାଇଟ ଟୁ ଏଜୁକେଶନର ନିୟମାନୁସାରେ ଏହି ନାମଲେଖା ନିୟମକୁ ମାନିବା ପାଇଁ କୁହାଯାଇଛି।

# ଆଜି ଲୋକସେବା ଭବନ ଘେରିବ କଂଗ୍ରେସ

ଭୁବନେଶ୍ୱର,୨୫।୨ (ସୁନିତ୍ ମିଶ୍ର)

ଜଳସେଚନ ସୁବିଧା, କୃଷିଜାତ ଦ୍ରବ୍ୟର ସଂରକ୍ଷଣ, ଧାନର ଅଭାବୀ ବିକ୍ରି ସମସ୍ୟାର ସମାଧାନ, ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା ପ୍ରଦାନ, ବେକାରୀ ସମସ୍ୟା ଆଦି ସବୁ କ୍ଷେତ୍ରରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଅନ୍ୟପକ୍ଷରେ ୧ ଲକ୍ଷ କୋଟି ଟଙ୍କାର ଖଣି ଦୁର୍ନୀତି, ୨୦ ହଜାର କୋଟି ଟଙ୍କାର ଚିଟ୍‌ଫଣ୍ଡ ଦୁର୍ନୀତି, ପାନୀୟଜଳ ଯୋଗାଣରେ ୩୩ ହଜାର କୋଟିର ଠିକା ଦୁର୍ନୀତି, ବିଦ୍ୟୁତ୍ ସେବା ଭିତିଭୂମି ଆଳରେ ୩୫ ହଜାର କୋଟି ଟଙ୍କାର ଦୁର୍ନୀତି ଏବଂ ନାରୀ ନିର୍ଯାତନା ଓ ନାବାଳିକା ଚାଲାଣ ଆଦି ବିଜେଡି ସରକାରଙ୍କ ସଫଳତା। ଏସବୁ ଦୁର୍ନୀତି ଓ ଅନ୍ୟାୟ ପ୍ରତିବାଦରେ ସୋମବାର କଂଗ୍ରେସ ପକ୍ଷରୁ ଲୋକସେବା ଭବନ ଘେରାଉ କରାଯିବ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି। କଂଗ୍ରେସ ଅଭିଯୋଗ କରିଛି ଯେ, ଗତ ୨୪ ବର୍ଷ ହେଲା ବିଜେଡି ସରକାର ଦୁର୍ନୀତିରେ ବୁଡି ରହିଛନ୍ତି। ରାଜ୍ୟର ପ୍ରକୃତ ବିକାଶ କରିବା ପରିବର୍ତ୍ତେ କେବଳ ନିର୍ବାଚନ ସମୟରେ ବଡ଼ ବଡ଼ ଘୋଷଣା କରି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। କୃଷି କ୍ଷେତ୍ରର ଉପଯୁକ୍ତ ବିକାଶ, ଚାଷଜମିକୁ ଜଳସେଚନ, ବିଧାନସଭାରେ ସର୍ବସମ୍ମତି କ୍ରମେ ହୋଇଥିବା ନିଷ୍ପତି ଅନୁଯାୟୀ ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା ପ୍ରଦାନ କରିବାରେ ସରକାର ଆନ୍ତରିକତା ଦେଖାଉ ନାହାନ୍ତି। ଅଥଚ ନିର୍ବାଚନ ଆସିଲେ କାଳିଆ ଯୋଜନା କରି ଚାଷୀଙ୍କୁ ପ୍ରତାରଣା କରୁଛନ୍ତି। ଏହାଦ୍ୱାରା ଗୋଟିଏ ପଟେ ପ୍ରକୃତ ଚାଷୀ ସହାୟତା ପାଇବାରୁ ବଞ୍ଚିତ ହେଉଥିବାବେଳେ ଅନ୍ୟପଟେ କୃଷି କ୍ଷେତ୍ରର ବିକାଶ ହୋଇପାରୁନି ବୋଲି ଶରତ କହିଛନ୍ତି।

# ଯୁବତୀଙ୍କୁ ବ୍ଲାକମେଲିଂ, ନକଲି ନୌସେନା ଅଧିକାରୀ ଗିରଫ

ଭୁବନେଶ୍ୱର,୨୫।୨ (ସୂର୍ଯ୍ୟକାନ୍ତ ବେହେରା)




ଯୁବତୀଙ୍କ ଆପତ୍ତିଜନକ ଫଟୋ ଓ ଭିଡିଓ ଭାଇରଲ କରିବା ଧମକ ଦେବା ସହ ତାଙ୍କ ବିବାହ ଭାଙ୍ଗିବା ଅଭିଯୋଗରେ ମହିଳା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ହେଲେ ଜଗତସିଂହପୁର ଜିଲା ବିରିଡି ଥାନା ଅଞ୍ଚଳର ସୌମ୍ୟ ରଞ୍ଜନ ମିଶ୍ର । ସେ ନିଜକୁ ନୌସେନା ଅଧିକାରୀ ପରିଚୟ ଦେଇ ଏପରି କାଣ୍ଡ ଘଟାଇଛନ୍ତି। ତାଙ୍କଠାରୁ ଗୋଟିଏ କାର ,ମୋବାଇଲ,ଲାପଟପ ଜବତ ହୋଇଛି। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ପୀଡିତାଙ୍କ ବାପା ଝିଅର ବିବାହ ପାଇଁ ମାଟ୍ରିମୋନିଆଲରେ ଗୋଟିଏ ପ୍ରୋଫାଇଲ ଖୋଲିଥିଲେ। ଏହାପରେ ତାଙ୍କ ପାଖକୁ ଅଭିଯୁକ୍ତଙ୍କ ପ୍ରୋଫାଇଲ ଆସିଥିଲା। ସେଥିରେ ଦିଆଯାଇଥିବା ମୋବାଇଲ୍ ନମ୍ବରରେ ଅଭିଯୁକ୍ତଙ୍କୁ ଯୋଗାଯୋଗ କରିବାରୁ ସେ ନିଜକୁ ମୁମ୍ବାଇରେ କାର୍ଯ୍ୟରତ ନାଭାଲ ଅଫିସର ପରିଚୟ ଦେଇ ପୀଡିତାଙ୍କୁ ବିବାହ ପାଇଁ ଆଗ୍ରହ ଦେଖାଇଥିଲେ। ସମୟକ୍ରମେ ଅଭିଯୁକ୍ତ ଜଣକ ପୀଡିତା ଓ ତାଙ୍କର ପରିବାର ସଦସ୍ୟଙ୍କ ସହିତ ଚତୁରତାର ସହ ସମ୍ପର୍କ ବଢାଇଥିଲେ। ଏଥିସହ ତାଙ୍କ ମୋବାଇଲରେ ପୀଡିତାଙ୍କ ସହିତ ଅନ୍ତରଙ୍ଗ ସମ୍ପର୍କକୁ ରେକର୍ଡ କରିଥିଲେ। ଅଭିଯୁକ୍ତ ଜଣକ ଜଣେ ଠକ ଓ ପ୍ରତାରକ ବ୍ୟକ୍ତି ଜାଣିବା ପରେ ପୀଡିତା ଓ ତାଙ୍କ ପରିବାର ସଦସ୍ୟ ଉକ୍ତ ପ୍ରସ୍ତାବକୁ ଭାଙ୍ଗି ଦେଇଥିଲେ। ଏହାପରେ ଅଭିଯୁକ୍ତ ଜଣକ ପୀଡିତାଙ୍କୁ ଖଣ୍ଡଗିରି ନିକଟସ୍ଥ ଏକ ହୋଟେଲକୁ ଡାକି ତାଙ୍କୁ ନିର୍ଯାତନା ଦେଇଥିଲେ ଏବଂ ଉକ୍ତ କାର୍ଯ୍ୟର ଭିଡିଓ ରେକର୍ଡ କରି ସେଗୁଡ଼ିକୁ ଭାଇରାଲ କରିବାର ଧମକ ଦେଇ ବ୍ଲାକମେଲ କରିଥିଲେ। ପୀଡିତା ଭୟରେ ଅଭିଯୁକ୍ତଙ୍କୁ ୫୦ ହଜାର ଦେବା ପରେ ମଧ୍ୟ ଅଭିଯୁକ୍ତ ଜଣକ ପୀଡିତାଙ୍କ ବାହାଘର ଭାଙ୍ଗିବା ପାଇଁ ତାଙ୍କ ଘରକୁ ଆସି ପରିବାର ବର୍ଗଙ୍କୁ ଧମକ ଦେଇଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଜଣକ ତାଙ୍କ ସହ ପୀଡିତାଙ୍କ ଆପତ୍ତିଜନକ ଫଟୋ, ଭିଡିଓ, ଧମକପୂର୍ଣ୍ଣ ତଥା ଅପମାନଜନକ ବାର୍ତ୍ତାକୁ ଯୁବତୀଙ୍କ ସହ ବିବାହ ପ୍ରସ୍ତାବ ସ୍ଥିର ହୋଇଥିବା ବ୍ୟକ୍ତିଙ୍କୁ ପଠାଇଦେଇଥିଲେ। ଏନେଇ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା (ନଂ ୩୯/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଗନ୍ଧରେଲ ଡ୍ୟାମ ବିକାଶ ପ୍ରକଳ୍ପର ଶିଳାନ୍ୟାସ

ବଲାଙ୍ଗୀର,୨୫।୨ (ବୀରେନ୍ଦ୍ର କୁମାର ଝାଙ୍କର)


ବିଧାୟକ ନରସିଂହ ମିଶ୍ର ଗନ୍ଧରେଲ ଡ୍ୟାମ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ବଲାଙ୍ଗୀର ସହର ଉପକଣ୍ଠ ଗନ୍ଧରେଲ ଡ୍ୟାମ୍ ବହୁମୁଖୀ ବିକାଶ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବିଧାୟକ ନରସିଂହ ମିଶ୍ର। ବିଧାୟକ ମିଶ୍ର କହିଥିଲେ ଏହି ପ୍ରକଳ୍ପର ଚାରିକଡରେ ଥିବା ପାହାଡ, ଜଙ୍ଗଲର ସୁରକ୍ଷା ସାଙ୍ଗକୁ ତାର ପାରିପାର୍ଶ୍ୱିକ ବିକାଶ ହେଲେ ଏହି ଅଞ୍ଚଳକୁ ପର୍ଯ୍ୟଟକ ଆକୃଷ୍ଟ ହୋଇ ଆସିବେ ଓ ସ୍ଥାନୀୟ ଲୋକେ ରୋଜଗାର ପାଇବେ। ୨୦୨୦ ମସିହାରେ ବିଧାୟକ ମିଶ୍ରଙ୍କ ନିର୍ଦ୍ଦେଶରେ ପ୍ରକଳ୍ପ ଅଞ୍ଚଳ ଦେଖି ଆସିଥିବା ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ପ୍ରକଳ୍ପ ପାଇଁ ୭ କୋଟି ଟଙ୍କାର ଏକ ଡିପିଆର ପ୍ରସ୍ତୁତ କରିଥିଲେ। ସେଥିରୁ ୧ କୋଟି ୮୮ ଲକ୍ଷ ୮୩ ହଜାର ୩ ଶହ ୩୪ ଟଙ୍କାର ଅନୁଦାନ ମଞ୍ଜୁର ହୋଇ କାର୍ଯ୍ୟକାରୀ ସଂସ୍ଥା ନିଯୁକ୍ତ ହୋଇସାରିଛି । ଦୁଇଦିନ ଭିତରେ ଏହାର ମୁଖ୍ୟ କେନାଲ କାମ ଆରମ୍ଭ ହେବ ବୋଲି କାର୍ଯ୍ୟକାରୀ ସଂସ୍ଥା ସୂଚନା ଦେଇଛନ୍ତି। କାମର ଗୁଣବତ୍ତାରେ କୌଣସି ସାଲିସ ନ କରିବା ପାଇଁ ଉପସ୍ଥିତ କ୍ଷୁଦ୍ର ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ ବିଧାୟକ ମିଶ୍ର କହିଥିଲେ। ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ କ୍ଷୁଦ୍ର ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ନାରୀନେତ୍ରୀ ଆରତୀପ୍ରୀତି ନାଗ, ବିଦୁରଞ୍ଜନ ନାଗ, ଫକୀର ମୋହନ ଥାଟି, ପ୍ରତାପ ବାଗ, ଫିରୋଜ ସାଏ, ମନୋରଞ୍ଜନ ସାଏ, ଡ. ପ୍ରଶାନ୍ତ ପଧାନ, ଶିକ୍ଷା ପ୍ରତିନିଧି ଦାମୋଦର ମିଶ୍ର, ଅଙ୍କିତ ସାହୁ, ସୁବଳ ରାଉତଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।

# ୧୦ଦିନ ହେଲା ପାଇପ ଜଳଯୋଗାଣ ବନ୍ଦ

**ସଇଁତଳା,୨୫ା୨(ରାଖାଲ ପ୍ରସାଦ ଶତପଥୀ)**

ବଲାଙ୍ଗୀର ଜିଲା ସଇଁତଳାକୁ ବିଜ୍ଞାପିତ ଅଞ୍ଚଳ ମାନ୍ୟତା ଦେଇଛନ୍ତି ରାଜ୍ୟ ସରକାର। ଏଥିପାଇଁ ଅଞ୍ଚଳରେ ଖୁସିର ବାତାବରଣ ଦେଖାଦେଇଛି। ଏହିପରି ଏକ ସମୟରେ ସଇଁତଳା ସଦର ମହକୁମା କଅଁସର ପଡ଼ାରେ ପାନୀୟ ଜଳ ପାଇଁ ଜନସାଧାରଣ ନାହିଁ ନ ଥିବା ହଇରାଣ ହେଉଥିବା ଦେଖିବାକୁ ମିଳିଛି । ଏହାକୁ ନେଇ ପଡ଼ାବାସୀ ବିଡ଼ିଓଙ୍କଠାରେ ଫେରାଦ ହୋଇଛନ୍ତି। କଅଁସରପଡ଼ା ସଇଁତଳାର ସହରର ଶେଷମୁଣ୍ଡରେ ଅବସ୍ଥିତ। କିଛିବର୍ଷ ତଳେ ମନ୍ତ୍ରୀ ଟୁକୁନୀ ସାହୁ ସହରର ସମସ୍ତ ପଡ଼ାକୁ ପାଇପ ଜଳ ଯୋଗାଣ ପାଇଁ ଏହି ପଡ଼ା ନିକଟରେ ଏକ ଓଭରହେଡ୍ ଟ୍ୟାଙ୍କର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନର ଏକବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏହା ଲୋକଙ୍କ କାମରେ ଆସୁନାହିଁ। କଅଁସର ପଡ଼ାରେ ଏକଶହରୁ ଊର୍ଦ୍ଧ୍ୱ ପରିବାର ବାସ କରନ୍ତି। ଉକ୍ତ ପଡ଼ା ପଥୁରିଆ ଅଞ୍ଚଳ ହୋଇଥିବାରୁ ପାଣିର ଅଭାବ ଦେଖାଦେଇଥାଏ । ବିଶେଷ କରି ଖରାଦିନ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପଡ଼ାବାସୀ ପାଇପ ଜଳଯୋଗାଣ ବ୍ୟବସ୍ଥା ଉପରେ ନିର୍ଭର କରିଥାନ୍ତି। ହେଲେ ଗତ ୧୦ଦିନ ହେବ ଉକ୍ତ ପଡ଼ାକୁ ପାନୀୟ ଜଳଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି। ପଡ଼ାରେ ଥିବା ୫ଟି ନଳକୂପରୁ ୩ଟି ଅଚଳ। ଅନ୍ୟ ଦୁଇଟିରୁ କମ ପାଣି ବାହାରଛି। ସେଠାରେ ପାଣି ପାଇଁ ଲୋକଙ୍କୁ ଘଣ୍ଟାଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଦୁଇ କିମ୍ବା ତିନିଦିନ ବ୍ୟବଧାନରେ ପଡାକୁ ପାଇପ ପାଣି କେବଳ ଏକ ଘଣ୍ଟା ପାଇଁ ଦିଆଯାଉଥିବା ପଡ଼ାବାସୀ କହିଛନ୍ତି । ଗତ ୧୦ଦିନ ହେଲା ତାହା ମଧ୍ୟ ବନ୍ଦ ହୋଇଯାଇଥିବାରୁ ପଡ଼ାର ମହିଳାମାନେ ୧କିମି ଦୂର ଅନ୍ୟ ପଡ଼ାକୁ ଯାଇ ପାଣି ସଂଗ୍ରହ କରୁଛନ୍ତି। ଏହାକୁ ନେଇ ଶନିବାର ସଇଁତଳା ବିଡ଼ିଓ ବିନୟ ଭୋଇଙ୍କୁ ପଡ଼ାର ମହିଳାମାନେ ଭେଟି ତୁରନ୍ତ ଜଳ ଯୋଗାଇଦେବାକୁ ଦାବି କରିଥିଲେ। ବିଡ଼ିଓ ସ୍ଥାନୀୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀଙ୍କୁ ତୁରନ୍ତ ପାନୀୟ ଜଳ ଯୋଗାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏ ବିଷୟରେ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ-୨ ଇତିଶ୍ରୀ ଦେହୁରୀଙ୍କୁ ପଚାରିବାରୁ ପଡ଼ାକୁ ଯୋଗାଣ ହେଉଥିବା ମୋଟର ପୋଡ଼ି ଯାଇଥିବାରୁ ପାନୀୟ ଜଳ ଯୋଗାଣରେ ଅସୁବିଧା ହେଉଥିବା କହିଛନ୍ତି। ପଡ଼ାରେ ଥିବା ନଳକୂପଗୁଡ଼ିକ ଖରାପ ହୋଇଯାଇଥିବାବେଳେ ତାକୁ ତୁରନ୍ତ ମରାମତି ପାଇଁ ନିର୍ଦ୍ଦେଶ ଦେଇଥିବା କହିଥିଲେ। ଅନ୍ୟପକ୍ଷରେ ସଇଁତଳା ଜଳ ଓ ପରିମଳ ବିଭାଗରେ ଥିବା ଯନ୍ତ୍ରୀ-୧ଙ୍କୁ ଗତ ଅକ୍ଟୋବର ମାସରୁ ବଦଳି ହୋଇସାରିଥିବାବେଳେ ତାଙ୍କ ସ୍ଥାନରେ ଫୁଲବାଣୀ ଜିଲା ଦାରିଙ୍ଗବାଡ଼ି ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଜ୍ୟୋତିରଞ୍ଜନ ଦାସଙ୍କୁ ସଇଁତଳା ବଦଳି ହୋଇଥିଲା। ହେଲେ ଅଦ୍ୟାବଧି ଦାସ ସଇଁତଳା ଜଳ ଓ ପରିମଳ ବିଭାଗରେ ଯୋଗଦେଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି । କଅଁସରପଡ଼ାକୁ ତୁରନ୍ତ ପାନୀୟ ଜଳ ଯୋଗାଣ ନ ହେଲେ ଆଗାମୀ ଦିନରେ ପଡ଼ାବାସୀ ଆନ୍ଦୋଳନ କରିବେ ବୋଲି ପଡ଼ାର ମଞ୍ଜୁଲତା ଚନ୍ଦନ, ମୀନାକ୍ଷୀ ସାହୁ, ଆଶାଲତା ସାହୁ, କଳ୍ପନା ବାଗ, ରୁକୁଣୀ ନାଏକ, କୁନୀ ବେହେରା, ସୁନୀତା ଦଣ୍ଡସେନା, ଊର୍ମିଳା ଦଣ୍ଡସେନା, ଅର୍ଣ୍ଣ ବଛା, ବେଲମତୀ ଦଣ୍ଡସେନା, ହୀରା ଜାନୀ, ଉଷା ଥପା, କୁଂଜଲତା ନାଗ, ଚମ୍ପା ସାହୁ, ଯଶୋରଣା ପ୍ରମୁଖ ଚେତାବନୀ ଦେଇଛନ୍ତି।


ଅଚଳ ହୋଇ ପଡ଼ିଥିବା ନଳକୂପ।


ପଡା ଶେଷମୁଣ୍ଡ ଷ୍ଟାଣ୍ଡପୋଷ୍ଟ ନିକଟରେ ପାଣି ପାଇଁ ମହିଳାଙ୍କ ଭିଡ।

**ସଇଁତଳା ସଦର ମହକୁମାରେ ପାନୀୟ ଜଳ ସଙ୍କଟ**

- ପାଣି ପାଇଁ ବିଡିଓଙ୍କୁ ଘେରିଲେ ପଡ଼ାବାସୀ
- ଅବିଳମ୍ବେ ଜଳଯୋଗାଣ ନ ହେଲେ ଆନ୍ଦୋଳନ ଚେତାବନୀ

# ସଚେତନ ହେଲେ ଜଙ୍ଗଲ ନିଆଁକୁ ରୋକିହେବ

**ଖପ୍ରାଖୋଲ,୨୫ା୨(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ଜଙ୍ଗଲ ବିଭାଗ ଡାକ ବଙ୍ଗଳାରେ ହରିଶଙ୍କର ବାନାଞ୍ଚଳ ତରଫରୁ ବାନଗ୍ନି ନିବାରଣ ସଚେତନତା ସଭା ରବିବାର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିଆଁଦାଉରୁ ଜଙ୍ଗଲର ସୁରକ୍ଷା ପାଇଁ ସମସ୍ତେ ସଚେତନ ହେବାକୁ ଆଲୋଚନା ହୋଇଥିଲା। ପ୍ରତି ବର୍ଷ ସଚେତନତା ଅଭାବରୁ ଜଙ୍ଗଲରେ ନିଆଁ ଲାଗି ମୂଲ୍ୟବାନ ଗଛ ଓ ଔଷଧୀୟ ଗୁଳ୍ମଲତା ପୋଡ଼ି ପାଉଁଶ ହୋଇଥାଏ। ଏଥିରେ ବନ୍ୟଜନ୍ତୁ ମଧ ପ୍ରଭାବିତ ହୋଇଥାନ୍ତି। ଏହାର ନିରାକରଣ ପାଇଁ ଆଗାମୀ ଦିନରେ ଭିଏସଏସମାନଙ୍କରେ ସଚେତନ କରାଯିବ ବୋଲି ବନ ବିଭାଗ ତରଫରୁ ସୂଚନା ଦିଆଯାଇଥିଲା। ଏହି ସଚେତନତା ସଭାରେ ହରିଶଙ୍କର ଉପ ବନାଞ୍ଚଳ ଅଧିକାରୀ ସୁନିଲ କୁମାର ମିଶ୍ର, ବ୍ଲକ ଅଗ୍ନିଶମ ଅଧିକାରୀ ଜୟ ଗୋପାଳ ପଣ୍ଡା, ଧଣ୍ଡାମୁଣ୍ଡା ସରପଞ୍ଚ ବୈଦ୍ୟନାଥ ମିଶ୍ର, ମହରାପଦର ସରପଞ୍ଚ ସୁମତୀ ପ୍ରଧାନ, ନାନ୍ଦୁପଲା ସରପଞ୍ଚ ନିଳେନ୍ଦ୍ରି ପୂଝାରୀ, ଭାନପୁର ସରପଞ୍ଚ ରୀନା ଜାଲ, ମାଟିଆଭଟା ସରପଞ୍ଚ ସନ୍ତୋଷିନୀ ବରିହା, ରେଙ୍ଗାଲି ସରପଞ୍ଚ ଉମାକାନ୍ତ ମେହେର, ବନପାଳ ସୁଧୀର କୁମାର ଜେନା, ହରିଶଙ୍କର ବନପାଳ ରଞ୍ଜିତ କୁମ୍ଭାର, ରେଙ୍ଗାଲି ବନପାଳ ଘାସିରାମ ଦୀକ୍ଷିତ, ବନରକ୍ଷୀ, ସଚେତନ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଆମଜଙ୍ଗଲ ଯୋଜନା ଡିଓ ତହସିଲ ବାଗ ପରିଚାଳନା କରିଥିଲେ।


ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଶିଶୁ ସାମ୍ବାଦିକତା କାର୍ଯ୍ୟକ୍ରମ

**ବେଲପଡ଼ା,୨୫ା୨(ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ସଦର ପଞ୍ଚାୟତ କାର୍ଯ୍ୟାଳୟରେ ରବିବାର ଶିଶୁ ନେତାଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୱାଇସିଡ଼ିଏ ବେଲପଡା ଆୟୋଜନ ତଥା ଏସକେଏନ ନେଦରଲାଣ୍ଡ ସହାୟତାରେ ଚାଲିଥିବା ଟୁ ଫିଟ ଆହେଡ ଟୁଗେଦର ପ୍ରକଳ୍ପ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଶିଶୁ ସାମ୍ବାଦିକତା ବିଷୟରେ ଆଧାରିତ ଥିଲା। ଅଭୟ କୁମାର ତ୍ରିପାଠୀ ତାଲିମଦାତାଭାବେ ଯୋଗଦେଇ ଶିଶୁ ନେତାମାନଙ୍କୁ ସାମ୍ବାଦିକତାର ବିଭିନ୍ନ ଦିଗ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ମନୋଜ ମିଶ୍ର ଶିଶୁମାନଙ୍କୁ ସାମ୍ବାଦିକତା କରି ସେମାନଙ୍କ ସମସ୍ୟା ଉତ୍‌ଥାପନ କରିବାକୁ ଉତ୍ସାହିତ କରିଥିଲେ। ଶିଶୁମାନେ ବିଭିନ୍ନ ଶିଶୁ ସମସ୍ୟା ଉପରେ ଖବର ସଂଗ୍ରହ, ଲିଖନ ଓ ଉପସ୍ଥାପନ ଶିଖିଥିଲେ। କାର୍ଯ୍ୟକ୍ରମକୁ ୱାଇସିଡ଼ିଏ ବେଲପଡାର ଯୋଗେଶ୍ୱର ପ୍ରଧାନ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ହରିହର ନୋଡାଲ ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ଲୋଇସିଂହା,୨୫ା୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ପଥୀରାଜ ହାଇସ୍କୁଲ ଖେଳପଡଆରେ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଲୋଇସିଂହା ବ୍ଲକ ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲ ଅନେକଗୁଡିଏ ପୁରସ୍କାର ପାଇଛି। ଶିକ୍ଷାକ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାଳୟର ୧୬ ଜଣ ଛାତ୍ରୀଛାତ୍ର ପୁରସ୍କୃତ ହୋଇଛନ୍ତି। ସେହିପରି ବିଦ୍ୟାଳୟକୁ ବ୍ଲକର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଭାବେ ପୁରସ୍କୃତ କରାଯାଇଛି। ପ୍ରଧାନଶିକ୍ଷକ ଅଶୋକ କୁମାର ତ୍ରିପାଠୀ ଶ୍ରେଷ୍ଠ ଅନୁଷ୍ଠାନ ଓ ବ୍ଲକରେ ଶ୍ରେଷ୍ଠ ପ୍ରଧାନଶିକ୍ଷକ ଭାବେ ପୁରସ୍କୃତ ହୋଇଥିଲେ। ସେହିପରି ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ସା ଶ୍ରେଷ୍ଠ ସ୍କୁଲ ପରିଚାଳନା କମିଟି ପୁରସ୍କାର ଗ୍ରହଣ କରିଥିଲେ। ବିଦ୍ୟାଳୟର ଏହି ବିରଳ କୃତିତ୍ୱ ପାଇଁ ଛାତ୍ରୀଛାତ୍ର,ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକ ,ଆଲୁମିନି,ବୁଦ୍ଧିଜିବୀ ମହଲରେ ଖୁସିର ଲହରି ଖେଳି ଯାଇଛି ।

### କ୍ରିମିନାଲ କୋର୍ଟସ ବାର ଆସୋସିଏଶନର ପ୍ରତିଷ୍ଠା ଉତ୍ସବ




**ପାଟଣାଗଡ,୨୫ା୨(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ କୋର୍ଟ ପରିସରସ୍ଥ ହରିଶଙ୍କର ସମ୍ମିଳନୀ କକ୍ଷରେ କ୍ରିମିନାଲ କୋର୍ଟସ ବାର ଆସୋସିଏଶନର ୪୧ତମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ସଂଘ ସଭାପତିବିପିନବିହାରୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସ ସଭାରେ ମୁଖ୍ୟ ଅତିଥିଭାବେ ବଲାଙ୍ଗୀର ଲୋକ ସଭା ସଦସ୍ୟ ସଙ୍ଗୀତା କୁମାରୀ ସିଂଦେଓ, ସମ୍ମାନିତ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୂଝାରୀ ଯୋଗଦେଇଥିଲେ। ବରିଷ୍ଠ ଆଇନଜୀବୀ ଦର୍ପଗଞ୍ଜନ ପଟନାୟକ, ସିଦ୍ଧାର୍ଥ ମିଶ୍ର, ଆଶିଷ ଚନ୍ଦନ, ଶଙ୍କର ପ୍ରସାଦ ପଧାନ, ଚିନ୍ତାମଣି ରାଉତ, ବାସୁଦେବ ପାଢୀ, ଜୟନ୍ତ କୁମାର ହୋତା ମଞ୍ଚାସୀନ ଥିଲେ। ରାଜ୍ୟ ସଭା ସଦସ୍ୟ ବିଶି ଡିଜିଟାଲ ଲାଇବ୍ରେରୀ ହଲପାଇଁ ୫ଲକ୍ଷ ଟଙ୍କାର ଅନୁଦାନ ରାଶି ଦେବାକୁ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆଇନଜୀବୀ ଦର୍ପଗଞ୍ଜନ ପଟ୍ଟନାୟକ ସୂଚାରୁରୂପେ ପରିଚାଳନା କରିବାରେ ସହଯୋଗ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ କ୍ରିମିନାଲ କୋର୍ଟସ ବାର ଓ ବାର ଆସୋସିଏଶନର ଆଇନଜୀବୀଙ୍କ ସହ ସହରର ବିଭିନ୍ନ ଅନୁଷ୍ଠାନର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଆଇନଜୀବୀ ସୁବାଷ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜପଥ ଅବରୋଧ କଲେ ଆନ୍ଦୋଳନକାରୀ


ଲୋଇସିଂହାକୁ ଏନଏସି ମାନ୍ୟତା ନ ମିଳିବା ପ୍ରତିବାଦରେ ଆନ୍ଦୋଳନକାରୀ ରାସ୍ତାରୋକୋ କରିଛନ୍ତି।

**ଲୋଇସିଂହା,୨୫ା୨(ସୁଶାନ୍ତ ବାରିକ)**

**ଲୋଇସିଂହାକୁ ଏନ୍‌ଏସି ମାନ୍ୟତା ନ ମିଳିବାର ପ୍ରତିବାଦ**

୨୦୦୯ମସିହାରୁ ଲୋଇସିଂହାକୁ ଏନଏସି ମାନ୍ୟତା ଦାବି ହୋଇ ଆସୁଛି । ହେଲେ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୨୦ ଜିଲାରେ ନୂତନ ୩୪ ଏନଏସି ଘୋଷଣା କରିଛନ୍ତି। ହେଲେ ଏଥିରେ ଲୋଇସିଂହାର ନାମନାହିଁ। ଏହାକୁ ନେଇ ଲୋଇସିଂହାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଞ୍ଚଳିକ ବିକାଶ ପରିଷଦର ଆହ୍ୱାନ କ୍ରମେ ରବିବାର ଲୋଇସିଂହାରେ ବନ୍ଦ ଡାକରା ଦିଆଯାଇଥିଲା। ହେଲେ ବ୍ୟବସାୟିକ ସଂଘ ଏହାକୁ ନ ମାନି ଦୋକାନବଜାର ଖୋଲା ରଖିଥିଲେ। ଆନ୍ଦୋଳନକାରୀ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥର ପଦ୍ମପର ଛକ ଏବଂ କଲେଜ ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଲୋଇସିଂହା କଲେଜ ଛକରେ ଆଞ୍ଚଳିକ ବିକାଶ ପରିଷଦର ଲାଲମନ ନାଗଙ୍କ ନେତୃତ୍ୱରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା । ଏଠାରେ ରାଜ୍ୟ ସରକାରଙ୍କ ଉପରେ ଆନ୍ଦୋଳନକାରୀ ବିଷୋଦ୍‌ଗାର କରିଥିଲେ। ଲୋଇସିଂହା ପଦ୍ମପୁର ଛକରେ ଆନୁଷ୍ଠିତ ପ୍ରତିବାଦ ସଭାରେ ଭୂତନାଥ ନାଏକ ଅଧ୍ୟକ୍ଷତା କରିଥିଲେ। ଏଥିରେ ଲୋଇସିଂହା ବିଧାୟକ ମୁକେଶ ମହାଲଲିଙ୍ଗ, ବୁର୍ଡା ସରପଞ୍ଚ ସୁଦୀପ କୁମାର ସା, ଲୋଇସିଂହା ସରପଞ୍ଚ ନବକିଶୋର ନାଏକଙ୍କ ସମେତ ବହୁ ବ୍ୟକ୍ତିବିଶେଷ ସାମିଲ ହୋଇଥିଲେ। ପ୍ରତିବାଦ ସଭାରେ ବିଧାୟକ ମହାଲିଙ୍ଗ କହିଥିଲେ ରାଜନୈତିକ ଉଦ୍ଦେଶ୍ୟ ରଖି ୩୪ଏନଏସି ଏବଂ କେତେକ ଏନଏସିକୁ ମ୍ୟୁନସିପାଲଟିରେ ଉନ୍ନତୀକରଣ କରାଯାଇଛି। ହେଲେ ଲୋଇସିଂହାକୁ ଏନଏସି ଘୋଷଣା ନକରିବା ପରିତାପର ବିଷୟ। ଲୋଇସିଂହାକୁ ଏନଏସି ମନ୍ୟତା ଦିଆଗଲେ ଭାଜପା ବିଧାୟକଙ୍କୁ ଶ୍ରେୟ ଚାଲିଯିବା ଶଙ୍କାରେ ସ୍ଥାନୀୟ ବିଜେଡି ନେତୃବୃନ୍ଦ ଏବଂ ପ୍ରଶାସନ ଆଲୋଚନା କରି ଅନ୍ତରାୟ ସାଜିଲେ ବୋଲି ସେ ଅଭିଯୋଗ କରିଛନ୍ତି। ବିଧାନ ସଭାରେ ସେ ଏହି ପ୍ରସଙ୍ଗକୁ ନେଇ ବାରମ୍ବାର ଉତ୍ଥାପନ କରିଛନ୍ତି। ବିଚାରବିମର୍ଶ ଚାଲିଛି ବୋଲି ସବୁବେଳେ ଉତ୍ତର ମିଳିଛି। ଦାବି ହେଉ ନ ଥିବା ଅଞ୍ଚଳକୁ ଏନଏସି ମାନ୍ୟତା ମିଳିବାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ସରପଞ୍ଚ ନାଏକ ଲୋଇସିଂହାକୁ ଏନଏସି ମାନ୍ୟତାରୁ ବାଦ୍ ନିଷ୍ପତ୍ତିକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ଏହାର ପନର୍ବିଚାର କରି ପଦକ୍ଷେପ ନେବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ବୁର୍ଡା ସରପଞ୍ଚ ସା ରାଜ୍ୟ ସରକାରଙ୍କ ଏହା ହୀନ ରାଜନୀତି ବୋଲି କହିଛନ୍ତି। ଦାବି ହାସଲ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେ କହିଛନ୍ତି। ରାସ୍ତାରୋକୋ ଆନ୍ଦୋଳନ ଯୋଗୁ ରାଜପଥର ଉଭୟପାର୍ଶ୍ୱରେ ଶହଶହ ଯାନବାହାନ ଅଟକି ରହିଥିଲା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।

# ନକଲି ସାମ୍ବାଦିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ

**ମୁରିବାହାଲ, ୨୫ା୨(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ତଥା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ନକଲି ସାମ୍ବାଦିକଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଏନେଇ ମିଳିତ ସାମ୍ବାଦିକ ସଂଘ ରବିବାର ମୁରିବାହାଲ ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି । ଏଥିରେ ଦର୍ଶାଯାଇଛି ଯେ, ୟୁଟ୍ୟୁବ ଚ୍ୟାନେଲ ଖୋଲି, ଗାଡିରେ ପ୍ରେସ ଲେଖି କେତେକ ଯୁବକ ସରକାରୀ, ବେସରକାରୀ ଅଫିସରେ ଭୟ ଦେଖାଇ ଅର୍ଥ ଆଦାୟ କରୁଥିବା ଦୃଷ୍ଟିଗୋଚର ହେଉଛି। ଏପରି କରୁଥିବା ଆସାମାଜିକ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିପତ୍ର ମାଧ୍ୟମରେ ଅବଗତ କରାଯାଇଛି । ଆଗାମୀ ଦିନରେ ସରକାରଙ୍କ ତରଫରୁ ଜାରି ହୋଇଥିବା ସାମ୍ବାଦିକଙ୍କ ସୂଚି ପ୍ରତି ସରକାରୀ କାର୍ଯ୍ୟାଳୟରେ ଲଗାଇ ଅଧିକାରୀମାନଙ୍କୁ ସଚେତନ କରିବା ସହିତ ଏସ୍‌ପି ଓ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସଂଘ କର୍ମକର୍ତ୍ତା ନିଷ୍ପତ୍ତି ନେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ମୁରିବାହାଲ ସାମ୍ବାଦିକ ସଂଘ ସଭାପତି ସୁବ୍ରତ କୁମାର ମହାକୁର, ପ୍ରେସକ୍ଲବ କଣ୍ଟାବାଞ୍ଜି ସଭାପତି ପ୍ରଭାଜିତ ସିଂ ସାଲୁଜା, ବଙ୍ଗୋମୁଣ୍ଡା ସାମ୍ବାଦିକ ସଂଘ ସଭାପତି ରଶ୍ମିରଞ୍ଜନ ପୁଟେଲ, ସାମ୍ବାଦିକ ଶ୍ରୀବତ୍ସ ବେହେରା, କେଦାର ବଡ଼ଜେନା, ଦୀପକ ଯାଦବ, ସୁରଦାସ ବାଗ, ହୁଲେଶ୍ୱର ହଂସ, ମନୋଜ କର ପ୍ରମୁଖ ଉପସ୍ଥିତ ଥିଲେ। ମୁରିବାହାଲ ଥାନା ଏସ.ଆଇ ଦନାର୍ଦ୍ଦନ ଓରାମ ଦାବିପତ୍ର ଗ୍ରହଣ କରିଥିଲେ।

# ବନାଗ୍ନି ନିବାରଣ ସଚେତନତା ସଭା


ସଭାରେ ମଞ୍ଚାସୀନ ଅତିଥି।

**ମୁରିବାହାଲ,୨୫ା୨(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳରେ ରବିବାର ବନାଗ୍ନି ନିବାରଣ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଜଙ୍ଗଲ ସୁରକ୍ଷା କମିଟି, ସ୍ୱୟଂ ସହାୟକ ଗୋଷ୍ଠୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ନେଇ ଏସିଏଫ ନୀଳାଦ୍ରି ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଟିଟିଲାଗଡ଼ କେନ୍ଦୁଲିଫ ଏସଡିଏମ ପିଙ୍କୁ ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜଙ୍ଗଲକୁ କିପରି ନିଆଁଦାଉରୁ ରକ୍ଷା କରାଯାଇ ପାରିବ, ଜଳବାୟୁ ପରିବର୍ତ୍ତନ ଯୋଗୁ ବୃକ୍ଷର ଆବଶ୍ୟକତା ଓ ସୁରକ୍ଷା, ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥିଭାବେ ମୁରିବାହାଲ ଅଗ୍ନିଶମ ବିଭାଗ ଅଧିକାରୀ ଅମରେଶ ପଧାନ, ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା, ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ, ସ୍ୱୟଂସହାୟକ ଗୋଷ୍ଠୀ ସଭାନେତ୍ରୀ ଲୋପା ମାଝି, ମଞ୍ଚାସୀନ ରହି ଜଙ୍ଗଲ ସୁରକ୍ଷା ବିଷୟରେ ସଚେତନ କରିଥିଲେ । ଫରେଷ୍ଟର ଆଦିତ୍ୟ ନନ୍ଦ, ଧ୍ରୁବ ଚରଣ ବଗର୍ତ୍ତି, ରଞ୍ଜିତ ସିଂଦେଓ, ଘନଶ୍ୟାମ ପଶାୟତଙ୍କ ନେତୃତ୍ୱରେ ଚୁନାମାନୀ ମହାନନ୍ଦ, ମହେଶ ଦଣ୍ଡସେନା, ଧରିତ୍ରୀ ବାରିକ, ମମତା ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆମ ଜଙ୍ଗଲ ଯୋଜନା ଅଭିଯାନ ଟିମ ଲିଡର ଅଜୟ ମହାନ୍ତି ସଭା ସଂଯୋଜାନା ଓ ଫରେଷ୍ଟର ପୁଷ୍ପାଞ୍ଜଳି ଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବୀଣାପାଣି କ୍ରିକେଟ: ଅର୍ଡ଼ା ଚାମ୍ପିୟନ

**ଲୋଇସିଂହା,୨୫ା୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବଡଟିକା ପଞ୍ଚାୟତ ବୁରୋଭାଡ଼ି ବୀଣାପାଣି କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇ ଯାଇଛି। ଫାଇନାଲ ମ୍ୟାଚରେ ସାନଟିକାକୁ ୪୮ ରନରେ ହରାଇ ଅର୍ଡା ଚାମ୍ପିୟନ ହୋଇଛି। ୧୦ ଓଭର ବିଶିଷ୍ଟ ମ୍ୟାଚରେ ଆର୍ଡା ଦଳ ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ବିନିମୟରେ ୧୧୯ ରନ କରିଥିଲା। ୧୨୦ ରନର ପିଛା କରୁଥିବା ସାନଟିକା ନିର୍ଦ୍ଧାରିତ ଓଭରରେ ୭୩ ରନ କରି ପରାଜିତ ହୋଇଥିଲା। ଅର୍ଡା ଦଳର ବ୍ରଜ ପାତ୍ର ମ୍ୟାନ ଅଫଦ ମ୍ୟାଚ ଓ ଆଶିଷ ମହାକୁର ଟୁର୍ନାମେଣ୍ଟ ଅଫ ସିରିଜ ବିଚେିତ ହେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଆଶୋକ ରାଏ ଅଧକ୍ଷତା କରିଥିଲେ। ସରପଞ୍ଚ ବୃନ୍ଦାବନ ସେଠ, ଭୁବନେଶ୍ୱର ଧରୁଆ, ଗୁଣନିଧି ପାଇକ, ସଞ୍ଜୟ ପଧାନ ଅତିଥିଭାବେ ଯୋଗ ଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୦ ହଜାର ଏବଂ ରରନ ଅପ ଦଳକୁ ଟ୍ରଫି ସହ ୬ ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ।



ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

# 'ଦୀର୍ଘମିଆଦୀ ଯୋଜନା ସରକାରଙ୍କ ଆଭିମୁଖ୍ୟ ହେବା ଉଚିତ୍'

**ବଲାଙ୍ଗୀର,୨୫ା୨(ବୀରେନ୍ଦ୍ର କୁମାର ଝାଙ୍କର)**

ବୌଦ୍ଧିକ ମାସିକ ଆଲୋଚନା ବିଚାର କାର୍ଯ୍ୟକ୍ରମ ଶନିବାର ବଲାଙ୍ଗୀର ଆଇନ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଲୋକାଚାର, ଭାରତୀୟ ସଂସ୍କୃତି ଏବଂ ପରିବର୍ତ୍ତନ ପ୍ରବନ୍ଧନ ଶୀର୍ଷକ ଆଲୋଚନାଚକ୍ରରେ ସମ୍ବଲପୁର ଗଙ୍ଗାଧର ବିଶ୍ୱବିଦ୍ୟାଳୟର ଡେପୁଟି ରେଜିଷ୍ଟ୍ରାର ଡ ଉମାଚରଣ ପତି ଆଲୋଚକ ଭାବେ ଯୋଗଦେଇଥିଲେ। ବଲାଙ୍ଗୀର ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡ. ସୁଷମା ମଞ୍ଜରୀ ନାୟକଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଆଲୋଚକ ଡ. ପତି ଭାରତୀୟ ସଂସ୍କୃତି ଏବଂ ପାଶ୍ଚାତ୍ୟ ସଂସ୍କୃତିର ଦୃଷ୍ଟିଭଙ୍ଗୀ ଏବଂ ବିଚାର-ଦର୍ଶନ ଉପରେ ଆଲୋକପାତ କରିଥିଲେ। ପାଶ୍ଚାତ୍ୟର ମହାନ କ୍ରାନ୍ତି, ବୌଦ୍ଧିକ ବିପ୍ଳବ ଏବଂ ବୈଜ୍ଞାନିକ ଉଦ୍ଭାବନ କିଭଳି ସମଗ୍ର ବିଶ୍ୱକୁ ପ୍ରଭାବିତ ଏବଂ ପ୍ରସାରିତ ହେଲା ଏବଂ ଆଧୁନିକ ସଭ୍ୟତାର ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ତାହା ଆଲୋଚନା କରିଥିଲେ। ସମାଜବାଦୀ ଏବଂ ପୁଞ୍ଜିବାଦୀ ବ୍ୟବସ୍ଥାର ବିଭିନ୍ନ ସୋପାନ କିଭଳି ସାଧାରଣ ଜନଜୀବନକୁ ପ୍ରଭାବିତ କରିଥିଲା ବିଶ୍ଳେଷଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଭାରତୀୟ ଲୋକାଚାର ଏବଂ ଭାରତୀୟ ସଂସ୍କୃତିର ସ୍ୱାତନ୍ତ୍ରତାକୁ ସେ ତୁଳନାତ୍ମକ ଦୃଷ୍ଟିରେ ଆଲୋଚନା କରିଥିଲେ। ଭାରତୀୟ ଦର୍ଶନରେ ଆଧ୍ୟାତ୍ମିକ ଦୃଷ୍ଟିକୋଣର ମହତ୍ତ୍ୱ ଏବଂ ପ୍ରକୃତିଗତ ଜୀବନଶୈଳୀର ବିଶେଷତ୍ୱ ଉପରେ ପ୍ରତିପାଦିତ କରିଥିଲେ। ତେବେ ଭାରତୀୟ ସଂସ୍କୃତିର ମହାନତା ସତ୍ତ୍ୱେ ଭାରତୀୟମାନେ କେଉଁଠାରୁ ବାଟ ହୁଡିଲେ ତାକୁ ନେଇ ଆଜି ବିଶ୍ଳେଷଣ କରିଯିବା ଉଚିତ୍ ବୋଲି କହିଥିଲେ। ତେବେ ପରିବର୍ତ୍ତନ ପ୍ରବନ୍ଧନରେ ଭାରତୀୟ ଚିନ୍ତାଦୃଷ୍ଟି ଏବଂ କର୍ମସଂସ୍କୃତିର ଅଧୋପତନର କାରଣ ଓ ନିରାକରଣ ଉପରେ ସେ ଆଲୋଚନା କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସରକାର ଓ ସମାଜ ଦୀର୍ଘମିଆଦୀ ଯୋଜନା ଉପରେ କେନ୍ଦ୍ରିତ ନକରି ସ୍ୱଳ୍ପକାଳୀନ ଜନହିତକର ଯୋଜନା ଉପରେ ପ୍ରାଧାନ୍ୟ ଲୋକପ୍ରିୟତା ହାସଲ କଲେ ମଧ ବିକଶିତ ସମାଜ ନିର୍ମାଣ ଦିଗରେ ଘାତକ ସାବ୍ୟସ୍ତ ହେବ ବୋଲି କହିଥିଲେ। ଏଭଳି ସ୍ଥିତିରେ ନିର୍ବାଚନ ବିଜୟୀ ପନ୍ଥା ଅବଲମ୍ବନ ନକରି ଲୋକଙ୍କୁ ଦୀର୍ଘମିଆଦୀ ଯୋଜନାର ସୁଫଳ ସମ୍ପର୍କରେ ଅବଗତ କରିବା ସରକାରଙ୍କ ଆଭିମୁଖ୍ୟ ହେବା ଉଚିତ୍ ବୋଲି କହିଥିଲେ।

ଆଲୋଚନାରେ ବିଶିଷ୍ଟ ଚିନ୍ତାନାୟକ ପ୍ରଫେସର ମଧୁସୂଦନ ପତି ସାମ୍ପ୍ରତିକ ବିଜ୍ଞାନର ଅଗ୍ରଗତି ଉପରେ ଆଲୋଚନା କରି ଭାରତୀୟ ମୂଳ ସିଦ୍ଧାନ୍ତ ବିଶ୍ୱବ୍ରହ୍ମାଣ, ପ୍ରକୃତି ଓ ମଣିଷର ନିବିଡ ସମ୍ପର୍କର ବୈଜ୍ଞାନିକ ଦୃଷ୍ଟିକୋଣ ଉପରେ ଆଲୋଚନା କରିଥିଲେ। ପ୍ରକୃତିକୁ ଛାଡି କେହି ବଞ୍ଚିପାରିବେ ନାହିଁ ବୋଲି କହି ପୃଥିବୀକୁ ବଞ୍ଚାଇବାକୁ ହେଲେ ପ୍ରକୃତି ସହ ବଞ୍ଚିବାକୁ ହେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସହରର ବହୁବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ, ଅଧାପକ, ଛାତ୍ର ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ବିଚାରର ଆବାହକ ଚିତ୍ତରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।


ଆଲୋଚନାଚକ୍ରରେ ଆଲୋଚକ ଡ. ଉମାଚରଣ ପତି ବକ୍ତବ୍ୟ ରଖୁଛନ୍ତି।

**ବିଚାର ମାସିକ ଆଲୋଚନାଚକ୍ର**

# ସୁବଳୟା ଏନ୍‌ଏସି ନ ହେବାରୁ ଅସନ୍ତୋଷ

■ ୨୭ରେ ସୁବଳୟା ବନ୍ଦ

■ ଭୋଟ ବର୍ଜନ ଚେତାବନୀ

ସୁବଳୟା, ୨୫।୨ (ଜୟାନନ୍ଦ ରଥ)

ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) ଘୋଷଣାରେ ସୁବର୍ଣ୍ଣପୁର ଜିଲାର ସୁବଳୟାକୁ ଅଣଦେଖା କରାଯାଇଛି। ଏହାର ପ୍ରତିବାଦରେ ସୁବଳୟା କଲ୍ୟାଣମଣ୍ଡପରେ ରବିବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ସୁବଳୟା ଉନ୍ନୟନ କ୍ରିୟାନୁଷ୍ଠାନ କମିଟି ଡାକରାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସରକାର ନୂତନ ମ୍ୟୁନିସିପାଲଟି ସମେତ ୩୫ଟି ନୂତନ ଏନଏସି ପାଇଁ ଘୋଷଣା ନେଇ ଆଲୋଚନା ହୋଇଥିଲା। ଲୋକସଂଖ୍ୟା ଦୃଷ୍ଟିରୁ ସୁବଳୟା ସବୁଠୁ ବଡ଼ ଜନବହୁଳ ତଥା ବ୍ୟବସାୟିକ ପେଣ୍ଠସ୍ଥଳ । ତେବେ ସରକାର ଏଥିପ୍ରତି ଦୃଷ୍ଟି ଦେଇ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୁବଳୟା ଗଡ଼ଜାତ ସମୟରେ ପୌରପାଳିକାର ମାନ୍ୟତା ଲାଭ କରିଥିଲା ।ଏଠାରେ ଥାନା, ସ୍ୱାସ୍ଥ୍ୟକେନ୍ଦ୍ର, ବନ ବିଭାଗର କାର୍ଯ୍ୟାଳୟ, ସ୍କୁଲ, କଲେଜ, ବ୍ୟାଙ୍କ, ଡାକଘର ଓ ଅନ୍ୟ ସରକାରୀ କାର୍ଯ୍ୟାଳୟ ସହ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ଏଠାରୁ ରାଜ୍ୟର ପ୍ରମୁଖ ସହରକୁ ଗମନାଗମନର ସମସ୍ତ ସାଧନ ରହିଛି । ସୁବଳୟା ସୁବର୍ଣ୍ଣପୁର ଜିଲାର ଏକ ପ୍ରମୁଖ ବାଣିଜ୍ୟ କେନ୍ଦ୍ରସ୍ଥଳ। ଏନଏସି ଗଠନ ପାଇଁ ଏହି ପଞ୍ଚାୟତର ରାଜସ୍ୱ ଆୟ ପର୍ଯ୍ୟାପ୍ତ ରହିଛି। ଏଣୁ ଏହାକୁ ଏନଏସି ଘୋଷଣା ଦାବି ନେଇ ସୁବଳୟା ଅଞ୍ଚଳବାସୀ ଦୀର୍ଘ ବର୍ଷ ହେଲା ସଂଘର୍ଷ କରି ଆସୁଛନ୍ତି। ସୁବଳୟା ଉନ୍ନୟନ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଗୃହ ଓ ସହରାଞ୍ଚଳ ଉନ୍ନୟନ ମନ୍ତ୍ରୀଙ୍କୁ ଭୁବନେଶ୍ୱରରେ ପୂର୍ବରୁ ଦାବିପତ୍ର ପ୍ରଦାନ କରିଥିଲେ । ବଲାଙ୍ଗୀର ଏମ୍‌ପି, ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା ,ସୁବର୍ଣ୍ଣପୁର ଜିଲାପାଳଙ୍କୁ ମଧ୍ୟ ଦେଇଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ସୁବର୍ଣ୍ଣପୁର ଜିଲାପାଳ ସୁବଳୟା ଏନଏସି ପାଇଁ ସମ୍ପୂର୍ଣ୍ଣ ବିବରଣୀ ତା।୨୮।୧୦।୨୦୨୨ରିଖରେ ଓ ୨୨।୯।୨୦୨୩ରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ । କିନ୍ତୁ ସୁବଳୟା ନୂତନ ଏନଏସିରୁ ବାଦ ପଡିଲା । ସରକାର ଏହାର ପୁନର୍ବିଚାର କରି ସୁବଳୟାକୁ ଏନଏସି ମାନ୍ୟତା ଘୋଷଣା କରାଯିବାକୁ ସରକାରଙ୍କ ଠାରେ ଦାବି କରାଯାଇଛି। ନିର୍ବାଚନ ଆଚରଣବିଧି ଲାଗୁ ପୂର୍ବରୁ ସୁବଳୟାକୁ ଏନଏସି ଘୋଷଣା କରା ନ ଗଲେ ଆଗାମୀ ନିର୍ବାଚନ ବର୍ଜନ ସହ ଆସନ୍ତା ୨୭ ତାରିଖ ଦିନ ସୁବଳୟା ଅଞ୍ଚଳରେ ୨୪ ଘଣ୍ଟିଆ ବନ୍ଦ ପାଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ୧୨ ଘଣ୍ଟିଆ ପୁରୁଣାକଟକ ବନ୍ଦ

ବୌଦ୍ଧ, ୨୫।୨ (ଅଜିତ କୁମାର ବାରିକ)

ଗତ ଶନିବାର ଦିନ ରାଜ୍ୟ ସରକାର ୫ ଗୋଟି ମ୍ୟୁନିସିପାଲଟି ଓ ୩୪ ଗୋଟି ନୂତନ ଏନଏସି ଘୋଷଣା କରିଛନ୍ତି। ବୌଦ୍ଧଗଡ ଏନଏସିକୁ ମ୍ୟୁନିସିପାଲଟି ଘୋଷଣା କରିବା ସହ କଣ୍ଟାମାଳକୁ ଏନଏସି ଘୋଷଣା କରିଛନ୍ତି। କିନ୍ତୁ ଜିଲାର ପୁରୁଣାକଟକ, ମନମୁଣ୍ଡା ଓ ବାଉଁଶୁଣୀକୁ ମଧ୍ୟ ଏନଏସି ଘୋଷଣା କରିବାକୁ ଦାବି ହୋଇଆସୁଥିଲା। ରାଜ୍ୟ ସରକାର କେବଳ ଜିଲାର କଣ୍ଟାମାଳକୁ ଏନଏସି ଘୋଷଣା କରିବା ପରେ ଅନ୍ୟ ସ୍ଥାନଗୁଡିକରେ ଆନ୍ଦୋଳନ ଆରମ୍ଭ ହୋଇଛି। ଗତ ଶନିବାର ଦିନ ମନମୁଣ୍ଡାଠାରେ ଆକ୍ସନ କମିଟି ପକ୍ଷରୁ ଆନ୍ଦୋଳନ କରାଯାଇଥିବା ବେଳେ ଆସନ୍ତା ୨୭ ତାରିଖ ଦିନ ମନମୁଣ୍ଡା ବନ୍ଦ ଡାକରା ଦିଆଯାଇଛି। ରବିବାର ଦିନ ପୁରୁଣାକଟକରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ପୁରୁଣାକଟକ ଏନଏସି କ୍ରିୟାନୁଷ୍ଠାନ କମିଟିର ଆବାହକ ସୁକାନ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭୈରବୀ କ୍ଲବଠାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା।




ପୁରୁଣାକଟକଠାରେ ଜନସାଧାରଣଙ୍କ ପକ୍ଷରୁ ଆନ୍ଦୋଳନ କରାଯାଉଛି।

ଏଥିରେ ସ୍ଥାନୀୟ ଜନସାଧାରଣ ସାମିଲ ହୋଇ ପୁରୁଣାକଟକକୁ ଏନଏସି ଘୋଷଣା କରିବାରେ ସରକାର ଅଣଦେଖା କରିଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ । ଏହାର ପ୍ରତିବାଦରେ ଆନ୍ଦୋଳନକାରୀମାନେ ସମସ୍ତ ଦୋକାନ ବଜାର ବନ୍ଦ କରିବା ସହ କିଛି ସମୟ ପାଇଁ ଗାଡି ଚଳାଚଳ ବନ୍ଦ କରିଥିଲେ।

**ପୁରୁଣାକଟକ ଏନଏସି ଘୋଷଣା ନ ହେବାରୁ ତେଜିଲା ଆନ୍ଦୋଳନ**

ରାଜ୍ୟ ସରକାର ୭ ଦିନ ମଧ୍ୟରେ ପୁରୁଣାକଟକକୁ ଏନଏସି ମାନ୍ୟତା ପ୍ରଦାନ ନ କଲେ ଆଗାମୀ ସାଧାରଣ ନିର୍ବାଚନରେ ଉଚିତ ଜବାବ ଦିଆଯିବ ବୋଲି ଚେତାବନୀ ଦିଆଯାଇଛି । ଏହାର ପୁନଃ ବିଚାର କରି ତୁରନ୍ତ ଏନଏସି ଘୋଷଣା କରିବାକୁ କ୍ରିୟାନୁଷ୍ଠାନ କମିଟିର ଆବାହକ ସୁକାନ୍ତ କୁମାର ପଟ୍ଟନାୟକ ଦାବି କରିଛନ୍ତି। ଆନ୍ଦୋଳନରେ ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ରୁର ସେଠୀ, ବାଳକୃଷ୍ଣ ନାୟକଙ୍କ ସମେତ ସ୍ଥାନୀୟ ଜନସାଧାରଣ ସାମିଲ ଥିଲେ ।

# ବୀରମହାରାଜପୁର ଏନ୍‌ଏସି ଘୋଷଣା ପରେ ଖୁସି ଜାହିର

ସୋନପୁର/ଅମରପାଲି, ୨୫।୨ (ମୃତ୍ୟୁଞ୍ଜୟ ଶତପଥୀ/ପୀତାମ୍ବର ସାହୁ)

**ବିଧାୟକଙ୍କ ସହିତ ଆଲୋଚନା ପରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**

ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର ହେଲା ନୂତନ ଏନ୍‌ଏସି (ବିଜ୍ଞାପିତ ଅଞ୍ଚଳ ପରିଷଦ)। ରବିବାର ରାଜ୍ୟ ସରକାର ବିଧିବଦ୍ଧ ଭାବେ ଏହା ଘୋଷଣା କରିଛନ୍ତି। ବୀରମହାରାଜପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା ରବିବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ଅଞ୍ଚଳବାସୀଙ୍କ ଭାବନା ସମ୍ପର୍କରେ ବିଧାୟକ ଅବଗତ କରାଇଥିଲେ। ବିଧାୟକଙ୍କଠାରୁ ସମସ୍ତ କଥା ଶୁଣିବା ପରେ ଖୁବ୍‌ଶୀଘ୍ର ବୀରମହାରାଜପୁରକୁ ଏନ୍‌ଏସି ଘୋଷଣା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ତେବେ ଆଲୋଚନାର ମାତ୍ର ଦେଢ ଘଣ୍ଟା ପରେ ନୂଆ ଏନ୍‌ଏସି ଗଠନ ସମ୍ପର୍କରେ ସରକାର ଘୋଷଣା କରିଛନ୍ତି। ଫଳରେ ଅଞ୍ଚଳରେ ଖୁସିର ମାହୋଲ ସୃଷ୍ଟି ହୋଇଛି। ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୨୦ଟି ଜିଲାର ୩୪ଟି ନୂଆ ଏନ୍‌ଏସି ଗଠନ ଓ ୫ଟି ଏନ୍‌ଏସିକୁ ପୌର ପରିଷଦ ଭାବେ ଉନ୍ନୀତ କରାଯିବା ବିଷୟ ଘୋଷଣା କରିଥିଲେ। ତେବେ ବୀରମହାରାଜପୁର ନୂତନ ଏନ୍‌ଏସିରୁ ବାଦ୍ ପଡିଥିଲା। ରାଜ୍ୟର ମୋଟ ୫୮ ଉପଖଣ୍ଡ ମଧ୍ୟରୁ ୫୭ଟି ଏନ୍‌ଏସି ଅବା ମ୍ୟୁନିସିପାଲିଟି ହୋଇସାରିଥିବା ବେଳେ ବୀରମହାରାଜପୁର ଉପଖଣ୍ଡକୁ ଉପେକ୍ଷା କରା ଯାଇଥିଲା। ଅନ୍ୟପକ୍ଷେ ରାଜ୍ୟର ଅନେକ ବ୍ଲକ ମୁଖ୍ୟାଳୟ ଓ ପଞ୍ଚାୟତ ମୁଖ୍ୟାଳୟକୁ ରାଜ୍ୟ ସରକାର ପୌରାଞ୍ଚଳ ଘୋଷଣା କରିଥିଲେ। ଏଭଳି ନିଷ୍ପତ୍ତିକୁ ଅଞ୍ଚଳବାସୀ ଦଳମତ ନିର୍ବିଶେଷରେ ବିରୋଧ କରିଥିଲେ। ୧୯୮୫ ମସିହାରେ ବୀରମହାରାଜପୁରକୁ ଉପଖଣ୍ଡ ଭାବେ ଘୋଷଣା କରାଯାଇଥିଲା। ମାତ୍ର ଦୀର୍ଘ ବର୍ଷ ପରେ ବି ଏହା ଏନ୍‌ଏସି ହୋଇ ପାରି ନ ଥିଲା। ବ୍ଲକର ଉଫୁଲା ଓ ଚମ୍ପାମାଳ ପଞ୍ଚାୟତ ଏବଂ ବାଗବର ଓ ହିଲୁଙ୍ଗ ପଞ୍ଚାୟତର କିଛି ଅଂଶକୁ ନେଇ ନୂତନ ବୀରମହାରାଜପୁର ଏନ୍‌ଏସି ଗଠନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ତେବେ ସମସ୍ତ ମାନଦଣ୍ଡ ପୂରଣ କରୁଥିବା ସତ୍ତ୍ୱେ ସରକାର ଏହି ପ୍ରସ୍ତାବକୁ ଅଣଦେଖା କରିଥିଲେ। ଏଥିପାଇଁ ସୋମବାର ୧୨ ଘଣ୍ଟିଆ ବୀରମହାରାଜପୁର ବନ୍ଦ ପାଇଁ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆହ୍ୱାନ ଦିଆଯାଇଥିଲା। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବିଧାୟକ ବେହେରା ତାଙ୍କର ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ଶନିବାର ଭୁବନେଶ୍ୱର ଯାଇଥିଲେ। ଶେଷରେ ବିଧାୟକଙ୍କ ଉଦ୍ୟମ ପରେ ବୀରମହାରାଜପୁର ନୂଆ ଏନ୍‌ଏସି ମାନ୍ୟତା ପାଇପାରିଛି।



ବୀରମହାରାଜପୁର ମୁଖ୍ୟ ଛକରେ ଲୋକେ ଖୁସି ମନାଉଛନ୍ତି।

# ଫାଇନାଲରେ ବିଜୟ ଫାଇଟର ବିଜୟୀ



ବାଉଁଶୁଣୀ, ୨୫।୨ (ଦେବାଶିଷ ନେପାକ)

**୩ୟ ବାଉଁଶୁଣୀ କ୍ରିକେଟ ଲିଗ୍**

ବୌଦ୍ଧ ଜିଲା ବାଉଁଶୁଣୀ ହାଇସ୍କୁଲ ଖେଳପଡିଆଠାରେ ଚାଲିଥିବା ୩ୟ ବାଉଁଶୁଣୀ କ୍ରିକେଟ ଲିଗ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ବାଉଁଶୁଣୀ ଲିଟିଲ ମାଷ୍ଟର ସ୍ୱିଙ୍ଗ କ୍ଲବ ତରଫରୁ ଏହା ଆୟୋଜିତ ହୋଇଥିଲା। ଫାଇନାଲ ଖେଳ ୩ ଗୋଟି ଫର୍ମାଟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଖେଳ ବିଜୟ ଫାଇଟର ଓ ମା' ମାଉଲି ସ୍ୱିଙ୍ଗ ମଧ୍ୟରେ ୧୦ ଓଭର ବିଶିଷ୍ଟ ହୋଇଥିଲା। ବ୍ଲକ ଚେୟାରମ୍ୟାନ ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥ, ସରୋଜ ତ୍ରିପାଠୀ, ଶ୍ରୀକାନ୍ତ ମିଶ୍ର ,ରାଜୁ ମେହେର ଅତିଥି ଭାବରେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମେ ମା' ମାଉଲି ସ୍ୱିଙ୍ଗ ବ୍ୟାଟିଂ କରି ୮୬ ରନ କରିଥିଲା। ଜବାବରେ ବିଜୟ ଫାଇଟର ଦଳ ୮୭ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ଖେଳ ୭ ଓଭର ବିଶିଷ୍ଟ ହୋଇଥିଲା। ପ୍ରଥମେ ମା' ମାଉଲି ସ୍ୱିଙ୍ଗ ୭ ଓଭର ବ୍ୟାଟିଂ କରି ୨୯ ରନ କରିଥିଲା। ଜବାବରେ ବିଜୟ ଫାଇଟର ବ୍ୟାଟିଂ କରି ୩୦ ରନ କରି ଫାଇନାଲରେ ବିଜୟୀ ହୋଇଥିଲା। ଉଭୟ ଖେଳରେ ବିଜୟ ଫାଇଟର ବିଜୟ ହୋଇ ଫାଇନାଲରେ ବିଜୟୀ ହୋଇଥିଲା। ସ୍କୋରର ଦାୟିତ୍ୱରେ ଗିରିଜା ଶଙ୍କର ତନ୍ତି ଥିଲେ। ବନମାଳୀ ମେହେର, ଜିତେସ ବେହେରା ଖେଳ ପରିଚାଳନା କରିଥିଲେ। ଅତିଥିମାନଙ୍କ ଦ୍ୱାରା ବିଜୟୀ ଦଳକୁ ଟ୍ରଫି ସହ ୧୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଉପବିଜେତା ଦଳକୁ ଟ୍ରଫି ସହ ୮ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଫାଇନାଲ ଖେଳ ଦେଖିବା ପାଇଁ ଖେଳପ୍ରେମୀଙ୍କ ଭିଡ ଜମିଥିଲା।

# ବୌଦ୍ଧ ଘରୋଇ ବସ ମାଲିକ ସଂଘର ନୂତନ କର୍ମକର୍ତ୍ତା

**ସଭାପତି ପ୍ରସନ୍ନ, ସମ୍ପାଦକ ଚିତ୍ତରଞ୍ଜନ**

ବୌଦ୍ଧ, ୨୫।୨ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଘରୋଇ ବସ ମାଲିକ ସଂଘର ବାର୍ଷିକ ସାଧାରଣ ସଭା ରବିବାର ଦିନ ସଂଘ କାର୍ଯ୍ୟାଳୟ ପରସରରେ ଅନୁଷ୍ଠିତ ହୋଇଯାଇଛି । ସଂଘର ବିଭିନ୍ନ ସମସ୍ୟା ନେଇ ଆଲୋଚନା ହେବା ସହ ଗାଡି ଚଳାଚଳ ଯେପରି ଠିକ ଭାବେ ଜିଲାରେ ହୋଇପାରିବ ସେନେଇ ବୈଠକରେ ଆଲୋଚନା ହୋଇଥିଲା । ପରେ ସଂଘର ୨୦୨୪ ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଂଘର ସଭାପତି ଭାବେ ପ୍ରସନ୍ନ କୁମାର ସାହୁ ଓ ସମ୍ପାଦକ ଭାବେ ଚିତ୍ତରଞ୍ଜନ ରାଜ ମନୋନୀତ ହୋଇଛନ୍ତି । ସେହପରି ଉପସଭାପତି ଭାବେ ସୁଦର୍ଶନ ନାଏକ, ସହ ସଂପାଦକ ସୁବ୍ରତ କୁମାର ମିଶ୍ର, କୋଷାଧ୍ୟକ୍ଷ ନୀଳକଣ୍ଠ ମହାପାତ୍ର ଓ ପରିଚାଳନା କମିଟିର ସଦସ୍ୟ ନାରାୟଣ ମେହେର, ସୁଧୀର କୁମାର ମହାପାତ୍ର, ରାଜକିଶୋର ପଟ୍ଟନାୟକଙ୍କୁ ମନୋନୀତ କରାଯାଇଥିଲା।

# ସୁବର୍ଣ୍ଣଗ୍ରାହୀ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଖୁଣ୍ଟିଗୋରା, ୨୫।୨ (ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ଗ୍ରାମରେ ଜୋନସ୍ତରୀୟ ଶୌଣ୍ଡିକ ସମାଜ ପକ୍ଷରୁ ୩ ଦିନ ଧରି ଚାଲିଥିବା ସୁବର୍ଣ୍ଣଗ୍ରାହୀ ଅଷ୍ଟପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ସଭାପତି ନାଗର ଚରଣ ସାହୁଙ୍କ ନେତୃତ୍ୱରେ ଅଷ୍ଟପ୍ରହର ନାମଯଜ୍ଞ ହୋଇଥିଲା । ଶେଷ ଦିନରେ ଦଧିହାଣ୍ଡିକୁ ସଂକୀର୍ତ୍ତନ ମାଧ୍ୟମରେ ନଗର ପରିକ୍ରମା କରାଯାଇ ଯଜ୍ଞମଣ୍ଡପରେ ଦଧିହାଣ୍ଡି ଭଙ୍ଗା ଯାଇଥିଲା। ଉକ୍ତ ନାମଯଜ୍ଞରେ ୮ଟି ସଂକୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ। ପଣ୍ଡିତ ଜୟରାମ ପାଣି, ସିଦ୍ଧାନ୍ତ ମିଶ୍ର, ଛବି ଗୁରୁ ପୂଜାର୍ଚ୍ଚନା କରିଥିଲେ । ସୁରେଶ ସାହୁ ଓ ତାଙ୍କ ସ୍ତ୍ରୀ ସୌଦାମିନୀ ସାହୁ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। କେଦାର ସାହୁ, ଲମ୍ବୋଦର ବେହେରା, ଶଙ୍କର ସାହୁ, ଆଲୋକ ସାହୁ, ଶକ୍ତି ସାହୁ, ମନୋଜ ସାହୁ, ଟିଙ୍କୁ ସାହୁ, ଅନିଲ ସାହୁ, ଗଗନ ସାହୁ, ନିରୋଜ ସାହୁ, ଟିଙ୍କୁ ବେହେରା, ଗୌରବ ସାହୁ, ଆଶିଷ ସାହୁ ଓ ସମାଜର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଦଧିହାଣ୍ଡିକୁ ନଗର ପରିକ୍ରମା କରାଯାଉଛି।

# ଚୌହାଣ ଶାସକଙ୍କ କୃତିତ୍ୱ ଇତିହାସକୁ କରିଛି ସମୃଦ୍ଧ

ସୋନପୁର, ୨୫।୨ (ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ମାଟିର ଚୌହାଣ ଶାସକମାନଙ୍କ କୃତିତ୍ୱ ଓଡିଶା ଇତିହାସକୁ ସମୃଦ୍ଧ କରିଛି। କଳା-ସ୍ଥାପତ୍ୟ, ଭାଷା-ସାହିତ୍ୟ, ଧର୍ମ-ପରମ୍ପରା କ୍ଷେତ୍ରରେ ଚୌହାଣମାନଙ୍କ ଅବଦାନ ମହତ୍ୱପୂର୍ଣ୍ଣ ବୋଲି ଦି ଚୌହାନ ରୁଲ ଇନ୍ ସୋନପୁର ଷ୍ଟେଟ୍ ପୁସ୍ତକ ଲୋକାର୍ପଣ ଉତ୍ସବରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ସୋନପୁର ସହରସ୍ଥିତ ଶ୍ରୀ ଗୋପାଳଜୀ ଯୋଗାଶ୍ରମ ପରିସରରେ ସୋନପୁର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପାଢୀଙ୍କ ଲିଖିତ ପୁସ୍ତକର ଉନ୍ମୋଚନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଥିଲା। ସୋନପୁର କଲେଜର ପ୍ରାକ୍ତନ ଅଧ୍ୟକ୍ଷା ସୁଶ୍ରୀ ରେଣୁକା ମିଶ୍ର ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଭୁବନେଶ୍ୱରସ୍ଥିତ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ. ସାଧୁଚରଣ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦାନ କରି ସୋନପୁର ଗଡଜାତର ଇତିହାସ ଓ ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ରସାୟନ ବିଭାଗର ପ୍ରଫେସର ଡ. ବିଜୟ କୁମାର ମିଶ୍ର ଯୋଗ ଦେଇଥିଲେ। ସୋନପୁର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ତଥା ବିଶିଷ୍ଟ ଐତିହାସିକ ଡ. କେଦାର ନାଥ ମିଶ୍ର ସମୀକ୍ଷକ ଭାବେ ଯୋଗଦାନ କରି ଏଭଳି ପୁସ୍ତକ ରଚନା ଲେଖକ ଡ. ପାଢୀଙ୍କ ଅଧ୍ୟାପନା ଜୀବନର ସ୍ୱପ୍ନ ଥିଲା ବୋଲି କହିଥିଲେ। ସୋମବଂଶୀଙ୍କ ଶାସନ ସମୟରେ ସୋନପୁରରେ ବିବିଧ ସଂସ୍କୃତି ଥିଲା ବୋଲି ମତପ୍ରକାଶ କରିଥିଲେ। ଡ. ପାଢୀ ତାଙ୍କ ଲେଖକୀୟ ଅଭିଭାଷଣରେ ୧୬୪୦ରୁ ୧୯୪୭ ମସିହା ଗଡଜାତ ମିଶ୍ରଣ ପର୍ଯ୍ୟନ୍ତ ୩୦୭ ବର୍ଷର ସୋନପୁର ଇତିହାସ ଧାରାବାହିକ ଭାବେ ଏହି ପୁସ୍ତକରେ ଥିବା କହିଥିଲେ। ସେହିପରି ପୁସ୍ତକରେ ସୋନପୁର ଟ୍ରଷ୍ଟ ଫଣ୍ଡ, ମନ୍ଦିର ଓ ସୋନପୁର ର ନାମକରଣ ସମ୍ପର୍କରେ ସବିଶେଷ ତଥ୍ୟ ରହିଥିବା ଜଣାଇଥିଲେ। ପ୍ରଫେସର ଡ. ଜ୍ୟୋତିରଞ୍ଜନ ବହିଦାର ସଭା ସଂଯୋଜନା କରିଥିଲେ । ଶିକ୍ଷାବିତ୍ ପ୍ରଦୀପ କୁମାର ପୁରୋହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ଗବେଷକ ତଥା ଐତିହାସିକ ସୁଦାମ ନାଏକ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ କଲେଜର ଅଧ୍ୟକ୍ଷ, ପ୍ରାକ୍ତନ ଅଧ୍ୟକ୍ଷ, ଇତିହାସ ବିଭାଗର ଅଧ୍ୟାପକ, ବିଶିଷ୍ଟ ବ୍ୟକ୍ତି ଓ ସାହିତ୍ୟିକ ମାନେ ଯୋଗ ଦେଇଥିଲେ।




ଡ. ସନ୍ତୋଷ କୁମାର ପାଢୀଙ୍କ ପୁସ୍ତକ ଦି ଚୌହାନ ରୁଲ ଇନ୍ ସୋନପୁରକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ଭାଜପାର କର୍ମୀ ସମ୍ମିଳନୀ

ବଘିଆପଡା, ୨୫।୨ (ଶ୍ରୀକାନ୍ତ ସାହୁ)

ଆଗକୁ ସାଧାରଣ ନିର୍ବାଚନ ଥିବାରୁ ବୌଦ୍ଧ ଜିଲାରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି। ରାଜନୈତିକ ଦଳଗୁଡିକ ଲୋକଙ୍କ ନିକଟତର ହେବାକୁ ବିଭିନ୍ନ ରଣକୌଶଳ ପ୍ରସ୍ତୁତ କରିବାରେ ଲାଗି ପଡିଛନ୍ତି। ନେତାମାନେ ଗାଁ ଗାଁ ଯାଇ ବିଭିନ୍ନ ସଭା ସମିତି ଜରିଆରେ ଭୋଟରଙ୍କୁ ନିଜ ସପକ୍ଷରେ ଯୋଡିବାକୁ ଉଦ୍ୟମ ଜାରି ରଖିଛନ୍ତି। ରବିବାର ଦିନ ବୌଦ୍ଧ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଘିଆପଡାଠାରେ ଭାଜପା ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ସମାବେଶରେ ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ସରୋଜ କୁମାର ପ୍ରଧାନ ଯୋଗଦେଇ ଦଳୀୟ ସଂଗଠନକୁ ମଜବୁତ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏହି ସମାବେଶରେ ବଘିଆପଡା ପଞ୍ଚାୟତରୁ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ୨୦୨୪ ନିର୍ବାଚନରେ ଭାଜପାକୁ ଯେପରି ଅଧିକ ସଂଖ୍ୟାରେ ଭୋଟ ମିଳିବ ସେନେଇ ନେତାମାନେ କର୍ମୀଙ୍କୁ ଆହ୍ୱାନ କରିଥିଲେ।



ବଘିଆପଡାରେ ଭାଜପାର କର୍ମୀ ସମ୍ମିଳନୀ।

# ନାଚ ଗୀତରେ କମ୍ପିଲା ସହର

**ବୌଦ୍ଧଗଡ଼କୁ ମ୍ୟୁନିସିପାଲିଟି ଘୋଷଣା**

ବୌଦ୍ଧ, ୨୫।୨ (ଅଜିତ କୁମାର ବାରିକ)

ରାଜ୍ୟ ସରକାର ଗତ ଶନିବାର ଦିନ ବୌଦ୍ଧଗଡ ଏନଏସିକୁ ମ୍ୟୁନିସିପାଲିଟିର ମାନ୍ୟତା ଦେଇଛନ୍ତି। ଏନେଇ ପୁରା ସହରରେ ଲୋକଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ରବିବାର ଦିନ ଏନଏସି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ନାଚ ଗୀତରେ ପୁରା ସହର କମ୍ପି ଉଠିଥିଲା। ସହରବାସୀ ଆତସବାଜି ଫୁଟାଇ ମିଠା ବାଣ୍ଟି ଖୁସି ମନାଇଥିଲେ। ଗଡଜାତ ବୌଦ୍ଧବାସୀଙ୍କ ଦୀର୍ଘଦିନର ପ୍ରମୁଖ ଦାବି ଥିଲା ଜିଲାର ଏକମାତ୍ର ଏନଏସିକୁ ମ୍ୟୁନିସିପାଲିଟର ମାନ୍ୟତା ଦେବା। ସେହି ଆଶା ଆଜି ପୂରଣ ହୋଇଛି ବୋଲି ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ପ୍ରକାଶ କରିଛନ୍ତି। ଏନେଇ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ ଓ ମନ୍ତ୍ରୀ ପ୍ରଦୀପ ଅମାତଙ୍କୁ ବୌଦ୍ଧବାସୀଙ୍କ ପକ୍ଷରୁ ଶୁଭେଚ୍ଛା ଜଣାଇଥିଲେ। ରବିବାର ସହରର ମୁଖ୍ୟଛକ ମର୍ଦ୍ଧାକୁଦ ବ୍ରିଜ ଛକଠାରେ ସମ୍ବଲପୁରୀ ନାଚ ଗୀତ କାର୍ଯ୍ୟକ୍ରମ ହୋଇଥିଲା। ମ୍ୟୁନିସିପାଲିଟି ଘୋଷଣା ହୋଇଥିବାରୁ ଜନସାଧାରଣ ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷ ଓ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କୁ ଶୁଭେଚ୍ଛା ଜଣାଇଥିଲେ।



ମର୍ଦ୍ଧାକୁଦ ବ୍ରିଜ ଛକଠାରେ ସମ୍ବଲପୁରୀ ନାଚ, ଗୀତ ଚାଲିଛି।

# ୨୭୩୨ ଜଣଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ



ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ଅବସରରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର।


ଜଣେ ଶିକ୍ଷୟିତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ସୁନ୍ଦରଗଡ଼,୨୫।୨
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଖେଳପଡିଆଠାରେ ରବିବାର ଜିଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଶିକ୍ଷକ , ଆଲୁମିନି, ପରିଚାଳନା କମିଟି ଗୁଡିକୁ ପୁରସ୍କୃତ କରାଯାଇଥିଲା। ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପଧାନଙ୍କ ଅଧ୍ୟକ୍ଷତାରେ ଏହି ସମାରୋହ ଅନୁଷ୍ଠିତ ହୋଇଥିଲା। ଶ୍ରମ ଓ ନିୟୋଜକ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ଏହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୁଗାନ୍ତକାରୀ ପରିକଳ୍ପନା ବୋଲି କହିଥିଲେ। ଏହା ଶିକ୍ଷକ, ପୁରାତନ ଛାତ୍ରୀଛାତ୍ର, ଅଭିଭାବକ ତଥା ପରିଚାଳନା କମିଟିକୁ ଆଗକୁ ବଢିବା ପାଇଁ ଖୋରାକ ଯୋଗାଇବ ବୋଲି ମନ୍ତ୍ରୀ କହିବା ସହ କାର୍ଯ୍ୟକ୍ରମର ଭୂୟଂସୀ ପ୍ରସଂଶା କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ପ୍ରାକ୍ତନ ଜିଲା ଶିକ୍ଷାଧିକାରୀ ତଥା ଅତିରିକ୍ତ ନିର୍ଦ୍ଦେଶକ ରଞ୍ଜନ କୁମାର ଗିରି, ଜିଲା ପରିଷଦ ଅଧ୍ୟକ୍ଷ କୁନ୍ତୀ ପ୍ରଧାନ, ସୁନ୍ଦରଗଡ ପୌରାଧ୍ୟକ୍ଷା ତନାୟା ମିଶ୍ର, ଜିଲା ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର ଅଧ୍ୟକ୍ଷା ସସ୍ମିତା ନାଏକଙ୍କ ସମେତ ୧୭ଟି ବ୍ଲକର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ପ୍ରମୁଖ ମଞ୍ଚାସୀନ ରହି ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ୧୧ ଟି ଗ୍ରାମ ପଞ୍ଚାୟତ, ୧୪ ଆଲୁମିନି କମିଟି, ୧୮ ବିଦ୍ୟାଳୟ ପରିଚାଳନା କମିଟି, ୯ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ୧୮ ପ୍ରାଥମିକ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ପୁରସ୍କାର ସମେତ ୬୮୯ ଛାତ୍ର ନେତା , ୧୭୩୨ ଟି ବ୍ଲକ ସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ଓ ୧୪୦ ଜଣ ଛାତ୍ରୀଛାତ୍ରଙ୍କୁ ଜିଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ସମେତ ମୋଟ ୨୭୩୨ ଜଣଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ସ୍ୱାଗତିକା ପଣ୍ଡା ଓ ବିଭୀଷଣ ବାରିକ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଜିଲା ଶିକ୍ଷା ଅଧିକାରୀ ପଧାନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ୧୭ଟି ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ, ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକଙ୍କ ସମେତ ଚନ୍ଦ୍ର ସେଖର ସା, ଚନ୍ଦ୍ର ସେଖର ସାହୁଙ୍କ ସମେତ ମ୍ୟୁନିସିପାଲ ହାଇସ୍କୁଲ ଓ ବିଏସ ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଛାତ୍ରୀଛାତ୍ର ଏନସିସି, ଗାଇଡଙ୍କ ସମେତ ସଦର ବ୍ଲକର ବହୁ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଶେଷରେ ଭବାନୀ ଶଙ୍କର ହାଇସ୍କୁଲ, କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ, ଦେଓକରଣପୁର ଆଶ୍ରମ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଜିଲା ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର ଅଧ୍ୟକ୍ଷା ସସ୍ମିତା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଭାଜପାର ମହିଳା ସମାବେଶ

ବ୍ରଜରାଜନଗର, ୨୫।୨
(ବିଜୟ କୁମାର ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଲଖନପୁର ବ୍ଲକର ଜମଗାଁ ସ୍କୁଲ ପଡ଼ିଆରେ ଭାଜପା ତରଫରୁ ବିଶାଳ ମହିଳା ସମାବେଶ ଆୟୋଜନ ହୋଇଥିଲା। ଏହି ସଭାରେ ଲଖନପୁର ବ୍ଲକର ୧୦ଟି ପଞ୍ଚାୟତର ଅନେକ ମହିଳା ଯୋଗ ଦେଇଥିଲେ। ସଭା ଭାଜପା ଯୁବା ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ସୁଜିତ ସିଂଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ବରଗଡ ଏମ୍‌ପି ସୁରେଶ ପୂଜାରୀ, ଏମ୍‌ପି ପ୍ରତିନିଧି ରଘୁନନ୍ଦନ ପଣ୍ଡା, ପୂର୍ବତନ ଜିଲା ସଭାପତି ପ୍ରମୋଦ ସେନାପତି, ଜୋନ ୧ର ପୂର୍ବତନ ଜିଲା ପରିଷଦ ସଦସ୍ୟା ମାଳତୀ ସିଂ, ଜମଗାଁ ପୂର୍ବତନ ସରପଞ୍ଚ ବାସନ୍ତୀ ପ୍ରଧାନ, ପୂର୍ବତନ ସମିତି ସଭ୍ୟା ଦେବକୀ ସାହୁ, ବରିଷ୍ଠ ଭାଜପା କାର୍ଯ୍ୟକର୍ତ୍ତା ସାର ମେହେର, ବାବୁଲାଲ, ଭାଜପା ରାଜ୍ୟ ଗଣମାଧ୍ୟମ କାର୍ଯ୍ୟକାରିଣୀ ସଦସ୍ୟ ଆକାଶ ବାରିକ, ଅଞ୍ଚଳର ଯୁବ ନେତା ବିରେନ୍ଦ୍ର ପ୍ରଧାନ, ତପେଶ୍ୱର୍ ବାରିକ, ଜିକେଶ ପ୍ରଧାନ ଓ ସରୋଜ ପ୍ରଧାନ ଉପସ୍ଥିତ ଥିଲେ। ସଭାକୁ ତପେଶ୍ୱର୍ ବାରିକ ପରିଚାଳନା କରିଥିଲେ। ସୁଜିତ ସିଂ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ବିଷୟରେ ଅବଗତ କରାଇଥିଲେ। ପରେ ଏମ୍‌ପି ସୁରେଶ ପୂଜାରୀ ମହିଳାମାନଙ୍କୁ ମୋଦି ସରକାର ସଂସଦରେ ୩୩% ଆରକ୍ଷଣ ଓ ଲଖପତି ଦିଦି ବିଷୟରେ କହିଥିଲେ। ସଭା ଶେଷରେ ବୀରେନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ୧୪୭ ଜଣଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

କୁତ୍ରା,୨୫।୨(ଦେବାଶିଷ ସାହୁ)

କୁତ୍ରା ବ୍ଲକର ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ମୋଟ ୧୪୭ ଜଣଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ରବିବାର ସମ୍ମାନିତ କରାଯାଇଛି। ସେଥିମଧ୍ୟରୁ ଷ୍ଟୁଡେଣ୍ଟ ଏକାଡେମିକ ପୁରସ୍କାର ୧୦୧ ଥିବା ବେଳେ ୩୬ଟି ଲିଡରଶିପ ପୁରସ୍କାର ମିଳିଥିଲା। ତରକେରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ପ୍ରଧାନଙ୍କୁ ଶ୍ରେଷ୍ଠ ପ୍ରଧାନ ଶିକ୍ଷକ ଏବଂ ଶିଆଳଯୋର ଆଶ୍ରମ ବିଦ୍ୟାଳୟର ଯତୀନ୍ଦ୍ର ବେହେରାଙ୍କୁ ପ୍ରାଥମିକ ଶିକ୍ଷକ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟ କଟଙ୍ଗର ଆଲୁମ୍‌ନି ମହେନ୍ଦ୍ର ସିଂ ଓ କୀର୍ତ୍ତିକିରନ ସୁନ୍ୟାନୀଙ୍କୁ ଶ୍ରେଷ୍ଠ ଆଲୁମ୍‌ନି ରୂପେ ସମ୍ମାନିତ କରାଯାଇଥିଲା। ଉତ୍କୃଷ୍ଟ ପରିଚାଳନା ସମିତି ଭାବେ ମମତା ସ୍ୱାଇଁ, କୁମାରୀ ଜୟପୁରିଆ ଗ୍ରହଣ କରିଥିଲେ। ଉଚ୍ଚ ବିଦ୍ୟାଳୟ ସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ତରକେରା ଉଚ୍ଚ ବିଦ୍ୟାଳୟ, ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟ କଟଙ୍ଗ, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଲତାଲଗାକୁ ପ୍ରଦାନ କରାଯାଇଥିଲା। ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ସରକାରୀ ପ୍ରାଥମିକ ବିଦ୍ୟାଳୟ ମଝାପଡା,ଉପ୍ରା ବିଦ୍ୟାଳୟ ପଞ୍ଚରା, ଉପ୍ରା ବିଦ୍ୟାଳୟ ସାନଗୁଡିଆଲୀକୁ ପ୍ରଦାନ କରାଯାଇଥିଲା। କୁତ୍ରା ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ସର୍ବାଧିକ ଷ୍ଟୁଡେଣ୍ଟ ଏକାଡେମିକ ପୁରସ୍କାର ଗ୍ରହଣ କରିଥିଲା। ଉକ୍ତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶରତ କୁମାର ପତି, ଏବିଓ ଲକ୍ଷ୍ମଣ ଜାମୁଣ୍ଡା, ନିରଞ୍ଜନ ରାଉଳ ଓ ସମସ୍ତ କ୍ଲଷ୍ଟରର ସିଆର୍‌ସିସିଙ୍କ ସହିତ ବିଭୀଷଣ ବାରିକ, ଦୀପିକା କେରକେଟା, ମହେନ୍ଦ୍ର ସିଂ, ନିତ୍ୟାନନ୍ଦ ବେହେରା, ଲୋକନାଥ ପ୍ରଧାନ, ଗୀତାଞ୍ଜଳି ଦାଶ, ନିରଞ୍ଜନ ପୃଷ୍ଟି, କେଦାରଚନ୍ଦ୍ର ସାହୁ, ଲଳିତା ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।


ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର।

### ପଦମପୁରା ହାଇସ୍କୁଲ ପ୍ରଥମ

କୁଆଁରମୁଣ୍ଡା,୨୫।୨(ମହେନ୍ଦ୍ର କୁମାର ସାହୁ)

କୁଆଁରମୁଣ୍ଡା ବ୍ଲକର ପଦମପୁର ହାଇସ୍କୁଲକୁ ବ୍ଲକ ସ୍ତରୀୟ ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଇଛି। ୨ୟ ସ୍ଥାନରେ ଦଲକି ହାଇସ୍କୁଲ ଓ ତୃତୀୟରେ ହରିହର ସରକାରୀ ହାଇ ସ୍କୁଲ ରହିଛି। ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ଯୋଗ ଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ।

### ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି

ବାଲିଶଙ୍କରା,୨୫।୨( ହୃଦାନନ୍ଦ ବାରିକ)

ତଲସରା ନିର୍ବାଚନମଣ୍ଡଳୀର ବାଲିଶଙ୍କରା, ସବ୍‌ଡେଗା, ବଡ଼ଗାଁ, ଲେଫ୍ରିପଡା ବ୍ଲକର କଂଗ୍ରେସ ଯୁବ ବର୍ଗମାନେ ରାଜ୍ୟ କଂଗ୍ରେସ ଯୁବ ସାଧାରଣ ସମ୍ପାଦକ ଇମତିୟାକ ଖାନଙ୍କ ନେତୃତ୍ୱରେ ତଲସରା ଡ୍ୟାମ ପରିସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଦ୍ୱିତୀୟ ତିରୋଧାନ ପାଇଁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଯୁବବର୍ଗ ତଲସରା ନିର୍ବାଚନମଣ୍ଡଳୀକୁ ପୁଣି କଂଗ୍ରେସକୁ ଆଣିବା ପାଇଁ ଶପଥ ନେଇଥିଲେ। ଏହା ପରେ ବୈଠକ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ରାଜ୍ୟ କଂଗ୍ରେସ ଯୁବ ସାଧାରଣ ସମ୍ପାଦକ ଇମତିୟାକ ଖାନ, ସମ୍ମାନିତ ଅତିଥି ଏମ୍‌ଡି ମକ୍ସୁଦ, ଏମ୍‌ଡି ଖଇନ, ଏମ୍‌ଡି ସାହାଜେବ, ଏମ୍‌ଡି ମନସୁର ଖାନ, ଇନ୍ଦ୍ରାଣୀ ବେହେରା, ସବିତା ଆପଟ, ନଗେନ୍ଦ୍ର ସିଂ, କୁଟିଆ ତିର୍କୀ, ଜେମ୍ସ ଏକ୍କା, ସହେଲ ଖାନ ପ୍ରମୁଖ ଯୋଗଦେଇଥିଲେ। ତଲସରା ନିର୍ବାଚନ ମଣ୍ଡଳୀରେ କିପରି କଂଗ୍ରେସ ଆସିବ ସେଥିପାଇଁ ଅଞ୍ଚଳର ଘରେ ଘରେ କଂଗ୍ରେସ ବାର୍ତ୍ତା ପହଞ୍ଚାଇବା, ଆଗାମୀ ନିର୍ବାଚନରେ କଂଗ୍ରେସ ବିଧାୟକଙ୍କୁ ବିଧାନସଭାରେ ପଠାଇବା ନେଇ ମତ ପ୍ରକାଶ ପାଇଥିଲା। ଶେଷରେ ଜିଲା କଂଗ୍ରେସ ଛାତ୍ର ସଭାପତି ସହେଲ ଖାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡିର ପ୍ରସ୍ତୁତି ବୈଠକ

ରାଜଗାଙ୍ଗପୁର,୨୫।୨(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଡାକବଙ୍ଗଳାଠାରେ ରବିବାର ବିଜେଡିର ନିର୍ବାଚନ ମଣ୍ଡଳୀ ସ୍ତରୀୟ ପ୍ରସ୍ତୁତି ବୈଠକ ପୂର୍ବତନମନ୍ତ୍ରୀ ମଙ୍ଗଳା କିଷାନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରଥମଥର ପାଇଁ ମଙ୍ଗଳା କିଷାନଙ୍କ ବଡ଼ପୁଅ ଅନିଲ କିଷାନ ଯୋଗଦେଇ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରଚେଷ୍ଟାରେ ଆଜି ଓଡ଼ିଶା ନୂଆ ରୂପରେଖ ନେଇପାରିଛି। ମୁଖ୍ୟମନ୍ତ୍ରୀ ଆଦିବାସୀଙ୍କୁ ବହୁତ ଭଲ ପାଆନ୍ତି। ସେମାନଙ୍କ ବିକାଶ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ସେ ଆଲୋକପାତ କରିଥିଲେ। ବିଜେଡି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ମଙ୍ଗଳା କିଷାନ ନିଜ ବକ୍ତବ୍ୟରେ କହିଥିଲେ। ବରିଷ୍ଠ ବିଜେଡି ନେତା ଜିତୁ ଦାସ ଏହି ବୈଠକକୁ ପରିଚାଳନା କରିଥିଲେ। ବିଭିନ୍ନ ନେତୃବୃନ୍ଦ ଓ କର୍ମୀବୃନ୍ଦଙ୍କୁ ମଙ୍ଗଳା କିଷାନ ସମ୍ମାନିତ କରିଥିଲେ। ପୌରପରିଷଦ ଅଧ୍ୟକ୍ଷା ମାଧୁରୀ ଲୁଗୁନ, ବ୍ଲକ ଅଧ୍ୟକ୍ଷା ସାବିନା ମିଞ୍ଜ, ଉପନଗରପାଳ ମହମ୍ମଦ ଇରଫାନ, ବସନ୍ତ ଟପ୍ପୋଙ୍କ ସହ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ସଂଖ୍ୟାଲଘୁ ସେଲର ରାଜ୍ୟ ସମ୍ପାଦକ ସୋଏବ ଆଲମଙ୍କ ସହ ଜିଲା ପରିଷଦ ସଦସ୍ୟା, ବିଭିନ୍ନ ସରପଞ୍ଚ ଓ ସମିତି ସଭ୍ୟ, ବିଭିନ୍ନ କାଉନ୍‌ସିଲର ଓ ବିଜେଡି କର୍ମୀବୃନ୍ଦ ଉପସ୍ଥିତ ଥିଲେ। ବରିଷ୍ଠ ବିଜେଡି ନେତା ଅମରେଶ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ମଙ୍ଗଳା କିଷାନ ଆଗାମୀ ନିର୍ବାଚନରେ ନିଜ ପୁଅ ଅନିଲକୁ ପ୍ରସ୍ତୁତ କରୁଛନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି।

### ୧୦୮ କୁଣ୍ଡୀୟ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ

ବଡ଼ଗାଁ, ୨୫।୨(ଅଶୋକ ଷଡଙ୍ଗୀ)

ଭାରତୀୟ ନବ ଜାଗରଣର ପୁରୋଧା ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମ ଦ୍ୱିଶତ ବାର୍ଷିକୀ ଜ୍ଞାନ ଜ୍ୟୋତି ପର୍ବ ଭାବେ ସମଗ୍ର ଦେଶରେ ପାଳିତ ହେଉଛି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ ଜିଲା ପାମରା ଗ୍ରାମର ବେଦ ପ୍ରଚାର ସମିତି ତରଫରୁ ସ୍ଥାନୀୟ ଲକ୍ଷ୍ମୀ ମଣ୍ଡପଠାରେ ୧୦୮ କୁଣ୍ଡୀୟ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ ପାଳିତ ହୋଇଯାଇଛି। ଏହି ମହାଯଜ୍ଞରେ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ଯୋଗଦେଇଥିଲେ। ପ୍ରତିଦିନ ପରିବାରର ସଦସ୍ୟମାନେ ଓମ ଜପ, ଗାୟତ୍ରୀ ମନ୍ତ୍ର ଓ ମହାମୃତ୍ୟୁଞ୍ଜୟ ମନ୍ତ୍ର ଉଚ୍ଚାରଣ କଲେ ଗୃହରେ ସକାରାତ୍ମକ ଉର୍ଜା ରହିବ ଓ ସ୍ୱାସ୍ଥ୍ୟ ସମୃଦ୍ଧି ପ୍ରାପ୍ତ ହେବ। ଏହି ମହାଯଜ୍ଞରେ ଅଞ୍ଚଳର ୧୦୮ ସ୍ୱାମୀ ସ୍ତ୍ରୀ କର୍ତ୍ତା ହୋଇଥିଲେ। ଗାୟତ୍ରୀ ପାଣିଗ୍ରାହୀ ଓ ସ୍ନେହଲତା ବେହେରା ଯଜ୍ଞ ସଞ୍ଚାଳନ କରିଥିଲେ। ଏହି ମହାଯଜ୍ଞରେ ମୁଖ୍ୟ ଅତିଥିଭାବେ ତଲସରା ବିଧାୟକ ଭବାନୀ ଶଙ୍କର ଭୋଇ ଯୋଗଦେଇଥିଲେ। ଏହି ଅବସରରେ ପାମରା ଗ୍ରାମର ଭଗବାନ ବାରିକଙ୍କ ଦ୍ୱାରା ରଚିତ ସତ୍ୟାର୍ଥ ପ୍ରକାଶ ଜାଣିବା ପୁସ୍ତକର ଉନ୍ମୋଚନ କରାଯାଇଥିଲା। ବେଦ ପ୍ରଚାର ସମିତି ପାମରା ଓ ସୃତିନ୍ୟାସ ରାଉରକେଲାର ସଦସ୍ୟ ସହଯୋଗ କରିଥିଲେ। ପୂର୍ଣ୍ଣଚନ୍ଦ୍ର ରାଉତ, ଶିବ ଶଙ୍କର ଖିଲାରୀ, ବିଭୀଷଣ ବାରିକ, ଆଚାର୍ଯ୍ୟ ବେଦପ୍ରକାଶ ଓ ଗ୍ରାମବାସୀଙ୍କ ସହଯୋଗରେ ମହାଯଜ୍ଞ ସମ୍ପନ୍ନ ହୋଇଥିଲା। ପାମରା ଗ୍ରାମର ବେଦ ପ୍ରଚାର ସମିତି ସମ୍ପାଦକ ଗଣେଶ ବାରିକ ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

### ଅସହାୟ ମହିଳାଙ୍କ ମୃତଦେହ ସତ୍କାର କଲେ ଟିମ୍ ଶ୍ମଶାନ ବନ୍ଧୁ

ସୁନ୍ଦରଗଡ,୨୫।୨(ଜୟ ନାରାୟଣ ମେଣ୍ଡୁଲି)

ଅନ୍ୟ ଜାତିରେ ବିବାହ କରିଥିବାରୁ ମୃତ୍ୟୁ ପରେ ମୃତଦେହ ସତ୍କାର କରିବାକୁ ମନା କରିଦେଲେ ଜାତି ଭାଇ। ଏନେଇ ଅଲେଇକେରା ଗ୍ରାମର ଯୁବ ନେତାମାନେ ସୁନ୍ଦରଗଡର ଶ୍ମଶାନ ବନ୍ଧୁ ସିଦ୍ଧାନ୍ତ କୁମାର ପଣ୍ଡାଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ। ସ୍ଥାନୀୟ ଶଶ୍ମାନରେ ଟିମ୍ ଶଶ୍ମାନ ବନ୍ଧୁ ସଦସ୍ୟ ମୃତଦେହ ସତ୍କାର କରିଥିଲେ। ଟିମ୍ ଶ୍ମଶାନ ବନ୍ଧୁ ସଦସ୍ୟ ଟିଣ୍ଟୁ ରକ୍ସା ସହଯୋଗ କରିଥିଲେ। ମୃତା ସଞ୍ଜୁକ୍ତା ସାହୁ ଅନ୍ୟ ଜାତିରେ ବିବାହ କରିଥିଲେ। ଗୋଟିଏ କନ୍ୟା ସନ୍ତାନ ଜନ୍ମ ହେବା ପରେ ସ୍ୱାମୀ ଦେବେନ ଭିତ୍ରିଆ ତାଙ୍କୁ ପର କରିଦେଇଥିଲେ। ବାଧ ହୋଇ ସେ ତାଙ୍କ ବାପା ଘରେ ରହୁଥିଲେ। ଗତ ୨ ବର୍ଷ ହେବ କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଥିଲା।

# ନବ ଦାସ ଗ୍ରାମୀଣ ପାର୍କର ଶୁଭ ଉଦ୍‌ଘାଟନ

ସମ୍ବଲପୁର,୨୫।୨(ବି.ଶଙ୍କର)

ଝାରସୁଗୁଡ଼ା ଜିଲା ଶ୍ରୀପୁରା ଗ୍ରାମପଞ୍ଚାୟତ କଲୋନୀ ପଡାଠାରେ ନବ ଦାସ ଗ୍ରାମୀଣ ପାର୍କ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଝାରସୁଗୁଡା ବିଧାୟିକା ଦିପାଳୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାର୍କର ଶୁଭାରମ୍ଭ କରିଥିଲେ। ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ନୂତନ ଝାରସୁଗୁଡା ନିର୍ମାଣର ପ୍ରଗତି ପଥରେ ବିଧାୟିକା ଦିପାଳୀଙ୍କ ପ୍ରଚେଷ୍ଟା ଜାରି ରଖିଥିବା ସ୍ପଷ୍ଟ ହୋଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ନବ ଦାସ ଫାଉଣ୍ଡେସନ ପକ୍ଷରୁ ରୋଗୀ ସେବା ପାଇଁ ଏକ ଆମ୍ବୁଲାନ୍ସ ଲୋକାର୍ପିତ ଏବଂ ଗ୍ରାମୀଣ ପାର୍କରେ ନବ କିଶୋର ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଶ୍ରୀପୁରା ଗ୍ରାମ ପଞ୍ଚାୟତରେ ହୋଇଥିବା ଉନ୍ନତିମୂଳକ ପ୍ରକଳ୍ପ ସହ ଝାରସୁଗୁଡ଼ା ଜିଲାର ଅନେକ ରାସ୍ତା ଠୁ ନେଇ ଓଭର ବ୍ରିଜ, ରୋଗୀ ପରୀକ୍ଷା କେନ୍ଦ୍ର, ଷ୍ଟାଡିୟମ, ନୂତନ ବସଷ୍ଟାଣ୍ଡ ପ୍ରଭୃତି ହୋଇଛି । ନବ ଦାସଙ୍କ ବିକାଶମୂଳକ କାର୍ଯ୍ୟରେ ସେ ସହଭାଗିତା ହୋଇ ସମସ୍ତ କାର୍ଯ୍ୟକୁ ପୂର୍ଣ୍ଣ କରାଯାଉଛି ବୋଲି ଦିପାଳୀ ତାଙ୍କ ବକ୍ତବ୍ୟରେ କହିଛନ୍ତି। ସେହିପରି ହାର୍ଟ ହସ୍ପିଟାଲ ଆସନ୍ତା ୨୬ ତାରିଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଉଦଘାଟନ ହେବାକୁ ଯାଉଛି। ବିଜେଡି ମହିଳା ସଶକ୍ତିକରଣ, ଚାଷୀଙ୍କ ଉନ୍ନତିକରଣ, ଶିକ୍ଷାନୁଷ୍ଠାନ, ଗରିବ କଲ୍ୟାଣ ଯୋଜନା, ରାସ୍ତା ଇତ୍ୟାଦି ଉପରେ ଗୁରୁତ୍ୱାରୋପ କରୁଛି। ଗୋଟିଏ ପରେ ଗୋଟିଏ କାମ ହୋଇଚାଲିଛି। ଲୋକଙ୍କ ବିକାଶ, ଗ୍ରାମର ଉନ୍ନତି, ମାଆଙ୍କ ଉନ୍ନତି ଏହା ହିଁ ମୋର ଲକ୍ଷ୍ୟ ବୋଲି ବିଧାୟିକା ଦିପାଳୀ କହିଛନ୍ତି। ଗ୍ରାମୀଣ ପାର୍କ ଓ ସ୍ୱର୍ଗତ ନବ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ଯୁବନେତା ତଥା ନବଦାସ ଫାଉଣ୍ଡେସନର ଟ୍ରଷ୍ଟି ବିଶାଳ ଦାସ, ଏପସିଲନ ଫାଉଣ୍ଡେସନ ଏଚଆର ଦୀପକ ଜେନା, ଏଲଏନ ମେଟାଲିକ ଲିମିଟେଡର ଜୟ ଶର୍ମା, ଜିଲା ପରିଷଦ ସଭ୍ୟ ଦିଗାମ୍ବର ଭୋଇ, ଝାରସୁଗୁଡା ବ୍ଲକ ଅଧ୍ୟକ୍ଷା ଚିତ୍ରେଣୀ ପଟେଲ, ପୂର୍ଣ୍ଣଚନ୍ଦ୍ର ଭୋଇ, ଶ୍ରୀପୁରା ସରପଞ୍ଚ ଯଶୋବନ୍ତୀ ପାଣ୍ଡେ ସମ୍ମାନିତ ଅତିଥି ଥିଲେ।



ଶ୍ରୀପୁରାଠାରେ ଅତିଥିମାନେ ନବ ଦାସ ଗ୍ରାମୀଣ ପାର୍କର ଉଦ୍‌ଘାଟନ କରୁଛନ୍ତି।

**ସର୍ବଭାରତୀୟ ଜି.ଶ୍ୟାମଲ ରାଓ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ**

# ଓପି ଜିନ୍ଦଲ ଚାମ୍ପିୟନ



ଶ୍ୟାମଲ ରାଓ କ୍ରିକେଟ ପ୍ରତିଯୋଗିତାର ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

ବ୍ରଜରାଜନଗର, ୨୫।୨
(ବିଜୟ କୁମାର ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ସହରାଞ୍ଚଳ ଅନ୍ତର୍ଗତ ବ୍ରଜରାଜନଗର ଏବଂ ଆମ୍ବିସନ କ୍ଲବ ମିଳିତ ଆନୁକୂଲ୍ୟରେ ଚାଲିଥିବା ତୃତୀୟ ସର୍ବଭାରତୀୟ ଶ୍ୟାମଲ ରାଓ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଫାଇନାଲରେ ଆମ୍ବିସନ କ୍ଲବକୁ ହରାଇ ଛତିଶଗଡ଼ର ଓପି ଜିନ୍ଦଲ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ କେ.ମିଶ୍ରା, ଜେନେରାଲ ମ୍ୟାନେଜର ଓରିଏଣ୍ଟ ଏରିୟା, ଜୀବନ ମହାନ୍ତି, ଜ୍ୟୋତି ଲାଠ, ମେହେତାବ ଖାନ, ପ୍ରଫୁଲ୍ଲ ପଣ୍ଡା, ଲିଙ୍ଗରାଜ, ପ୍ରଜଳ କୁମାର ପଟେଲ ଯୋଗଦାନ କରିଥିଲେ। ଆମ୍ବିସନ କ୍ଲବ ଟସ୍ ଜିତି ବୋଲିଂ କରିବାକୁ ସ୍ଥିର କରିଥିଲେ। ଓପି ଜିନ୍ଦଲ କ୍ରିକେଟ ଏକାଡେମୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୫ ଓଭରରେ ୯ ଉଇକେଟ ହରାଇ ୨୦୯ ରନ ସଂଗ୍ରହ କରିଥିଲେ। ଜବାବରେ ଆମ୍ବିସନ କ୍ଲବ ଦଳ ୨୧.୫ ଓଭରରେ ୧୦ ଉଇକେଟ ହରାଇ ୧୦୬ ରନ ସଂଗ୍ରହ କରିଥିଲେ। ଛତିଶଗଡ଼ର ଓପି ଜିନ୍ଦଲ କ୍ରିକେଟ ଏକାଡେମି ୧୦୩ ରନରେ ଫାଇନାଲ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ଓପି ଜିନ୍ଦଲ କ୍ରିକେଟ ଏକାଡେମିର ଖେଳାଳି ସକ୍ଷମ ଚୌବେ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବେଷ୍ଟ ଉଇକେଟ କିପର ପ୍ରବୀଣ ଲୁହା, ବେଷ୍ଟ ବ୍ୟାଟ୍ସମ୍ୟାନ ପ୍ରବୀଣ ଲୁହା, ବେଷ୍ଟ ବୋଲର ସକ୍ଷମ ଚୌବେ, ମ୍ୟାନ ଅଫ୍ ଦି ସିରିଜ ସାଗର ରାଉତ, ବେଷ୍ଟ ଫିଲ୍ଡର ମୋ. ଶାହ ଅରମାନ ଘୋଷିତ ହୋଇଥିଲେ। ବିଭୂତି ଭୂଷଣ ପାତ୍ର ଏବଂ ଦୀପକ ପଟେଲ ଅମ୍ପାୟାର ଭାବରେ ଏହି ମ୍ୟାଚକୁ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟକୁ ସଫଳ କରିବା ପାଇଁ ରବୀନ୍ଦ୍ର ସିଂ, ଅନିରୁଦ୍ଧ କେୱଟ, ଧିରେନ ରାଉଳ, ରମେଶ ଯାଦ, ଅଶୋକ ପ୍ରଧାନ, ସଞ୍ଜୟ ଗିରି ଏବଂ ବିନୟ ଯାଦବ ଯୋଗ ଦେଇଥିଲେ।

# ସାଧାରଣ ନିର୍ବାଚନରେ ସମ୍ମିଳିତ ଆଦିବାସୀ ସମାଜ ପ୍ରାର୍ଥୀ ଦେବ

ବ୍ରଜରାଜନଗର, ୨୫।୨
(ବିଜୟ କୁମାର ବରାଡ଼)

ସମ୍ମିଳିତ ଆଦିବାସୀ ସମାଜର ଏକ ସାଧାରଣ ସଭା ସମାଜର ସଭାପତି ମାଧବ ସିଂହ ନାଏକଙ୍କ ଅଧ୍ୟକ୍ଷତାରେ ଝାରସୁଗୁଡା ଗୋଁଣ୍ଡ ଭବନଠାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଥିଲା। ଏହି ସଭାରେ ସମ୍ମିଳିତ ଆଦିବାସୀ ସମାଜ ଆଦିବାସୀମାନଙ୍କର ସର୍ବାଙ୍ଗୀନ ଉନ୍ନତି ତଥା ଆଗାମୀ ପିଢ଼ିକୁ ଦେଶ ବିକାଶର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ନେଇଥିବା କାର୍ଯ୍ୟପନ୍ଥା ଓ ଆଦିବାସୀମାନଙ୍କୁ ସାମ୍ବିଧାନିକ ନ୍ୟାୟ ପହଞ୍ଚାଇବା ବିଷୟ ବସ୍ତୁ ଉପରେ ସମୀକ୍ଷା ହୋଇଥିଲା। ଆଗାମୀ ଦିନରେ ଆଦିବାସୀମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଏକ ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଆଜି ଆଦିବାସୀମାନେ ଶିକ୍ଷା, ରାଜନୈତିକ, ଆର୍ଥିକ କ୍ଷେତ୍ରରେ ସମସ୍ତଙ୍କଠାରୁ ତଳସ୍ତରରେ ଅବହେଳିତ ନିଷ୍ପେସିତ ଅବସ୍ଥାରେ ରହିଛନ୍ତି। ସମ୍ମିଳିତ ଆଦିବାସୀ ସମାଜ କ୍ଷମତା ଦଖଲ ପାଇଁ ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ ହାତକୁ ନେଇ ଝାରସୁଗୁଡା ଜିଲାରୁ ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଛି। ଆଦିବାସୀମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସମ୍ମିଳିତ ଆଦିବାସୀ ସମାଜ ନେଇଥିବା ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ ଅନୁଯାଇ ଆସନ୍ତା ସାଧାରଣ ନିର୍ବାଚନରେ ପ୍ରାର୍ଥୀ ଦେବା ଆବଶ୍ୟକତା ମନେ କରୁଛି। ସେଥିପାଇଁ ଇଚ୍ଛୁକ ଥିବା ଭଉଣୀ ଭାଇମାନଙ୍କ ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରିଛି। ଏହି ଅନୁଯାଇ ବହୁତ କମ ସମୟ ମଧ୍ୟରେ ଝାରସୁଗୁଡା ଜିଲାର ୭୮ଟି ପଞ୍ଚାୟତ ତଥା ୬୪ଟି ପୌରପରିଷଦ ୱାର୍ଡରେ ବସବାସ କରୁଥିବା ଆଦିବାସୀମାନଙ୍କ ମତାମତ ଲୋଡାଯାଇଛି। ଏହି ସଭାରେ ମୁଖ୍ୟ ଉପଦେଷ୍ଟା ମହେନ୍ଦ୍ର ନାଏକ, ଉପଦେଷ୍ଟା ରତ୍ନାକର ପ୍ରଧାନ, ପ୍ରଭାକର ଓରାମ, ଡମ୍ବରୁଧର ନାଏକ, କୃଷ୍ଣଚନ୍ଦ୍ର ଭୋଇ, କାର୍ତ୍ତିକ ଓରାମ, ସୁବେଶ ମୁଣ୍ଡା, ଫକୀରମୋହନ କିଷାନ, ଚିନ୍ତାମଣି କାଲୋ, ଶ୍ୟାମଲାଲ ନାଏକ, ରୁଦ୍ରପ୍ରତାପ ସିଂହ, ଦୁବରାଜ ମୁଣ୍ଡା, ବାସୁଦେବ ଧୁରୁଆ, ଧର୍ମେନ୍ଦ୍ର କିଷାନ, ଆହାଲ୍ଲାଦ ଭୋଇ, ତ୍ରିଲୋଚନ ଡନସନା, ଚୂଡାମଣୀ ଧୁରୁଆ, ଯୋଗେନ୍ଦ୍ର ନାଏକ, ଗଜେନ୍ଦ୍ର ଓରାମ, କପିଲ କିଷାନ, ଦେବେନ ବାଗ, ଡିଲେଶ୍ୱର ନାଏକ, ସୁରମା ନାଏକ, ଯଶୋଦା ନାଏକ, ତିଳୋତ୍ତମା ନାଏକ, ସୁଲୋଚନା ନାଏକ, ପଞ୍ଚମୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟାଳୟ ସଚିବ ବିନୋଦ ବିହାରୀ ବାଗ ସ୍ୱାଗତ ଭାଷଣ ଓ ପ୍ରମୁଖ ସଚିବ ଅଶୋକ ମାଝି ସଭା ପରିଚାଳନା କରିଥିଲେ।



ସମ୍ମିଳିତ ଆଦିବାସୀ ସମାଜର ସାଧାରଣ ସଭାରେ ଉପସ୍ଥିତ କର୍ମକର୍ତ୍ତା।

# ପରାଜୟ ଭୟରେ ଜାତି ଭିତ୍ତିକ ହୀନ ରାଜନୀତିର ଆଶ୍ରୟ ନେଉଛନ୍ତି ଧର୍ମେନ୍ଦ୍ର

## ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସର ଅଭିଯୋଗ


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଦଳୀୟ ନେତୃବର୍ଗ।

ଦେବଗଡ଼,୨୫।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାବାସୀଙ୍କୁ ବାରମ୍ବାର ପ୍ରତାରଣା କରିଆସିଥିବା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପରାଜୟ ଭୟରେ ଜାତି ଭିତ୍ତିକ ରାଜନୀତିର ଆଶ୍ରୟ ନେଇଛନ୍ତି। ଜିଲାବାସୀ ଏହାକୁ କେବେବି ପ୍ରଶ୍ରୟ ଦେବେନାହିଁ ଓ ସଠିକ ସମୟରେ ଏହାର ଉତ୍ତର ଦେବେ ବୋଲି ରବିବାର ଜିଲା କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ହେମ୍ବ୍ରମ ସଭାପତିତ୍ୱ କରି ଏଭଳି ମନ୍ତବ୍ୟ ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ମିଥ୍ୟା ପ୍ରତିଶ୍ରୁତି ଦେବାରେ ପାରଙ୍ଗମ ଧର୍ମେନ୍ଦ୍ର। ଜିଲାବାସୀ ଧର୍ମେନ୍ଦ୍ର ଓ ତାଙ୍କ ପିତା ଦେବେନ୍ଦ୍ର ପ୍ରଧାନଙ୍କୁ ଏକାଧିକ ବାର ଭୋଟ ଦେଇ ସଂସଦକୁ ପଠାଇଛନ୍ତି। ମାତ୍ର ଧର୍ମେନ୍ଦ୍ର ଜିଲାବାସୀଙ୍କୁ ସବୁବେଳେ ପ୍ରତାରଣା କରି ଆସିଛନ୍ତି। ଏପରିକି ଦେବଗଡ ଲୋକସଭା ନିର୍ବାଚନ ମଣ୍ଡଳୀର ନାମକୁ ମଧ୍ୟ ମାଟିରେ ମିଶାଇ ଦେଇଛନ୍ତି। ଭାଜପାର ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କଲେ ଜିଲାରେ ରେଳ ଲାଇନ ସଂଯୋଗ ହେବା ସହ ବାରକୋଟ ଠାରେ ଏକ ବୃହତ ପରିବହନ କେନ୍ଦ୍ର (ଲୋଜିଷ୍ଟିକ ହବ)ସ୍ଥାପନ ହେବ। ବ୍ରାହ୍ମଣୀ ନଦୀରେ ବାରକୋଟ ଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ଜଳ ପଥ ନିର୍ମାଣ କରାଯାଇ ପାଣି ଜାହାଜ ଯୋଗେ ଲୁହାପଥର ରପ୍ତାନୀ ହେବ ବୋଲି ଗତ ସାଧାରଣ ନିର୍ବାଚନ ସମୟରେ ଧର୍ମେନ୍ଦ୍ର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପ୍ରତିଶ୍ରୁତି ପୂରଣ ହୋଇପାରିଲା ନାହିଁ। ସେହିପରି ଧର୍ମେନ୍ଦ୍ର ଦୀର୍ଘ ବର୍ଷ ଧରି କେନ୍ଦ୍ରରେ ମନ୍ତ୍ରୀ ଥାଇ ମଧ୍ୟ ଅଦ୍ୟାବଧି କେନ୍ଦ୍ରୀୟ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏଥିରୁ ତାଙ୍କର କାର୍ଯ୍ୟଦକ୍ଷତା ଓ ଜିଲା ପ୍ରତି ଆନ୍ତରିକତା କେତେ ତାହା ସ୍ପଷ୍ଟ ଭାବେ ଜଣାପଡୁଛି। ଅନ୍ୟପକ୍ଷରେ ପ୍ରାୟ ୫ ବର୍ଷ ହେଲା ଭାଜପା ଦଳର ଏମ୍‌ପି ନିତେଶ ଗଙ୍ଗଦେବ ନିଖୋଜ ଥିବା ବେଳେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଜନ ସାଧାରଣଙ୍କ ସ୍ୱାର୍ଥକୁ ପଦାଘାତ କରି ପିସି କାରବାର, ଠିକା କାର୍ଯ୍ୟ ଓ ଗୁଣ୍ଡା ଗର୍ଦ୍ଦିରେ ବ୍ୟସ୍ତ ରହିଥିବା ଅଭିଯୋଗ କରିଥିଲେ। ଏଥିସହ ବିଜେଡି ଦଳ ମଧ୍ୟ ଜିଲାବାସୀଙ୍କ ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ କରୁଥିବାରୁ କୌଣସି ଉନ୍ନତି ସାଧନ ହେଉନାହିଁ। ତେଣୁ ଜିଲାବାସୀ ସେମାନଙ୍କୁ ପ୍ରତ୍ୟାଖ୍ୟାନ କରି କଂଗ୍ରେସ ଆଡକୁ ମୁହାଁଉଛନ୍ତି ବୋଲି ଜିଲା ସଭାପତି ହେମ୍ବ୍ରମ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଥିଲେ। ଜିଲା କଂଗ୍ରେସ ଗଣମାଧ୍ୟମ ଓ ଯୋଗାଯାଗ ସେଲ ଅଧ୍ୟକ୍ଷ ସିଦ୍ଧେଶ୍ୱର ଗୁରୁଙ୍କ ପରିଚାଳନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ଓବିସି ସେଲ ସଭାପତି ସୁବାସ ଚନ୍ଦ୍ର ଭୋଇ ଓ ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ନବ ନିଯୁକ୍ତ ଜିଲା କଂଗ୍ରେସ ଗଣମାଧ୍ୟମ ଓ ଯୋଗାଯାଗ ସେଲ ଅଧ୍ୟକ୍ଷ ଗୁରୁ ଓ ଓବିସି ସେଲ ସଭାପତି ଭୋଇଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

# ଦେବଗଡ଼ ହେବ ଶିକ୍ଷା, କୃଷି, ଜ୍ଞାନ କୌଶଳର ଅତ୍ୟାଧୁନିକ ପ୍ରୟୋଗଶାଳା


କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରାଯାଉଛି।

ଦେବଗଡ଼,୨୫।୨(ଶଶାଙ୍କ ଶେଖର ଝଙ୍କର)

ଦେବଗଡ ଜିଲା ହେବ ଶିକ୍ଷା, କୃଷି ଓ ଜ୍ଞାନ କୌଶଳର ଅତ୍ୟାଧୁନିକ ପ୍ରୟୋଗଶାଳା। ତିଲେଇବଣି ବ୍ଲକ ଛେପିଲିପାଲି ପଞ୍ଚାୟତର ଧୋବଲିପଥର ଖେଳ ପଡିଆଠାରେ ଚଷା ସମାଜ ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱ ଓ ପୌଲସ୍ତି ସାହୁଙ୍କ ସଂଯୋଜନାରେ ଆୟୋଜିତ ଚଷା ସମାଜର ଜିଲା ସ୍ତରୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କେନ୍ଦ୍ର ଶିକ୍ଷା,ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଏହା କହିଛନ୍ତି। ଏହି ଅବସରରେ ପ୍ରଧାନ ଦେବଗଡ ସହିତ ତାଙ୍କର ସମ୍ପର୍କ ବହୁ ପୁରୁଣା ଓ ନିବିଡ ଏବଂ ଏହାକୁ ବହୁ ପାଖରୁ ଦେଖିଥିବା ପ୍ରକାଶ କରିବା ସହ ସେ ଆଜି ଯେଉଁ ସ୍ଥାନରେ ପହଞ୍ଚିଛନ୍ତି ତାହା ଏଠାକାର ମାତୃଶକ୍ତି ଓ ଗୁରୁଜନଙ୍କ ଆଶୀର୍ବାଦରେ ହିଁ ସମ୍ଭବ ହୋଇଛି। ସେହିପରି ପାଠପଢା ଓ କୃଷି କାର୍ଯ୍ୟ ପ୍ରତି ଜିଲାବାସୀଙ୍କ ବେଶ ଆଶକ୍ତି ରହିଥିବାରୁ ଏହି ଜିଲାକୁ ନୂତନ ସ୍ତରରେ ପହଞ୍ଚାଇବାର ସମୟ ଆସିଥିବା ଦର୍ଶାଇଛନ୍ତି। ଜିଲାକୁ ଶିକ୍ଷା, କୃଷି ଓ ଜ୍ଞାନ କୌଶଳର ଅତ୍ୟାଧୁନିକ ପ୍ରୟୋଗଶାଳାରେ ପରିଣତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଧର୍ମେନ୍ଦ୍ର ଚାଷୀ ଭାଇ ତଥା ଅନ୍ନଦାତାଙ୍କ ସାମୂହିକ କଲ୍ୟାଣ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭୂମିକା ଓ ତାଙ୍କ ନେତୃତ୍ୱରେ ଜାରି ରହିଥିବା ଦେଶର ବିକାଶ ଧାରା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଚଷା ସମାଜ ଓ ବିଭିନ୍ନ ଅନୁଷ୍ଠାନ ସମେତ ବହୁ ଜନସାଧାରଣ ତାଙ୍କୁ ବିଭିନ୍ନ ଦାବି ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରିଥିବା ବେଳେ ଏହାର ଉତ୍ତର ରଖି ସମସ୍ତ ଯଥାର୍ଥ ଦାବି ପୂରଣ ନିମନ୍ତେ ଉଦ୍ୟମ କରିବେ ବୋଲି ପ୍ରକାଶ କରିଥିଲେ। ଏଥି ସହ ଅଞ୍ଚଳବାସୀଙ୍କ ଦାବିକୁ ସମ୍ମାନ ଜଣାଇ ମା' ରଣେଶ୍ୱର ରାମଚଣ୍ଡିଙ୍କର ଏକ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ଚୂଡାମଣି ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସନ୍ତୋଷ କୁମାର ସାହୁ,ଅରୁଣ କୁମାର ସାହୁ, ଲକ୍ଷ୍ମଣ କୁମାର ପ୍ରଧାନ, ଶଶୀ ଭୂଷଣ ସାହୁ, ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମନ୍ତ୍ରୀ ପ୍ରଧାନଙ୍କୁ ଚଷା ସମାଜ ପକ୍ଷରୁ ଉପହାର ସ୍ୱରୂପ ଏକ ଲଙ୍ଗଳ(ସାଙ୍କେତିକ)ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ବନ୍ଧୁ ମିଳନରେ ଜିଲାର ୩ଟି ବ୍ଲକର ଚଷା ସମାଜର ହଜାର ହଜାର ସଦସ୍ୟ ଓ କର୍ମକର୍ତ୍ତା ଯୋଗଦେଇଥିଲେ। ସଭାପରେ ମନ୍ତ୍ରୀ ପ୍ରଧାନ ଓ ବିଧାୟକ ପାଣିଗ୍ରାହୀ ସମାଜ ଲୋକଙ୍କ ସହିତ ମିଳିତଭାବେ ଅନ୍ନ ଭୋଜନ କରିଥିଲେ।

# କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ଦାବିରେ ସ୍ମାରକ ପତ୍ର ପ୍ରଦାନ

ଦେବଗଡ଼,(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାରେ ଏକ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ ପାଇଁ ନାଗରିକ କମିଟି ପକ୍ଷରୁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିକଟରେ ଦାବି କରାଯାଇଛି। ନାଗରିକ କମିଟିର ମାର୍କଣ୍ଡେଶ୍ୱର ଶତପଥିଙ୍କ ନେତୃତ୍ୱରେ ବହୁ ସଦସ୍ୟ, ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ସ୍ଥାନୀୟ ସର୍କିଟ ହାଉସରେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ସାକ୍ଷାତ କରି ଏହି ମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲା ଏକ କ୍ଷୁଦ୍ର ଏବଂ ଶିଳ୍ପ ବିହୀନ ଜିଲା ହୋଇଥିବା ବେଳେ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଜନସାଧାରଣ ଜୀବନ ଜୀବିକା ପାଇଁ କୃଷି ଉପରେ ନିର୍ଭର କରନ୍ତି। ସେହିପରି ଏହି ଜିଲାରେ ପ୍ରଚୁର ପରିମାଣର ଆମ୍ବ, ଲିଚୁ , କମଳା ଓ ତରଭୁଜ ଆଦି ଫଳ ଏବଂ ଅନ୍ୟାନ୍ୟ ପନିପରିବା ଉତ୍ପାଦନ ହୋଇଥାଏ। ତେବେ ଜିଲାର ଚାଷୀମାନେ ଅତ୍ୟାଧୁନିକ କୃଷି ଯନ୍ତ୍ରପାତି ବ୍ୟବହାର ଓ ପରାମର୍ଶରୁ ବଞ୍ଚିତ ହୋଇ ପାରମ୍ପରିକ ପଦ୍ଧତିରେ ଚାଷ କରୁଥିବାରୁ ଯଥେଷ୍ଟ ପରିମାଣର ଲାଭ ପାଇ ପାରୁନାହାନ୍ତି। ତେଣୁ ଜିଲାରେ ଏକ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ କଲେ ଜିଲାର ଚାଷୀଙ୍କ ଉତ୍ପାଦନ କ୍ଷମତା ବୃଦ୍ଧି ପାଇବା ସହ ଅତ୍ୟାଧୁନିକ ଏବଂ ଉନ୍ନତ ପ୍ରଣାଳୀରେ ଚାଷ କରି ସେମାନଙ୍କର ଆର୍ଥିକ ସ୍ଥିତିରେ ସୁଧାର ଆଣିପାରିବେ ବୋଲି ଉକ୍ତ ସ୍ମାରକ ପତ୍ରରେ ଉଲ୍ଲେଖ ରହିଛି।

# ଦଳିତ,ପଛୁଆ ବର୍ଗର ଲୋକେ ମୋଦି ଗ୍ୟାରେଣ୍ଟିରେ ସଶକ୍ତ ହୋଇପାରିଛନ୍ତି: ଧର୍ମେନ୍ଦ୍ର



ଲକ୍ଷେଘର ଦଳିତ ସମାଜ ବନ୍ଧୁମିଳନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

ଦେବଗଡ଼,୨୫।୨(ଶଶାଙ୍କ ଶେଖର ଝାଙ୍କର)

## ଲକ୍ଷେ ଘର ଦଳିତ ସମାଜର ବନ୍ଧୁ ମିଳନ ସମାରୋହ

ମୋଦୀ ଗ୍ୟାରେଣ୍ଟିରେ ବଞ୍ଚିତ, ଦଳିତ ଓ ପଛୁଆ ବର୍ଗର ଲୋକେ ସଶକ୍ତ ହୋଇପାରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା,ଉଜ୍ୱଳା ଯୋଜନା ଓ ଗରିବ କଲ୍ୟାଣ ଭଳି ଯୋଜନା ଲୋକଙ୍କ ଜୀବନ ଶୈଳୀରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଛି। ତେଣୁ ଆଗକୁ ମୋଦୀଙ୍କ ହାତ ମୁଠାକୁ ଟାଣ କଲେ ଦେବଗଡ ଜିଲାର ଅଧିକ ବିକାଶ ହୋଇପାରିବ ବୋଲି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତବ୍ୟକ୍ତ କରିଛନ୍ତି। ଦେବଗଡ ପୌରାଞ୍ଚଳର ନିଳବେର୍ଣ୍ଣୀ ସାହି ବାଇପାସ ଛକ ନିକଟସ୍ଥ ପଡିଆରେ ଲକ୍ଷେ ଘର ଦଳିତ(ପାଣ)ସମାଜର ଜିଲା ସଭାପତିତଥା ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜଙ୍କ ସଭାପତିତ୍ୱରେ ଆୟୋଜିତ ଲକ୍ଷେ ଘର ଦଳିତ(ପାଣ)ସମାଜର ବନ୍ଧୁ ମିଳନ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏହା କହିଛନ୍ତି। ଏଥିସହ ଓଡିଶାରେ ରଙ୍ଗା-ବିଲ୍ଲା ଯୋଡି ଓ ମାହାଳମାଣ୍ଡା ଶାସନ ଚାଲିଥିବା ଦର୍ଶାଇ ରାଜ୍ୟ ସରକାରଙ୍କୁ କଠୋର ସମାଲୋଚନା କରିଥିଲେ। ଏହି ଅବସରରେ ସେ ରାଜ୍ୟ ସରକାରଙ୍କୁ ଦଳିତ ଓ ପଛୁଆ ବର୍ଗଙ୍କ ଶତ୍ରୁ ବୋଲି ଅଭିଯୋଗ କରିବା ସହ ବର୍ତ୍ତମାନ ଚେର ବଦଳି କରିବାର ସମୟ ଆସିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଡୋଲାମଣି ପାତ୍ରଙ୍କ ପରିଚାଳନାରେ ଆୟୋଜିତ ଏହି ବନ୍ଧୁ ମିଳନ ସମାରୋହରେ ସମ୍ମାନୀତ ଅତିଥିଭାବେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ରିଆମାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଧାରାଣୀ ପାତ୍ର, ମୁକୁନ୍ଦ ମ.ଇ. ବିଦ୍ୟାଳୟର ଶିକ୍ଷକ ଅଇଁଠୁ ନାୟକ, ବାରକୋଟ ବ୍ଲକ ସଂଗଠନର ସଂଗଠନ ସମ୍ପାଦକ ନିରାକାର ପାତ୍ର, ହର ଭୋଜ, ବିପିନ ବିହାରୀ ସୂର୍ଯ୍ୟା ଓ ସୁରୁ ପାତ୍ର ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଲକ୍ଷେ ଘର ଦଳିତ(ପାଣ)ସମାଜର ଦେବଗଡ ଜିଲା ସଭାପତି ତଥା ପୌର ପରିଷଦ ଉପାଧ୍ୟକ୍ଷ ଭୋଜ ନିଜର ବକ୍ତବ୍ୟ ଉପସ୍ଥାପନ କରି ଦଳିତଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। କିଭଳି ସେମାନଙ୍କ ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ବିକାଶ ସହିତ ବୌଦ୍ଧିକ ଓ ଶୈକ୍ଷିକ ବିକାଶ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦେବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଗୁହାରୀ କରିଥିଲେ। ଏହି ବନ୍ଧୁ ମିଳନ ସମାରୋହରେ ହଜାର ହଜାର ଦଳିତ ମହିଳା ଓ ପୁରୁଷ ଯୋଗ ଦେଇଥିବା ବେଳେ ଆୟୋଜନରେ ଲକ୍ଷେ ଘର ଦଳିତ(ପାଣ)ସମାଜର ସଦସ୍ୟ ସୁମନ୍ତ ଭୋଜ, ମକରଧ୍ୱଜ ହସ୍ତୀ, ପଙ୍କଜ ପାତ୍ର, ବଳରାମ ରଣଜିତ, ଜଗ ରଣଜିତ, ରାଜେଶ ପାତ୍ର, ଲିପନ ସୁହୁଲା,ରାହୁଲ ଭିଲେଇ,ପ୍ରତାପ ଭୋଜ, ଟିଙ୍କୁ ପାତ୍ର, ସୁକାନ୍ତ ସୂର୍ଯ୍ୟା ଓ ଶିବାଜୀ ଭୋଜ ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ ।

# ଜିଲା କଂଗ୍ରେସ କମିଟିର ମିଶ୍ରଣ ପର୍ବ


ମିଶ୍ରଣ ପର୍ବରେ ଉପସ୍ଥିତ କର୍ମକର୍ତ୍ତା।

ଦେବଗଡ଼,୨୫।୨( ଶଶାଙ୍କ ଶେଖର ଝାଙ୍କର)

ରିଆମାଳ ବ୍ଲକ ତାବଡା ପଞ୍ଚାୟତରେ ଜିଲା କଂଗ୍ରେସ କମିଟି ପକ୍ଷରୁ ରବିବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ସଂପୃକ୍ତ ଅଞ୍ଚଳର ଜଣାଶୁଣା କଂଗ୍ରେସ ନେତା ଦିଗାମ୍ବର ପ୍ରଧାନ ଓ ଟୁକୁନା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ମୁଖ୍ୟ ଅତିଥିଭାବେ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ ଉପସ୍ଥିତ ରହି କଂଗ୍ରେସ ଦଳର ନୀତି ଓ ଆଦର୍ଶ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଅମିତ କୁମାର ସାହୁ, ସୁଜିତ କୁମାର ପ୍ରଧାନ, ଶ୍ରବଣ ପ୍ରଧାନ, ଗୋବିନ୍ଦ କେର୍କେଟ୍ଟା, ସଞ୍ଜୁ ସଏ, ବାସୁ ପୂର୍ତ୍ତୀ, ଝସକେତନ ସାହୁ, ଝୁମୁରୁ ନାୟକ, ଲିପୁ ପ୍ରଧାନ, ମଲିଆ ଭୋଇ, ସୌଭାଗ୍ୟ ଖଡିରତ୍ନ, ତପନ ବଗର୍ତ୍ତୀ, ଟଙ୍କଧର ଭୋଇ, ଦୀପକ ପ୍ରଧାନ, ତପନ କୁମାର ପ୍ରଧାନ, ଗୌତମ ବିଶ୍ୱାଳ, ସନ୍ତୋଷ ବେହେରା, ସୁଧାକର ବେହେରା ଓ ଲଳିତ ବିଶ୍ୱାଳଙ୍କ ସମେତ ତାବଡା ପଞ୍ଚାୟତର ବହୁ ଯୁବକ ଆନୁଷ୍ଠାନିକ ଭାବେ କଂଗ୍ରେସ ଦଳରେ ସାମିଲ ହୋଇଥିଲେ। ଜିଲା କଂଗ୍ରେସ ସଭାପତି ହେମ୍ବ୍ରମ, ଜିଲା ଯୁବ କଂଗ୍ରେସ ସଭାପତି ସଲମନ ହେନେଜ ଓ ଶ୍ରୀତମ ସାହୁଙ୍କ ଉପସ୍ଥିତିରେ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସେମାନଙ୍କୁ ଦଳକୁ ସ୍ୱାଗତ କରାଯାଇଥିଲା। ଆଗକୁ ସାଧାରଣ ନିର୍ବାଚନ ଥିବା ବେଳେ ନବାଗତଙ୍କ ଯୋଗଦାନ କଂଗ୍ରେସ ଦଳର ସଙ୍ଗଠନକୁ ଅଧିକ ସୁଦୃଢ କରିବ ବୋଲି ସଭାପତି ହେମ୍ବ୍ରମ ପ୍ରକାଶ କରିଛନ୍ତି ।

# 'ଶହୀଦ ମଧୁଗଡ଼ତିଆ ସାଲିସବିହୀନ ଲଢେଇ କରିଥିଲେ'

## ଶହୀଦ ମଧୁ ଗଡ଼ତିଆଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଉନ୍ମୋଚନ କଲେ କେନ୍ଦ୍ରମନ୍ତ୍ରୀ


ସ୍ୱାଧୀନତା ସଂଗ୍ରାମୀ ମଧୁ ଗଡତିଆଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ସମ୍ବଲପୁର,୨୫।୨( ଭବାନୀଶଙ୍କର ଭୋଇ)

ଯୁଯୋମୁରା ଗ୍ରାମୀଣ ପାର୍କରେ ରବିବାର କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୀର ସୁରେନ୍ଦ୍ର ସାଏଙ୍କ ସହଯୋଗୀ ଆଦିବାସୀ ନେତା ତଥା ଗଡ଼ଲୋସିଙ୍ଗ-ଯୁଯୋମୁରା ଜମିଦାର ସ୍ୱାଧୀନତା ସଂଗ୍ରାମୀ ଶହୀଦ ମଧୁଗଡତିଆଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି। ୧୮୫୭ ମସିହା ସିପାହୀ ବିଦ୍ରୋହ ସମୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମଧୁ ଗଡ଼ତିଆ ଇଂରେଜମାନଙ୍କ ବିରୋଧରେ ସାଲିସ ବିହୀନ ଲଢେଇ କରିଥିଲେ। ସ୍ୱାଭିମାନ ସହ ବୁଝାମଣା ନ କରି ଦେଶମାତୃକା ପାଇଁ ବଳିଦାନ ଦେଇଥିଲେ। ଆଜି ତାଙ୍କ ସ୍ମୃତିରେ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଉନ୍ମୋଚିତ ହେବା ଫଳରେ ଓଡ଼ିଶାର ଇତିହାସରେ ନୂଆ ଅଧ୍ୟାୟ ଯୋଡି ହୋଇଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ଶହୀଦ ମଧୁ ଗଡ଼ତିଆ ସ୍ମୃତି କମିଟି ଓ ଗଣ୍ଡ ସମାଜ ପକ୍ଷରୁ ଆୟୋଜିତ ସମାରୋହରେ ଯୋଗଦେଇ ସେ କହିଛନ୍ତି ଯେ, ଉନ୍ନବିଂଶ ଶତାବ୍ଦୀରେ ଇଂରେଜମାନଙ୍କ ବିରୋଧରେ ଯେତେବେଳେ ବିଦ୍ରୋହ ହୋଇଥିଲା, ଦେଶ ମାତୃକାର ସେବା ପାଇଁ ସମ୍ବଲପୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଇତିହାସ ପୃଷ୍ଠାରେ ଅନାଲୋଚିତ ଏହିଭଳି ଜନଜାତି ସଂଗ୍ରାମୀଙ୍କ ବୀରଗାଥା ଓ ସାହସକୁ ସମ୍ମାନ ଏବଂ ଶ୍ରଦ୍ଧାଞ୍ଜଳି ଦେବା ଦିଗରେ ବିଶେଷ ଗୁରୁତ୍ୱ ଦିଆଯାଉଛି ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ପ୍ରଥମ ଥର ପାଇଁ ବିର୍ସା ମୁଣ୍ଡାଙ୍କ ଜୟନ୍ତୀକୁ ଜନଜାତୀୟ ଗୌରବ ଦିବସ ଭାବେ ପାଳନ କରାଯାଉଥିବା ସେ କହିଥିଲେ। ଅନାଲୋଚିତ ସଂଗ୍ରାମୀଙ୍କ ବୀରଗାଥାକୁ ଲୋକଲୋଚନକୁ ଆଣିବା ଜାତୀୟ ଶିକ୍ଷା ନୀତିର ଉଦ୍ଦେଶ୍ୟ ରହିଛି ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ଏହି ଅବସରରେ ମଧୁ ଗଡ଼ତିଆଙ୍କ ସ୍ମୃତିରେ ପୁସ୍ତକ ଉନ୍ମୋଚନ କରାଯାଇଥିଲା । ମନ୍ତ୍ରୀ ପ୍ରଧାନ ଯୁଯୋମୁରା ଠାରେ ଆୟୋଜିତ ଜଙ୍ଘା ଲିଙ୍ଗା ବଡ଼ଦେଓ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଜମିଦାରଙ୍କ ଦାୟାଦ ଭୂପିନ୍ଦର ସିଂହ ପ୍ରଶାନ୍ତ ସିଂହ, ଇତିହାସକାର ରାଜେନ୍ଦ୍ର ପଣ୍ଡା, ଦିପକ କୁମାର ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶ୍ୱିନୀ କୁମରା, ସ୍ମୃତି କମିଟିର ଜୟନ୍ତ ପ୍ରଧାନ, ଝସକେତନ ଭୋଇ, ମନୋରଞ୍ଜନ ନାୟକ, ରେଢାଖୋଲ ପୌରାଧ୍ୟକ୍ଷ ଶିବ ସାହୁ, ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଏନ୍‌ଜି ଟାଉନ ହାଇସ୍କୁଲ ଅଡିଟୋରିୟମ ନବୀକରଣ କାର୍ଯ୍ୟ ଶୁଭାରମ୍ଭ

ସମ୍ବଲପୁର,୨୫।୨(ବି.ଶଙ୍କର)

ମୋ ସ୍କୁଲ ଯୋଜନାରେ ସମ୍ବଲପୁର ସହରସ୍ଥିତ ନୃସିଂହ ଗୁରୁ (ଏନ୍‌ଜି)ଟାଉନ ହାଇସ୍କୁଲ ଅଡିଟୋରିୟମର ନବୀକରଣ କାର୍ଯ୍ୟ ଶୁଭାରମ୍ଭ ହୋଇଛି। ସ୍କୁଲ ଆଲୁମନି ସଭାପତି ଡ.ପରେଶ ଦାନୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସ୍କୁଲର ପ୍ରଧାନ ଶିକ୍ଷକ ବଲ୍ଲଭ ମେହେର ଓ ଡ. ପରେଶ ମିଳିତ ଭାବେ ଏହି କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ସମ୍ପାଦକ ଦୀନବନ୍ଧୁ ପଣ୍ଡା ଅତିଥିଙ୍କୁ ସ୍ୱାଗତ କରିବା ସହ ମୋ ସ୍କୁଲ ଯୋଜନାର ଆଭିମୁଖ୍ୟ ବିଷୟରେ ଅଧିକ ସୂଚନା ଦେଇଥିଲେ। ପ୍ରଧାନ ଶିକ୍ଷକ ବଲ୍ଲଭ ସ୍କୁଲର ଉନ୍ନୟନ ପାଇଁ ବିଶେଷ ଭାବେ ଶ୍ରେଣୀଗୃହର ଆବଶ୍ୟକତା ଉପରେ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିବାକୁ କହିଥିଲେ। ଜିଲା ଖେଳ ପର୍ଯ୍ୟବେକ୍ଷକ ଜଗବନ୍ଧୁ ବେହେରା ଶ୍ରେଣୀଗୃହ ସହିତ ଖେଳ ପଡିଆର ଉନ୍ନତି, ଦରକାର ହେଲେ ସମସ୍ତେ ଆର୍ଥିକ ସହଯୋଗ ଦେବାକୁ କହିଥିଲେ। ଶିକ୍ଷୟିତ୍ରୀ ଭୁଜାତା ନନ୍ଦ, ମୀନା କୁମାରୀ ବେହେରା, ସ୍ମିତା ସାନ୍ୟାଲ ସ୍କୁଲର ବିଭିନ୍ନ ଅସୁବିଧା ବିଷୟରେ ସୂଚନା ଦେଇଥିଲେ। ପୂର୍ବତନ ଛାତ୍ର ଚକ୍ରଧର ମିଶ୍ର, ହରିଶ କକଡ଼, ଗୋରେଖ ଦାଶ, ଅଶୋକ ପଣ୍ଡା, ପ୍ରଦୀପ ନନ୍ଦ, ବିବେକାନନ୍ଦ ଗୁରୁ ଓ ରମେଶ ବେରିହା ସ୍କୁଲର ବିଭିନ୍ନ ସମସ୍ୟା ଯଥା ମଧ୍ୟାହ୍ନଭୋଜନ, ରୋଷେଇ ଘର, ପିଲାଙ୍କ ଖାଇବା ହଲ, ମହିଳା ଓ ପୁରୁଷଙ୍କ ପାଇଁ ଅଲଗା ପାଇଖାନା, ସ୍କୁଲର ପାଚେରୀ ଓ ଦୋକାନ ଗୃହ ଭଡା ଆଦାୟ ତଥା ସରକାରୀ ଦରରେ ଭଡା ଚୁକ୍ତି କରିବାକୁ କହିଥିଲେ। ସଭାପତି ଡ.ପରେଶ ସମସ୍ତଙ୍କ ପ୍ରସ୍ତାବକୁ ପର୍ଯ୍ୟାୟ କ୍ରମେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା, ଆଗାମୀ ମାର୍ଚ୍ଚ ୧୦ରେ ପୁରାତନ ଛାତ୍ରମାନଙ୍କ ସମ୍ମିଳନୀ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଶେଷରେ ଉପସଭାପତି ଅଖିଳ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ସ୍କୁଲର ସମସ୍ତ ଶିକ୍ଷକ ଓ କର୍ମଚାରୀ, ପୁରାତନ ଛାତ୍ର କୃଷ୍ଣ ପତି, ବେଦବ୍ୟାସ ସୂପକାର, କୈଳାସ ମିସ୍ତ୍ରୀ, ସନ୍ତୋଷ ମିଶ୍ର, ଶେଖର ମିସ୍ତ୍ରୀ ଓ ଅଶୋକ ପ୍ରଧାନ ଆଲୋଚନାରେ ଭାଗନେଇଥିଲେ।

# ହରିହର ନୋଡାଲ ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ଲୋଇସିଂହା,୨୫।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ପଥୀରାଜ ହାଇସ୍କୁଲ ଖେଳପଡଆରେ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋଇସିଂହା ବ୍ଲକ ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲ ଅନେକଗୁଡିଏ ପୁରସ୍କାର ପାଇଛି। ଶିକ୍ଷାକ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାଳୟର ୧୬ ଜଣ ଛାତ୍ରୀଛାତ୍ର ପୁରସ୍କୃତ ହୋଇଛନ୍ତି। ସେହିପରି ବିଦ୍ୟାଳୟକୁ ବ୍ଲକର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଭାବେ ପୁରସ୍କୃତ କରାଯାଇଛି। ପ୍ରଧାନଶିକ୍ଷକ ଅଶୋକ କୁମାର ତ୍ରିପାଠୀ ଶ୍ରେଷ୍ଠ ଅନୁଷ୍ଠାନ ଓ ବ୍ଲକରେ ଶ୍ରେଷ୍ଠ ପ୍ରଧାନଶିକ୍ଷକ ଭାବେ ପୁରସ୍କୃତ ହୋଇଥିଲେ। ସେହିପରି ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ସା ଶ୍ରେଷ୍ଠ ସ୍କୁଲ ପରିଚାଳନା କମିଟି ପୁରସ୍କାର ଗ୍ରହଣ କରିଥିଲେ।

# କ୍ରେଜି ଇଲେଭେନ କ୍ରିକେଟ କ୍ଲବ ଚାମ୍ପିୟନ

ଦେବଗଡ଼,୨୫।୨(ଶଶାଙ୍କ ଶେଖର ଝାଙ୍କର)

## ତ୍ରି ଦିବସୀୟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ


ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

ତିଲେଇବଣି ବ୍ଲକ ବଣିଆକିଲିଣ୍ଡା ପଞ୍ଚାୟତ ସଦର ମହକୁମାରେ ମା' ବ୍ରାହ୍ମଣୀ ଦେବୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ତ୍ରି ଦିବସୀୟ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବଣିଆକିଲିଣ୍ଡାର ଫିର ମିଲେଙ୍ଗେ କ୍ରିକେଟ କ୍ଲବକୁ ୨ ଉଇକେଟରେ ପରାସ୍ତ କରି କଲଣ୍ଡାର କ୍ରେଜି ଇଲେଭେନ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚକୁ ଅମ୍ପାୟାର ଭାବେ ସୁରେନ ଧଳ ଓ ପିଙ୍କୁ ସାହୁ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଆକାଶ ସାହୁ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଅପରାହ୍ନରେ ଆୟୋଜକ ମା' ବ୍ରାହ୍ମଣୀ ଦେବୀ କ୍ରିକେଟ କ୍ଲବ ସଭାପତି ତ୍ରନାଥ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥିଭାବେ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ସମ୍ମାନୀତ ଅତିଥିଭାବେ ଦେବଗଡ଼ ଜିଲା ବିଜେଡି ସଭାପତି ଇଂ.ଚିତରଞ୍ଜନ ପ୍ରଧାନ, ବିଜେଡି ନଗର ସଭାପତି ଶୁକଦେବ ଭଞ୍ଜ ଓ ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କର ପୂର୍ବତନ ସଭାପତି ଅମରେନ୍ଦ୍ର ଗଙ୍ଗଦେବ ଯୋଗଦେଇ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିବା ସହ ଚାମ୍ପିୟନ କ୍ରେଜି ଇଲେଭେନ କ୍ରିକେଟ କ୍ଲବ ଓ ରନର୍ସ ଅପ ଫିର ମିଲେଙ୍ଗେ କ୍ରିକେଟ କ୍ଲବକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ପପୁ ଦେବ, ଆନନ୍ଦ ଚନ୍ଦ୍ର ଦେବ, ମାନୁ ଦେବ ଓ କାଳିଆ ନାୟକଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ସକ୍ରୀୟ ସହଯୋଗ କରିଥିଲେ। ଶେଷରେ କ୍ଲବର ସମ୍ପାଦକ ଚନ୍ଦନ ଦେବ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିନା 'ହାତ'ରେ ଚିରଞ୍ଜୀବଙ୍କ ବନ୍ଧୁମିଳନ




ନାଉଗାଁ ବ୍ଲକ ଅନ୍ତର୍ଗତ ଚଗଲା ଦାସ ମଠ ପରିସରରେ ରବିବାର ଜଗତ୍‌ସିଂହପୁର ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା ଚିରଞ୍ଜୀବ ବିଶ୍ୱାଳ ସମର୍ଥକଙ୍କ ସହ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମରେ ।

## ନିର୍ବାଚନ ପୂର୍ବରୁ ବଦଳୁଛି ଜଗତ୍‌ସିଂହପୁର କଂଗ୍ରେସ ରାଜନୀତି

ଜଗତ୍‌ସିଂହପୁର, ୨୫।୨ (ପ୍ରମୋଦ କୁମାର ନାୟକ)

ଗତ ସାଧାରଣ ନିର୍ବାଚନ ପରଠାରୁ ବରିଷ୍ଠ କଂଗ୍ରେସ ନେତା ତଥା ଜଗତ୍‌ସିଂହପୁର ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ତାଙ୍କ ନିର୍ବାଚନମଣ୍ଡଳୀରେ ଦଳୀୟ କର୍ମୀଙ୍କଠାରୁ ଏକପ୍ରକାର ଖାପଛଡ଼ା ଦେଇ ଆସୁଥିଲେ । ହେଲେ ରବିବାର ନାଉଗାଁ ବ୍ଲକ ଅନ୍ତର୍ଗତ ଚଗଲା ଦାସ ମଠ ପରିସରରେ ବନ୍ଧୁମିଳନ ଆଳରେ ଲୋକଙ୍କ ସହ ଯୋଡ଼ି ହେବାକୁ ଚେଷ୍ଟା କରିଛନ୍ତି । କିନ୍ତୁ ଯେଉଁ ଢଙ୍ଗରେ ବନ୍ଧୁମିଳନ କରିଛନ୍ତି ତାହା ପ୍ରତ୍ୟେକଙ୍କୁ ବିସ୍ମିତ କରିଛି । କାରଣ ଏହା କଂଗ୍ରେସର ବନ୍ଧୁମିଳନ ବୋଲି କୁହାଯାଇଥିବାବେଳେ ବାସ୍ତବରେ ବ୍ୟାନରରେ ଦଳୀୟ ଚିହ୍ନ ଅର୍ଥାତ୍ ହାତ ଚିହ୍ନ ନ ରହିବା ଭିନ୍ନ ଧରଣର ଇସାରା ଦେଇଛି ।

ବନ୍ଧୁମିଳନରେ ଚିରଞ୍ଜୀବ କହିଥିଲେ, ଗତ ଜାନୁଆରୀ ପ୍ରଥମ ସପ୍ତାହରେ ବନ୍ଧୁମିଳନ ହେବାର ଥିଲା । ବିଭିନ୍ନ କାରଣରୁ ହୋଇପାରି ନ ଥିଲା । ବିଶେଷକରି ତାଙ୍କୁ ଦଳରୁ ନିଲମ୍ବନ କରାଯିବାରୁ ଏଥିରେ ବାଧା ଉପୁଜିଥିଲା । ଏନେଇ ମାନସିକ ଦୁଶ୍ଚିନ୍ତାରେ ଗତି କରୁଥିଲେ । ନିଲମ୍ବନ ଉଠିଲା ପରେ ପିସିସି ସଭାପତି ତାଙ୍କୁ ଫୋନ୍ କରିଥିଲେ । ତେବେ ଯାହାହେଉ ଜଗତ୍‌ସିଂହପୁର ନିର୍ବାଚନମଣ୍ଡଳୀ ବିଶେଷକରି ନାଉଗାଁ ବ୍ଲକର ଲୋକଙ୍କ ପାଖରେ ବିଗତ ଦିନରେ ସେ ଯେମିତି ରହି ଆସିଥିଲେ ସେମିତି ରହିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସାଙ୍ଗଠନିକ କାର୍ଯ୍ୟଠାରୁ ଦୂରେଇ ରହୁଥିବା ପ୍ରସଙ୍ଗକୁ ସ୍ୱୀକାର କରି କହିଥିଲେ, ବାସ୍ତବରେ ଦୀର୍ଘ ୪ ବର୍ଷ ହେଲା ସେ ଦଳୀୟ ନେତା ଓ କର୍ମୀଙ୍କ ସହ ଯେପରି ମିଶିବା କଥା ସେପରି ମିଶିପାରି ନାହାନ୍ତି, ତେଣୁ ଦୁଃଖିତ । ଏହାସତ୍ତ୍ୱେ କଂଗ୍ରେସ ଲୋକ ଏକଜୁଟ ହୋଇ ରହିଥିବାରୁ ସେ ଖୁସି ଅନୁଭବ କରିଥିଲେ । ଏହି ଅବସରରେ ସେ କହିଥିଲେ, ଆଉ ୮/୧୦ ଦିନ ପରେ ନିର୍ବାଚନ ମଣ୍ଡଳୀରେ ଏକ ବଡ଼ ଧରଣର କର୍ମୀ ସମ୍ମିଳନୀ ହେବ । ପ୍ରତ୍ୟେକେ ସଙ୍ଗଠିତ ହୋଇ ଆଗାମୀ କାର୍ଯ୍ୟପନ୍ଥା ଉପରେ ନିଷ୍ପତ୍ତି ନେବେ ବୋଲି ଚିରଞ୍ଜୀବ କହିଥିଲେ । ବିଜେଡିରେ ମିଶିବେ ବୋଲି ୪ ବର୍ଷ ହେବ ନିର୍ବାଚନମଣ୍ଡଳୀରେ ଚର୍ଚ୍ଚା ଲାଗି ରହୁଥିବାରୁ ସେ ସଂକ୍ରାନ୍ତରେ ପଚରାଯିବାରୁ ସେ କହିଛନ୍ତି, ସେ କହିଥିଲେ ମୂଳରୁ ମାଇପ ନାହିଁ, ପୁଅ ନାଁ ଗୋପାଳିଆ । ସେହିପରି ଯଦି ବିଜେଡିରୁ ଟିକେଟ ମିଳେ ପ୍ରଶ୍ନର ଉତ୍ତରରେ କହିଥିଲେ, ଯଦି କିମ୍ବା ସ୍ପେକୁଲେଶନର କିଛି ଉତ୍ତର ନ ଥାଏ । ତାଙ୍କ ଉପରେ ଏମିତି ବହୁତ ଆଲୋଚନା ହେଉଛି । ତେଣୁ ତା'ର କିଛି ଅର୍ଥ ନାହିଁ । ଠିକ ସମୟରେ ସେ ଏନେଇ ନିଷ୍ପତ୍ତି ନେବେ । କର୍ମୀମାନଙ୍କ ଧୈର୍ଯ୍ୟ ବହୁତ, ବରଂ ଅନ୍ୟମାନେ ଅଧୈର୍ଯ୍ୟ ହେଉଛନ୍ତି । ତେଣୁ ବ୍ୟସ୍ତ ହେବା ଉଚିତ ନୁହେଁ । ବ୍ୟାନରରେ ହାତ ଚିହ୍ନ ନ ଥିବା ସମ୍ପର୍କରେ କିନ୍ତୁ କୌଣସି ଉତ୍ତର ଦେଇ ନ ଥିଲେ । ଶେଷରେ ସମୟକୁ ଅପେକ୍ଷା କରନ୍ତୁ । ସମୟ ପାଖେଇ ଆସୁଥିଲେ ସୁଦ୍ଧା ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନିଆଯିବ । ଏବେଠୁ ସବୁ କହିଦେଲେ ଆଗକୁ କ'ଣ ରହିବ ବୋଲି ପାଲଟା ପ୍ରଶ୍ନ କରି ପ୍ରସଙ୍ଗକୁ ଭିନ୍ନ ମୋଡ଼ ଦେଇଥିଲେ ।

ବନ୍ଧୁମିଳନରେ ନାଉଗାଁ ବ୍ଲକ ପୂର୍ବତନ ଅଧ୍ୟକ୍ଷ ପ୍ରସନ୍ନ ପରିଡ଼ା, ଜିଲା କଂଗ୍ରେସ ଉପସଭାପତି ବିଚିତ୍ରାନନ୍ଦ ଲେଙ୍କା, ବ୍ଲକ କଂଗ୍ରେସ ସଭାପତି ନିରଞ୍ଜନ ବେହୁରା, ସରପଞ୍ଚ ଲିପକ ସାହୁ, ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ବେଣୁଧର ସ୍ୱାଇଁ, ଜିଲା ପରିଷଦ ପୂର୍ବତନ ସଭ୍ୟ ଦୁଃଶାସନ ନାୟକ, ପୂର୍ବତନ ଡେରିକି ସରପଞ୍ଚ ପ୍ରମିଳା ବିଶ୍ୱାଳ, ସୁନୀଲ ମାଟିଆ ପ୍ରମୁଖ ଯୋଗଦେଇ ଦେଇଥିଲେ । କୁହାଯାଉଛି ଯେହେତୁ ଚିରଞ୍ଜୀବ କେଉଁ ଦଳରୁ ପ୍ରାର୍ଥୀ ହେବାକୁ ଚାହାନ୍ତି ସ୍ପଷ୍ଟ କରି ନ ଥିଲେ, ତେଣୁ ସମ୍ଭାବ୍ୟ ପରିସ୍ଥିତିକୁ ନେଇ ରାଜନୈତିକ ବିଶେଷଜ୍ଞମାନେ ଭିନ୍ନ ଆକଳନ କରୁଛନ୍ତି । ସେ ସମ୍ଭବତଃ ବିଜେଡିରେ ଯୋଗ ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି ।

# ଭାଜପାରେ ଦେବାଶିଷ, ନୀହାର

ଭୁବନେଶ୍ୱର, ୨୫।୨ (ସୁନିତ୍ ମିଶ୍ର)

ବରୀର ପୂର୍ବତନ ବିଧାୟକ ତଥା ବିଜେଡି ନେତା ଦେବାଶିଷ ନାୟକ ରବିବାର ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେବାର କିଛି ସମୟ ପରେ ଭାଜପାରେ ଯୋଗ ଦେଇଛନ୍ତି । ଦେବାଶିଷ ତାଙ୍କ ସମର୍ଥକମାନଙ୍କ ସହ ଭାଜପାରେ ଯୋଗ ଦେଇଥିବା ବେଳେ ଦଳ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି । ସେହିପରି ପୂର୍ବତନ କଂଗ୍ରେସ ବିଧାୟକ ନୀହାର ମହାନନ୍ଦ ମଧ୍ୟ ଭାଜପାରେ ସାମିଲ ହୋଇଛନ୍ତି । ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଉଭୟଙ୍କୁ ଦଳର ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ସ୍ୱାଗତ କରିଛନ୍ତି । ଭାଜପାରେ ସାମିଲ ହେବାପରେ ବିଜେଡି ଉପରେ ବର୍ଷିଛନ୍ତି ଦେବାଶିଷ । ସେ କହିଛନ୍ତି ଯେ, ଅଣଓଡ଼ିଆଙ୍କ ଶାସନରେ ବିଜେଡି ଚାଲିଛି । ଦଳରେ ଗୋଟିଏ କୋଟେରି ଏବେ କାମ କରୁଛି । ପୂର୍ବରୁ ଦଳ ଯେଭଳି ଥିଲା, ଆଉ ସେମିତି ହୋଇ ରହିନି । ବିଜେଡି ଅନୁଭବ କରିସାରିଲାଣି, ତା'ର ଆଉ ଭୋଟ୍ ନାହିଁ । ତେଣୁ ବିଜେଡି ବିଭିନ୍ନ ଦଳରୁ ଲୋକଙ୍କୁ ଆମଦାନୀ କରୁଛି । ଓଡ଼ିଶାରେ ଜୟଲଳିଥା ସିଣ୍ଡ୍ରୋମ୍ କାମ କରୁଛି ବୋଲି ଦେବାଶିଷ କହିଛନ୍ତି । ସେ ଆହୁରି କହିଛନ୍ତି, ବିଜେଡି ଆରମ୍ଭ ବେଳେ ସେ ନବୀନବାବୁଙ୍କ ସାଙ୍ଗରେ ଥିଲେ । ସେତେବେଳେ ସେ ଭିନ୍ନ ମଣିଷ ଥିଲେ । ବହୁତ ଭଲ କାର୍ଯ୍ୟକ୍ରମ କରାଯାଉଥିଲା । ହେଲେ ବର୍ତ୍ତମାନ ସେ ବଦଳି ଯାଇଛନ୍ତି ବୋଲି ଦେବାଶିଷ କହିଛନ୍ତି । ଏବେ ସମସ୍ତେ ରାତି ଦିନ ଭାଜପା ପାଇଁ ଏକ କରି କାମ କରିବା, ଆଉ ବିଜେଡିକୁ ହଟାଇବା ପାଇଁ ଶପଥ ନେବା ବୋଲି ଦେବାଶିଷ କହିଛନ୍ତି । ଅନ୍ୟପଟେ ଦେବାଶିଷ ବିଜେଡିକୁ ଦେଇଥିବା ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଦଳର ପ୍ରାଥମିକ ସଦସ୍ୟ ପଦରୁ ସେ ଇସ୍ତଫା ଦେଇଛନ୍ତି । ଲୋକଙ୍କ କାମ କରିବା ଲାଗି ତାଙ୍କୁ ମିଳିଥିବା ବିଭିନ୍ନ ପଦ ପଦବୀ ପାଇଁ ସେ ଧନ୍ୟବାଦ ଜଣାଇଛନ୍ତି ।



ଭୁବନେଶ୍ୱରସ୍ଥିତ ଭାଜପା କାର୍ଯ୍ୟାଳୟଠାରେ ବିଜେଡିର ପୂର୍ବତନ ବିଧାୟକ ଦେବାଶିଷ ନାୟକ ଓ କଂଗ୍ରେସର ପୂର୍ବତନ ବିଧାୟକ ନୀହାର ମହାନନ୍ଦ କର୍ମୀମାନଙ୍କ ସହ ଦଳରେ ଯୋଗ ଦେଇଛନ୍ତି ।

# ବିଜେଡିରୁ ଭାଜପା, ଭାଜପାରୁ ବିଜେଡି

## ବରୀ ନିର୍ବାଚନମଣ୍ଡଳୀ

ଯାଜପୁର, ୨୫।୨ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ବରୀ ନିର୍ବାଚନମଣ୍ଡଳୀରେ ରାଜନୀତି ବେଶ୍ ରୋଚକ ରହିଆସିଛି । ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଓ ପରେ ଭାଜପା ନେତା ବିଜେଡିରେ ଏବଂ ଏବେ ୨୦୨୪ ନିର୍ବାଚନ ପୂର୍ବରୁ ବିଜେଡିର ବରିଷ୍ଠ ନେତା ଭାଜପା ଶିବିରାର୍ଥୀ ହୋଇଛନ୍ତି । ଦଳୀୟ ଟିକେଟ ପାଇବା ସର୍ତ୍ତରେ ଉଭୟ ଭାଜପା ଓ ବିଜେଡି ନେତା ବିରୋଧୀ ଶିବିରକୁ ଲମ୍ଫ ମାରୁଛନ୍ତି । କରୋନା ପରେ ଭାଜପାର ବିଶ୍ୱରଞ୍ଜନ ମଲ୍ଲିକ ବିଜେଡିରେ ଯୋଗଦେଇଥିବାବେଳେ ଏବେ ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ଦେବାଶିଷ ନାୟକ ବିଜେଡି ଛାଡ଼ି ଭାଜପାରେ ।

୨୦୦୯ରେ ବରୀ ନିର୍ବାଚନମଣ୍ଡଳୀ ପୁନର୍ଗଠିତ ହୋଇଥିଲା । ପୂର୍ବରୁ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକର ୧୮ ପଞ୍ଚାୟତ ଏଥିରେ ସାମିଲ ହୋଇଥିଲା । ପୁନର୍ଗଠନ ପରେ ଯାଜପୁର ଜିଲା ବରୀ ବ୍ଲକର ସମସ୍ତ ୨୯ ପଞ୍ଚାୟତ, ରସୁଲପୁରର ୧୦ ଏବଂ ଯାଜପୁର ବ୍ଲକର ୮ ପଞ୍ଚାୟତ ଏହି ନିର୍ବାଚନମଣ୍ଡଳୀରେ ରହିଛି । ୨୦୧୪ଠାରୁ ଏଠାରେ ବିଜେଡି କଡ଼ା ଟକ୍କରର ସମ୍ମୁଖୀନ ହୋଇଆସୁଛି । ଏହି ବର୍ଷ ବିଜେଡିର ଦେବାଶିଷ ନାୟକ ୭,୧୭୩ ଭୋଟ ବ୍ୟବଧାନରେ ସ୍ୱାଧୀନ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ହରାଇଥିଲେ । ଏହାପରେ ୨୦୧୯ରେ ଦେବାଶିଷଙ୍କୁ ଆଉ ବିଜେଡିରୁ ଟିକେଟ ମିଳି ନ ଥିଲା । ତଥାପି ଦେବାଶିଷ ବିଜେଡିର ଜଣେ ସକ୍ରିୟ କର୍ମୀ ଭାବରେ କାର୍ଯ୍ୟ କରୁଥିଲେ । ଏହି ସମୟରେ ବିଶ୍ୱରଞ୍ଜନ ସ୍ୱାଧୀନରୁ ଭାଜପାରେ ଯୋଗଦେଇ ୨୦୧୯ ନିର୍ବାଚନ ଲଢ଼ିଥିଲେ । ସେତେବେଳେ ଭାଜପା ନେତ୍ରୀ ସୁନନ୍ଦା ଦାସ ବିଜେଡିରେ ମିଶିବା ସହ ନିର୍ବାଚନ ଲଢ଼ି ବିଧାୟିକା ହୋଇଥିଲେ । ସେହି ନିର୍ବାଚନରେ ବି ଭାଜପା ସହ ବିଜେଡିର କଡ଼ା ଟକ୍କର ହୋଇଥିଲା । ବିଶ୍ୱରଞ୍ଜନ ୪,୦୬୨ ଭୋଟ ବ୍ୟବଧାନରେ ସୁନନ୍ଦାଙ୍କଠାରୁ ପରାସ୍ତ ହୋଇଥିଲେ । ଏହାପରେ ୨୦୨୨ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେଡିର ଦଳୀୟ ଟିକେଟର ଆଶ୍ୱାସନା ପାଇ ବିଶ୍ୱରଞ୍ଜନ ଭାଜପା ଛାଡ଼ିଥିଲେ । ସେବେଠାରୁ ବିଧାୟିକା ଓ ବିଶ୍ୱରଞ୍ଜନ ବିଜେଡିର ସମାନ୍ତରାଳ ପ୍ରଚାରରେ ମାତିଛନ୍ତି ।

ଭାଜପାରେ ଦେବାଶିଷ ଯୋଗଦେବା ପରେ ଦଳୀୟ ନେତୃତ୍ୱ ଭିନ୍ନ ଦିଗକୁ ଗତି କରିପାରେ ବୋଲି ଚର୍ଚ୍ଚା ହେଉଛି । ଏଭଳିସ୍ଥଳେ କଂଗ୍ରେସ ଛାଡ଼ି ୨ ବର୍ଷ ତଳୁ ଭାଜପାରେ ଯୋଗଦେଇଥିବା ଉମେଶ ଜେନାଙ୍କ ରାଜନୈତିକ ଭବିଷ୍ୟତ ଅନ୍ଧାର ଆଡ଼କୁ ଠେଲି ହୋଇଯାଇଛି ବୋଲି ଆଲୋଚନା ହେଲାଣି । ଭାଜପାରେ ଉମେଶ ଯୋଗଦେବା ପରେ ତୃଣମୂଳସ୍ତରରୁ ନିର୍ବାଚନମଣ୍ଡଳୀ ପର୍ଯ୍ୟନ୍ତ ସ୍ଥାନୀୟ ନେତୃତ୍ୱକୁ ସଶକ୍ତ କରିବାରେ ସକ୍ଷମ ହୋଇଛନ୍ତି । ବରୀରେ ଭାଜପା କର୍ମୀମାନେ ଉମେଶଙ୍କୁ ଆଗାମୀ ପ୍ରାର୍ଥୀ ଭାବେ ଗ୍ରହଣ କରି ନେଇଥିବାବେଳେ ଦେବାଶିଷଙ୍କ ଆଗମନ ବରୀ ରାଜନୀତିରେ ନୂଆ ସମୀକରଣ ସୃଷ୍ଟି କରିବାକୁ ଯାଉଛି ବୋଲି ମତପ୍ରକାଶ ପାଉଛି । ଏହି ୫ ବର୍ଷ ମଧ୍ୟରେ ବରୀରେ ବିଭିନ୍ନ ଦଳୀୟ ସ୍ଥିତିରେ ଅନେକ ପରିବର୍ତ୍ତନ ହୋଇଛି । ସାଙ୍ଗଠନିକ ଦକ୍ଷତା ଓ ଅର୍ଥବଳକୁ ବିଜେଡି ଏଠାରେ ଗୁରୁତ୍ୱ ଦେଉଥିବା କୁହାଯାଉଛି । ତେବେ ଜିତି ପାରିବାର ସାମର୍ଥ୍ୟ ଥିବା ନେତାଙ୍କୁ ବିଜେଡି ଟିକେଟ ମିଳିବ ବୋଲି ଗୋପନ ରଣନୀତି ଚାଲିଥିବା ଚର୍ଚ୍ଚା ହେଉଛି । ଏହିକ୍ରମରେ ବିଶ୍ୱରଞ୍ଜନ ଓ ସୁନନ୍ଦା ଆଗରେ ରହିଥିବାବେଳେ ଦେବାଶିଷଙ୍କ ନାମ ପ୍ରାୟତଃ ନ ଥିଲା ବୋଲି କହିଲେ ଚଳେ । ତାହାକୁ ଅନୁଭବ କରି ଦେବାଶିଷ ଭାଜପା ଉପରେ ଭରସା କରିଛନ୍ତି । ଦଳମତ ନିର୍ବିଶେଷରେ ଏଠାରେ ଶକ୍ତିଶାଳୀ ଚାଷୀ ସଂଗଠନ ଗଢ଼ିଉଠିଛି । ଚାଷୀ ସଂଗଠନ ଯଦିଓ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପକ୍ଷଧର ହୋଇନାହିଁ, ତଥାପି ସଂଗଠନ ଓ ଏହାର ଆନ୍ଦୋଳନରେ ସାମିଲ ହୋଇଥିବା ନେତାଙ୍କ ପ୍ରତି ଚାଷୀ ମହଲରେ ସମର୍ଥନ ରହିଛି । ଦେବାଶିଷ ୨୦୧୯ ପରଠାରୁ ଲୋକଙ୍କ ସହ ସୁସମ୍ପର୍କ ରଖିବାରେ ବିଫଳ ହୋଇଥିବା କୁହାଯାଉଥିବାବେଳେ ବିଶ୍ୱରଞ୍ଜନ ବିଜେଡିରେ ଯୋଗଦେବା ପରେ ଭାଜପାର ସାଙ୍ଗଠନିକ ସ୍ଥିତି ଦୁର୍ବଳ ହୋଇଥିବା ମନେହେଉଛି । ତେଣୁ ଦେବାଶିଷ ଓ ଉମେଶ ଏକ ହୋଇ ଭାଜପାର ସାଙ୍ଗଠନିକ ସ୍ଥିତିକୁ ଆଗେଇ ନେଲେ ବିଜେଡିକୁ ଟକ୍କର ଦିଆଯାଇପାରିବ ବୋଲି କର୍ମୀମାନେ ଆଶା କରୁଛନ୍ତି ।

ଯାଜପୁର ଜିଲାର ଭୋଟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମୁହଁକୁ ଦେଖି ବିଧାନସଭା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାୱାରେ ଲୋକ ସଭା ଭୋଟ ଦେଉଥିବା ଦେଖିବାକୁ ମିଳିଛି । ୨୦୧୯ ଲୋକ ସଭା ନିର୍ବାଚନ ତୁଳନାରେ ୨୦୨୪ରେ ଅଧିକ ମୋଦି ହାୱା ରହିବା ସମ୍ଭାବନା ରହିଛି । ଏହି ସମ୍ଭାବନାକୁ ଆଧାର କରି ବିଜେଡିର ବହୁ କୋଣଠେସା ନେତା ଏବେ ଭାଜପାମୁହାଁ ହେଉଥିବା ଚର୍ଚ୍ଚା ହେଉଛି । ତେଣୁ ଭାଜପାରୁ ବିଜେଡି ଓ ବିଜେଡିରୁ ଭାଜପାକୁ ଆଦରିଥିବା ନେତାମାନେ କେତେଦୂର ନିଜ ଚେଷ୍ଟାରେ ସଫଳ ହେବେ ତାହା ସମୟ ହିଁ କହିବ ।

# ଅସିତ୍‌ଙ୍କ ବାସଭବନରେ ବିଧାୟକ ବିରୋଧୀଙ୍କ ମେଳି

ଭଦ୍ରକ, ୨୫।୨ (ସନାତନ ରାଉତ)



ଅସିତ୍ ପଟ୍ଟନାୟକଙ୍କ ଭଦ୍ରକସ୍ଥିତ ବାସଭବନରେ ସମର୍ଥକମାନେ ।

୫-ଟି ଅଧ୍ୟକ୍ଷ ଶନିବାର ଭଦ୍ରକ ଜିଲାର ଧାମନଗର ଓ ଭଣ୍ଡାରିପୋଖରୀ ବ୍ଲକ ଗସ୍ତ ସାରି ଫେରିବା ପରେ ସନ୍ଧ୍ୟାରେ ବିଜେଡିର ଯୁବନେତା ଅସିତ୍ ପଟ୍ଟନାୟକଙ୍କ ବାସଭବନରେ ଭଦ୍ରକ ବିଧାୟକ ବିରୋଧୀଙ୍କ ମେଳି ହୋଇଛି । ନିର୍ବାଚନ ପାଖେଇ ଆସୁଥିବାରୁ ଭଦ୍ରକ ବିଧାନସଭା ଆସନ ଟିକେଟ୍ ପାଇଁ ଅସିତ୍‌ଙ୍କୁ ତାଙ୍କର ସମର୍ଥକମାନେ ନୀରବ ନ ରହି ନିଜର ନେତୃତ୍ୱ ଜାହିର କରିବାକୁ ଚାପ ପକାଉଥିବାର ଭିଡିଓ ଭାଇରାଲ ହେଉଛି । ଭଦ୍ରକ ପୌରାଧ୍ୟକ୍ଷାଙ୍କ ସ୍ୱାମୀ ଜାହିଦ୍ ହବିବ ନୀରବ ନ ରହି ଏବେଠାରୁ ସ୍ୱର ଉତ୍ତୋଳନ କରିବାକୁ ଅସିତ୍‌ଙ୍କୁ କହିବା ସହ ବିଜେଡିରୁ ଟିକେଟ୍ ନ ମିଳିଲେ ଆଗକୁ ଦଳୀୟ ବିଶୃଙ୍ଖଳା ହେବ ବୋଲି ଚେତାବନୀ ଦେଉଥିବା ଭିଡିଓରୁ ଜଣାପଡ଼ିଛି । ଭଦ୍ରକର ବିକାଶ କେବଳ ଟା' ଖଟିରେ ସୀମିତ ରହିଛି ବୋଲି ସେ କହିଥିଲେ ।

ପୂର୍ବତନ ସରପଞ୍ଚ ଭରତ ତ୍ରିପାଠୀ, ପଞ୍ଚାନନ ଲେଙ୍କା, ଯୁବନେତା ତପନ ରାଉତ, ନାରାୟଣ ଜେନା, ନାସିରୁଦ୍ଦିନ ଖାଁ, ଶରତ ସ୍ୱାଇଁ, ବିପ୍ଳବ ରାଉତଙ୍କ ସମେତ ବହୁ ପୂର୍ବତନ ସରପଞ୍ଚ, ସମିତିସଭ୍ୟ ଓ ଜିଲା ପରିଷଦ ସଭ୍ୟ ଉପସ୍ଥିତ ଥିଲେ । ତେବେ ଏନେଇ ଅସିତ୍ କହିଛନ୍ତି, ୫-ଟି ଅଧ୍ୟକ୍ଷଙ୍କ ଭଦ୍ରକ ଗସ୍ତ କାର୍ଯ୍ୟକ୍ରମ ସାରି ସେ ଘରକୁ ଫେରିଥିଲେ । ସନ୍ଧ୍ୟାରେ ସମର୍ଥକମାନେ ପହଞ୍ଚି ଏକାଠି ହୋଇଥିଲେ । ବିଧାୟକଙ୍କ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରିବା ସହ ବିଭିନ୍ନ ଅଭିଯୋଗ ମଧ୍ୟ ଉଠାଇଥିଲେ । ୨୦୧୯ରେ ଟିକେଟ୍ ନ ପାଇ ସେ ନୀରବ ରହିଥିଲେ । ଏଥର ତା'ର ପୁନରାବୃତ୍ତି ନ ହେବାକୁ ସେମାନେ ତାଙ୍କ ଉପରେ ଚାପ ପକାଉଛନ୍ତି । ତାଙ୍କର ଆଶା ଅଛି, ଦଳ ତାଙ୍କୁ ନ୍ୟାୟ ପ୍ରଦାନ କରିବ । ଲୋକଙ୍କ ନିଷ୍ପତ୍ତିକୁ ସେ ସମ୍ମାନ ଜଣାଇବେ । ନିର୍ବାଚନମଣ୍ଡଳୀକୁ ଅନେକ କୋଟି ଟଙ୍କା ଆସୁଥିବା ବେଳେ ତାହାର ସଦୁପଯୋଗ ହୋଇପାରୁ ନାହିଁ । ଏହି କାରଣରୁ ନିର୍ବାଚନମଣ୍ଡଳୀରେ ଅସନ୍ତୋଷ ବୃଦ୍ଧି ପାଉଛି ବୋଲି ସେ କହିଛନ୍ତି ।

# ଟିକେଟ ପାଇଁ ଆବେଦନ କଲେଣି ୧୦ ହଜାରରୁ ଅଧିକ ଆଶାୟୀ: ପ୍ରଣବ

ଭୁବନେଶ୍ୱର, ୨୫।୨ (ସୁନିତ୍ ମିଶ୍ର)



ପ୍ରଣବ ପ୍ରକାଶ ଦାସ

ଗତ କିଛିବର୍ଷ ଧରି ଜାତୀୟସ୍ତରର ସବୁ ସର୍ଭେ ରିପୋର୍ଟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ ହୋଇଥିବାର ଗୌରବ ପ୍ରଦାନ କରିଛନ୍ତି । ସେହିଭଳି ୨୦୨୨ ପଞ୍ଚାୟତ ନିର୍ବାଚନରେ ୫୨%ରୁ ଅଧିକ ଭୋଟ ହାର ସାଙ୍ଗକୁ ୩୦ରୁ ୩୦ ଜିଲା ପରିଷଦରେ ରାଜ୍ୟବାସୀ ବିଜେଡିକୁ ଜିତାଇଛନ୍ତି । ଏହାଦ୍ୱାରା ବିଜେଡିକୁ ଓଡ଼ିଶାର ଏକ ନମ୍ବର ରାଜନୈତିକ ଦଳ ବୋଲି ରାଜ୍ୟବାସୀ ପ୍ରମାଣିତ କରିଥିବା ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି । ସାମାଜିକ ଗଣମାଧ୍ୟମ 'ଏକ୍ସ' ଜରିଆରେ ପ୍ରଣବ କହିଛନ୍ତି ଯେ, ସାଢ଼େ ୪ କୋଟି ଓଡ଼ିଶାବାସୀ ବିଜେଡି ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଭଲପାଇବାକୁ ଏହା ପ୍ରତିପାଦିତ କରୁଛି । ଏହି ଦୁଇଟି କଥା ନିରାଟ ସତ୍ୟ । ୨୦୨୪ ସାଧାରଣ ନିର୍ବାଚନରେ ଟିକେଟ ପାଇଁ ୧୦ ହଜାରରୁ ଅଧିକ ଆଶାୟୀଙ୍କ ଆବେଦନପତ୍ର ଦଳକୁ ପ୍ରାପ୍ତ ହୋଇଛି । ଅତ୍ୟନ୍ତ ଖୁସିର କଥା ଯେ, ବହୁସଂଖ୍ୟକ ପେସାଦାର ବ୍ୟକ୍ତି ଏବଂ ଜାତୀୟ ରାଜନୈତିକ ଦଳର ନେତାମାନେ ମଧ୍ୟ ବିଜେଡି ଟିକେଟ ପାଇଁ ଆବେଦନ କରୁଛନ୍ତି । ଆମର ଦୃଢ଼ ବିଶ୍ୱାସ ଏହି ନିର୍ବାଚନରେ ସାଢ଼େ ୪ କୋଟି ରାଜ୍ୟବାସୀଙ୍କ ଆଶୀର୍ବାଦ ବଳରେ ବିଜେଡି ଏକ ଐତିହାସିକ ବିଜୟ ଆଡ଼କୁ ଗତି କରୁଛି । ଏହି ବିପୁଳ ସଂଖ୍ୟକ ଆବେଦନ ଦର୍ଶାଉଛି, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ପ୍ରତି ଲୋକଙ୍କ ଆସ୍ଥା ଓ ବିଶ୍ୱାସ ବଢ଼ି ଚାଲିଛି । ନବୀନଙ୍କୁ ଲଗାତର ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ଲାଗି ଓଡ଼ିଶାବାସୀ ମନ ସ୍ଥିର କରିସାରିଥିବା ପ୍ରଣବ ଉଲ୍ଲେଖ କରିଛନ୍ତି ।

# ୩ ଦଳ ପାଇଁ ସମ୍ମାନର ପ୍ରଶ୍ନ

## ବାଙ୍କୀ ବିଧାନସଭା ନିର୍ବାଚନମଣ୍ଡଳୀ

ବାଙ୍କୀ, ୨୫।୨ (ଜ୍ଞାନରଞ୍ଜନ ମିଶ୍ର)



ଦେବୀରଞ୍ଜନ ତ୍ରିପାଠୀ



ଦେବାଶିଷ ପଟ୍ଟନାୟକ



ଶୁଭ୍ରାଂଶୁ ମୋହନ ପାଢ଼ୀ

କଟକ ଜିଲା ଅନ୍ତର୍ଗତ ବାଙ୍କୀ ବିଧାନସଭା ନିର୍ବାଚନମଣ୍ଡଳୀ ବାଙ୍କୀ ଏନ୍‌ଏସି, ବାଙ୍କୀ ବ୍ଲକ, ଡମପଡ଼ା ବ୍ଲକ ଏବଂ ବାରଙ୍ଗ ବ୍ଲକର ୮ଟି ପଞ୍ଚାୟତକୁ ନେଇ ଗଠିତ । ଏଠାରୁ ବିଜେଡି ପ୍ରାର୍ଥୀ ଲଗାତର ୩ ଥର ଜିତି ଆସିଛନ୍ତି । ୨୦୦୪ରେ କଂଗ୍ରେସ ପ୍ରାର୍ଥୀ ଦେବାଶିଷ ପଟ୍ଟନାୟକ ବିଜୟୀ ହୋଇଥିଲେ । ୨୦୦୯ ଓ ୨୦୧୪ରେ ବିଜେଡିର ପ୍ରଭାତ ତ୍ରିପାଠୀ ଏବଂ ୨୦୧୯ରେ ତାଙ୍କ ପୁଅ ଦେବୀରଞ୍ଜନ ତ୍ରିପାଠୀ ବିଜେଡି ଟିକେଟ ପାଇ ଜୟଯୁକ୍ତ ହୋଇଥିଲେ । ତେବେ ଚିଟ୍‌ଫଣ୍ଡ ଲିଙ୍କ୍‌ରେ ପ୍ରଭାତଙ୍କ ସମ୍ପୃକ୍ତି ଅଭିଯୋଗ ଆସିବା ପରେ ୨୦୧୯ରେ ବିଜେଡିରୁ ତାଙ୍କୁ ଟିକେଟ ମିଳି ନ ଥିଲା । ତଥାପି ପ୍ରଭାତଙ୍କୁ ସନ୍ତୁଷ୍ଟ କରିବା ପାଇଁ ତାଙ୍କ ପୁଅଙ୍କୁ ଦଳ ଟିକେଟ ଦେଇଥିଲା ।

୫ ବର୍ଷ ଭିତରେ ବାଙ୍କୀରେ ସେମିତି ଆଖିଦୃଶିଆ କାର୍ଯ୍ୟ ଦେଖିବାକୁ ମିଳି ନ ଥିବାବେଳେ ଦେବୀରଞ୍ଜନ କିନ୍ତୁ ରାଜନୈତିକ କ୍ୟାରିୟରକୁ ବେଶ୍ ମଜଭୁତ କରିପାରିଛନ୍ତି । ଇତିମଧ୍ୟରେ ସେ ଛାତ୍ର ବିଜେଡିର ରାଜ୍ୟ ସଭାପତି ଦାୟିତ୍ୱରେ ରହିଛନ୍ତି । ଏପରି କି ବିଭିନ୍ନ ଜିଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ ମଧ୍ୟ ତାଙ୍କୁ ମିଳିଛି । ତେଣୁ ୨୦୨୪ରେ ଟିକେଟ ମିଳିବା ନେଇ ଦେବୀରଞ୍ଜନ ଆଶାବାଦୀ । ଏପରି କି ପ୍ରଭାତ ମଧ୍ୟ ଟିକେଟ ଲବିରେ ଥିବା ଆଲୋଚନା ହେଉଛି । ତେବେ ଏଭଳି ଆଲୋଚନାକୁ ପ୍ରଭାତ ଖଣ୍ଡନ କରିଛନ୍ତି । ବାଙ୍କୀ ନିର୍ବାଚନମଣ୍ଡଳୀ ପାଇଁ ଦେବୀରଞ୍ଜନଙ୍କୁ ଟିକେଟ ମିଳିବାରେ ସେଭଳି କୌଣସି ଅସୁବିଧା ନାହିଁ । ତେବେ ଦଳ ଯାହା ନିଷ୍ପତ୍ତି ନେବ ସେହି ଅନୁସାରେ କାମ କରିବେ ବୋଲି ପ୍ରଭାତ କହିଛନ୍ତି ।

ଅପରପକ୍ଷରେ କଂଗ୍ରେସର ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ ୨୦୧୪ରେ ବାଙ୍କୀ ନିର୍ବାଚନମଣ୍ଡଳୀ ଛାଡ଼ି ବେଗୁନିଆରୁ ପ୍ରାର୍ଥୀ ହୋଇ ଯେଉଁ ଭୁଲ୍ କରିଥିଲେ ତା'ର ପରିଣାମ ୨୦୧୯ରେ ଭୋଗିଥିଲେ । ଗତ ନିର୍ବାଚନରେ ସେ ବାଙ୍କୀ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ସୁଦ୍ଧା ଭୋଟର ତାଙ୍କ ଉପରେ ଭରସା କରିପାରି ନ ଥିଲେ । ତଥାପି ବାଙ୍କୀରେ କଂଗ୍ରେସର ଯେଉଁ ନିର୍ଦ୍ଦିଷ୍ଟ ପକେଟ ଭୋଟ ରହିଛି, ତାକୁ ପାଇ ଦେବାଶିଷ ୨ୟ ସ୍ଥାନରେ ରହିଥିଲେ । ଗତ ୫ ବର୍ଷ ମଧ୍ୟରେ ସେ ବିଭିନ୍ନ ପ୍ରସଙ୍ଗରେ ଲୋକଙ୍କ ସାଙ୍ଗରେ ରହିଛନ୍ତି । ତେଣୁ ଏଥର ଦଳୀୟ ଟିକେଟ ହାସଲ କରି ବିଜୟୀ ହେବାକୁ ଜୋରସୋର ଉଦ୍ୟମ ଆରମ୍ଭ କରିଛନ୍ତି ।

ଭାଜପା କଥା ଦେଖିଲେ ବାଙ୍କୀରେ ଦଳ ପୂର୍ବାପେକ୍ଷା ସ୍ଥିତି ସୁଦୃଢ଼ କରିବାରେ ଲାଗିଛି । ୨୦୦୯ ଓ ୨୦୧୪ରେ ଦଳର ପ୍ରାର୍ଥୀ ୧୦ହଜାରରୁ କମ୍ ଭୋଟ ପାଇଥିବାବେଳେ ୨୦୧୯ରେ ଭାଜପା ପ୍ରାର୍ଥୀ ଶୁଭ୍ରାଂଶୁ ମୋହନ ପାଢ଼ୀ ୩୨ହଜାର ଭୋଟ ପାଇଥିଲେ । ଦଳର ନେତା ଓ କର୍ମୀଙ୍କ ମଧ୍ୟରେ ଗୋଟେ ପ୍ରକାର ଦୃଢ଼ ଆଶା ସଞ୍ଚାର ହୋଇଥିଲା । ଏପରି କି ଗତ ୫ବର୍ଷରେ କେନ୍ଦ୍ର ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଇବା ସହିତ ଏକାଧିକ କେନ୍ଦ୍ରମନ୍ତ୍ରୀଙ୍କୁ ନିର୍ବାଚନମଣ୍ଡଳୀକୁ ଆଣି ଏକ ପ୍ରକାର ମାହୋଲ ସୃଷ୍ଟି କରିଛନ୍ତି । ଭାଜପାର ତୁଷାରକାନ୍ତି ଚକ୍ରବର୍ତ୍ତୀ, ଯିଏକି ଏବେ ବାରଙ୍ଗ ଜିଲା ପରିଷଦ ସଦସ୍ୟ ରହିଛନ୍ତି, ସେ ମଧ୍ୟ ଦଳୀୟ କାର୍ଯ୍ୟକ୍ରମ ଜାରି ରଖିଛନ୍ତି । ତେଣୁ ୨୦୨୪ ନିର୍ବାଚନ ୩ ଦଳ ପାଇଁ ସମ୍ମାନର ପ୍ରଶ୍ନ ବୋଲି ମତଦାତା ମହଲରେ ଆଲୋଚନା ହେଉଛି ।

## ସଂକ୍ଷେପରେ

### ୫ ବର୍ଷରେ ୨୭୫ ହାଜତ ବଳାତ୍କାର ମାମଲା

**ନୂଆଦିଲ୍ଲୀ,୨୫।୨(ପି.ଟି.):** ୨୦୧୭ରୁ ୨୦୨୨ ଗତ ୫ ବର୍ଷ ମଧ୍ୟରେ ଦେଶର ବିଭିନ୍ନ ହାଜତରେ ୨୭୦ରୁ ଊର୍ଦ୍ଧ୍ୱ ବଳାତ୍କାର ମାମଲା ପଞ୍ଜୀକୃତ ହୋଇଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ତଥ୍ୟରୁ ଏହା ଜଣାପଡ଼ିଛି। ଆଇନ ପ୍ରଣୟନ ବ୍ୟବସ୍ଥାରେ ସମ୍ବେଦନଶୀଳତା ଓ ଉତ୍ତରଦାୟିତ୍ୱର ଅଭାବରୁ ଏଭଳି ଘଟଣା ଘଟୁଥିବା ମାନବାଧିକାର କର୍ମୀମାନେ ବିଶ୍ୱାସ କରୁଛନ୍ତି। ଅପରାଧୀଙ୍କ ମଧ୍ୟରେ ପୋଲିସ କର୍ମଚାରୀ, ସରକାରୀ କର୍ମଚାରୀ, ସଶସ୍ତ୍ର ବଳର ସଦସ୍ୟ, ଜେଲ୍ କର୍ମଚାରୀ ରହିଛନ୍ତି। ହାଜତ, ରିମାଣ୍ଡ ହୋମ୍, ହସ୍ପିଟାଲ ଆଦି ସ୍ଥାନରେ ମହିଳା କଏଦୀଙ୍କୁ ବଳାତ୍କାର କରାଯାଉଥିବା ଏନ୍‌ସିଆର୍‌ବି ରିପୋର୍ଟରେ କୁହାଯାଇଛି। ୨୦୧୭ରେ ୮୯ଟି ହାଜତ ବଳାତ୍କାର ଘଟଣା ଘଟିଥିବାବେଳେ ୨୦୧୮ରେ ୬୦, ୨୦୧୯ରେ ୪୭, ୨୦୨୦ରେ ୨୯, ୨୦୨୧ରେ ୨୬ ଏବଂ ୨୦୨୨ରେ ୨୪ଟି ମାମଲା ଘଟିଛି।

### ରିପବ୍ଲିକାନ୍ ପ୍ରାଇମେରି: ନିଜ ରାଜ୍ୟରେ ହାରିଲେ ନିକ୍କି



**ଚାର୍ଲେଷ୍ଟନ,୨୫।୨:** ଆମେରିକାର ସାଉଥ୍ କରୋଲିନାରେ ଶନିବାର ଅନୁଷ୍ଠିତ ରିପବ୍ଲିକାନ୍ ପ୍ରାଇମେରିରେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଜୟୀ ହୋଇଛନ୍ତି। ପ୍ରାର୍ଥିତ୍ୱ ଦୌଡ଼ରେ ତାଙ୍କର ଏକମାତ୍ର ପ୍ରତିଦ୍ୱନ୍ଦ୍ୱୀ ଥିବା ଜାତିସଂଘର ପୂର୍ବତନ ଆମ୍ବାସାଡର ନିକ୍କି ହାଲି ନିଜ ରାଜ୍ୟରେ ହାରିଯାଇଛନ୍ତି। ଫଳରେ ରିପବ୍ଲିକାନ୍ ପାର୍ଟିରୁ ଟ୍ରମ୍ପ ତୃତୀୟ ଥର ପ୍ରାର୍ଥୀ ହେବା ଆଶା ଅଧିକ ଦୃଢ଼ ହୋଇଛି। ପୂର୍ବରୁ ସେ ଆଇଓ୍ୱା, ନ୍ୟୁ ହାମ୍ପଶାୟାର, ନେଭଡା ଏବଂ ୟୁଏସ୍ ଭିର୍ଜିନ୍ ଆଇଲାଣ୍ଡ ପ୍ରାଇମେରି ଜିତିଛନ୍ତି। ସାଉଥ୍ କରୋଲିନାରେ ଟ୍ରମ୍ପଙ୍କ ବିଜୟ ଫଳରେ ନିକ୍କିଙ୍କୁ ପ୍ରାର୍ଥିତ୍ୱ ଦୌଡ଼ରୁ ଓହରିଯିବା ପାଇଁ ଚାପ ବଢ଼ାଇପାରେ ବୋଲି କୁହାଯାଉଛି।

### ହାଇଦ୍ରାବାଦରେ ଗଞ୍ଜା ଚକୋଲେଟ୍ ବିକୁଥିବା ଓଡ଼ିଆ ଯୁବକ ଗିରଫ

**ହାଇଦ୍ରାବାଦ,୨୫।୨:** ହାଇଦ୍ରାବାଦରେ ଗଞ୍ଜା ଚକୋଲେଟ୍ ବିକ୍ରି କରୁଥିବା ଓଡ଼ିଶାର ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ଅନନ୍ତ କୁମାର ବାରାକ ନାମକ ଏହି ଯୁବକ ହାଇଦ୍ରାବାଦ ଉପକଣ୍ଠ ବାଲାନଗର ଅଞ୍ଚଳରେ ଗଞ୍ଜେଇରୁ ତିଆରି ଚକୋଲେଟ୍ ବିକୁଥିବାବେଳେ ଧରାପଡ଼ିଥିଲେ। ପୋଲିସ ତାଙ୍କ ଦୋକାନରୁ ୧୪୦ଟି ଗଞ୍ଜା ଚକୋଲେଟ୍ ଜବତ କରିଛି। ସେ ଶ୍ରମିକ ଏବଂ ଛାତ୍ରମାନଙ୍କୁ ଏହି ଚକୋଲେଟ୍ ବିକୁଥିଲେ ବୋଲି ସ୍ୱୀକାର କରିଛନ୍ତି। ୧୪% ଗଞ୍ଜେଇ ପତ୍ର ଅର୍କ ରହିଥିବା ୫ ଗ୍ରାମର ଏହି ଚକୋଲେଟ୍ ୨୦ ଟଙ୍କା ଦରରେ ବିକ୍ରି ହେଉଥିଲା। ପୂର୍ବରୁ ବାଲେଶ୍ୱରର ଜଣେ ଶ୍ରମିକ କୋକାପେଟ୍‌ରେ ଗଞ୍ଜା ଚକୋଲେଟ୍ ବିକ୍ରି କରି ଧରିପଡ଼ିଥିଲେ।



ଅନନ୍ତ ବାରାକ

# ଭାରତରେ ଅଧିକ ବେରୋଜଗାରି

**ନୂଆଦିଲ୍ଲୀ,୨୫।୨**

୨୦୨୨ରେ ଭାରତର ଯୁବ ବେରୋଜଗାରି ହାର ୨୩.୨୨% ଥିଲା, ଯାହାକି ଅନ୍ୟ ପଡ଼ୋଶୀ ଦେଶଗୁଡ଼ିକ ତୁଳନାରେ ସର୍ବାଧିକ। ଯୁବ ବେରୋଜଗାରି ହାର ପାକିସ୍ତାନରେ ୧୧.୩% ଥିବାବେଳେ ବାଂଲାଦେଶରେ ୧୨.୯% ଓ ଭୁଟାନରେ ୧୪.୪% ଥିଲା। ସେହି ବର୍ଷ ଚାଇନାରେ ବେକାରି ହାର ୧୩.୨ ପ୍ରତିଶତ ରହିଥିବା ବିଶ୍ୱବ୍ୟାଙ୍କ ରିପୋର୍ଟରୁ ଜଣାପଡ଼ିଛି।

ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ (ଆଇଏଲ୍‌ଓ)ର ଆକଳନ ଆଧାରରେ ପ୍ରସ୍ତୁତ ଉକ୍ତ ରିପୋର୍ଟ ଅନୁସାରେ ସିରିଆରେ ୨୨.୧%, ଇଣ୍ଡୋନେସିଆ ୧୩%, ମାଲେସିଆ ୧୧.୭%, ଭିଏତ୍‌ନାମ ୭.୪%, ଦକ୍ଷିଣ କୋରିଆ ୬.୯% ଓ ସିଙ୍ଗାପୁରରେ ଯୁବ ବେରୋଜଗାରି ହାର ୬.୧% ରହିଥିଲା। ଯୁବ ବେରୋଜଗାରି କହିଲେ ଶ୍ରମଶକ୍ତିର ୧୫ରୁ ୨୪ ବର୍ଷ ବୟସ୍କ ବ୍ୟକ୍ତିଙ୍କୁ ବୁଝାଏ, ଯାହାଙ୍କ ହାତରେ ନିଯୁକ୍ତି ନ ଥାଏ। ସେମାନେ ସ୍କୁଲ, କଲେଜରେ ସଦ୍ୟ ପାଠପଢ଼ା ସାରି ତତ୍ପରତା ସହ ଚାକିରି ଖୋଜୁଥାଆନ୍ତି। ୧୫-୩୪ ବର୍ଷ ବୟସ୍କ ପ୍ରାୟ ୩୬% ଭାରତୀୟ ଦେଶରେ ବେରୋଜଗାରିକୁ ସବୁଠୁ ବଡ଼ ସମସ୍ୟା ବୋଲି ମନେକରନ୍ତି। କ୍ୟାରିୟର ଅଭିଳାଷା, ନିଯୁକ୍ତି ପସନ୍ଦ ଓ ଭାରତୀୟ ଯୁବପିଢ଼ିଙ୍କ ଆକାଂକ୍ଷାକୁ ବିଶ୍ଳେଷଣ କରିବା ପାଇଁ ଲୋକନୀତି-ସିଏସ୍‌ଡିଏସ୍ ପକ୍ଷରୁ କରାଯାଇଥିବା ଏକ ସର୍ବେକ୍ଷଣରୁ ଏହି ବିଷୟ ଜଣାପଡ଼ିଛି। ଏଥିରେ ଆହୁରି କୁହାଯାଇଛି ଯେ, ଗତ ୧ ଦଶନ୍ଧି ମଧ୍ୟରେ ଭାରତର ଯୁବ ବେରୋଜଗାରି ହାର ପ୍ରାୟ ୨୨% ରହିଆସିଥିଲା।

'ବେକାର' ରୂପେ ପଞ୍ଜୀକୃତ ହେବା ପାଇଁ ଜଣେ ବ୍ୟକ୍ତି ନିଶ୍ଚିତ ଭାବେ କାର୍ଯ୍ୟକ୍ଷମ ଓ ବେରୋଜଗାର ହୋଇଥିବା ଦରକାର। ଏଥିସହ ସେ ଚାକିରି ମଧ୍ୟ ଖୋଜୁଥିବା ଆବଶ୍ୟକ। ସାଧାରଣତଃ ଯୁବ ବେରୋଜଗାରି ହାର ବୟସ୍କ ବେରୋଜଗାରି ହାରଠାରୁ ଅଧିକ ରହିଥାଏ। କାରଣ ଅନେକ ସ୍ନାତକ ଡିଗ୍ରୀ ହାସଲକାରୀ ବ୍ୟକ୍ତି ନିଜ ଶିକ୍ଷା ଶେଷ କରିବା ପରେ ଚାକିରି ପାଇ ନ ଥାନ୍ତି। ଭାରତରେ ମଧ୍ୟ ଏହି ସ୍ଥିତି ଦେଖିବାକୁ ମିଳିଥାଏ। ଜାତୀୟ ବେରୋଜଗାରି ହାରଠାରୁ ଯୁବ ବେରୋଜଗାରି ଅଧିକ ରହିଆସିଛି। ୨୦୨୦ରେ କୋଭିଡ୍-୧୯ ମହାମାରୀଜନିତ ଲକ୍‌ଡାଉନ୍ ବେଳେ ଦେଶରେ ବେରୋଜଗାରି ହାର ସର୍ବାଧିକ ୩୦.୯୦% ଥିବାବେଳେ ୨୦୨୧ରେ ଏହା ସାମାନ୍ୟ ହ୍ରାସ ପାଇ ୨୩.୮୯% ଥିଲା। ୨୦୨୨ରେ ଭାରତୀୟ ଯୁବ ବେରୋଜଗାରିଙ୍କ ହାର ୨୩.୨୨% ରହିଥିଲା। ତେବେ ଏସିଆ-ପ୍ରଶାନ୍ତ ମହାସାଗରିୟ କ୍ଷେତ୍ରର ରାଷ୍ଟ୍ରଗୁଡ଼ିକୁ ଦେଖିଲେ ଭାରତରେ ବେକାରି ସମସ୍ୟା ମଧ୍ୟମ ସ୍ଥିତିରେ ରହିଛି। କାମ୍ବୋଡିଆରେ ସର୍ବନିମ୍ନ ୧%ରୁ କମ୍ ବେରୋଜଗାରି ଥିବାବେଳେ ଆଫଗାନିସ୍ତାନରେ ଏହା ସର୍ବାଧିକ ୮.୮% ରହିଛି। ବିଗତ ୨ ଦଶନ୍ଧିର ସ୍ଥିତିକୁ ଅନୁଧ୍ୟାନ କଲେ ପୂର୍ବ ଏସିଆ ଓ ପାସିଫିକ୍ ତୁଳନାରେ ଆରବ ଜଗତରେ ବିଶ୍ୱର ସର୍ବାଧିକ ବେରୋଜଗାରି ରହିଥିବା ଜଣାଯାଏ।



**ଯୁବ ବେରୋଜଗାରି ହାର**

| ଦେଶ | ବେରୋଜଗାରି % |
|---|---|
| ଥାଇଲାଣ୍ଡ | ୪.୪୭ |
| ଫିଲିପାଇନ୍ସ | ୬.୩୪ |
| ଦକ୍ଷିଣ କୋରିଆ | ୬.୮୮ |
| ଭିଏତ୍‌ନାମ | ୭.୪୪ |
| ଆମେରିକା | ୭.୮୯ |
| ଅଷ୍ଟ୍ରେଲିଆ | ୮.୨୯ |
| ପାକିସ୍ତାନ | ୧୧.୩ |
| ବାଂଲାଦେଶ | ୧୨.୯ |
| ଚାଇନା | ୧୩.୨ |
| ଭୁଟାନ | ୧୪.୪ |
| ସିରିଆ | ୨୨.୧୦ |
| ଭାରତ | ୨୩.୨୨ |
| ଆର୍ମେନିଆ | ୨୪.୫୭ |
| ଲେବାନନ୍ | ୨୫.୫୦ |
| ୟେମେନ୍ | ୨୫.୬୪ |
| ଇରାନ | ୨୬.୦୦ |

(ଆଇଏଲ୍‌ଓ ଆକଳନ ଆଧାରରେ ବିଶ୍ୱବ୍ୟାଙ୍କ ତଥ୍ୟ ୨୦୨୨)

### ବିଲ୍ଡିଂରେ ନିଆଁ: ଜଳିଗଲେ ଭାରତୀୟ ସାମ୍ବାଦିକ



ଫୈଜଲ ଖାନ୍

**ନ୍ୟୁୟର୍କ, ୨୫।୨**

ଆମେରିକାର ନ୍ୟୁୟର୍କସ୍ଥିତ ହାର୍ଲେମ ଅଞ୍ଚଳର ଏକ କୋଠାରେ ରବିବାର ନିଆଁ ଲାଗି ଭାରତୀୟ ସାମ୍ବାଦିକ ଫୈଜଲ ଖାନ୍ (୨୭)ଙ୍କର ମୃତ୍ୟୁ ଘଟିଛି। ଭାରତୀୟ ଦୂତାବାସ ପକ୍ଷରୁ ଫୈଜଲଙ୍କ ପରିବାର ଓ ବନ୍ଧୁଙ୍କ ସହ ଯୋଗାଯୋଗ କରାଯାଇଥିବା ବେଳେ ଖୁବ୍‌ଶୀଘ୍ର ତାଙ୍କ ମୃତ ଶରୀରକୁ ଭାରତ ପଠାଯିବାର ବ୍ୟବସ୍ଥା କରାଯିବ ବୋଲି ସୂଚନା ଦିଆଯାଇଛି। ହାର୍ଲେମରେ ଥିବା ଏକ ଆପାର୍ଟମେଣ୍ଟର ତୃତୀୟ ମହଲାରେ ଲିଥିୟମ ବ୍ୟାଟେରିରେ ବିସ୍ଫୋରଣ ଘଟି ନିଆଁ ଲାଗିଯାଇଥିଲା। ଅଗ୍ନିକାଣ୍ଡରେ ଅନ୍ୟ ୧୭ ଜଣ ଆହତ ହୋଇଥିବା ସ୍ଥାନୀୟ ଅଗ୍ନିଶମ ବାହିନୀ ପକ୍ଷରୁ ସୂଚନା ଦିଆଯାଇଛି। ମୃତ ଫୈଜଲ କଲମ୍ବିଆ ଜର୍ନାଲିଜମ ସ୍କୁଲରୁ ସ୍ନାତକ ଡିଗ୍ରୀ ହାସଲ କରିଥିବା ବେଳେ ସେ ନ୍ୟୁୟର୍କର 'ହେଚିଙ୍ଗର ରିପୋର୍ଟ' ସଂସ୍ଥା ସହ ଜଣେ ଡାଟା ରିପୋର୍ଟର ଭାବେ ଜଡ଼ିତ ଥିଲେ। ୨୦୨୦ରେ ଫୈଜଲ ଉଚ୍ଚଶିକ୍ଷା ପାଇଁ ନ୍ୟୁୟର୍କ ଯାଇଥିଲେ।

## ରାହୁଲଙ୍କ ନ୍ୟାୟ ଯାତ୍ରାରେ ଅଖିଳେଶ

**ନୂଆଦିଲ୍ଲୀ,୨୫।୨**

ଉତ୍ତରପ୍ରଦେଶର ଆଗ୍ରାଠାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ରବିବାର ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ସାମିଲ ହୋଇଛନ୍ତି। ଇଣ୍ଡିଆ ବ୍ଲକ୍‌ର ଦୁଇ ସହଯୋଗୀ ଦଳ ମଧ୍ୟରେ ଆସନ ବୁଝାମଣା ଚୂଡ଼ାନ୍ତ ହେବା ପରେ ଅଖିଳେଶ ନ୍ୟାୟ ଯାତ୍ରାରେ ଯୋଗଦେବେ ବୋଲି ଗୁରୁବାର କହିଥିଲେ। ବୁଝାମଣା ଅନୁଯାୟୀ ଉତ୍ତରପ୍ରଦେଶର ୮୦ ଲୋକ ସଭା ଆସନ ମଧ୍ୟରୁ ସମାଜବାଦୀ ପାର୍ଟି ୬୩ ଏବଂ କଂଗ୍ରେସ ୧୭ ଆସନରେ ଲଢ଼ିବ। ନ୍ୟାୟ ଯାତ୍ରାରେ ଉଦ୍‌ବୋଧନ ଦେଇ ଅଖିଳେଶ କହିଥିଲେ, ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ଆଗାମୀ ଦିନରେ ସବୁଠୁ ବଡ଼ ଚ୍ୟାଲେଞ୍ଜ ହେବ। ଭାଜପା ଗଣତନ୍ତ୍ର ଓ ସମ୍ବିଧାନକୁ ଧ୍ୱଂସ କରିଦେବାକୁ ବସିଛି। ଆଗାମୀ ନିର୍ବାଚନରେ ଭାଜପାକୁ ପରାଜିତ କରି ଦେଶ ବଞ୍ଚାଇବାକୁ ଏସ୍‌ପି ଅଧ୍ୟକ୍ଷ ଆହ୍ୱାନ ଦେଇଛନ୍ତି। ପୂର୍ବରୁ ଆଲିଗଡ଼ରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ନ୍ୟାୟ ଯାତ୍ରାରେ ସାମିଲ ହୋଇଥିଲେ। ୧୦ ବର୍ଷ ଶାସନରେ ଦେଶରେ ବେରୋଜଗାରି ବଢ଼ିବା ସହ ଚାଷୀ ଆନ୍ଦୋଳନ, ଦରଦାମ୍ ବୃଦ୍ଧିକୁ ନେଇ ପ୍ରିୟଙ୍କା ଭାଜପାକୁ ସମାଲୋଚନା କରିଥିଲେ।



ଆଗ୍ରାଠାରେ ଭାରତଯୋଡ଼ୋ ନ୍ୟାୟ ଯାତ୍ରାରେ ସାମିଲ ହୋଇଥିବା ଅଖିଳେଶ ଯାଦବଙ୍କ ସହ ରାହୁଲ ଗାନ୍ଧୀ ସେଲ୍‌ଫି ନେଉଛନ୍ତି।

## ବିନା ଡ୍ରାଇଭରରେ ୮୪ କି.ମି. ଗଡ଼ିଲା ଟ୍ରେନ୍

**ନୂଆଦିଲ୍ଲୀ,୨୫।୨**

ଜମ୍ମୁ-କଶ୍ମୀରର କଠୁଆ ଷ୍ଟେଶନରେ ଅଟକିଥିବା ଏକ ମାଲ୍‌ବାହୀ ଟ୍ରେନ୍ ରବିବାର ବିନା ଡ୍ରାଇଭରରେ ୮୪ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା କରିବା ଘଟଣା ଆତଙ୍କ ଖେଳାଇ ଦେଇଥିଲା। ୫୩ଟି ୱାଗନ୍ ଥିବା ଉକ୍ତ ଟ୍ରେନ୍‌ଟି ପ୍ରାୟ ୧୦୦ କିଲୋମିଟର ବେଗରେ ଗତି କରି ପଞ୍ଜାବର ହୋଶିଆରପୁର ଜିଲା ପର୍ଯ୍ୟନ୍ତ ଯାଇଥିଲେ ମଧ୍ୟ କେହି ମୃତାହତ ହୋଇନାହାନ୍ତି କିମ୍ବା କୌଣସି କ୍ଷୟକ୍ଷତି ଘଟିନାହିଁ। ସକାଳ ୭ଟା ୨୫ରୁ ୯ଟା ମଧ୍ୟରେ ଏଭଳି ଘଟଣା ଘଟିଥିଲା। ଏହାର ତଦନ୍ତ ପାଇଁ ରେଲୱେ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ଜମ୍ମୁର ଡିଭିଜନାଲ ଟ୍ରାଫିକ୍ ମ୍ୟାନେଜର ପ୍ରତୀକ ଶ୍ରୀବାସ୍ତବ କହିଛନ୍ତି।

ଟ୍ରେନ୍‌ଟି କଠୁଆ ଷ୍ଟେଶନରେ ଅଟକିଥିବାବେଳେ ୨ ଡ୍ରାଇଭର ଓହ୍ଲାଇ ଚା' ପିଇବାକୁ ଯାଇଥିଲେ। ସେମାନେ ଟ୍ରେନ୍‌ର ହ୍ୟାଣ୍ଡ ବ୍ରେକ୍ ଟାଣି ନ ଥିବାରୁ ତାହା ଗଡ଼ିଚାଲିଥିଲା ଓ ବାଟରେ ବେଗ ବଢ଼ିଯାଇଥିଲା। ଶେଷରେ ପଞ୍ଜାବର ଉଞ୍ଚ ବାସି ଷ୍ଟେଶନ ନିକଟରେ ଡିଖ ଉଠାଣି ଯୋଗୁ ଟ୍ରେନ୍‌ଟି ଅଟକିଯାଇଥିଲା। ବିନା ଡ୍ରାଇଭରରେ ଟ୍ରେନ୍‌ଟି ଯାଉଥିବା ସମ୍ପର୍କରେ ଉକ୍ତ ରୁଟ୍‌ର ସମସ୍ତ ରେଳ କର୍ମଚାରୀଙ୍କୁ ସତର୍କ କରିଦିଆଯାଇଥିଲା।



## ବାଣ କାରଖାନାରେ ବିସ୍ଫୋରଣ: ୭ ମୃତ

**କୌଶମ୍ବି,୨୫।୨**

ଉତ୍ତରପ୍ରଦେଶର କୌଶମ୍ବି ଜିଲାରେ ଥିବା ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୭ ଜଣଙ୍କ ମୃତ୍ୟୁ ହେବା ସହ ଅନେକ ଆହତ ହୋଇଛନ୍ତି। କାରଖାନାର ମାଲିକ ଶାହିଦ ଅଲି ମଧ୍ୟ ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଜଣାପଡ଼ିଛି। କୋଖ୍ରଜ ଥାନା ଅନ୍ତର୍ଗତ ମାହେୱା ଗ୍ରାମରେ ରବିବାର ମଧ୍ୟାହ୍ନ ସମୟରେ ବିସ୍ଫୋରଣ ଘଟିଥିଲା। ଅଗ୍ନିଶମ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଥିଲେ। ଗୁରୁତର ଅବସ୍ଥାରେ ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସମସ୍ତେ ବାଣ କାରଖାନାରେ କାମ କରୁଥିଲେ।

## ସନ୍ଦେଶଖାଲିରେ ଅନୁସନ୍ଧାନକାରୀ ଟିମ୍ ଗିରଫ

**ନୂଆଦିଲ୍ଲୀ,୨୫।୨**

ପଶ୍ଚିମବଙ୍ଗର ସନ୍ଦେଶଖାଲି ଅଞ୍ଚଳରେ ଆଦିବାସୀ ମହିଳାମାନଙ୍କୁ ଟିଏମ୍‌ସି ନେତା ଓ ତାଙ୍କ ସହଯୋଗୀ ଯୌନ ନିର୍ଯାତନା ଦେବା ଓ ଜମି ଛଡ଼ାଇନେବା ଘଟଣାକୁ ନେଇ ବିବାଦ ଜୋର୍ ଧରିଛି। ପୀଡ଼ିତାମାନଙ୍କୁ ଭେଟି ତଥ୍ୟ ଅନୁସନ୍ଧାନ କରିବା ଲାଗି ପାଟନା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଏଲ୍. ନରସିଂହ ରେଡ୍ଡୀଙ୍କ ନେତୃତ୍ୱରେ ସେଠାକୁ ଯାଉଥିବା ୬ ଜଣିଆ ନିରପେକ୍ଷ କମିଟିର ସଦସ୍ୟମାନଙ୍କୁ ପୋଲିସ ଗିରଫ କରିଛି। ପୋଲିସ ସେମାନଙ୍କୁ ଦକ୍ଷିଣ ୨୪ ପ୍ରଗଣା ଜିଲାର ଭୋଜେରହାଟଠାରେ ଅଟକାଇଥିଲା। ସେମାନେ ପୋଲିସ ବ୍ୟାରିକେଡ୍ ଭାଙ୍ଗିବାକୁ ଉଦ୍ୟମ କରିବାରୁ ଧାରା ୧୪୪ ଅନୁଯାୟୀ ସେମାନଙ୍କୁ ଗିରଫ କରାଯାଇଥିବା ଡିସିପି ସୈକତ ଘୋଷ କହିଛନ୍ତି। ଗିରଫ ପରେ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ର ସଦସ୍ୟମାନଙ୍କୁ କୋଲକାତାର ଲାଲ୍‌ବଜାର ପୋଲିସ ମୁଖ୍ୟାଳୟକୁ ଅଣାଯାଇଥିଲା। ପରେ ସେମାନଙ୍କୁ ଛାଡ଼ିଦିଆଯାଇଛି। ପୋଲିସର କାର୍ଯ୍ୟାନୁଷ୍ଠାନକୁ କମିଟି ନିନ୍ଦା କରିବା ସହ ବେଆଇନ ବୋଲି କହିଛି। କମିଟିରେ ପୂର୍ବତନ ମୁଖ୍ୟ ବିଚାରପତିଙ୍କ ସମେତ ପୂର୍ବତନ ଆଇପିଏସ୍ ଅଫିସର ରାଜପାଲ ସିଂ, ଜାତୀୟ ମହିଳା କମିଶନର ପୂର୍ବତନ ସଦସ୍ୟ ଡ. ଚାରୁୱାଲି ଖାନ୍ନା, ଏନ୍‌ଏଚ୍‌ଆର୍‌ସିର ପୂର୍ବତନ ରେଜିଷ୍ଟ୍ରାର ଓ.ପି. ବ୍ୟାସ, ବରିଷ୍ଠ ସାମ୍ବାଦିକ ସଞ୍ଜୀବ ନାୟକ ଏବଂ ଏନ୍‌ଏଚ୍‌ଆର୍‌ସି ତଥା ଏନ୍‌ସିପିସିଆର୍‌ର କନ୍‌ସଲ୍ଟାଣ୍ଟ ଭାବନା ବଜାଜ ରହିଛନ୍ତି।

## ସମୁଦ୍ର ଗର୍ଭରେ ଯୋଗ କଲେ ମୋଦି

**ଦେବଭୂମି ଦ୍ୱାରକା,୨୫।୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଦେଶର ଦୀର୍ଘତମ କେବୁଲ୍ ସପୋର୍ଟ ବ୍ରିଜ୍ 'ସୁଦର୍ଶନ ସେତୁ'ର ଉଦ୍‌ଘାଟନ କରିଛନ୍ତି। ଆରବ ସାଗରରେ ନିର୍ମିତ ୨.୩୨ କିଲୋମିଟର ଦୀର୍ଘ ଏହି ବ୍ରିଜ୍ ବେଟ୍ ଦ୍ୱାରକା ଦ୍ୱୀପକୁ ଗୁଜରାଟର ଦେବଭୂମି ଦ୍ୱାରକା ଜିଲାର ଓଖା ସହ ସଂଯୋଗ କରୁଛି। ମୋଦି ପ୍ରଥମେ ବେଟ୍ ଦ୍ୱାରକାର ଶ୍ରୀକୃଷ୍ଣ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ୪ ଲେନ୍ ବିଶିଷ୍ଟ ସୁଦର୍ଶନ ସେତୁକୁ ଉଦ୍‌ଘାଟନ କରିଥିଲେ। ୯୭୯ କୋଟି ଟଙ୍କା ବ୍ୟୟରେ ଉକ୍ତ ବ୍ରିଜ୍ ନିର୍ମାଣ ହୋଇଛି। ପୂର୍ବରୁ ବ୍ରିଜ୍‌ର ନାଁ 'ସିଗ୍‌ନେଚର ବ୍ରିଜ୍' ଥିବାବେଳେ ତାକୁ ସୁଦର୍ଶନ ସେତୁ ଭାବେ ପୁନଃ ନାମକରଣ କରାଯାଇଛି। ଦ୍ୱାରକା ସହରଠାରୁ ୩୦ କି.ମି. ଦୂରରେ ଅବସ୍ଥିତ ବେଟ୍ ଦ୍ୱାରକା ଦ୍ୱୀପରେ ଭଗବାନ କୃଷ୍ଣଙ୍କ ପ୍ରସିଦ୍ଧ ଦ୍ୱାରକାଧୀଶ ମନ୍ଦିର ରହିଛି। ପୂର୍ବରୁ ଶ୍ରଦ୍ଧାଳୁମାନେ ବୋଟ୍ ଯୋଗେ କେବଳ ଦିନ ବେଳା ସେଠାକୁ ଯାଉଥିଲେ। ବ୍ରିଜ୍ ନିର୍ମାଣ ହୋଇଥିବାରୁ ସବୁ ସମୟରେ ସେଠାକୁ ଯାତାୟାତ କରାଯାଇପାରିବ।

### ଦୀର୍ଘତମ କେବୁଲ୍ ସେତୁ ଉଦ୍‌ଘାଟିତ

ଏହି ଅବସରରେ ପ୍ରଧାନମନ୍ତ୍ରୀ ଡାଇଭିଂ କରି ସମୁଦ୍ରରେ ବୁଡ଼ି ରହିଥିବା ପୁରାତନ ଦ୍ୱାରକା ଯାଇ ସେଠାରେ ଭଗବାନ କୃଷ୍ଣଙ୍କୁ ପ୍ରାର୍ଥନା କରିଥିଲେ। ସେ ସମୁଦ୍ର ଗର୍ଭରେ ଯୋଗମୁଦ୍ରାରେ ବସିଥିବାର ଫଟୋ ଓ ଅନୁଭୂତି ଶେୟାର କରିଛନ୍ତି। ସେ ସେଠାରେ ଭଗବାନ କୃଷ୍ଣଙ୍କୁ ତାଙ୍କର ଅତି ପ୍ରିୟ ମୟୂର ଚନ୍ଦ୍ରିକା ଅର୍ପଣ କରିଥିଲେ।



## ସବୁଠୁ ଗରିବଙ୍କ ଦୈନିକ ଖର୍ଚ୍ଚ ୪୬ ଟଙ୍କା

**ନୂଆଦିଲ୍ଲୀ,୨୫।୨**

ଭାରତର ଗ୍ରାମାଞ୍ଚଳରେ ରହୁଥିବା ସବୁଠୁ ଗରିବ ୫ ପ୍ରତିଶତ ଲୋକଙ୍କ ଦୈନିକ ଖର୍ଚ୍ଚ ମାତ୍ର ୪୬ ଟଙ୍କା ହୋଇଥିବାବେଳେ ସହରାଞ୍ଚଳରେ ତାହା ୬୭ ଟଙ୍କା ବୋଲି ୨୦୨୨-୨୩ର ପରିବାର ବ୍ୟବହାର ବ୍ୟୟ ସର୍ଭେରୁ ଜଣାପଡ଼ିଛି। ଦୀର୍ଘ ୧୧ ବର୍ଷ ପରେ କେନ୍ଦ୍ର ସରକାର ଏହି ସର୍ଭେ ରିପୋର୍ଟ ପ୍ରକାଶ କରିଛନ୍ତି। ସର୍ବନିମ୍ନ ସ୍ତରରେ ଥିବା ୫ ପ୍ରତିଶତ ଏବଂ ସବୁଠୁ ଶୀର୍ଷରେ ଥିବା ୫ ପ୍ରତିଶତଙ୍କ ଦୈନନ୍ଦିନ ଘରଖର୍ଚ୍ଚରେ ବଡ଼ ବ୍ୟବଧାନ ରହିଥିବା ସର୍ଭେରୁ ଜଣାପଡ଼ିଛି। ସବୁଠୁ ଧନୀ ୫%ଙ୍କ ଦୈନିକ ଖର୍ଚ୍ଚ ଗ୍ରାମାଞ୍ଚଳରେ ୩୫୦ ଟଙ୍କା ହୋଇଥିବାବେଳେ ସହରାଞ୍ଚଳରେ ୭୦୦ ଟଙ୍କା ରହିଛି।

### ୧୧ ବର୍ଷ ପରେ ଆସିଲା ପରିବାର ବ୍ୟବହାର ବ୍ୟୟ ସର୍ଭେ ତଥ୍ୟ

ସର୍ଭେ ଅନୁଯାୟୀ ଗ୍ରାମାଞ୍ଚଳରେ ରହୁଥିବା ଲୋକଙ୍କ ହାରାହାରି ମାସିକ ମୁଣ୍ଡପିଛା ଖର୍ଚ୍ଚ (ବର୍ତ୍ତମାନର ମୂଲ୍ୟରେ) ୩,୭୭୩ ଟଙ୍କା ହୋଇଥିବାବେଳେ ସହରାଞ୍ଚଳରେ ୬,୪୫୯ ଟଙ୍କା ରହିଛି। ୨୦୧୧-୧୨ ବର୍ଷର ମାସିକ ବ୍ୟବହାର ରେକର୍ଡ ତୁଳନାରେ ଏହା ୨.୫ ଗୁଣ ଅଧିକ। ଗତ ଦଶକରେ ମୁଖ୍ୟତଃ ମୁଦ୍ରାସ୍ଫୀତି ବୃଦ୍ଧି ଯୋଗୁ ମାସିକ ଖର୍ଚ୍ଚ ବଢ଼ିଛି। ତେବେ ବାସ୍ତବ ଅବଧିରେ ଦେଖିଲେ, ମାସିକ ମୁଣ୍ଡପିଛା ଖର୍ଚ୍ଚ ସହରାଞ୍ଚଳରେ ୧.୩ ପ୍ରତିଶତ ଏବଂ ଗ୍ରାମାଞ୍ଚଳରେ ୧.୪ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୧-୧୨ରେ ଗ୍ରାମୀଣ ଭାରତରେ ହାରାହାରି ମୁଣ୍ଡପିଛା ଖର୍ଚ୍ଚ ୨,୦୦୮ ଟଙ୍କା ଏବଂ ସହରୀ ଭାରତରେ ୩,୫୧୦ ଟଙ୍କା ରହିଥିଲା। ସର୍ଭେରୁ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମରେ ମିଳୁଥିବା ମାଗଣା ତଥା ରିହାତି ସାମଗ୍ରୀର ଆରୋପିତ ମୂଲ୍ୟକୁ ସାମିଲ କରାଯାଇ ନାହିଁ। ଗ୍ରାମାଞ୍ଚଳରେ ରହୁଥିବା ୫ ପ୍ରତିଶତ ସବୁଠୁ ଗରିବ ଲୋକଙ୍କ ମାସିକ ମୁଣ୍ଡପିଛା ବ୍ୟୟ (ଏମ୍‌ପିସିଇ) ୧,୩୭୩ ଟଙ୍କା ହୋଇଥିବାବେଳେ ସହରାଞ୍ଚଳର ସର୍ବନିମ୍ନ ସ୍ତରରେ ଥିବା ୫ ପ୍ରତିଶତଙ୍କ ଏମ୍‌ପିସିଇ ୨,୦୦୧ ଟଙ୍କା। ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ରହୁଥିବା ସବୁଠୁ ଧନୀ ୫ ପ୍ରତିଶତଙ୍କ ମାସିକ ମୁଣ୍ଡପିଛା ଖର୍ଚ୍ଚ ୧୦,୫୦୧ ଟଙ୍କା ହୋଇଥିବାବେଳେ ସହରାଞ୍ଚଳରେ ୨୦,୮୨୪ ଟଙ୍କା। ରାଜ୍ୟୱାରି ଦେଖିଲେ ସିକିମ୍‌ରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଏମ୍‌ପିସିଇ ସର୍ବାଧିକ ୭,୭୩୧ ଟଙ୍କା ଏବଂ ୧୨,୧୦୫ ଟଙ୍କା ଥିବାବେଳେ ଛତିଶଗଡ଼ରେ ସର୍ବନିମ୍ନ ୨,୪୬୬ ଏବଂ ୪,୪୮୩ ଟଙ୍କା ରହିଛି। ସର୍ଭେ ଅନୁଯାୟୀ ଗ୍ରାମାଞ୍ଚଳ ଲୋକେ ସେମାନଙ୍କ ବ୍ୟୟର ୪୬ ପ୍ରତିଶତ ଖାଦ୍ୟରେ ବିନିଯୋଗ କରୁଥିବାବେଳେ ସହରାଞ୍ଚଳ ଲୋକେ ୩୯ ପ୍ରତିଶତ ଖାଦ୍ୟ ପାଇଁ ଖର୍ଚ୍ଚ କରିଥାନ୍ତି। ସୂଚନାଯୋଗ୍ୟ, ୨୦୧୭-୧୮ରେ ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ ଏଭଳି ଏକ ସର୍ଭେ କରିଥିଲେ ମଧ୍ୟ ଖାଉଟି ବ୍ୟୟ ହ୍ରାସ ପାଉଥିବାରୁ ସରକାର ଉକ୍ତ ରିପୋର୍ଟକୁ ପ୍ରକାଶ କରି ନ ଥିଲେ।

# ଓଡ଼ିଶାର ୫୭ ରେଲ ଷ୍ଟେଶନର ହେବ ପୁନଃବିକାଶ

## ଆଜି ଭିସି ଜରିଆରେ ଶୁଭାରମ୍ଭ କରିବେ ମୋଦି

ଭୁବନେଶ୍ୱର,୨୫।୨ (ଅଭୟ ଦାଶ)



ରାଷ୍ଟ୍ରର ଜୀବନରେଖା କୁହାଯାଉଥିବା ଭାରତୀୟ ରେଳପଥର ପ୍ରାୟ ୫୫୪ ରେଳ ଷ୍ଟେଶନର ପୁନଃବିକାଶ ସାଙ୍ଗକୁ ୧୫୦୦ ରେଳ ରୋଡ ଓଭର ବ୍ରିଜ ଏବଂ ଅଣ୍ଡରପାସ୍‌ର ଶିଳାନ୍ୟାସ ସହ ଉଦ୍‌ଘାଟନ ସୋମବାର ସାରା ଦେଶରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ମୋଦି ମୋଟ ୪୧,୦୦୦ କୋଟି ଟଙ୍କା ବ୍ୟୟ ବରାଦର ଉପରୋକ୍ତ ସଂଖ୍ୟକ ଶିଳାନ୍ୟାସ ଓ ଉଦ୍‌ଘାଟନ ଭିସି ଜରିଆରେ କରିବେ ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ଭାରତୀୟ ରେଳପଥର ପ୍ରମୁଖ ଜୋନ୍ ପୂର୍ବତଟ ରେଳପଥ (ଓଡ଼ିଶା)ରେ୨୧ଟି ଷ୍ଟେଶନର ପୁନଃବିକାଶ ଏବଂ ୫୨ଟି ରେଳ ରୋଡ ଓଭର ବ୍ରିଜ ଏବଂ ଅଣ୍ଡରପାସ୍‌ର ଶିଳାନ୍ୟାସ ସହ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ରହିଛି। ଅପରପକ୍ଷରେ ଅମ୍ରିତ ଷ୍ଟେଶନ୍ ସ୍କିମ୍ ଅଧୀନ ପୂର୍ବତଟ ରେଳ ପ୍ରାଧିକରଣରେ ଥିବା ୫୭ଟି ରେଳ ଷ୍ଟେଶନ୍ (ଓଡ଼ିଶାର ମଧ୍ୟ ୫୭ଟି ଷ୍ଟେଶନ୍ ପୁନର୍ନିର୍ମାଣ କରାଯାଉଛି)ଯଥା ଅନୁଗୋଳ,ବାଦାମପାହାଡ଼, ବଲାଙ୍ଗୀର, ବାଲେଶ୍ୱର, ବାଲୁଗାଁ, ବଡ଼ବିଲ, ବରଗଡ଼ ରୋଡ଼, ବାରିପଦା, ବରପାଲି, ବେଲପାହାଡ, ବେତନଟୀ, ଭଦ୍ରକ, ଭବାନୀପାଟଣା, ଭୁବନେଶ୍ୱର, ବିମଳାଗଡ଼, ବ୍ରହ୍ମପୁର, ବ୍ରଜରାଜନଗର, ଛତ୍ରପୁର, କଟକ, ଦାମନଯୋଡ଼ି, ଢେଙ୍କାନାଳ, ଗୁଣପୁର, ହରିଶଙ୍କର ରୋଡ଼, ହୀରାକୁଦ, ଯାଜପୁର-କେନ୍ଦୁଝର ରୋଡ଼, ଜଲେଶ୍ୱର, ଜେରୋଲୀ, ଜୟପୁର, ଝାରସୁଗୁଡ଼ା, ଝାରସୁଗୁଡ଼ା ରୋଡ଼, କଣ୍ଟାବାଞ୍ଜି, କେନ୍ଦୁଝରଗଡ଼, କେସିଙ୍ଗା, ଖରିଆର ରୋଡ଼, ଖୋର୍ଦ୍ଧା ରୋଡ଼, କୋରାପୁଟ, ଲିଙ୍ଗରାଜ ମନ୍ଦିର ରୋଡ଼, ମଞ୍ଚେଶ୍ୱର, ମେରାମୁଣ୍ଡଳି, ମୁନିଗୁଡ଼ା, ନୂଆ ଭୁବନେଶ୍ୱର, ପାନପୋଷ, ପାରାଦୀପ, ପାରଳାଖେମୁଣ୍ଡି, ପୁରୀ, ରଘୁନାଥପୁର, ରେଢ଼ାଖୋଲ, ରାଇରଙ୍ଗପୁର, ରାଜଗାଙ୍ଗପୁର, ରାୟଗଡ଼ା, ରାଉରକେଲା, ସାକ୍ଷୀଗୋପାଳ, ସମ୍ବଲପୁର, ସମ୍ବଲପୁର ସହର, ତାଳଚେର, ତାଳଚେର ରୋଡ଼, ଟିଟିଲାଗଡ଼ ଜଙ୍କଶନ ଆଦି ସାମିଲ ହୋଇଛି। ସେହିପରି ପ୍ରଥମ ପର୍ଯ୍ୟାୟରେ ଗତ ବର୍ଷଠାରୁ କିଛି ପ୍ରମୁଖ ଷ୍ଟେଶନ୍ ପାଇଁ କାର୍ଯ୍ୟ ଆରମ୍ଭ ହୋଇସାରିଥିଲାବେଳେ ପୁନର୍ନିର୍ମାଣ କାର୍ଯ୍ୟ ପାଇଁ ୨୫ରେଳ ଷ୍ଟେଶନ୍ ଯଥା ସାକ୍ଷୀଗୋପାଳ, ମଞ୍ଚେଶ୍ୱର, ଢେଙ୍କାନାଳ, ଛତ୍ରପୁର, ଅନୁଗୋଳ, ରାଜଗାଙ୍ଗପୁର, ମେରାମୁଣ୍ଡଳି, ବାଲୁଗାଁ, ଲିଙ୍ଗରାଜ ମନ୍ଦିର ରୋଡ, ତାଳଚେର ରୋଡ, ଖୋର୍ଦ୍ଧା ରୋଡ, କଣ୍ଟାବାଞ୍ଜି, ବରଗଡ଼ ରୋଡ, ହୀରାକୁଦ, ରେଢ଼ାଖୋଲ, ବରପାଲି, ମୁନିଗୁଡ଼ା, ବଲାଙ୍ଗୀର, ହରିଶଙ୍କର ରୋଡ, ଜଳେଶ୍ୱର, ଭବାନୀପାଟଣା, ଖରିଆର ରୋଡ, ବଡ଼ବିଲ, ବାରିପଦା ଏବଂ ଦାମନଯୋଡ଼ି ଷ୍ଟେଶନ୍ ସାମିଲ ରହିଛି।

ଉଲ୍ଲେଖଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସ ଜରିଆରେ ଅମୃତ ଭାରତ ଯୋଜନା ଅନ୍ତର୍ଗତ ଷ୍ଟେଶନର ପୁନର୍ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଇଥିଲେ। ଯେଉଁଥିରେ ଓଡ଼ିଶାର ୨୫ରୁ ଅଧିକ ଷ୍ଟେଶନ୍ ଅନ୍ତର୍ଭୁକ୍ତ କରାଯାଇଥିଲା। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶାରେ ଆହୁରି ୨୧ଟି ଷ୍ଟେଶନର ମୂଳଦୁଆ ପକାଇବାକୁ ଯାଉଛନ୍ତି।

# ଲୁଇ ଫିଲିପର ନୂତନ କଲେକ୍ସନ

ଭୁବନେଶ୍ୱର,୨୫।୨



ଆଦିତ୍ୟ ବିର୍ଲା ଫ୍ୟାଶନ ଆଣ୍ଡ ରିଟେଲ ଲିମିଟେଡର ପ୍ରିମିୟମ ପୁରୁଷ ପୋଷାକ ବ୍ରାଣ୍ଡ୍ ଲୁଇ ଫିଲିପର ବହୁ ପ୍ରତୀକ୍ଷିତ ତଥା କାରୁକାର୍ଯ୍ୟଭରା ବିବାହ ପୋଷାକର ବ୍ୟାପକ ରେଞ୍ଜ 'ରୟାଲ ଇଣ୍ଡିଆନ୍ ୱେଡିଂ କଲେକ୍ସନ'କୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି। ଏ ସମ୍ପର୍କରେ ଲୁଇ ଫିଲିପର ସିଓଓ ଫରିଦା କଲିୟାଦାନ କହିଛନ୍ତି, ଆମେ ଆନନ୍ଦଦାୟକ ବିବାହ ଋତୁକୁ ସ୍ୱାଗତ କରୁଥିବାବେଳେ ରୟାଲ ଇଣ୍ଡିଆନ୍ ୱେଡିଂ କଲେକ୍ସନକୁ ଉନ୍ମୋଚନ (ପ୍ରଚଳନ) କରି ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ବିବାହ ଦିନରେ ବରପାତ୍ର ଜଣକ ବେଶ୍ ଆନନ୍ଦିତ ଥିଲାବେଳେ ଆମେ ବାସ୍ତବିକ ରାଜକୀୟ ଅନୁଭବ ଆଣି ଦେବାକୁ ଏହାର (ଉକ୍ତ କଲେକ୍ସନ) ଡିଜାଇନ କରାଯାଇଛି।ସୂଚନାଯୋଗ୍ୟ, ଭୁବନେଶ୍ୱରରେ ଲୁଇ ଫିଲିପର ୫ଟି ଫ୍ଲାଗଶିପ ଷ୍ଟୋର ରହିଥିବାବେଳେ ଉକ୍ତ ଷ୍ଟୋରଗୁଡ଼ିକରେ ମଧ୍ୟ 'ରୟାଲ ଇଣ୍ଡିଆନ ୱେଡିଂ' କଲେକ୍ସନ ଉପଲବ୍ଧ ରହିଛି। ସେହିଭଳି ଲୁଇ ଫିଲିପ ଫ୍ଲାଗଶିପ ଷ୍ଟୋର ସମେତ ବ୍ରାଣ୍ଡର ସ୍ୱୀକୃତିପ୍ରାପ୍ତ ରିଟେଲର ଏବଂ ବ୍ରାଣ୍ଡର ମୋବାଇଲ ଆପ ଅଥବା ଅନଲାଇନ ପ୍ଲାଟଫର୍ମ www.louisphilippe.comରେ ମଧ୍ୟ ଅନ୍‌ଲାଇନ ଅର୍ଡର ସହ ଗ୍ରାହକ ଉକ୍ତ କଲେକ୍ସନକୁ କ୍ରୟ କରିପାରିବେ।

# ଟାଟା ଷ୍ଟିଲ୍ ଫାଉଣ୍ଡେଶନ୍ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର,୨୫।୨

ଦେଶର ପ୍ରମୁଖ ଶିଳ୍ପ ସଂସ୍ଥା ତଥା ଟାଟା ଗ୍ରୁପର ଅଗ୍ରଣୀ କମ୍ପାନୀ ଟାଟା ଷ୍ଟିଲର ସାମାଜିକ ପ୍ରତିଷ୍ଠାନ ଟାଟା ଷ୍ଟିଲ୍ ଫାଉଣ୍ଡେଶନ୍ (ଟିଏସ୍‌ଏଫ୍) ପକ୍ଷରୁ ଏକ ମେଗା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଟିଏସ୍‌ଏଫ୍ ପକ୍ଷରୁ ବ୍ରାହ୍ମଣୀପାଳଠାରେ ମା ତାରିଣୀ ଟିପ୍ପର୍ସ ଏବଂ ଟ୍ରକ୍ ମାଲିକ ସଂଘର ମିଳିତ ସହଯୋଗରେ ଏକ ୪ଦିନିଆ ମେଗା ସ୍ୱାସ୍ଥ୍ୟ ଶିବିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ରାହ୍ମଣୀପାଳ ଟାଟା ଷ୍ଟିଲ୍ ଏଫ୍‌ଏପି ପ୍ଲାଣ୍ଟ ମୁଖ୍ୟ ଲଭ୍‌ଲିନ ସ୍ୱାଇଁ ଓ ବ୍ରାହ୍ମଣୀପାଳସ୍ଥିତ ଟାଟା ଷ୍ଟିଲ୍ ଫାଉଣ୍ଡେଶନ୍‌ର ୟୁନିଟ୍ ହେଡ ଡ. ଜୟନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିର ଜରିଆରେ ୫୪୬ରୁ ଅଧିକ ଲୋକଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା, ଯେଉଁଥିରେ ଅଧିକାଂଶ ଟ୍ରକ୍ ଡ୍ରାଇଭର ଥିଲେ ଏବଂ ସେମାନଙ୍କ ମଧ୍ୟରୁ ୪୫୮ ଜଣଙ୍କର ରିଫ୍ରାକ୍ସନ ସମସ୍ୟା ଚିହ୍ନଟ କରାଯାଇ ଉନ୍ନତ ଦୃଷ୍ଟି ଶକ୍ତି ଏବଂ ସଡ଼କ ସୁରକ୍ଷା ପାଇଁ ସେମାନଙ୍କୁ ଚଷମା ଯୋଗାଇ ଦିଆଯାଇଥିଲା। ଅପରପକ୍ଷରେ ଜାମସେଦପୁରର ଏକ ଡାକ୍ତରୀ ଟିମ୍ ସହାୟତାରେ ରୋଗ ନିରାକରଣ ପାଇଁ ଉକ୍ତ ଶିବିରରେ ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ପରାମର୍ଶ ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ଅଂଶଗ୍ରହଣକାରୀମାନଙ୍କୁ ମୌଳିକ ଜୀବନ ସହାୟତା ପ୍ରଶିକ୍ଷଣ ଦିଆଯାଇଥିଲା, ଯେଉଁଥିରେ ମାନେକ୍ୱିନ୍ ମଡେଲ୍ ବ୍ୟବହାର କରି କାର୍ଡିଓ-ପଲମୋନାରୀ ରିସସିଟେସନ୍ (ସିପିଆର) କୌଶଳ ଅନ୍ତର୍ଭୁକ୍ତ ଥିଲା।

# ଆଇଆର୍‌ଇଡିଏ ସହ ପିଏନ୍‌ବିର ବୁଝାମଣା



ଭୁବନେଶ୍ୱର,୨୫।୨

ଦେଶର ପ୍ରମୁଖ ଅକ୍ଷୟ ଶକ୍ତି ଉତ୍ପାଦନକାରୀ ସଂସ୍ଥା ତଥା ଇଣ୍ଡିଆନ୍ ରିନୁଏବୁଲ ଏନର୍ଜି ଡେଭଲପମେଣ୍ଟ ଏଜେନ୍ସି (ଆଇଆର୍‌ଇଡିଏ) ଏବଂ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି ଉଭୟ ସଂସ୍ଥା (ଆଇଆରଇଡିଏ ଏବଂ ପିଏନ୍‌ବି) ମିଳିତ ଭାବେ ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ଆବଶ୍ୟକ ସହଯୋଗ ଯୋଗାଇଦେବା ଉଦ୍ଦେଶ୍ୟରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଇଆର୍‌ଇଡିଏ ମୁଖ୍ୟାଳୟ ନୂଆଦିଲ୍ଲୀଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ପିଏନ୍‌ବିର ଏମ୍‌ଡି ତଥା ସିଇଓ ଅତୁଲ କୁମାର ଗୋଏଲ, ସିଜିଏମ୍ (ସିସି) ରାଜୀବ, ଜିଏମ୍ (ସିସି)ମୋହିତ ଧାୱନ ଏବଂ ଜିଏମ୍ (ଇଏଲ୍‌ସିବି) ଗୌରବ ଗୁପ୍ତାଙ୍କ ସମେତ ଆଇଆର୍‌ଇଡିଏର ସିଏମ୍‌ଡି ପ୍ରଦୀପ କୁମାର ଦାସ, ନିର୍ଦ୍ଦେଶକ (ଅର୍ଥ) ଡ. ବି.କେ. ମହାନ୍ତି ଏବଂ ଜିଏମ୍ (ଅର୍ଥ)ଡ. ରମେଶ ଚନ୍ଦ୍ର ଶର୍ମା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଇଫ୍‌କୋକୁ ଏକ ନମ୍ବର ସମବାୟ ସମିତିର ମାନ୍ୟତା

ଭୁବନେଶ୍ୱର,୨୫।୨

ଭାରତୀୟ କୃଷକ ସାର ସମବାୟ (ଇଫ୍‌କୋ) ଲିମିଟେଡକୁ ଏକ ନମ୍ବର ସମବାୟ ସମିତିର ମାନ୍ୟତା ଦିଆଯାଇଛି। ଏପରିକି ଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଇଫ୍‌କୋ ବିଶ୍ୱର ଶ୍ରେଷ୍ଠ ୩୦୦ ସମବାୟ ସମିତି ମଧ୍ୟରେ ଏକ ନମ୍ବର ସମବାୟ ସମିତି ସ୍ଥାନ ସହିତ ଗତ ବର୍ଷର ସ୍ଥିତିକୁ ବଜାୟ ରଖିଛି। ବିଶେଷ କରି ମୁଣ୍ଡ ପିଛା ମୋଟ ଘରୋଇ ଉତ୍ପାଦ (ଜିଡିପି) ତୁଳନାରେ କାରବାରର ଅନୁପାତକୁ ଆଧାର କରି ଏହି ମାନ୍ୟତା ପ୍ରଦାନ କରାଯାଇଛି।

ଏ ସମ୍ପର୍କରେ ଇଫ୍‌କୋର ପରିଚାଳନା ନିର୍ଦ୍ଦେଶକ ଡ.ଉଦୟ ଶଙ୍କର ଅବସ୍ଥି କହିଛନ୍ତି, ଇଫ୍‌କୋ ଏବଂ ଭାରତୀୟ ସମବାୟ ଆନ୍ଦୋଳନରେ ଏହା ଆମ ପାଇଁ ଗର୍ବର ମୁହୂର୍ତ୍ତ। ଇଫ୍‌କୋରେ ଆମେ ସବୁବେଳେ କୃଷକଙ୍କ ଆୟ ବଢ଼ାଇବା, ସାରା ଦେଶରେ କୃଷକମାନଙ୍କର ଅଭିବୃଦ୍ଧି ସୁନିଶ୍ଚିତ କରିବା ଏବଂ ସମବାୟ ଆନ୍ଦୋଳନକୁ ସୁଦୃଢ଼ କରିବା ଲକ୍ଷ୍ୟରେ ପ୍ରତିଶ୍ରୁତିବଦ୍ଧ। ଆମେ ନବସୃଜନ ଉପରେ ବିଶ୍ୱାସ କରୁ, କାରଣ ଏହା ସଫଳତାର ଚାବିକାଠି । ସେଥିପାଇଁ ଆମେ କୃଷି ବିଶେଷ କରି ବିକଳ୍ପ ସାର ପାଇଁ ନାନୋ ଟେକ୍ନୋଲୋଜିଭିତ୍ତିକ ସମାଧାନ ଆରମ୍ଭ କରୁଛୁ, ଯାହା ଇଫ୍‌କୋ ନାନୋ ୟୁରିଆ ଲିକ୍ୱିଡ୍‌ରୁ ଆରମ୍ଭ ହୋଇଛି। ଏହାକୁ ଭାରତୀୟ କୃଷକମାନେ ବହୁତ ଭଲ ଭାବେ ଗ୍ରହଣ କରିଛନ୍ତି। ପରବର୍ତ୍ତୀ ସମୟରେ ଇଫ୍‌କୋ ନାନୋ ଡିଏପିର ଶୁଭାରମ୍ଭ କରିଥିଲାବେଳେ ନିକଟରେ ଭାରତ ସରକାରଙ୍କ ବାର୍ଷିକ ବଜେଟରେ ଏହା ଉଲ୍ଲେଖ କରାଯାଇଥିଲା। ଏହି ମହତ୍ତ୍ୱପୂର୍ଣ୍ଣ ସଫଳତା ପାଇଁ ମୁଁ ଇଫ୍‌କୋ ଏବଂ ଦେଶର ସମଗ୍ର ସମବାୟ ସମ୍ପ୍ରଦାୟର ସମସ୍ତଙ୍କୁ ଅଭିନନ୍ଦନ ଜଣାଉଛି।

## ଫୁର୍‌ସତ୍



# ମା'ଙ୍କ ସ୍ୱପ୍ନକୁ ପୂରଣ କରିଛନ୍ତି ଶାହରୁଖ୍

ମୁମ୍ବାଇ

ସବୁବେଳେ ଭାରତୀୟ ଦର୍ଶକଙ୍କ ହୃଦୟରେ ରାଜ୍ କରୁଥିବା ବଲିଉଡ୍ ସୁପରଷ୍ଟାର ଶାହରୁଖ୍ ଖାନ୍ ୧୯୮୮ ମସିହାରେ 'ଫୌଜି' ଟିଭି ସିରିଏଲରୁ କ୍ୟାରିୟର ଆରମ୍ଭ କରିଥିଲେ। ସେତେବେଳେ ଶାହରୁଖ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ କାମ କରିବାକୁ ଚାହୁଁ ନଥିବା ଖୁଲାସା କରିଛନ୍ତି ଅଭିନେତା ତଥା ଫିଲ୍ମ ନିର୍ମାତା ବିବେକ ବାସୱାନି। ସେ ସମୟରେ ଶାହରୁଖ୍ କେବଳ ଟିଭିରେ କାମ କରିବାକୁ ଚାହୁଁଥିବା ଏକ ସାକ୍ଷାତ୍‌କାରରେ ବାସୱାନି ସୂଚନା ଦେଇଛନ୍ତି। କିନ୍ତୁ ଶାହରୁଖ୍‌ଙ୍କ ମା' ଲତିଫ୍ ଫତିମା ଖାନ୍ ସବୁବେଳେ ତାଙ୍କୁ ଫିଲ୍ମ ଇଣ୍ଡଷ୍ଟ୍ରିରେ ସୁପରଷ୍ଟାର ଭାବେ ଦେଖିବାକୁ ଚାହୁଁଥିଲେ। ୧୯୯୧ ମସିହାରେ ମା'ଙ୍କ ମୃତ୍ୟୁ ପରେ ତାଙ୍କ ଶେଷ ଇଚ୍ଛାକୁ ସମ୍ମାନ ଜଣାଇ ଶାହରୁଖ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ଅଭିନୟ କରିବା ପାଇଁ ମନ ବଳାଇଥିବା ତାଙ୍କ ବନ୍ଧୁ ବିବେକ ଏହି ସାକ୍ଷାତକାରରେ ପ୍ରକାଶ କରିଛନ୍ତି। ପରେ ନିଜ ନିଖୁଣ ଅଭିନୟ ମାଧ୍ୟମରେ ବଲିଉଡ୍‌ରେ ଅନେକ ଚଳଚ୍ଚିତ୍ରକୁ ସୁପର ହିଟ୍ କରାଇବାରେ ଶାହରୁଖ୍ ସଫଳ ହୋଇଥିଲେ ଓ ତାଙ୍କୁ ବଲିଉଡ୍ ସୁପରଷ୍ଟାରର ମାନ୍ୟତା ମିଳିଥିଲା। ଏହିପରି ଭାବେ ସେ ନିଜ ମା'ଙ୍କ ଶେଷ ସ୍ୱପ୍ନକୁ ପୂରଣ କରିଥିବା ଉକ୍ତ ସାକ୍ଷାତ୍‌କାରରେ ବିବେକ କହିଛନ୍ତି। ସୂଚନାଯୋଗ୍ୟ, ୯୦ ଦଶକରେ ଉଭୟ ଶାହରୁଖ୍ ଓ ବିବେକ ଭଲ ବନ୍ଧୁ ଥିବା ସହ ଅନେକ ହିଟ୍ ଚଳଚ୍ଚିତ୍ରରେ ଉଭୟ କାମ କରିଥିଲେ। 'ଜୋଶ', 'ରାଜୁ ବନ୍ ଗୟା ଜେଣ୍ଟଲ୍ ମ୍ୟାନ', 'କିଙ୍ଗ୍ ଅଙ୍କଲ୍', 'ଇଂଲିଶ ବାବୁ ଦେଶୀ ମେମ', 'ଦୁଲ୍‌ହା ମିଲ୍ ଗୟା' ଭଳି ଅନେକ ଚଳଚ୍ଚିତ୍ରରେ ଉଭୟ ଏକାଠି କାମ କରିଛନ୍ତି। ସେହିପରି ଗତ ବର୍ଷ କିଙ୍ଗ୍ ଖାନଙ୍କ ଅଭିନୀତ 'ପଠାନ୍' ଓ 'ଜୱାନ୍' ବହୁତ ହିଟ୍ ହୋଇଥିବା ବେଳେ ପ୍ରଶଂସକମାନେ ତାଙ୍କ ଆଗାମୀ ପ୍ରୋଜେକ୍ଟକୁ ନେଇ ଅପେକ୍ଷାରେ ରହିଛନ୍ତି।

# ବନ କର୍ମଚାରୀଙ୍କୁ ଶୁଣ୍ଢ ଟେକି ମା' ହାତୀର ଧନ୍ୟବାଦ

କୋଇମ୍ବାଟୁର୍



ତାମିଲନାଡୁ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସୁପ୍ରିୟା ସାହୁ ନିକଟରେ ନିଜ ଏକ୍ସ' ହ୍ୟାଣ୍ଡେଲରେ ଏକ ପୋଷ୍ଟ ଶେୟାର କରିଥିଲେ, ଯାହା ବେଶ ଭାଇରାଲ ହେବାରେ ଲାଗିଛି। ଗୋଟିଏ ମା' ହାତୀ ଶୁଣ୍ଢ ଟେକି ବନ କର୍ମଚାରୀଙ୍କୁ ଧନ୍ୟବାଦ ଦେଉଥିବାର ଏକ ଭିଡିଓ ସେ ପୋଷ୍ଟ କରିଥିବା ବେଳେ, ଏହାକୁ ଅନେକ ୟୁଜର୍ସ ବେଶ ପସନ୍ଦ କରିଛନ୍ତି। ତାମିଲନାଡୁର କୋଇମ୍ବାଟୁର୍‌ର ପୋଲାଚି ନିକଟରେ ଏକ କେନାଲରେ ଗୋଟିଏ ହାତୀଛୁଆ ଭୁଲବଶତଃ ଖସିପଡିଥିଲା। ଛୁଆକୁ ଉଦ୍ଧାର କରିବାକୁ ମା' ହାତୀଟି ବାରମ୍ବାର ଉଦ୍ୟମ କରିଥିବା ସତ୍ତ୍ୱେ କେନାଲରେ ପ୍ରବଳ ଜଳ ପ୍ରବାହ ହେତୁ ବିଫଳ ହୋଇଥିଲା। ସ୍ଥାନୀୟ ଅଧିବାସୀଙ୍କଠାରୁ ଖବର ପାଇ ବନ ବିଭାଗର ବରିଷ୍ଠ ଅଧିକାରୀଙ୍କ ଏକ ଟିମ୍ ଉକ୍ତ କେନାଲ ନିକଟରେ ପହଞ୍ଚିଥିଲେ। ପ୍ରାରମ୍ଭରେ ହାତୀଛୁଆଟିର ଉଦ୍ଧାର କାର୍ଯ୍ୟରେ ବନ ବିଭାଗ କର୍ମଚାରୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିଲେ। କିନ୍ତୁ ବନ କର୍ମଚାରୀମାନଙ୍କ ଅସାଧାରଣ ଉଦ୍ୟମ ଓ ସାହସ ଯୋଗୁଁ ଛୁଆହାତୀଟିକୁ ଶେଷରେ ଉଦ୍ଧାର କରାଯାଇପାରିଥିଲା, ଯାହାଫଳରେ ମା' ହାତୀଟି ନିଜ ଛୁଆକୁ ଫେରି ପାଇଥିଲା। ଏହି ସ୍ପର୍ଶକାତର ମୁହୂର୍ତ୍ତର ଭିଡିଓକୁ ଆଇଏସ୍ ଅଧିକାରୀ ସୁପ୍ରିୟା ସାହୁ ଶେୟାର କରିଛନ୍ତି, ଯେଉଁଥିରେ ନିଜ ଛୁଆକୁ ଫେରିପାଇଥିବାରୁ ମା' ହାତୀଟି ଶୁଣ୍ଢ ଟେକି ବନ କର୍ମଚାରୀମାନଙ୍କୁ କୃତଜ୍ଞତା ଜଣାଉଛି। ସାମାଜିକ ଗଣମାଧ୍ୟମ ଏକ୍ସ'ରେ ଏହି ପୋଷ୍ଟ ଦେଖି ବନ୍ୟଜନ୍ତୁପ୍ରେମୀମାନେ କମେଣ୍ଟ କରି ନିଜର ମତ ପ୍ରକାଶ କରିଛନ୍ତି। ଏହାକୁ ହୃଦୟସ୍ପର୍ଶୀ ଦୃଶ୍ୟ କହି ପ୍ରାଣୀ ଏବଂ ମଣିଷ ମଧ୍ୟରେ ରହିଥିବା ଗଭୀର ବନ୍ଧନକୁ ଏହା ମନେପକାଇ ଦେଉଥିବା କିଛି ୟୁଜର୍ସ କହିଛନ୍ତି। ଛୁଆହାତୀକୁ ଉଦ୍ଧାର କରି ମା' ହାତୀ ସହ ତାର ପୁନଃ ମିଳନ କରାଇବାରେ ବନ କର୍ମଚାରୀଙ୍କ ଆପ୍ରାଣ ଉଦ୍ୟମକୁ ଅନେକ ୟୁଜର୍ସ ବହୁଳ ଭାବେ ପ୍ରଶଂସା କରିଛନ୍ତି।

# ମନ ଜିଣୁଛି 'ଆର୍ଟିକିଲ ୩୭୦'

ମୁମ୍ବାଇ




ଜାତୀୟ ପୁରସ୍କାର ବିଜେତା ଆଦିତ୍ୟ ସୁହାସ ଜାମ୍ଭଲେଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଆର୍ଟିକିଲ ୩୭୦'କୁ ନେଇ ବର୍ତ୍ତମାନ ଚାରିଆଡ଼େ ଚର୍ଚ୍ଚା ଲାଗି ରହିଛି। ୟାମି ଗୌତମଙ୍କ ଅଭିନୀତ ଏହି ଫିଲ୍ମ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବା ମାତ୍ରେ ଦର୍ଶକଙ୍କ ମନ ଜିଣିବାରେ ଲାଗିଛି। ଏହି ଚଳଚ୍ଚିତ୍ର ମାଧ୍ୟମରେ କଶ୍ମୀରରୁ ଧାରା ୩୭୦ ଉଚ୍ଛେଦର କାହାଣୀ ବଡ ପରଦାରେ ଦେଖିବାକୁ ମିଳିଛି। ତେବେ ଏହି ଫିଲ୍ମକୁ ନେଇ ପ୍ରଶଂସକଙ୍କ ସକାରତ୍ମକ ପ୍ରତିକ୍ରିୟା ମିଳିବାରେ ଲାଗିଛି। ବକ୍ସ ଅଫିସରେ ଏହି ଫିଲ୍ମ ଜବରଦସ୍ତ ହିଟ୍ ହେବ ବୋଲି ଆକଳନ କରାଯାଉଛି। ପ୍ରଥମ ୨ ଦିନର ବକ୍ସ ଅଫିସ କଲେକ୍ସନ ମଧ୍ୟ ପ୍ରକାଶ ପାଇଛି। ଆଡଭାନ୍ସ ବୁକିଂ ହେତୁ ରିଲିଜ ହେବାର ପ୍ରଥମ ଦିନରେ ଫିଲ୍ମଟି ୫.୯ କୋଟି ଟଙ୍କା ରୋଜଗାର କରିଥିଲା। ସେହିପରି ଦ୍ୱିତୀୟ ଦିନରେ ଏହି ଚଳଚ୍ଚିତ୍ର ପ୍ରାୟ ୭,୫ କୋଟି ଟଙ୍କା ରୋଜଗାର କରିଛି। ୨ ଦିନ ମଧ୍ୟରେ ଏହି ଫିଲ୍ମ ୧୩.୪ କୋଟି ଟଙ୍କା ରୋଜଗାର କରିସାରିଲାଣି। ଦୁଇ ଦିନର ଆୟକୁ ଦେଖି ଆକଳନ କରାଯାଉଛି, ଏହି ଚଳଚ୍ଚିତ୍ର ଆଗାମୀ ଦିନରେ ଆହୁରି ଅଧିକ ରୋଜଗାର କରିବ। ଦେଶର ୧୫୦୦ ସିନେମା ହଲର ପ୍ରାୟ ୨୨୦୦ ସ୍କ୍ରିନରେ ଏହି ଚଳଚ୍ଚିତ୍ର ରିଲିଜ ହୋଇଛି। ଅଭିନେତ୍ରୀ ୟାମି ଗୌତମ ଏହି ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ନଜର ଆସିଛନ୍ତି। ଗୁଇନ୍ଦା ବିଭାଗ ଅଧିକାରୀ ଭାବେ ଏହି ଫିଲ୍ମରେ ୟାମିଙ୍କ ଦମଦାର ଅଭିନୟଙ୍କୁ ଦର୍ଶକ ବେଶ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶକ ଆଦିତ୍ୟ ସୁହାସ ଜାମ୍ଭଲେ ପୂର୍ବରୁ 'ଉରି' ଏବଂ 'ଦି ସର୍ଜିକାଲ ଷ୍ଟ୍ରାଇକ୍' ଚଳଚିତ୍ରର ନିର୍ଦ୍ଦେଶନା ମଧ୍ୟ ଦେଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ମାମୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିର୍ସା ମୁଣ୍ଡାରେ ଭାରତର ଅଭିଯାନ ଶେଷ

## ଏଫ୍ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍

## ଆୟର୍ଲାଣ୍ଡକୁ ୪-୦ ଗୋଲ୍‌ରେ ହରାଇଲା

ରାଉରକେଲା, ୨୫।୨
(ଦୀନେଶ ମିଶ୍ର)

ଏଫ୍ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍‌ର ରବିବାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚରେ ଭାରତ ୪-୦ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଏଥିସହ ଘରୋଇ ପରିବେଶରେ ଭାରତର ଅଭିଯାନ ଶେଷ ହୋଇଛି। ଭାରତ ସମେତ ଆୟର୍ଲାଣ୍ଡ, ନେଦରଲାଣ୍ଡ୍ସ, ଅଷ୍ଟ୍ରେଲିଆ ଓ ସ୍ପେନ୍ ସ୍ଥାନୀୟ ବିର୍ସା ମୁଣ୍ଡା ଷ୍ଟାଡିୟମ ଏବଂ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ୪ଟି ଲେଖାଏ ମ୍ୟାଚ ଖେଳିଥିଲେ। ଆୟର୍ଲାଣ୍ଡ ବିପକ୍ଷରେ ଏଠାରେ ଭାରତ ପକ୍ଷରୁ ନୀଳକାନ୍ତ ଶର୍ମା ୧୪, ଆକାଶଦୀପ ସିଂ ୧୫, ଗୁରଜାନ୍ତ ସିଂ ୩୮ ଓ ଜୁଗରାଜ ସିଂ ୬୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଭାରତ ଏପର୍ଯ୍ୟନ୍ତ ଖେଳିଥିବା ୮ ମ୍ୟାଚରୁ ୩ ବିଜୟ, ୨ ଶୁଟ୍ ଆଉଟ ବିଜୟ, ୨ ଶୁଟ୍ ଆଉଟ ପରାଜୟ ଓ ୧ ପରାଜୟ ସହ ୧୫ ପଏଣ୍ଟ ପାଇ ଟେବୁଲର ତୃତୀୟ ସ୍ଥାନ ଅଧିକାର କରିଛି। ନେଦରଲାଣ୍ଡ୍ସ ୧୨ ମ୍ୟାଚରୁ ୨୬ ଓ ଅଷ୍ଟ୍ରେଲିଆ ୮ ମ୍ୟାଚରୁ ୨୦ ପଏଣ୍ଟ ପାଇ ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ଆୟର୍ଲାଣ୍ଡ ୮ ମ୍ୟାଚ ଖେଳିଥିଲେ ମଧ୍ୟ ପଏଣ୍ଟ ଖାତା ଖୋଲି ପାରିନାହିଁ। ଏହି ମ୍ୟାଚରେ ଭାରତ ୨ଟି ପେନାଲ୍ଟି କର୍ନର ପାଇଥିଲା ଏବଂ ୨ଟି ଯାକକୁ ଗୋଲରେ ପରିଣତ କରିବାରେ ସକ୍ଷମ ହୋଇଥିଲା। ଗୁରଜାନ୍ତ ସିଂ ଓ ହରମନପ୍ରୀତ ସିଂ ଗ୍ରୀନ୍ ଏବଂ ମୋଇରାଙ୍ଗଥେମ୍ ରବିଚନ୍ଦ୍ର ୟେଲୋ କାର୍ଡ ପାଇଥିଲେ।



ଆୟର୍ଲାଣ୍ଡ ବିପକ୍ଷରେ ଗୋଲ୍ ଦେବା ପରେ ଉଲ୍ଲସିତ ଭାରତୀୟ ଖେଳାଳି।

# ଇସ୍‌ମାଇଲ, କେର୍‌ଙ୍କ ପ୍ରଭାବୀ ବୋଲିଂ

## ଓମେନ୍ସ ପ୍ରିମିୟର ଲିଗ୍ କ୍ରିକେଟ

ବେଙ୍ଗାଲୁରୁ, ୨୫।୨

ଭେଟେରାନ ପେସ୍ ବୋଲର ଶବନିମ ଇସ୍‌ମାଇଲ ଓ ଲେଗ୍ ସ୍ପିନର ଆମେଲିଆ କେର୍‌ଙ୍କ ଚମତ୍କାର ବୋଲିଂ ସହାୟତାରେ ମୁମ୍ବାଇ ଇଣ୍ଡିଆନ ଏଠାରେ ରବିବାର ଖେଳାଯାଇଥିବା ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଏକ ମ୍ୟାଚରେ ଗୁଜରାଟ ଜାଏଣ୍ଟ୍ସଙ୍କୁ ୧୨୬/୯ ସ୍କୋରରେ ସୀମିତ କରିଦେଇଛି। ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇ ସାରିଥିବା ଇସ୍‌ମାଇଲ ଏବେ ମଧ୍ୟ ପ୍ରଭାବୀ ରହିଛି। ମୁମ୍ବାଇ ଦଳ ପକ୍ଷରୁ ସେ ପାୱାର ପ୍ଲେ ସେଗ୍‌ମେଣ୍ଟରେ ବୋଲିଂ ଓପନ କରି ବେଦ କ୍ରିଷ୍ଣାମୂର୍ତ୍ତୀ ଓ ହାର୍ଲିନ ଦେଓଲଙ୍କୁ ଆଉଟ କରି ପ୍ୟାଭିଲିଅନ୍ ପଠାଇ ଦେଇଥିଲେ। ପେସ୍‌ର ନାଟ୍-ସ୍କିଭର ବ୍ରଣ୍ଟ ୬ଷ୍ଠ ଓଭରରେ ଫୋଏବ ଲିଚ୍‌ଫିଲ୍ଡଙ୍କ ଉଇକେଟ ନେଇଥିଲେ। ପାୱାର ପ୍ଲେ ପରେ ଜାଏଣ୍ଟ୍ସର ସ୍କୋର ୪୩/୩ ରହିଥିଲା। ପରବର୍ତ୍ତୀ ୪୪ ବଲ୍‌ରେ ଗୋଟିଏ ହେଲେ ବାଉଣ୍ଡ୍ରି ମାରିବାରେ ବିଫଳ ହେବା ଦ୍ୱାରା ଜାଏଣ୍ଟ୍ସର ଚିନ୍ତା ବଢିଯାଇଥିଲା। ଜାଏଣ୍ଟ୍ସ ପକ୍ଷରୁ ୯ ନମ୍ବର ବ୍ୟାଟର ତନୁଜା କନୱର ସର୍ବାଧିକ ୨୮, କାଥରିନ ବ୍ରିସ୍ ୨୫ ଓ ଅଧିନାୟିକା ବେଥ୍ ମୁନି ୨୪ ରନ କରିବାକୁ ସକ୍ଷମ ହୋଇଥିଲେ। ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଆମେଲିକା କେର ୪ଟି, ଶବନିମ ଇସମାଇଲ ୩ଟି ଏବଂ ନାଟ୍ ସ୍କିଭର-ବ୍ରଣ୍ଟ ଓ ହିଲି ମାଥ୍ୟୁସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

# ଅଷ୍ଟ୍ରେଲିଆର କ୍ଲିନ ସୁଇପ୍

ଅକ୍‌ଲାଣ୍ଡ, ୨୫।୨ (ଏପି)

ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚକୁ ଅଷ୍ଟ୍ରେଲିଆ ୨୭ ରନରେ ଜିତିନେଇଛି। ଏଥିସହିତ ଘରୋଇ ଦଳ ୩ ମ୍ୟାଚବିଶିଷ୍ଟ ସିରିଜ ୩-୦ରେ କ୍ଲିନ୍ ସୁଇପ୍ ବିଜୟ ହାସଲ କରିଛି। ସ୍ଥାନୀୟ ଇଡେନ୍ ପାର୍କଠାରେ ନ୍ୟୁଜିଲାଣ୍ଡ ଅଧିନାୟକ ମିଚେଲ ସାଣ୍ଟନର ତାଙ୍କ ୧୦୦ତମ ମ୍ୟାଚରେ ଟସ୍ ଜିତି ଅଷ୍ଟ୍ରେଲିଆକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ମ୍ୟାଚ ବେଳେ ବର୍ଷା ୩ଥର ବାଧା ଦେଇଥିଲା। ସେତେବେଳକୁ ଅଷ୍ଟ୍ରେଲିଆ ୧୦.୪ ଓଭରରେ ୪ ଉଇକେଟ ବିନିମୟରେ ୧୧୮ ରନ କରିଥିଲା। ଡକ୍‌ୱର୍ଥ ଲୁଇସ୍ ପଦ୍ଧତି ଅନୁସାରେ ନ୍ୟୁଜିଲାଣ୍ଡ ପାଇଁ ୧୦ଓଭରରେ ୧୨୬ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ବିଜୟ ଲକ୍ଷ୍ୟ ଚେଜ୍ କରିବା ବେଳେ ନ୍ୟୁଜିଲାଣ୍ଡ ବ୍ୟାଟରମାନେ ଅଷ୍ଟ୍ରେଲିଆର ବିଶ୍ୱଶ୍ରେଣୀ ବୋଲିଂ ଆକ୍ରମଣର ଉଚିତ ମୁକାବିଲା କରିପାରି ନ ଥିଲେ। ୧୦ ଓଭରବିଶିଷ୍ଟ ଇନିଂସ ପାଇଁ ରହିଥିବା ସଂଶୋଧିତ ନିୟମାନୁସାରେ ଅଷ୍ଟ୍ରେଲିଆକୁ ୫ ବୋଲର ଅନୁମତି ରହିବ। ୩ଓଭର ପାୱାର ପ୍ଲେ ସହ ସେମାନେ ପ୍ରତ୍ୟେକ ୨ଓଭର ଲେଖାଏ ବୋଲିଂ କରିପାରିବେ। ଯୁବ ବାମହାତୀ ସ୍ପେନସର ଜନସନ ତାଙ୍କ ୨ ଓଭର ବୋଲିଂରେ ୧୦ରନ ବିନିମୟରେ ଗୋଟିଏ ଉଇକେଟ ନେଇଥିଲୋ। ନାଥାନ ଏଲିସ ତାଙ୍କ ୨ ଓଭର ବୋଲିଂରେ ୧୧ରନ ଦେଇଥିଲେ। ମିଚେଲ ଷ୍ଟାର୍କ ୧୫ ରନ ଦେଇଥିବା ବେଳେ ଆଡାମ ଜାମ୍ପା ୨୦ରନ ଦେଇ ଗୋଟିଏ ଉଇକେଟ ନେଇଥିଲେ। ୫ମ ଓଭରରେ ନ୍ୟୁଜିଲାଣ୍ଡର ପ୍ରମୁଖ ହିଟର ଗ୍ଲେନ ଫିଲିପ୍ସଙ୍କୁ ଏଲିସ ୪ ଡଟ୍ ବଲ୍ ପକାଇଥିଲେ। ସେତେବେଳେ ନ୍ୟୁଜିଲାଣ୍ଡର ସ୍କୋର ୫୧/୨ ରହିଥିଲା। ବିଜୟ ପାଇଁ ଦଳ ୩୦ ବଲ୍‌ରେ ୭୫ରନ ଆବଶ୍ୟକ କରୁଥିଲା। ଅଷ୍ଟ୍ରେଲୀୟ ବୋଲରମାନେ ଲାଇନ୍ ଲେନ୍ଥ୍ ବୋଲିଂ ଜାରି ରଖି ନ୍ୟୁଜିଲାଣ୍ଡ ବ୍ୟାଟରଙ୍କୁ ହତାଶ କରିଥିଲେ। ୯ମ ଓଭରରେ ବୋଲିଂ କରି ଏଲିସ ମାତ୍ର ୮ରନ ଦେଇଥିଲେ। ଫଳରେ ନ୍ୟୁଜିଲାଣ୍ଡ ମ୍ୟାଚ ଜିତିବା ପାଇଁ ଅନ୍ତିମ ଓଭରରେ ୪୩ରନ ଆବଶ୍ୟକ କରୁଥିଲା। ଦଳ ୧୦ ଓଭରରେ ୩ ଉଇକେଟ ହରାଇ ୯୮ ରନ କରିପାରିଥିଲା।

# ନେଦରଲାଣ୍ଡ୍ସ ୫, ଅଷ୍ଟ୍ରେଲିଆ ୩

ରାଉରକେଲା,୨୫।୨(ଦିନେଶ ମିଶ୍ର)

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ରବିବାର ଅଷ୍ଟ୍ରେଲିଆ ଓ ନେଦରଲାଣ୍ଡ୍ସ ମଧ୍ୟରେ ପୁରୁଷ ହକି ପ୍ରୋ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ଅଷ୍ଟ୍ରେଲିଆକୁ ୫-୩ ଗୋଲରେ ପରାସ୍ତ କରି ନେଦରଲାଣ୍ଡ୍ସ ପଏଣ୍ଟ ତାଲିକାରେ ଶୀର୍ଷ ସ୍ଥାନ ବଜାୟ ରଖିଛି। ପ୍ରଥମ କ୍ୱାର୍ଟରର ୬ଷ୍ଠ ମିନିଟ୍‌ରେ ଫରୱାର୍ଡ ଖେଳାଳି ଜାକବ୍ ଆଣ୍ଡରଶନ ପ୍ରଥମ ଫିଲ୍ଡ ଗୋଲ ମାରି ୧-୦ ଗୋଲରେ ଦଳକୁ ଆଗୁଆ ରଖିଥିଲେ। ନେଦରଲାଣ୍ଡ୍ସ ୧୩ଶ ମିନିଟ୍‌ରେ ଡୁକୋ ଟେଲଗେନ୍‌କାମ୍ପଙ୍କ ଗୋଲ ବଳରେ ମ୍ୟାଚକୁ ବରାବର ସ୍ଥିତିକୁ ଆଣିଥିଲା। ଖେଳର ଦ୍ୱିତୀୟ କ୍ୱାର୍ଟରର ଠିକ୍ ୨୦ ମିନିଟ୍‌ରେ ଡୁକୋ ପୁଣି ଏକ ଫିଲ୍ଡ ଗୋଲ ମାରି ନେଦରଲାଣ୍ଡ୍ସକୁ ୨-୧ ଗୋଲରେ ଆଗୁଆ ରଖିଥିଲେ। ୩୫ତମ ମିନିଟରେ ଜିପ୍ ଜାନସେନ୍ ପେନାଲ୍ଟି କର୍ନରରୁ ତୃତୀୟ ଓ ୪୨ ମିନିଟ୍‌ରେ ଟେଜେପ୍ ହୋଡମେକର୍ସ ୪ର୍ଥ ଗୋଲ ମାରିଥିଲେ। ଅଷ୍ଟ୍ରେଲିଆ ଦଳ ପୁଣି ଖେଳରେ ପ୍ରତ୍ୟାବର୍ତ୍ତନ କରି ମ୍ୟାଚର ଚତୁର୍ଥ କ୍ୱାର୍ଟରରେ ୪୬ ମିନିଟ୍‌ରେ ଟିମ୍ ବ୍ରାଣ୍ଡ ନେଦରଲ୍ୟାଣ୍ଡ ବିପକ୍ଷରେ ଦ୍ୱିତୀୟ ଗୋଲ ମାରିଥିବାବେଳେ ୫୫ ମିନିଟ୍‌ରେ ଜେରମି ହେୱାର୍ଡ ତୃତୀୟ ଗୋଲ ମାରିଥିଲେ। ଚତୁର୍ଥ କ୍ୱାର୍ଟର ୪୮ ମିନିଟ୍‌ରେ ଟରେନ୍ସ ପିଟର୍ସ ୫ମ ଫିଲ୍ଡ ଗୋଲ ମାରି ନେଦରଲ୍ୟାଣ୍ଡ୍ସ ଦଳକୁ ବିଜୟୀ କରାଇଥିଲେ। ଏହି ମ୍ୟାଚ୍‌ରେ ଡୁକୋ ଟେଲଗେନ୍‌କାମ୍ପଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରୁଷ ପ୍ରୋ ଲିଗ୍‌ରେ ନେଦରଲ୍ୟାଣ୍ଡ ଦଳ ୧୨ଟି ମ୍ୟାଚ୍ ଖେଳି ୭ଟିରେ ବିଜୟୀ ହୋଇ ପଏଣ୍ଟ ତାଲିକାରେ ପ୍ରଥମ ସ୍ଥାନରେ ରହିଛି। ସେହିପରି ଅଷ୍ଟ୍ରେଲିଆ ଦଳ ୮ଟି ମ୍ୟାଚ୍ ଖେଳି ୬ଟିରେ ବିଜୟୀ ହୋଇ ଦ୍ୱିତୀୟ ସ୍ଥାନରେ ରହିଛି।

# ହସରଙ୍ଗା ସସ୍‌ପେଣ୍ଡ, ଗୁରବାଜଙ୍କୁ ଜରିମାନା

**ଦୁବାଇ, ୨୫।୨ (ପି.ଟି.):** ଦାମ୍ବୁଲାଠାରେ ଅନୁଷ୍ଠିତ ତୃତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଆଚରଣବିଧି ଉଲ୍ଲଂଘନ କରିଥିବାରୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଶ୍ରୀଲଙ୍କା ଅଧିନାୟକ ୱାନିନ୍ଦୁ ହସରଙ୍ଗାଙ୍କୁ ଦୁଇଟି ମ୍ୟାଚରୁ ସସ୍‌ପେଣ୍ଡ କରିଥିବା ବେଳେ ଆଫଗାନିସ୍ତାନ ଉଇକେଟକିପର-ବ୍ୟାଟର ରହମାନୁଲ୍ଲା ଗୁରବାଜଙ୍କୁ ତାଙ୍କ ମ୍ୟାଚ ଫିର ୧୫ ପ୍ରତିଶତ ଜରିମାନା କରିଛି। ସଦ୍ୟତମ ଆଇସିସି ଆଚରଣ ବିଧି ଉଲ୍ଲଂଘନ ପାଇଁ ଶ୍ରୀଲଙ୍କା ଟି୨୦ ଅଧିନାୟକ ତଥା ଆଇସିସି ପୁରୁଷ ଖେଳାଳି ର୍‍ୟାଙ୍କିଂରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ହସରଙ୍ଗାଙ୍କୁ ୩ ଡିମେରିଟ୍ ପଏଣ୍ଟ ମିଳିବା ସହ ତାଙ୍କ ମ୍ୟାଚ ଫିର ୫୦ ପ୍ରତିଶତ ଜରିମାନା ହୋଇଛି। ଫଳରେ ୨୪ ମାସ ମଧ୍ୟରେ ତାଙ୍କ ଡିମେରିଟ୍ ପଏଣ୍ଟ ସଂଖ୍ୟା ୫ରେ ପହଞ୍ଚି ଯାଇଥିବାରୁ ତାଙ୍କୁ ଦୁଇଟି ମ୍ୟାଚରୁ ସସ୍‌ପେଣ୍ଡ କରିବାକୁ ପଡ଼ିଲା ବୋଲି ବିଶ୍ୱ କ୍ରିକେଟ ପରିଚାଳନା ପରିଷଦ କହିଛି। ହସରଙ୍ଗାଙ୍କୁ ନେଇ ଏହି ଘଟଣା ବୁଧବାର ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ଶେଷରେ ଘଟିଥିଲା। ଏକ ଫୁଲଟସ୍‌କୁ ନୋ-ବଲ୍ ଦିଆଯାଇ ନ ଥିବା ଦର୍ଶାଇ ସେ ଫିଲ୍ଡ ଅମ୍ପାୟର ଲିନଡନ ହାନିବାଲଙ୍କୁ ସମାଲୋଚନା କରିଥିଲେ। ଏହାଦ୍ୱାରା ସେ ଆଚରଣ ବିଧିର ଧାରା ୨.୨୩ର ଉଲ୍ଲଂଘନ କରିଥିଲେ। ଅନ୍ୟପକ୍ଷରେ ଆଫଗାନିସ୍ତାନ ବ୍ୟାଟର ଗୁରବାଜ ସମାନ ମ୍ୟାଚରେ ଆଇସିସି ଆଚରଣ ବିଧିର ଧାରା-୧ ଉଲ୍ଲଂଘନ କରିଥିଲେ। ସେ ଅମ୍ପାୟରଙ୍କ ନିର୍ଦ୍ଦେଶକୁ ଅମାନ୍ୟ କରିଥିଲେ। ଗୁରବାଜଙ୍କୁ ବାରମ୍ବାର ଚେତାବନୀ ସତ୍ତ୍ୱେ ସେ ତାଙ୍କ ବ୍ୟାଟ୍‌ର ଗ୍ରିପ୍‌କୁ ବଦଳ କରିଥିଲେ। ଆଫଗାନିସ୍ତାନ କ୍ରିକେଟରଙ୍କର ୨୪ ମାସରେ ଏହା ଦ୍ୱିତୀୟ ଅପରାଧ। ତାଙ୍କ ଖାତାରେ ଏକ ଡିମେରିଟ୍ ପଏଣ୍ଟ ଯୋଗ କରାଯିବା ଦ୍ୱାରା ଏହି ସଂଖ୍ୟା ୨ରେ ପହଞ୍ଚିଛି।


# CLASSIFIED DISPLAY

MORE SPACE • SAME PRICE

TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**OAS HUB**
*Make your dreams into reality*
**OAS / IAS**
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018

**ADMISSION OPEN**
**B.Ed, M.Ed, B.P.Ed.**
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

**ଜନ୍ମଦିନ ଶୁଭେଚ୍ଛା**



ଶୁଭଦର୍ଶିନୀ ବିଶ୍ୱକର୍ମା (ମାମୁନି)
ବିଶ୍ୱନାଥପୁର, ବାଲିପାଟଣା, ଖୋର୍ଦ୍ଧା
ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ ଓ ତୁମର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ବାବା: ଗଙ୍ଗାଧର ଓଝା, ମାମା: ବନଜ ବାସିନୀ ଓଝା, ବୋଉ, ଆଇ, ପିଉସା, ପିଉସୀ, ମଉସା, ମାଉସୀମାନେ ଓ ବନ୍ଧୁ ପରିବାରବର୍ଗ।
ଧ-୭୫୬୦୮

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# Classified Everyday
0674-2580101, 2549949



REAL ESTATE

SALE

**Plot sale Bhubaneswar, Sundarpada Roadରେ ଦଧିବାମନପୁର ମୌଜା yellowzone ଘରବାରି 30' road, pole ଥାଇ sqft.-1200/- ମିଳୁଛି। Biswajit-7008184348.** D-71069

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛଡାବର Bypass sqft.-500/-. 9776974912. D-75919

**Gated community residential gharabari boundarywall plot sale at Rangabazar & Balianta, 30ft. road, electricity, plantetion. 8763887357, 8144730854.** D-75916

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ପିଚୁ ରାସ୍ତାକୁ ଲାଗି ଘରବାଡ଼ି ପାଚେରି ପ୍ଲଟ୍ ପଛାରୁ ବିକ୍ରି ହେବ। **9827119799.** D-2605

**House for sale at Bhubaneswar Jayadeb Bihar Behind HDFC Bank, near Petrol Pump Bishnupriya Apartment, 2 Bed Rooms, Dining & Drawing Room, Kitchen, 2 Bath Rooms, 1 Balcony. SBA 910sqft. Carpet Area 750sqft. on top Floor, Parking out side Apartment Wall. Contact: 9937094663.** D-2591

ଭୁବନେଶ୍ୱର ଭୁଆସୁଣୀ ମନ୍ଦିର ପାଖ ଗଙ୍ଗପଡ଼ା ମୌଜାରେ NH-16କୁ ଲାଗି 100ମି. ଦୂରରେ ଘରବାରି ପାଚେରି ସହିତ 1500/- କିଣି ଘର କରନ୍ତୁ। 9938066403, 9438315973. D-2568

Duplex project at Retanga Medical Station near C.V. Raman University Tamando, Bhubaneswar. 7008459987. D-75912

ଭୁବନେଶ୍ୱର ପଟିଆ ତ୍ରିଶୁଳିଆ ଛକ ପାଖରେ **100ft. roadside yellowzone 30ft.** ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। **7978701424, 9937025614.** D-75299

ଭୁବନେଶ୍ୱର-ପିତାପଲ୍ଲି NH-16 କଡ଼ରେ ବାସୋପଯୋଗୀ ପୋଜେସନ୍ ପ୍ଲଟ୍ 30ft. road, boundary ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। 9337166296. D-75911

Bhubaneswar Infocity-2 Reserve Bank ପାଖରେ ନଗଦ ଘର କରିବା ପାଇଁ 8000sqft. ଘରବାଡ଼ି ପ୍ଲଟ୍ ବିକ୍ରିହେବ। 9438859527. D-75920



CONSTRUCTION

**Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195.** D-75913

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।





**Ashirvaad Salon and SPA get good massage for your health tha best therapy. 7077181074.** D-75711

Relax refreshment body massage therapy by experience lady therapist. 7008773793. D-76102

Relax, Refresh your body, mind by expert therapist. Contact: 9938843929. D-76103

**Relax, Refresh your body, Mind at Saikrupa Spa with best therapies. 8984068077.** D-2600

Kerala body massage best therapist @ 699/- Bhubaneswar. 9337672475. Ganeshspa.in. D-2612

Refreshments body massage therapy with experience therapists, Ashirvad Panchakarma SPA, Keshari Mall, Bhubaneswar-8926173473. D-67129

LOST

ମୁଁ ସହଦେବ ପରିଡ଼ା, ସା-ବଡ଼ବନ୍ଧକେରା, ଥାନା- ବ୍ରହ୍ମଗିରି, ଜିଲ୍ଲା- ପୁରୀ ଅଟେ। ପ୍ରତିମା ମହାପାତ୍ର, ସ୍ୱାମୀ- ହରିହର ମହାପାତ୍ର, ସା- ବରୁଡ଼ିଙ୍କ ବଡ଼ବନ୍ଧକେରା ମୌଜାରେ ଥିବା ଖାତା ନଂ.-୬୫୧/୧୮୨, ପ୍ଲଟ୍ ନଂ.-୬୩୭/୧୯୩୭, ଏରିଆ-୫.୫ର ଏକ ଜାଗା କିଣିଥିଲି। ଉକ୍ତ ଜାଗାର ପଟ୍ଟା ବ୍ରହ୍ମଗିରି ରାସ୍ତାରେ ହଜି ଯାଇଅଛି। ଏହାକୁ ମୁଁ କୌଣସିଠାରେ ବନ୍ଧକ ରଖିନାହିଁ। ଯଦି ଏହାକୁ କେହି ପାଇଥାନ୍ତି ତେବେ ଉକ୍ତ ମୋବାଇଲ ନଂ.- 8839911795ରେ ଯୋଗାଯୋଗ କରିବାକୁ ଅନୁରୋଧ।
ଧ-୨୨୨୧

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**AFFIDAVIT**

By virtue of an affidavit No.- 119 dtd. 09.02.2024 sworn before Executive Magistrate, Bhadrak. I Abhimanyu Behera, S/o- Benudhar Behera, Vill- Rajendrapur, P.O.- Barikpurbazar, Dist.- Bhadrak do hereby solemnly affirm and declare that my younger father namely Narayan Behera, S/o- Ghaneswar Behera having LIC Policy No.- 857398917 and he has expired on dtd 12.12.2023. I am the legal nominee of this Policy. That Narayan Behera father's correct name is Khageswar Behera which is recorded in Aadhaar. I the deponent further declare that Narayan Behera's father Ghaneswar Behera and Khageswar Behera both is same and one person. D-2622

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ



୰ହରିହର ସେନାପତି
କୁହା, ଭୁବନେଶ୍ୱର
ଆବିର୍ଭାବ: ୧୧।୦୪।୧୯୩୯
ତିରୋଧାନ: ୧୬।୦୨।୨୦୨୪
(ମାଘ ଶୁକ୍ଳ ସପ୍ତମୀ, ଶୁକ୍ରବାର)
ତୁମର ଅଶିମ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟ ନିଷ୍ଠା, ପରୋପକାରୀ ଓ ଭଲପାଇବା ଆମମାନଙ୍କ ପାଇଁ ଚିରସ୍ମରଣୀୟ। ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ଆଶୀର୍ବାଦ ଆମ ଉପରେ ସର୍ବଦା ରହିଥାଉ। ତୁମ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ-ଅଣନାତି, ପୁତୁରା-ପୁତୁରାବୋହୂ ଏବଂ ସମସ୍ତ ବନ୍ଧୁବାନ୍ଧବ ଆତ୍ମୀୟସ୍ୱଜନ ବୃନ୍ଦ।
ଧ-୭୫୬୦୯

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।














Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# ବିଜୟ ପଥରେ ଭାରତ




ଉଇକେଟ ନେବାପରେ ଉଲ୍ଲସିତ ରବିଚନ୍ଦ୍ରନ ଅଶ୍ୱିନ ଓ କୁଲଦୀପ ଯାଦବ।

**ଚତୁର୍ଥ ଟେଷ୍ଟ**

- ରବିଚନ୍ଦ୍ରନ ଅଶ୍ୱିନଙ୍କୁ ୫ ଉଇକେଟ ସଫଳତା
- ଟାର୍ଗେଟ ୧୯୨, ଭାରତ ୪୦/୦

**ରାଞ୍ଚି, ୨୫।୨**

ରବିଚନ୍ଦ୍ରନ ଅଶ୍ୱିନଙ୍କ ୫ ଉଇକେଟ ସଫଳତା ଏବଂ କୁଲଦୀପ ଯାଦବଙ୍କ ଚମତ୍କାର ବୋଲିଂ ସହାୟତାରେ ଭାରତ ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟରେ ନିଜର ସ୍ଥିତି ମଜଭୁତ କରିଛି। ୧୯୨ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଭାରତ ରବିବାର ତୃତୀୟ ଦିବସ ଶେଷସୁଦ୍ଧା ଦ୍ୱିତୀୟ ଇନିଂସରେ କୌଣସି ଉଇକେଟ ନ ହରାଇ ୪୦ ରନ କରି ବିଜୟ ପଥରେ ରହିଛି। ଅଧିନାୟକ ରୋହିତ ଶର୍ମା ୨୪ ଓ ଯଶସ୍ୱୀ ଜୟସ୍ୱାଲ ୧୬ ରନରେ ଅପରାଜିତ ରହିଛନ୍ତି। ସମସ୍ତ ଉଇକେଟ ସୁରକ୍ଷିତ ଥିବାବେଳେ ଭାରତ ଆଉ ୧୫୨ ରନ ଦୂରରେ ରହିଛି। ଏହି ଟେଷ୍ଟ ଜିତିଲେ ଭାରତ ସିରିଜ ବିଜୟୀ ହେବ।

## ଜୁରେଲଙ୍କ ସାହସିକ ଇନିଂସ୍

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୨୧୯/୭ରୁ ଖେଳ ଆରମ୍ଭ କରିଥିବା ଭାରତ ପ୍ରଥମ ଇନିଂସ୍‌ରେ ମୋଟ ୩୦୭ ରନକରି ଅଲ୍‌ଆଉଟ ହୋଇଥିଲା। ଯୁବ ଉଇକେଟ କିପର ଧ୍ରୁବ ଜୁରେଲ ସାହସିକ ଇନିଂସ ଖେଳି ୯୦ ରନରେ ଅପରାଜିତ ରହିଥିଲେ। ସେ ୧୪୯ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ୍ ମଧ୍ୟରେ ୬ ଚୌକା ଓ ୪ ଛକା ମାରିଥିଲେ। କୁଲଦୀପ ଯାଦବ ୨୮ ରନ କରି ତାଙ୍କୁ ଉପଯୁକ୍ତ ସହାୟତା କରିଥିଲେ। ଜୁରେଲ ଓ କୁଲଦୀପ ୮ମ ଉଇକେଟରେ ୭୬ ରନର ଭାଗୀଦାରି ଗଢ଼ି ଭାରତକୁ ସଙ୍କଟରୁ ରକ୍ଷା କରିଥିଲେ। କାରଣ ଭାରତ ୧୭୭ ରନରେ ୭ ଉଇକେଟ ହରାଇ ସାରିଥିଲା। ନିଜ ବ୍ୟାଟିଂ ଦକ୍ଷତା ଯୋଗୁ ଜୁରେଲ ଏବେ ରିଷଭ ପନ୍ତଙ୍କ ପରେ ଦ୍ୱିତୀୟ ପସନ୍ଦ ଉଇକେଟ କିପର ହେବା ସମ୍ଭାବନା ସୃଷ୍ଟି କରିଛନ୍ତି। ଇଂଲଣ୍ଡ ପକ୍ଷରୁ ଶୋଏବ ବଶିର ୫ ଉିକେଟ ସଫଳତା ପାଇଥିବାବେଳେ ଟମ୍ ହାର୍ଟଲେଙ୍କୁ ୩ଟି ଏବଂ ଜେମ୍ସ ଆଣ୍ଡରସନଙ୍କୁ ୨ଟି ଉଇକେଟ ମିଳିଥିଲା।

## ଅଶ୍ୱିନ, କୁଲଦୀପଙ୍କ କମାଲ

ପ୍ରଥମ ଇନିଂସ ଅଗ୍ରଣୀ ରହିଥିଲେ ହେଁ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ଭାରତର ଦୁଇ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ କୁଲଦୀପ ଯାଦବଙ୍କୁ ଠିକ୍‌ଭାବେ ମୁକାବିଲା କରିପାରି ନ ଥିଲା। ଭାରତ ଆରମ୍ଭରୁ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜାଙ୍କୁ ନେଇ ଆକ୍ରମଣ ଆରମ୍ଭ କରିଥିଲା। ଏହାପରେ କୁଲଦୀପ ଯାଦବ ଆକ୍ରମଣରେ ସାମିଲ ହୋଇଥିଲେ। ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ମାତ୍ର ୩ ଓଭର ମିଳିଥିଲା। ଏହି ରଣନୀତି କାମ ଦେଇଥିଲା। ୫ମ ଓଭରରେ ଅଶ୍ୱିନ କ୍ରମାଗତ ୨ଟି ବଲ୍‌ରେ ବେନ୍ ଡକେଟ ଓ ଓଲି ପୋପ୍‌ଙ୍କୁ ଆଉଟ କରି ଇଂଲଣ୍ଡକୁ ଯେଉଁ କ୍ଷତି ପହଞ୍ଚାଇଥିଲେ ସେଥିରୁ ଦଳ ଶେଷ ପର୍ଯ୍ୟନ୍ତ ମୁକୁଳିପାରି ନ ଥିଲା। ଓପନର ଜ୍ୟାକ କ୍ରଲି (୬୦) ଓ ମିଡିଲ ଅର୍ଡରରେ ଜନି ବେୟାରଷ୍ଟୋ (୩୦)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଇଂଲଣ୍ଡ ବ୍ୟାଟର ଟିକ୍ଷିପାରି ନ ଥିଲେ। ନିଜର ୯୯ତମ ଟେଷ୍ଟରେ କ୍ୟାରିୟରର ୩୫ତମ ୫ ଉଇକେଟ ନେଇ ଇଂଲଣ୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ ଅଶ୍ୱିନ। ଏଥିସହ ସେ ଘରୋଇ ମାଟିରେ ସର୍ବାଧିକ ଟେଷ୍ଟ ଉଇକେଟ ହାସଲକାରୀ ହୋଇ ଯାଇଥିଲେ। ୫୯ ଟେଷ୍ଟରୁ ତାଙ୍କ ଉଇକେଟ ସଂଖ୍ୟା ୩୫୪ରେ ପହଞ୍ଚିଛି। ଅନିଲ କୁମ୍ବଲେ ୬୩ ମ୍ୟାଚରୁ ୩୫୦ ଉଇକେଟ ନେଇ ଭାରତୀୟ ମାଟିରେ ସର୍ବାଧିକ ଉଇକେଟ ହାସଲକାରୀ ରେକର୍ଡର ଅଧିକାରୀ ଥିଲେ। କୁଲଦୀପ ବିଶେଷ ପଛରେ ପଡ଼ି ନ ଥିଲେ। ସେ ନିଜ ୧୫ ଓଭର ସ୍ପେଲ୍‌ରେ ୨ଟି ମେଡେନ ନେବାସହ ମାତ୍ର ୨୨ ରନ ଦେଇ ୪ଟି ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟ ଉଇକେଟଟି ଜାଡେଜାଙ୍କୁ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୫୩। ଭାରତ ପ୍ରଥମ ଇନିଂସ: ୩୦୭ (ଧ୍ରୁବ ଜୁରେଲ-୯୦, ଯଶସ୍ୱୀ ଜୟସ୍ୱାଲ-୭୩, ଶୋଏବ ବଶିର-୫/୧୧୯, ଟମ୍ ହାର୍ଟଲେ-୩/୬୮, ଜେମ୍ସ ଆଣ୍ଡରସନ-୨/୪୮)। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୪୫/ଅଲଆଉଟ (ଜ୍ୟାକକ୍ରଲି-୬୦, ଜନିବେୟାରଷ୍ଟୋ-୩୦, ରବିଚନ୍ଦ୍ରନ ଅଶ୍ୱିନ-୫/୫୧, କୁଲଦୀପ ଯାଦବ-୪/୨୨, ରବୀନ୍ଦ୍ର ଜାଡେଜା-୧/୫୬)।

# 'ସ୍ୱପ୍ନ ସାକାର ପାଇଁ ସାଧନା ଆବଶ୍ୟକ'



ଅତିଥି ଓ କର୍ମକର୍ତ୍ତାଙ୍କ ସହ ପୁରସ୍କାରପ୍ରାପ୍ତ ଭାରତୀକୃଷ୍ଣ ମିଶ୍ର ଓ ଅମୂଲ୍ୟ ବେହେରା। (ଫଟୋ: ବିକାଶ ନାୟକ)

## ଭାରତୀକୃଷ୍ଣ, ଅମୂଲ୍ୟଙ୍କୁ କମଲ ଗାଙ୍ଗୁଲୀ ସ୍ମାରକୀ କ୍ରୀଡ଼ା ପୁରସ୍କାର

**ଭୁବନେଶ୍ୱର, ୨୫।୨**
**(ତପନ ସ୍ୱାଇଁ)**

ରାଜ୍ୟର ଅନ୍ୟତମ ପ୍ରତିଷ୍ଠିତ କ୍ରୀଡ଼ା ଅନୁଷ୍ଠାନ ସହିଦ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରବିବାର କମଲ ଗାଙ୍ଗୁଲୀ ସ୍ମାରକୀ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଛି। କ୍ଲବ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ଗ୍ରହଣ କରିଥିଲେ ଫୁଟବଲ କିମ୍ବଦନ୍ତୀ ଭାରତୀକୃଷ୍ଣ ମିଶ୍ର। 'ଯୁବ ଖେଳାଳିମାନେ ସ୍ୱପ୍ନ ଦେଖିବା ସହ ଏହାକୁ ସାକାର କରିବାକୁ ସାଧନାରତ ହେବା ଉଚିତ। ନିଜନିଜର ଖେଳ କୌଶଳ ସମୟକ୍ରମେ ଶିଖିହେବ, ମାତ୍ର ସ୍ୱପ୍ନକୁ ଯେପରି ସାକାର କରିହେବ ସେ ଦିଗରେ ଚେଷ୍ଟା ଜାରି ରଖିବା ଉଚିତ'' ବୋଲି ଏହି ଅବସରରେ ଭାରତୀକୃଷ୍ଣ ପ୍ରକାଶ କରିଥିଲେ। ୧୯୬୫ ଏସିଆନ ୟୁଥ୍ ଚାମ୍ପିୟନଶିପ୍‌ର ଭାରତୀୟ ଦଳରୁ ଖେଳିଥିବା ଏବଂ ସନ୍ତୋଷ ଟ୍ରଫି ଓ ସୁବ୍ରତ କପ ସେମିଫାଇନାଲରେ ଖେଳିବା ସହ ଭାରତୀୟ ସିନିୟର ଫୁଟବଲ ଦଳର ଚୟନକର୍ତ୍ତା ଦାୟିତ୍ୱ ତୁଲାଇଥିବା ଗୋଲକିପର ଭାରତୀକୃଷ୍ଣଙ୍କୁ ଲାଇଫ୍ ଟାଇମ ପୁରସ୍କାର ଆକାରରେ ଉତ୍ତରୀୟ, ଟ୍ରଫି, ପ୍ରଶସ୍ତିପତ୍ର, ଉପହାର ଏବଂ ୨୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

୨୦୨୪ର ଶ୍ରେଷ୍ଠ କୋଚ ପୁରସ୍କାର ଲାଭ କରିଥିଲେ ରାଜ୍ୟର ଜଣାଶୁଣା ହକି କୋଚ ଅମୂଲ୍ୟ କୁମାର ବେହେରା। ''ଖେଳାଳିର ପ୍ରତିଭାକୁ ଠିକଭାବେ ଚିହ୍ନଟ କରି ପାରୁଥିବା ବ୍ୟକ୍ତି ହିଁ ପ୍ରକୃତ ପ୍ରଶିକ୍ଷକ'' ବୋଲି ସେ ମତବ୍ୟକ୍ତ କରିଥିଲେ। ସେ କିପରି ପ୍ରବୋଧ ତିର୍କୀଙ୍କୁ ଡିପ୍ ଡିଫେନ୍ସରୁ ଉଠାଇ ଲେଫ୍ଟ ହାଫ୍‌ରେ ଖେଳାଇଥିଲେ ଓ ପରବର୍ତ୍ତୀ ସମୟରେ ସେ ଭାରତୀୟ ଦଳରୁ ମଧ୍ୟ ସେହି ସ୍ଥାନରେ ଖେଳିଲେ ତାହାକୁ ସେ ଉଦାହରଣ ଭାବେ ବର୍ଣ୍ଣନା କରିଥିଲେ। ଇଗ୍ନେସ ଓ ପ୍ରବୋଧ ତିର୍କୀ ଏବଂ ଜ୍ୟୋତି ସୁନିତା କୁଲୁଙ୍କ ପରି ବହୁ ସଫଳ ଖେଳାଳି ଭାରତୀୟ ପୁରୁଷ ଓ ମହିଳା ଦଳକୁ ପ୍ରଦାନ କରିଥିବା ଅମୂଲ୍ୟ ବେହେରାଙ୍କୁ ଶ୍ରେଷ୍ଠ କୋଚ ପୁରସ୍କାର ଆକାରରେ ଉତ୍ତରୀୟ, ବିଶେଷ ଟ୍ରଫି, ପ୍ରଶସ୍ତିପତ୍ର ଏବଂ ୧୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

ସହିଦ ସ୍ପୋର୍ଟିଂ ସମ୍ପାଦକ ପଙ୍କଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଓଡ଼ିଶା କ୍ରିକେଟ ଆସୋସିଏଶନ ଉପସଭାପତି ପଙ୍କଜ ଲୋଚନ ମହାନ୍ତି କହିଥିଲେ ଯେ, ଓସିଏ ଆଗାମୀ ଦିନରେ ୪୦ରୁ ଅଧିକ ସ୍ଥାନରେ ଟର୍ଫ ଉଇକେଟ ସହ ଏକାଡେମୀ ସ୍ଥାପନ କରିବାକୁ ଯାଉଛି। ବାରବାଟୀ ଷ୍ଟାଡିୟମ ସମ୍ପୂର୍ଣ୍ଣ ଭଙ୍ଗାଯିବ ନାହିଁ, କେବଳ କିଛିଟା ନବୀକରଣ ହେବ। ନିର୍ବାଚନ ପ୍ରକ୍ରିୟା ସରିବା ପରେ ବାରବାଟୀର ନବୀକରଣ କାର୍ଯ୍ୟ ଆରମ୍ଭ ହେବ। ଓଡ଼ିଶାର ଦୁଇ କିମ୍ବଦନ୍ତୀ କ୍ରିକେଟର ଦେବାଶିଷ ମହାନ୍ତି ଓ ରଶ୍ମିରଞ୍ଜନ ପରିଡ଼ା କମଲ ଗାଙ୍ଗୁଲୀଙ୍କ କୋଚିଂ ଜୀବନ ବାବଦରେ ସ୍ମୃତିଚାରଣ କରିଥିଲେ। କମଲ ଗାଙ୍ଗୁଲୀ ପୁରସ୍କାର କମିଟିର ଅନ୍ୟତମ ସଦସ୍ୟ ଶକ୍ତିପ୍ରକାଶ ନନ୍ଦ ପୁରସ୍କାରର ମହତ୍ତ୍ୱ ବାବଦରେ ପ୍ରକାଶ କରିଥିଲେ। ପୁରସ୍କାରର ପ୍ରାୟୋଜକ ତଥା ମାରୁତି ଇଣ୍ଟେଟ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଜିତେନ୍ଦ୍ର ପ୍ରସାଦ ସିଂ, ଭୁବନେଶ୍ୱର ଆଥଲେଟିକ୍ସ ସଂଘର ସମ୍ପାଦକ ସୌର୍ଯ୍ୟ ରଞ୍ଜନ ପରିଜା ଏବଂ ସହିଦ ସ୍ପୋର୍ଟିଂର କୋଷାଧ୍ୟକ୍ଷ ନିକୁ ମହାନ୍ତିଙ୍କ ସହ ରାଜ୍ୟର ବହୁ କ୍ରିକେଟର, ଅଭିଭାବକ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ବରିଷ୍ଠ କ୍ରୀଡ଼ା ଖବରଦାତା ସମ୍ବିତ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।




ଉତ୍କଳ କରାଟେ ସ୍କୁଲ ପରିସରରେ ଆୟୋଜିତ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିରରେ ଭାଗନେଇଥିବା କରାଟେକାମାନେ କର୍ମକର୍ତ୍ତାଙ୍କ ଗହଣରେ।

# ଧୂଳିସାତ୍ ନୁହେଁ, ନବୀକରଣ ହେବ ବାରବାଟୀ

**କଟକ, ୨୫।୨**
**(ଶିଳ୍ପା ପ୍ରିୟଦର୍ଶିନୀ)**



ଆଶୀର୍ବାଦ ବେହେରା

ବାରବାଟୀ ଷ୍ଟାଡିୟମକୁ ଧୂଳିସାତ୍ କରାଯିବ ବୋଲି ଯେଉଁ ପ୍ରଚାର କରାଯାଉଛି ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ। ଏଥିରେ କୌଣସି ସତ୍ୟତା ନାହିଁ ବୋଲି ଓଡ଼ିଶା ଅଲିମ୍ପିକ ଏବଂ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା ରବିବାର ଓସିଏ ସମ୍ମିଳନୀକକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବାରବାଟୀ ଷ୍ଟାଡିୟମର କେବଳ ନବୀକରଣ କରାଯିବ।

୧୯୬୦ ମସିହାରେ ନିର୍ମାଣ କରାଯାଇଥିବା ଏହି ଷ୍ଟାଡିୟମର କେତେକାଂଶ ଦୁର୍ବଳ ହୋଇପଡ଼ିଛି। ତାହା ଭଙ୍ଗାଯାଇ ନବୀକରଣ କରାଯିବ। ୧୯୮୦ ଦଶକରେ ଷ୍ଟାଡିୟମର ୭ ନମ୍ବର ଗ୍ୟାଲେରୀ ସମ୍ପ୍ରସାରଣବେଳେ ତତ୍କାଳୀନ ମନ୍ତ୍ରୀ ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କୁ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏବେ ସେହି ୭ ନମ୍ବର ଗ୍ୟାଲେରୀ ଅତ୍ୟନ୍ତ ଦୁର୍ବଳ ହୋଇଯାଇଛି। ତେଣୁ ତାହାର ନବୀକରଣ ଆବଶ୍ୟକ । ବାରବାଟୀ ଷ୍ଟାଡିୟମର ବିକାଶ ପାଇଁ ବିଭିନ୍ନ ସମୟରେ ଯେତେବେଳେ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି, ସେତେବେଳେ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି।

ବର୍ତ୍ତମାନ ରାଜ୍ୟ ସରକାର, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ), ଓଡ଼ିଶା କ୍ରିକେଟ ଆସୋସିଏଶନର ମିଳିତ ସହଯୋଗରେ ବାରବାଟୀକୁ ଅନ୍ତର୍ଜାତୀୟ ମାନର ଷ୍ଟାଡିୟମ ଭାବେ ଗଢିତୋଳିବା ପାଇଁ ପ୍ରୟାସ ଚାଲିଛି। ହେଲେ ବାରବାଟୀ ଷ୍ଟାଡିୟମର ବିକାଶ ଖବରରେ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଐତିହ୍ୟ ନାମରେ ଭ୍ରମାତ୍ମକ ମତାମତ ଦେଇ ଗଣମାଧ୍ୟମ ଜରିଆରେ ସାଧାରଣ ଜନତାଙ୍କୁ ବିଭ୍ରାନ୍ତ କରୁଛନ୍ତି, ଯାହା ଆଦୌ ଗ୍ରହଣୀୟ ନୁହେଁ। ରାଜ୍ୟ ସରକାର କ୍ରିକେଟ ଖେଳକୁ ଗୁରୁତ୍ୱ ଦେଉଛନ୍ତି। ତେଣୁ ଅଲିମ୍ପିକ ଆସୋସିଏଶନ, କ୍ରିକେଟ ଆସୋସିଏଶନ ଏହାକୁ ସ୍ୱାଗତ କରି ଷ୍ଟାଡିୟମର ବିକାଶ ଧାରାରେ ସାମିଲ ହୋଇଛନ୍ତି। ଆସନ୍ତା ୨୭ ତାରିଖରେ ଐତିହାସିକ ବାରବାଟୀ ଷ୍ଟାଡିୟମର ପୂର୍ଣ୍ଣାଙ୍ଗ ବିକାଶ ପାଇଁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ ଓ ନବୀକରଣ କାର୍ଯ୍ୟର ଶୁଭାରମ୍ଭ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ନବୀକରଣର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଏବଂ ଓଡ଼ିଶା କ୍ରିକେଟ ଆସୋସିଏଶନର କର୍ମକର୍ତ୍ତାମାନଙ୍କ ନିକଟରେ କୃତଜ୍ଞ ବୋଲି ସଂଘର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା କହିଛନ୍ତି।

# ଉତ୍କଳ କରାଟେ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର

**ଭୁବନେଶ୍ୱର, ୨୫।୨**
**(ବିଜୟ ରଣା)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୩୨ଜଣ ପ୍ରଶିକ୍ଷକ ଯୋଗ ଦେଇଥିଲେ। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ତଥା ସୁକୋକାଇ କରାଟେ ୟୁନିୟନ ଇଣ୍ଡିଆର ମୁଖ୍ୟ ହାନ୍‌ସୀ ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବ୍ଲାକବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଜଣେ ୩ୟ ଡାନ୍ ଜଣେ ୨ୟ ଡାନ୍ ଏବଂ ୧୭ଜଣ ପ୍ରଥମ ଡାନ୍ ବ୍ଲାକବେଲ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ସେମାନେ ହାନ୍‌ସୀ ହରି ପଟ୍ଟନାୟକଙ୍କଠାରୁ ବ୍ଲାକ୍‌ବେଲ୍ଟ ଗ୍ରହଣ କରିଥିଲେ। ଆସନ୍ତା ମାର୍ଚ୍ଚ ୮ରେ ମହିଳା ଦିବସ ଅବସରରେ ରାଜ୍ୟସ୍ତରୀୟ 'ରିଆକ୍ଟ' ଆତ୍ମରକ୍ଷା ପ୍ରତିଯୋଗିତା ବାଳିକାମାନଙ୍କୁ ନେଇ ଅନୁଷ୍ଠିତ ହେବ।









**FOR ALL BULK/INSTITUTIONAL REQUIREMENTS PLEASE MAIL: corporate.customersupport@tvsmotor.com Authorised Main Dealers:** SAMBALPUR: KISHORE TVS: 9778371171, BOLANGIR: RAJALAXMI TVS: 8260437538, BARGARH: SHUBHAMM TVS: 8860625628. JHARSUGUDA: GUNNU TVS: 8586977624, SONEPUR: MINERVA TVS: 6370700730, 6370700732, BHAWANIPATNA: RAAJ RAJESWARI TVS: 7682809880; JUNAGARH: MAA BANJARI TVS: 9437939586, 7978323005. **Authorised Dealers:** Brajrajnagar:9937077883, Deogarh:9437392892, Modipara:9337016000, Bamra:9668005302, Kuchinda:9777189689, Kantapali:9437096134, Dhama:7735079641, Rairakhol:9937503010, Patnagarh:9938621078, Raj Khariar:9439144433, Kantabanji:8596980487, Gaisilat:7683848645, Saintala:9861471371, Bangamunda:9937526500, Tusura:9437890955, Udanbandh:9437626855, Lathor:7008086417, Titlagarh:9776516666, Belpara:7008771977, Belpahar:8249880971, Bandhbahal:9439810542, Nuapara:9938098888, Baragarh:9938739550, Attabira:9583558398, Paikamal:9938119999, Bheden:7008822177, Godbagha:9438043220, Diptipur:9937119913, Padampur:8018570957, Jagadalpur:7974013864, Dungripal-ly:9937926986, Kantamal:7008225996, Birmaharajpur:8018860710, Narla:9437707650, Kesinga:9437625573, Charbahal:9178236679, M. Rampur:9078855864, Sinapali:9937906526.